DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୧/୨୦୨୩ (୧୪ ପୃଷ୍ଠା) Bhubaneswar, Tuesday, July 11/2023 Page 14 ₹ 7.00

୪୯ଶ ଭାଗ ୨୨୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 226 ମୂଲ୍ୟ ₹୭/-

## ୩ ମାସରେ ରେରା ରୁଲ୍ ଆଣିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ(କାର୍ତ୍ତିକ ସାହୁ)/ଭୁବନେଶ୍ୱର(ଅନିଲ ଦାସ),୧୦।୭:** ଆପାର୍ଟମେଣ୍ଟରେ ଫ୍ଲାଟ୍ କିଣାବିକା ଉପରେ ଥିବା ରହିତାଦେଶକୁ ହାଇକୋର୍ଟ ବଳବତ୍ତର ରଖିଛନ୍ତି। ରାଜ୍ୟ ସରକାର ନୂତନ ନିୟମ ନ ଆଣିବା ପର୍ଯ୍ୟନ୍ତ ଏହି ରହିତାଦେଶ ଜାରି ରହିବ। ଏଥିସହ ଆଗାମୀ ୩ ମାସ ମଧ୍ୟରେ ଫ୍ଲାଟ୍ ପଞ୍ଜୀକରଣର ନୂଆ ରୁଲ୍ ଆଣିବାକୁ ହାଇକୋର୍ଟ ସୋମବାର ଏ ସଂକ୍ରାନ୍ତୀୟ ମାମଲାର ଶୁଣାଣିକରି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି। ପ୍ରକାଶ ଯେ, ଓଡ଼ିଶା ରିଅଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି(ରେରା) ଆପାର୍ଟମେଣ୍ଟରେ ଫ୍ଲାଟ୍ ପଞ୍ଜୀକରଣ ପାଇଁ ଜାରି କରିଥିବା ନିୟମାବଳୀକୁ ଚ୍ୟାଲେଞ୍ଜ କରି ବିମଳେନ୍ଦୁ ପ୍ରଧାନଙ୍କ ସମେତ ଅନ୍ୟମାନଙ୍କ ପକ୍ଷରୁ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ଫ୍ଲାଟ୍ ପଞ୍ଜୀକରଣ ନେଇ ସ୍ୱତନ୍ତ୍ର ଆଇନ ଆଣିବାକୁ ହାଇକୋର୍ଟରେ ଏହି ଆବେଦନ ହୋଇଥିଲା। ରେରା ନିୟମ ଉପରେ ହାଇକୋର୍ଟ ରହିତାଦେଶ ଦେବା ସହ ରାଜ୍ୟ ସରକାରଙ୍କୁ ନୂତନ ଆଇନ ପ୍ରଣୟନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସରକାର ନୂତନ ନିୟମାବଳୀ ପ୍ରଣୟନ କରିବାରେ ବିଫଳ ହେବାରୁ ପ୍ରାୟ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଫ୍ଲାଟ୍ କିଣାବିକା ନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟା ବନ୍ଦ ଥିଲା। ତେବେ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ତଥ୍ୟ ବିହୀନ

# ଗ୍ରାମାଞ୍ଚଳର ରୂପରେଖ ବଦଳିବ

## ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ

- ଏକ ନୂଆ ଯୁଗର ଆରମ୍ଭ ହେବ: ମୁଖ୍ୟମନ୍ତ୍ରୀ
- ୯ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

**ଭୁବନେଶ୍ୱର,୧୦।୭(ଅନିଲ ଦାସ)**

ଆଉ କିଛି ମାସ ପରେ ରାଜ୍ୟରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ରାଜ୍ୟ ସରକାର ଗ୍ରାମାଞ୍ଚଳ ବିକାଶ ଉପରେ ଅଧିକ ଫୋକସ କରିଛନ୍ତି। ଗାଁ ଗଣ୍ଡାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ରାଜ୍ୟର ସମୃଦ୍ଧ ଜଗନ୍ନାଥ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଛନ୍ତି। ପୂର୍ବରୁ ପ୍ରଚଳିତ 'ଆମ ଗାଁ ଆମ ବିକାଶ' ବଦଳରେ ଏଣିକି ଗାଁ ଗହଳିର ବିକାଶ ପାଇଁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ନାମରେ ନୂତନ ଯୋଜନା ଆରମ୍ଭ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ଗ୍ରାମାଞ୍ଚଳର ରୂପରେଖ ବଦଳାଇ ଦେବ। ସୋମବାର ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଏହି ନୂତନ ଯୋଜନା ପାଇଁ ରାଜ୍ୟ ସରକାର ଚଳିତ ଆର୍ଥିକବର୍ଷ ବଜେଟରୁ ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ କରିବେ। ଏହି ଯୋଜନାରେ ଓଡ଼ିଶାର ଐତିହ୍ୟ ଓ ସାଂସ୍କୃତିକ ଭିତ୍ତିଭୂମି ବିକାଶ, ପ୍ରାଥମିକ ଶିକ୍ଷାର ଉନ୍ନତୀକରଣ, ମହିଳା, ଯୁବ ସଶକ୍ତୀକରଣ ହାସଲ ପାଇଁ ଭିତ୍ତିଭୂମିର ବିକାଶ, ଯୁବପିଢ଼ିଙ୍କ ପାଇଁ କ୍ରୀଡ଼ା ସୁବିଧା, ବ୍ୟାଙ୍କିଙ୍ଗ ସେବା ତଥା ଡିଜିଟାଲ ସେବା ନିମନ୍ତେ ଆବଶ୍ୟକ ଭିତ୍ତିଭୂମିର ଉନ୍ନତୀକରଣ ଇତ୍ୟାଦି ପ୍ରସ୍ତାବ ଗ୍ରହଣ କରାଯିବ। ଓଡ଼ିଶାର ମହାନ୍ ସଂସ୍କୃତିକୁ ବଜାୟ ରଖି ଆଧୁନିକ ତଥା ଆକାଂକ୍ଷୀ ଓଡ଼ିଶା ଗଠନ କରାଯିବ। ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ ୪ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ୫୦ ଲକ୍ଷ ☞ପୃଷ୍ଠା–୪

# ସେମିକଣ୍ଡକ୍ଟର ନିର୍ମାଣରୁ ଫକ୍ସକନ୍ ଓହରିଲା

**ନୂଆଦିଲ୍ଲୀ, ୧୦।୭**



ଗୁଜରାଟରେ ଭାରତୀୟ ଶିଳ୍ପ ସଂସ୍ଥା ବେଦାନ୍ତ ସହ ମିଳିତ ଉଦ୍ୟୋଗରେ ସେମିକଣ୍ଡକ୍ଟର ନିର୍ମାଣ ଯୋଜନାରୁ ଓହରିଯିବା ଲାଗି ଫକ୍ସକନ୍ ସୋମବାର ନିଷ୍ପତ୍ତି ନେଇଛି। ଫଳରେ ସେମିକଣ୍ଡକ୍ଟର ନିର୍ମାଣରେ ଭାରତକୁ ଆତ୍ମନିର୍ଭର କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଜନାକୁ ବଡ଼ ଝଟ୍‌କା ଲାଗିଛି। ବେଦାନ୍ତ ସହ ମିଳିତ ଉଦ୍ୟୋଗରୁ ଫକ୍ସକନ୍ ଓହରିଯିବା ଲାଗି କାର୍ଯ୍ୟ ଆରମ୍ଭ କରିଛି। ଏଣିକି ଉକ୍ତ ଉଦ୍ୟୋଗ ସମ୍ପୂର୍ଣ୍ଣ ବେଦାନ୍ତ ମାଲିକାନାରେ ରହିବ ବୋଲି ଫକ୍ସକନ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଗୁଜରାଟରେ ୧୯.୫ ବିଲିୟନ ଡଲାର ପୁଞ୍ଜିନିବେଶରେ ସେମିକଣ୍ଡକ୍ଟର ଏବଂ ଡିସ୍‌ପ୍ଲେ ଉତ୍ପାଦନ ପ୍ଲାଣ୍ଟ ନିର୍ମାଣ ଲାଗି ବିଶ୍ୱର ସର୍ବବୃହତ୍ କଣ୍ଟ୍ରାକ୍ଟ ଇଲେକ୍ଟ୍ରୋନିକ୍ସ ନିର୍ମାତା ଫକ୍ସକନ୍ ଏବଂ ବେଦାନ୍ତ ମଧ୍ୟରେ ଗତବର୍ଷ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଆପୋଷ ରାଜିନାମା ଅନୁଯାୟୀ ଅଧିକ ବିକାଶ ସୁଯୋଗ ଅନ୍ୱେଷଣ ନିମନ୍ତେ ଫକ୍ସକନ୍ ବେଦାନ୍ତ ସହ ମିଳିତ ଉଦ୍ୟୋଗରେ ଆଉ ନ ଆଗେଇବା ଲାଗି ☞ପୃଷ୍ଠା–୪

ବଜ୍ରପାତ ନେଲା ୪ ଜୀବନ: ପୃଷ୍ଠା–୩









**କୋଭିଡ୍ ଭାରିଆଣ୍ଟ ଚିହ୍ନଟ କରିବ ଏୟାର ମନିଟର**

ଆମେରିକା ସେଣ୍ଟ ଲୁଇସ୍‌ରେ ଥିବା ୱାଶିଂଟନ ୟୁନିଭର୍ସିଟିର ଗବେଷକମାନେ ଏକ ରିଅଲ-ଟାଇମ୍ ଏୟାର ମନିଟର ବିକଶିତ କରିଛନ୍ତି। ଏହା ଗୃହ ମଧ୍ୟରେ ୫ ମିନିଟ୍‌ରେ କୋଭିଡ୍ ଭୂତାଣୁର କୌଣସି ଭାରିଆଣ୍ଟକୁ ଚିହ୍ନଟ କରିପାରିବ। କୋଭିଡ୍ ଭାରିଆଣ୍ଟ ଚିହ୍ନଟ ଲାଗି ଏହାକୁ ହସ୍ପିଟାଲ, ସ୍ୱାସ୍ଥ୍ୟସେବା କେନ୍ଦ୍ର, ସ୍କୁଲ୍ ଓ ସର୍ବସାଧାରଣ ସ୍ଥାନରେ ବ୍ୟବହାର କରାଯାଇପାରିବ।

# ଉତ୍ତର ଭାରତରେ ବର୍ଷା ବିଭୀଷିକା: ୩୪ ମୃତ



ଯମୁନା ନଦୀରେ ଜଳ ସ୍ତର ବଢ଼ିଥିବାବେଳେ ଲୋକମାନେ ବୋଟ୍‌ରେ ଯାଉଛନ୍ତି।



ହିମାଚଳ ପ୍ରଦେଶ ସୋଲାନରେ ବନ୍ୟା ଜଳରେ ଏକାଧିକ ଗାଡ଼ି ଭାସିଯାଉଛି।

- ହିମାଚଳରେ ଗଲାଣି ୨୦ ଜୀବନ
- ୪୦୦ ପର୍ଯ୍ୟଟକ ଅଟକି ରହିଛନ୍ତି
- ୩୯ ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ
- ଏଭଳି ବର୍ଷା ୫୦ ବର୍ଷ ମଧ୍ୟରେ ହୋଇ ନ ଥିଲା

ନୂଆଦିଲ୍ଲୀ/ଶିମ୍‌ଲା, ୧୦।୭

ଦିଲ୍ଲୀ, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ-କଶ୍ମୀର ସମେତ ସାରା ଉତ୍ତର ଭାରତରେ ୩ ଦିନ ହେଲା ପ୍ରବଳ ବର୍ଷା ଲାଗିରହିଥିବାବେଳେ ଏପର୍ଯ୍ୟନ୍ତ ୩୪ ଜଣଙ୍କ ଜୀବନ ଗଲାଣି। ବିଭିନ୍ନ ସହର ଜଳାର୍ଣ୍ଣବ ହେବା ସହ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଚାଲୁଥିବାରୁ ଟ୍ରାଫିକ ସମସ୍ୟା ଗମ୍ଭୀର ହୋଇଛି। ବିଭିନ୍ନ ନଦୀରେ ବନ୍ୟା ଆସିଛି। ବର୍ଷାରେ ପାର୍ବତ୍ୟାଞ୍ଚଳ ରାଜ୍ୟ ହିମାଚଳପ୍ରଦେଶ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ୩ ଦିନରେ ୨୦ ଜଣଙ୍କ ଜୀବନ ଯିବା ସହ ୪୦୦ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ବିଭିନ୍ନ ସ୍ଥାନରେ ଅଟକି ରହିଛନ୍ତି। ହିମାଚଳପ୍ରଦେଶରେ ବାଦଲଫଟା ବର୍ଷା ଯୋଗୁ ୩,୦୦୦ କୋଟିରୁ ଉର୍ଦ୍ଧ୍ୱ କ୍ଷତି ହୋଇଛି। ଗତ ୫୦ ବର୍ଷ ମଧ୍ୟରେ ରାଜ୍ୟରେ ଏଭଳି ବର୍ଷା ହୋଇ ନ ଥିଲା ବୋଲି ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ କହିଛନ୍ତି। ଲଗାଣ ବର୍ଷା ଓ ଭୂସ୍ଖଳନ ଯୋଗୁ ଅନେକ ଘର ଭାଙ୍ଗିବା ସହ ସାଧାରଣ ଜୀବନଯାତ୍ରା ଅଚଳ ହୋଇଯାଇଛି। ମନାଲି, କୁଲ୍ଲୁ, କିନ୍ନଉର ଏବଂ ଚାମ୍ବାରେ ଆକସ୍ମିକ ବନ୍ୟା ଆସି କେତେକ ଗାଡ଼ି ଓ ଦୋକାନ ଭାସିଯାଇଛି। ରାବି, ବେଆସ୍, ଚେନାବ, ସ୍ୱାନ୍ ଆଦି ନଦୀରେ ବନ୍ୟା ଆସିଛି। ଲୋକମାନଙ୍କୁ ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ଘରେ ରହିବା ପାଇଁ ମୁଖ୍ୟମନ୍ତ୍ରୀ ସୁଖୁ ନିବେଦନ କରିଛନ୍ତି। ହିମାଚଳପ୍ରଦେଶରେ ଦୁଇ ସପ୍ତାହ ମଧ୍ୟରେ ମୌସୁମୀ ବର୍ଷା ବିପ୍ରାତରେ ମୋଟ ୭୨ ଜଣଙ୍କ ମୃତ୍ୟୁ ଘଟିବା ସହ ୮ ଜଣ ନିଖୋଜ ଥିବା କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବରିଷ୍ଠ ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହ କଥା ହୋଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସ୍ଥାନୀୟ ପ୍ରଶାସନ, ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଟିମ୍‌ଗୁଡ଼ିକ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ସହାୟତା କାର୍ଯ୍ୟରେ ନିୟୋଜିତ ଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ଉତ୍ତରାଖଣ୍ଡରେ ମଧ୍ୟ ଆକସ୍ମିକ ବନ୍ୟା ଓ ଭୂସ୍ଖଳନ ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ବିଭିନ୍ନ ନଦୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିଛି। ଲଗାଣ ବର୍ଷା ଯୋଗୁ ରାସ୍ତାରେ ପାଣି ଜମିରହିଥିବାରୁ ସୋମବାର ଦିଲ୍ଲୀ ଓ ଗୁରୁଗ୍ରାମରେ ସ୍କୁଲଗୁଡ଼ିକ ବନ୍ଦ ରହିଥିଲା। ଟ୍ରାଫିକ ଜାମ ଯୋଗୁ କର୍ପୋରେଟ ହାଉସ୍‌ଗୁଡ଼ିକ ସେମାନଙ୍କ କର୍ମଚାରୀମାନଙ୍କୁ ଘରେ ରହି କାମ କରିବାକୁ ପରାମର୍ଶ ଦେଇଛନ୍ତି। ହରିୟାଣା ହାଥନିକୁଣ୍ଡ ବ୍ୟାରେଜ୍‌ରୁ ଯମୁନା ନଦୀକୁ ଲକ୍ଷେ କ୍ୟୁସେକ୍‌ରୁ ଅଧିକ ଜଳ ନିଷ୍କାସନ କରିବାରୁ ଦିଲ୍ଲୀ ସରକାର ବନ୍ୟା ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏଥିପାଇଁ ୧୬ଟି କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଉଚ୍ଚସ୍ତରୀୟ ବୈଠକରେ ବନ୍ୟା ସ୍ଥିତିକୁ ନେଇ ଆଲୋଚନା କରିଛନ୍ତି। ଯମୁନାର ଜଳସ୍ତର ବିପଦ ସଙ୍କେତ ଟପିଲେ ନଦୀ କୂଳବର୍ତ୍ତୀ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ ବୋଲି ସେ କହିଛନ୍ତି।

ଜମ୍ମୁ-କଶ୍ମୀରର କଠୁଆ ଓ ସାମ୍ବା ଜିଲାରେ ରେଡ୍ ଆଲର୍ଟ ଜାରି ହୋଇଛି। ରାଜସ୍ଥାନ, ପଞ୍ଜାବ ଓ ହରିୟାଣାରେ ପ୍ରବଳ ବର୍ଷା ଯୋଗୁ ଖାଲୁଆ ଅଞ୍ଚଳଗୁଡ଼ିକ ଜଳାର୍ଣ୍ଣବ ହୋଇଛି। ଲଗାଣ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ରାଜ୍ୟଗୁଡ଼ିକୁ ପିଏମ୍ କେୟାର ପାଣ୍ଠିରୁ ଅତିରିକ୍ତ ସହାୟତା ଯୋଗାଇଦେବା ଲାଗି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କେନ୍ଦ୍ର ସରକାରଙ୍କୁ କହିଛନ୍ତି।





ପ୍ରବଳ ବର୍ଷାଯୋଗୁ ସୋମବାର ନୂଆଦିଲ୍ଲୀର ଆଇଟିଓ ନିକଟରେ ଟ୍ରାଫିକ୍ ଜାମ୍।

## ସଂକ୍ଷେପରେ

### ଫ୍ରାନ୍ସରୁ ଆଉ ୨୬ ରାଫେଲ, ୩ ବୁଡ଼ାଜାହାଜ କିଣିବ ଭାରତ

**ନୂଆଦିଲ୍ଲୀ, ୧୦।୭:** ଫ୍ରାନ୍ସଠାରୁ ଭାରତ ଆଉ ୨୬ଟି ରାଫେଲ ଏବଂ ୩ଟି ସ୍କୋର୍ପିନ୍ କ୍ଲାସ୍ ବୁଡ଼ାଜାହାଜ କିଣିବାକୁ ଯାଉଛି। ଚଳିତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫ୍ରାନ୍ସ ଗସ୍ତରେ ଯିବାକୁ ଥିବାବେଳେ ରାଫେଲ କିଣାନେଇ ଚୁକ୍ତି ସ୍ୱାକ୍ଷର ହେବ ବୋଲି ବିଶେଷ ସୂତ୍ରରୁ ପ୍ରକାଶ ପାଇଛି। ସୁରକ୍ଷା ଦୃଷ୍ଟିରୁ ନୌସେନାରେ ଆବଶ୍ୟକ ପରିମାଣର ଯୁଦ୍ଧ ବିମାନ ଓ ବୁଡ଼ାଜାହାଜର ଆବଶ୍ୟକତା ରହିଛି।

### ବିଦ୍ରୋହର ୫ଦିନ ପରେ ୟେଭଗେନିଙ୍କୁ ଭେଟିଥିଲେ ପୁଟିନ୍



ଭ୍ଲାଡିମିର ପୁଟିନ୍    ୟେଭଗେନି ପ୍ରିଗୋଝିନ

**ମସ୍କୋ,୧୦।୭:** ରୁଷୀୟ ସେନା ଓ ୱାଗନର ସେନା ମଧ୍ୟରେ ଦେଖିବାକୁ ମିଳିଥିବା ସ୍ୱଳ୍ପକାଳୀନ ବିଦ୍ରୋହର ୫ ଦିନ ପରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୱାଗନର ମୁଖ୍ୟ ୟେଭଗେନି ପ୍ରିଗୋଝିନଙ୍କୁ ଭେଟିଥିବା ସୋମବାର କ୍ରେମଲିନ ପକ୍ଷରୁ କୁହାଯାଇଛି। ଏହି ସାକ୍ଷାତ୍ ଜୁନ୍ ୨୯ରେ ହୋଇଥିବା କ୍ରେମଲିନ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ ସୂଚନା ଦେଇଛନ୍ତି। ବୈଠକରେ ମୋଟ ୩୫ ଜଣ ସାମିଲ ଥିବାବେଳେ ୩ ଘଣ୍ଟା ଧରି ଆଲୋଚନା ଚାଲିଥିଲା। ପୁଟିନ୍‌ଙ୍କ ପାଇଁ ୱାଗନର ସେନା ଲଢ଼ିବାକୁ ପ୍ରସ୍ତୁତ ବୋଲି ୟୁନିଟ କମାଣ୍ଡର କହିଥିଲେ।

### ମହିଳାଙ୍କୁ ବୀଭତ୍ସ ହତ୍ୟା ପରେ ଆଖି ତାଡ଼ିଦେଲେ

**ପାଟଣା,୧୦।୭:** ବିହାର ଖାଗାରିଆ ଜିଲାରେ ସୋମବାର ଜଣେ ମହିଳାଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମହିଳାଙ୍କ ଆଖି ତାଡ଼ିଦିଆଯାଇଥିବାବେଳେ ତାଙ୍କ ଯୌନାଙ୍ଗରେ ଗଭୀର କ୍ଷତ ଚିହ୍ନ ଦେଖିବାକୁ ମିଳିଛି। ଜମି ବିବାଦକୁ ନେଇ ସୁଲେଖା ଦେବୀଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ଜଣାପଡ଼ିଛି। ହତ୍ୟାକାଣ୍ଡ ସମୟରେ ଏ ନେଇ ସୁଲେଖାଙ୍କ ପରିବାର ଲୋକେ ତାଙ୍କ ୫ ଜଣ ପଡ଼ୋଶୀଙ୍କ ନାଁରେ ଅଭିଯୋଗ କରିଛନ୍ତି। କ୍ଷେତରେ କାମ କରୁଥିବାବେଳେ ୪ ଜଣ ବ୍ୟକ୍ତି ଯୋଜନାବଦ୍ଧ ଭାବେ ସୁଲେଖାଙ୍କୁ ମାଡ଼ ମାରିଥିଲେ। ମୃତ୍ୟୁ ପରେ ଅଭିଯୁକ୍ତ ଧାରୁଆ ଅସ୍ତ୍ରରେ ତାଙ୍କ ଆଖି ତାଡ଼ି ଗଳା କାଟି ଦେଇଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ଫେରାର୍ ଥିବାବେଳେ ପୋଲିସର ସ୍ୱତନ୍ତ୍ର ଟିମ୍ ମାମଲାର ତଦନ୍ତ ଚଳାଇଛି।

### ପଶ୍ଚିମବଙ୍ଗର ୬୯୬ ବୁଥ୍‌ରେ ସାନି ମତଦାନ

**କୋଲକାତା, ୧୦।୭:** ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ଲାଗି ୮ ତାରିଖରେ ହୋଇଥିବା ମତଦାନ ବେଳେ ବିଭିନ୍ନ ବୁଥ୍‌ରେ ହିଂସାକାଣ୍ଡ, ବାଲଟ ବାକ୍ସ ଲୁଟ୍ ଓ ପୋଡ଼ାଜଳା ଘଟଣା ଘଟିଥିଲା। ଏଥିପାଇଁ ରାଜ୍ୟ ନିର୍ବାଚନ କମିଶନ ରବିବାର ୧୯ ଜିଲାର ୬୯୬ ବୁଥ୍‌ର ପୋଲିଂକୁ ଅସିଦ୍ଧ ଘୋଷଣା କରିବା ସହ ସେଗୁଡ଼ିକରେ ସାନି ମତଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ସେହି ବୁଥ୍‌ଗୁଡ଼ିକରେ କଡ଼ା ସୁରକ୍ଷା ମଧ୍ୟରେ ମତଦାନ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ଭୋଟଗଣତି ହେବ।

### ମଣିପୁରରେ ସଂଘର୍ଷ: ଜଣେ ମୃତ

**ଇମ୍ଫାଲ, ୧୦।୭:** ମଣିପୁରର ଇମ୍ଫାଲ ୱେଷ୍ଟ ଏବଂ କଙ୍ଗପୋକ୍‌ସି ଜିଲାର ଦୁଇଟି ଗ୍ରାମରେ ସୋମବାର ସଂଘର୍ଷ ଘଟି ଜଣେ ପ୍ରାଣ ହରାଇବା ସହ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। କିଛି ସମୟର ନୀରବତା ପରେ ପୁଣି ଦୁଇ ଜିଲାର ସୀମାବର୍ତ୍ତୀ ଫୟେଙ୍ଗ ଏବଂ ସିଙ୍ଗଦା ଗ୍ରାମ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଯାଇଥିଲା। ମୃତବ୍ୟକ୍ତି ଜଣକ ନିକଟରୁ ଏକ ରାଇଫଲ ମିଳିଥିବାରୁ ସେ ଏହାକୁ ପୋଲିସ ଅସ୍ତ୍ରଭଣ୍ଡାରରୁ ଚୋରି କରିଥିବା ବିଶ୍ୱାସ କରାଯାଉଛି। ଏହି ଘଟଣା ପରେ ଇମ୍ଫାଲ ସହରରେ ଉତ୍ତେଜନା ଦେଖାଦେଇଥିବାରୁ ଅଧିକ ଅର୍ଦ୍ଧସାମରିକ ଯବାନଙ୍କୁ ମୁତୟନ କରାଯାଇଛି। ଉକ୍ତ ଅଞ୍ଚଳର ଦୋକାନବଜାର ବନ୍ଦ ରହିଛି।

## ନାମାଙ୍କନପତ୍ର ଦାଖଲ କଲେ ଜୟଶଙ୍କର

**ରାଜ୍ୟ ସଭା ନିର୍ବାଚନ**

ଗାନ୍ଧୀନଗର, ୧୦।୭

ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗୁଜରାଟରୁ ରାଜ୍ୟ ସଭା ନିର୍ବାଚନ ଲଢ଼ିବା ଲାଗି ସୋମବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ତାଙ୍କୁ ଗୁଜରାଟରୁ ପାର୍ଲାମେଣ୍ଟର ଉଚ୍ଚ ସଦନରେ ପ୍ରତିନିଧିତ୍ୱ କରିବା ଲାଗି ସୁଯୋଗ ଦେଇଥିବାରୁ ଜୟଶଙ୍କର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ନେତା ଓ ରାଜ୍ୟର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗାନ୍ଧୀନଗରସ୍ଥିତ ରାଜ୍ୟ ବିଧାନସଭା କମ୍ପ୍ଲେକ୍ସରେ ଜୟଶଙ୍କର ନାମାଙ୍କନପତ୍ର ଦାଖଲ କଲାବେଳେ ତାଙ୍କ ସହ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଭାଜପା ଗୁଜରାଟ ସଭାପତି ସି.ଆର୍. ପାଟିଲ ଥିଲେ। ଗୁଜରାଟ ଏହାର ଯୋଜନା ଓ ବିକାଶମୂଳକ କାର୍ଯ୍ୟ ଲାଗି କେବଳ ଭାରତରେ ନୁହେଁ ସାରା ବିଶ୍ୱରେ ମଡେଲ ରାଜ୍ୟର ପରିଚୟ ହାସଲ କରିଛି। ଏହି ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବାରୁ ସେ ନିଜକୁ ଭାଗ୍ୟବାନ ମନେକରୁଛନ୍ତି ବୋଲି ଜୟଶଙ୍କର କହିଛନ୍ତି।



ବହିର୍ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର ରାଜ୍ୟ ସଭା ନିର୍ବାଚନ ଲାଗି ସୋମବାର ଗୁଜରାଟର ଗାନ୍ଧୀନଗରରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

**ଟୁଇଟର ତ୍ରୁଟି**

## ଜମ୍ମୁ-କଶ୍ମୀରରେ ଗିଲଗିଟ୍-ବଲଟିସ୍ତାନ

ଭୋପାଳ,୧୦।୭

ମାଇକ୍ରୋ ବ୍ଲଗିଂ ଆପ୍ ଟୁଇଟରରେ ଗିଲଗିଟ୍-ବଲଟିସ୍ତାନର ଲୋକେଶନ୍ ଜମ୍ମୁ-କଶ୍ମୀର ଦେଖାଉ ଥିବାବେଳେ ପାକିସ୍ତାନ ସରକାରଙ୍କ ଅଫିସିଆଲ ଟୁଇଟର ଆକାଉଣ୍ଟ ସ୍ଥାନୀୟ ଅଞ୍ଚଳରେ ଆସେସ୍ ହେଉ ନ ଥିବା ଅଭିଯୋଗ ହୋଇଛି। ମୋବାଇଲରେ ଲୋକେଶନ୍ ଫିଚର ଅନ୍ କଲେ ସୁଦ୍ଧା ଟୁଇଟରରେ ଗିଲଗିଟ୍ ବଲଟିସ୍ତାନ ଭାରତର ଜମ୍ମୁ-କଶ୍ମୀରରେ ଅବସ୍ଥିତ ବୋଲି ଦେଖାଯାଉଛି। ଗିଲଗିଟ-ବଲଟିସ୍ତାନର ଅନେକ ଟୁଇଟର ୟୁଜର୍ସ ପାକ୍ ସରକାରୀ ଆକାଉଣ୍ଟ ଆସେସ୍ କରିବାକୁ ବହୁବାର ଚେଷ୍ଟା କରିଥିଲେ ସୁଦ୍ଧା ବିଫଳ ହେବା ପରେ ଘଟଣା ଏବେ ସାମ୍ନାକୁ ଆସିଛି। ୨୦୨୨ରେ ଆଇନଗତ ଅଭିଯୋଗ ନେଇ ଚଳିତବର୍ଷ ମାର୍ଚ୍ଚରୁ ଭାରତରେ ପାକିସ୍ତାନ ସରକାରଙ୍କ ଅଫିସିଆଲ ଆକାଉଣ୍ଟଗୁଡ଼ିକୁ ବ୍ୟାନ୍ କରାଯାଇଛି।

## ଅଧ୍ୟାଦେଶରେ ରୋକ ଲଗାଇଲେନି ସୁପ୍ରିମକୋର୍ଟ

**ସେବା ପ୍ରଶାସନ ନିୟନ୍ତ୍ରଣ ଅଧ୍ୟାଦେଶ ଉପରେ କେନ୍ଦ୍ରକୁ ନୋଟିସ**

ନୂଆଦିଲ୍ଲୀ, ୧୦।୭

ଦିଲ୍ଲୀର ସେବା ପ୍ରଶାସନକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ମେ' ୧୯ରେ ଆଣିଥିବା ଅଧ୍ୟାଦେଶର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦିଲ୍ଲୀର ଏଏପି ସରକାର ଦାଏର କରିଥିବା ପିଟିଶନ ଉପରେ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ରକୁ ନୋଟିସ ଜାରି କରିଛନ୍ତି। ତେବେ ଅଧ୍ୟାଦେଶ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ଆବେଦନରେ ସଂଶୋଧନ କରି ଉପରାଜ୍ୟପାଳଙ୍କୁ ମାମଲାରେ ପକ୍ଷଭୁକ୍ତ କରାଇବା ପାଇଁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠ ଦିଲ୍ଲୀ ସରକାରଙ୍କ ଓକିଲ ଅଭିଷେକ ମନୁ ସିଂଘଭିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୭କୁ ଧାର୍ଯ୍ୟ କରାଯାଇଛି।

କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶ ଅସାମ୍ବିଧାନିକ କାର୍ଯ୍ୟ ଏବଂ ସୁପ୍ରିମକୋର୍ଟ



ଓ ସମ୍ବିଧାନର ମୌଳିକ ଢାଞ୍ଚାକୁ ରଦ୍ଦ କରିଦେବା ଲାଗି ଉଦ୍ୟମ ବୋଲି ଏଏପି ସରକାର ତାଙ୍କ ପିଟିଶନରେ ଦର୍ଶାଇଥିଲେ। ଉକ୍ତ ଅଧ୍ୟାଦେଶକୁ ଖାରଜ କରାଯିବା ସହ ଏହା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲାଗି ମଧ୍ୟ ଅରବିନ୍ଦ କେଜ୍‌ରିୱାଲ ସରକାର ନିବେଦନ କରିଥିଲେ। ସୂଚନାଯୋଗ୍ୟ, ସୁପ୍ରିମକୋର୍ଟ ଦିଲ୍ଲୀର ସେବା ପ୍ରଶାସନକୁ ନିୟନ୍ତ୍ରଣ କରିବା ଅଧିକାର ଦିଲ୍ଲୀ ସରକାରଙ୍କୁ ଦେବାର ସପ୍ତାହେ ପରେ ଏହାକୁ ଅକାମୀ କରିବା ଲାଗି କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିଥିଲେ।

## ଆଇନଶୃଙ୍ଖଳା ଦାୟିତ୍ୱ ନେଇପାରିବନି ସୁପ୍ରିମକୋର୍ଟ

**ମଣିପୁର ହିଂସା**

ନୂଆଦିଲ୍ଲୀ, ୧୦।୭(ପି.ଟି.)

ମଣିପୁରରେ ଉତ୍ତେଜନା ବଢ଼ାଇବା ପାଇଁ ସର୍ବୋଚ୍ଚ ଅଦାଲତଙ୍କୁ ପ୍ଲାଟ୍‌ଫର୍ମ ଭାବେ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ହିଂସା କମାଇବା ପାଇଁ ଅଦାଲତ ଆଇନ ଶୃଙ୍ଖଳା ଦାୟିତ୍ୱ ନିଜ ହାତକୁ ନେଇପାରିବେ ନାହିଁ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ ପି.ଏସ୍. ନରସିଂଙ୍କ ଖଣ୍ଡପୀଠ କହିଛନ୍ତି। ଅଦାଲତ କେବଳ ସ୍ଥିତିରେ ସୁଧାର ଆଣିବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇପାରିବେ। ଏଥିପାଇଁ ବିଭିନ୍ନ ଗ୍ରୁପ୍‌ର ସହାୟତା ଏବଂ ସକାରାତ୍ମକ ପ୍ରସ୍ତାବ ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ପରିସ୍ଥିତିରେ ସୁଧାର ଆଣିବା ଲାଗି ମଙ୍ଗଳବାର ସୁଦ୍ଧା ଆମକୁ କେତେକ ସକାରାତ୍ମକ ପ୍ରସ୍ତାବ ଦିଅ। ଏ ସମ୍ପର୍କରେ ଆମେ କେନ୍ଦ୍ର ଓ ମଣିପୁର ସରକାରଙ୍କୁ ଜଣାଇବୁ ବୋଲି ସର୍ବୋଚ୍ଚ ଅଦାଲତ ରାଜ୍ୟର ବିଭିନ୍ନ ସଂଗଠନକୁ କହିଛନ୍ତି। ହିଂସା ପ୍ରଭାବିତ ମଣିପୁର ସ୍ଥିତିକୁ ନେଇ ରାଜ୍ୟର ମୁଖ୍ୟ ଶାସନ ସଚିବ ଦାଖଲ କରିଥିବା ଷ୍ଟାଟସ ରିପୋର୍ଟକୁ ଖଣ୍ଡପୀଠ ଅନୁଧ୍ୟାନ କରିଥିଲେ।

## ୨୦୭୫ ସୁଦ୍ଧା ଦ୍ୱିତୀୟ ବୃହତ୍ ଅର୍ଥନୀତି ହେବ ଭାରତ

**ଗୋଲ୍ଡମ୍ୟାନ୍ ସାଚ୍‌ସ ରିପୋର୍ଟ**

ନୂଆଦିଲ୍ଲୀ, ୧୦।୭

୨୦୭୫ ସୁଦ୍ଧା ଭାରତ କେବଳ, ଜାପାନ କି ଜର୍ମାନୀ ନୁହେଁ, ଆମେରିକାକୁ ମଧ୍ୟ ଅତିକ୍ରମ କରି ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥବ୍ୟବସ୍ଥା ହେବ। ସୋମବାର ଗୋଲ୍ଡମ୍ୟାନ୍ ସାଚ୍‌ସ ରିପୋର୍ଟରେ ଏହା କୁହାଯାଇଛି। ରିପୋର୍ଟ ଅନୁଯାୟୀ ଭାରତର ଜନସଂଖ୍ୟା ବିଶ୍ୱର ସର୍ବାଧିକ ହୋଇଥିବାରୁ ଏହାର ଜିଡିପି ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି। ଏବେ ଆମେରିକା ବିଶ୍ୱର ସର୍ବବୃହତ୍ ଅର୍ଥ ବ୍ୟବସ୍ଥା ହୋଇଥିବାବେଳେ ଏହା ପଛକୁ ଚାଇନା, ଜାପାନ, ଜର୍ମାନୀ ରହିଛନ୍ତି। ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି। ଆଗାମୀ ଦୁଇ ଦଶନ୍ଧିରେ ଭାରତର ନିର୍ଭରଶୀଳତା ଅନୁପାତ ଆଞ୍ଚଳିକ ଅର୍ଥନୀତିଗୁଡ଼ିକ ମଧ୍ୟରେ ସର୍ବନିମ୍ନ ହେବ ବୋଲି ଗୋଲ୍ଡମ୍ୟାନ୍ ସାଚ୍‌ସର ଭାରତ ଅର୍ଥନୀତିଜ୍ଞ ସାନ୍ତନୁ ସେନଗୁପ୍ତ କହିଛନ୍ତି। ଫଳରେ ଏହାର ଉତ୍ପାଦନ ସାମର୍ଥ୍ୟ ବଢ଼ିବା ସହ ସେବା ଓ ଭିତ୍ତିଭୂମି ସେକ୍ଟରରେ ଅଭିବୃଦ୍ଧି ଜାରି ରହିବ। ଭାରତ ପାଇଁ ଇନୋଭେଶନ ଏବଂ କର୍ମଚାରୀମାନଙ୍କ ଉତ୍ପାଦନ ଶକ୍ତି ବଢ଼ାଇବା ଗୁରୁତ୍ୱପୂର୍ଣ୍ଣ ବୋଲି ରିପୋର୍ଟରେ କୁହାଯାଇଛି। ଭବିଷ୍ୟତରେ ପୁଞ୍ଜିନିବେଶ ଅଭିବୃଦ୍ଧିର ବଡ଼ ଚାଳକ ଶକ୍ତି ହେବାକୁ ଯାଉଛି। ନିର୍ଭରଶୀଳତା ଅନୁପାତ ହ୍ରାସ ସାଙ୍ଗକୁ ଆୟ ବୃଦ୍ଧି ଏବଂ ଫାଇନାନ୍ସିଆଲ ସେକ୍ଟରରେ ଦ୍ରୁତ ବୃଦ୍ଧି ଯୋଗୁ ଭାରତର ସଞ୍ଚୟ ହାର ବଢ଼ିବ। ତେବେ ଯଦି ଶ୍ରମଶକ୍ତି ଯୋଗଦାନ ଅନୁପାତ ନ ବଢ଼ିଲେ, ଭାରତର ଆର୍ଥିକ ଅଭିବୃଦ୍ଧିରେ ଅବନତି ଆଶଙ୍କା ରହିଛି। କାରଣ ଗତ ୧୫ ବର୍ଷରେ ଭାରତରେ ଶ୍ରମଶକ୍ତି ଯୋଗଦାନ ହାର ହ୍ରାସ ପାଇଛି। ମହିଳାମାନଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରାଗଲେ ଶ୍ରମଶକ୍ତି ଯୋଗଦାନ ହାର ବୃଦ୍ଧି ପାଇବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ଭାରତର ଚଳନ୍ତି ଆକାଉଣ୍ଟ ନିଅଣ୍ଟ ଏବଂ ରପ୍ତାନି ମଧ୍ୟ ଅଭିବୃଦ୍ଧିକୁ ମନ୍ଥର କରୁଛି। ତେବେ ସେବା ରପ୍ତାନିକୁ ଗୁରୁତ୍ୱ ଯୋଗୁ ଚଳନ୍ତି ଆକଉଣ୍ଟ ସମତୁଲତାରେ ସହାୟକ ହୋଇଛି। ଭାରତର ଆର୍ଥିକ ଅଭିବୃଦ୍ଧିର ୬୦ ପ୍ରତିଶତ ଘରୋଇ ଉପଯୋଗ ଓ ନିବେଶରୁ ଆସିଥାଏ ବୋଲି ରିପୋର୍ଟରେ କୁହାଯାଇଛି।




## ଶୈବପୀଠରେ କାଉଡ଼ିଆଙ୍କ ମୃତ୍ୟୁ

ଦେବଗଡ଼, ୧୦।୭(ଶଶାଙ୍କ ଶେଖର ଝାଙ୍କର)

ଜଳାଭିଷେକ ଲାଗି ଦେବଗଡ଼ସ୍ଥିତ ଶୈବପୀଠ ଶ୍ରୀଝାଡେଶ୍ୱର ମନ୍ଦିରରେ ଶୋଇଥିବା ଅବସ୍ଥାରେ ସୋମବାର ସକାଳେ ଜଣେ ବୋଲବମ ଭକ୍ତ (କାଉଡିଆ)ଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦେବଗଡ଼ ଜିଲା ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ଦେଓଝରଣ ଗ୍ରାମର ବିଭୂତି ବେହେରା(୪୫)। ବିଭୂତି ଢେଙ୍କାନାଳ ଜିଲା ବାଲିମୀସ୍ଥିତ ଏକ ଡିପ୍ଲୋମା କଲେଜରେ କାର୍ଯ୍ୟ କରୁଥିଲେ। ରବିବାର ୨ଟି ଗାଡ଼ିରେ ନୂଆଗାଁର ୫୦ ଜଣ ଯୁବକଙ୍କ ସହ ବିଭୂତି ଉକ୍ତ ମନ୍ଦିରକୁ ଯାଇଥିଲେ। ରାତି ୧୧ଟାରେ ଖାଇ ସାରି ମନ୍ଦିର ମଣ୍ଡପରେ ସେ ଶୋଇଥିଲେ। ସୋମବାର ଭୋରରୁ ସାଥୀ କାଉଡିଆମାନେ ତାଙ୍କୁ ଜଳାଭିଷେକ ପାଇଁ ଉଠାଇଥିଲେ ମଧ୍ୟ ସେ ଆଉ ଉଠି ନ ଥିଲେ। ତାଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବଜ୍ରପାତ ନେଲା ୪ ଜୀବନ

- କୋରାପୁଟ ଜିଲା ବୋରିଗୁମ୍ମାରେ ମା' ପୁଅ
- ଅନୁଗୋଳ ଜିଲା ନାଲ୍କୋ ଅଞ୍ଚଳରେ ୨ ମହିଳା ମୃତ

ବୋରିଗୁମ୍ମା, (ବିଜୟ ନାୟକ),
ବଁଅରପାଳ, ୧୦।୭(ଉପେନ୍ଦ୍ର ରାଉତ)

କୋରାପୁଟ ଓ ଅନୁଗୋଳ ଜିଲାରେ ସୋମବାର ବର୍ଷା ବେଳେ ବଜ୍ରପାତ ଘଟି ୪ ଜଣଙ୍କ ଜୀବନ ଯାଇଛି। କୋରାପୁଟ ଜିଲା ବୋରିଗୁମ୍ମାରେ ଚାଷ କାର୍ଯ୍ୟ ସମୟରେ ମା' ଓ ପୁଅଙ୍କ ମୃତ୍ୟୁ ହୋଇଥିବା ବେଳେ ଅନୁଗୋଳ ଜିଲା ନାଲ୍କୋ ଥାନା ଅଞ୍ଚଳରେ ଜଙ୍ଗଲକୁ କାଠ କାଟିବାକୁ ଯାଇଥିବା ୨ ମହିଳାଙ୍କ ପ୍ରାଣହାନି ଘଟିଛି।

ସୂଚନା ଅନୁଯାୟୀ, ବୋରିଗୁମ୍ମା ବ୍ଲକ ଅଞ୍ଚଳା ଗ୍ରାମର ଲିଙ୍ଗରାଜ ହାଲବା ତାଙ୍କ ସ୍ତ୍ରୀ ଦୁରୁବତୀ ଏବଂ ଯୁକ୍ତ ୨ରେ ପଢୁଥିବା ପୁଅ ଦୀପକ (୨୦)ଙ୍କୁ ନେଇ ଜମିରେ ଚାଷ କାର୍ଯ୍ୟ କରୁଥିଲେ। ଏହି ସମୟରେ ପ୍ରବଳ ବର୍ଷା ହୋଇଥିଲା। ଲିଙ୍ଗରାଜ ଜମିରୁ ବାହାରି ଏକ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ମାତ୍ର ସ୍ତ୍ରୀ ଦୁରୁବତୀ ଓ ପୁଅ ଦୀପକ ଜମିରୁ ବାହାରିବା ବେଳେ ବଜ୍ରପାତ ହୋଇଥିଲା। ଅଚେତ ଅବସ୍ଥାରେ ମା' ଓ ପୁଅଙ୍କୁ ବୋରିଗୁମ୍ମା ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅନୁଗୋଳ ଜିଲା ନାଲ୍କୋ ଥାନା ବଳରାମପ୍ରସାଦ କେନ୍ଦୁପାଟଣା ଗ୍ରାମର ସୁଷମା ବେହେରା (୪୦), ପେନି ବେହେରା (୩୨), କୁଁଆରୀ ବେହେରା (୫୫) ଓ ଅଜୟ ବେହେରା (୫୦) କାଠ ସଂଗ୍ରହ ପାଇଁ ନିକଟସ୍ଥ ପାହାଡ଼କୁ ଯାଇଥିଲେ। ତେବେ ଅପରାହ୍ନ ୧ଟା ବେଳେ ବର୍ଷା ସହ ବଜ୍ରପାତ ଘଟିଥିବାରୁ ସୁଷମା ଓ ପେନିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। କୁଁଆରୀ ଓ ଅଜୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଅଞ୍ଚଳର କେତେଜଣ ଶ୍ରମିକ ଏ ସମ୍ପର୍କରେ ଖବର ଦେବା ପରେ ଗ୍ରାମବାସୀ ଓ ପୋଲିସ ପହଞ୍ଚି ସମସ୍ତଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ସେଠାରେ ଗୁରୁତର କୁଁଆରୀ ଓ ଅଜୟଙ୍କ ଚିକିତ୍ସା ଜାରି ରହିଛି। ଏ ସମ୍ପର୍କରେ ନାଲ୍କୋ ଥାନା ଆଇଆଇସି ଯାଜ୍ଞସେନୀ ପ୍ରଧାନ କହିଛନ୍ତି, ୨ ମୃତଦେହ ବ୍ୟବଚ୍ଛେଦ ପାଇଁ ଅନୁଗୋଳରେ ରଖାଯାଇଛି। ନଂ. ୯/୨୦୨୩ରେ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବଁଅରପାଳ ଅତିରିକ୍ତ ତହସିଲଦାର ସୁଶାନ୍ତ ନାୟକ କହିଛନ୍ତି, ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ।

# ମାନସିକ ଚାପରୁ ଝାଡ଼େଶ୍ୱର କଲେଜ ଛାତ୍ରୀଙ୍କ ମୃତ୍ୟୁ

### କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀକଲେ ପରିବାର ଲୋକେ





ସମୀକ୍ଷା ମହାନ୍ତି

ବାଲେଶ୍ୱର, ୧୦।୭ (ମାନସ ବିଶ୍ୱାଳ)

ଉଜ୍ଜ୍ୱଳ ଭବିଷ୍ୟତ ଓ ସୁରକ୍ଷା ଯୋଗାଇଦେବାର ପ୍ରଲୋଭନ ଦେଖାଇ ଏଜେଣ୍ଟ ମାଧ୍ୟମରେ ଆଡମିଶନ କରାଉଥିବା ଝାଡ଼େଶ୍ୱର ଯୁକ୍ତ ୨ ବିଜ୍ଞାନ କଲେଜରେ ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଏବେ ଅଭିଭାବକଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି ହୋଇଛି। କଲେଜ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ମାତ୍ରାଧିକ ଅନୁଶାସନରେ ଅତିଷ୍ଠ ହୋଇ ମାନସିକ ଭାରସାମ୍ୟ ହରାଇ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ ମଧ୍ୟ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୯/୨୩) ରୁଜୁକରି ତଦନ୍ତ ଆରମ୍ଭ କରିଛି।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ସୁଡେଇବଡ଼ଗାଁ ନିକଟରେ ଥିବା ଝାଡ଼େଶ୍ୱର ଯୁକ୍ତ ୨ ବିଜ୍ଞାନ କଲେଜର ଯୁକ୍ତ ୨ ପ୍ରଥମ ବର୍ଷରେ ଔପଦା ବ୍ଲକ ଈଶ୍ୱରପୁର ଥାନା ଅଧୀନ ବାଙ୍କିପଦା ଅଞ୍ଚଳର ସମୀକ୍ଷା ମହାନ୍ତି ପଢୁଥିଲେ। ହଷ୍ଟେଲର ୬ ନମ୍ବର ରୁମ୍‌ରୁ ସୋମବାର ଶିଳ୍ପାଞ୍ଚଳ ପୋଲିସ ତାଙ୍କ ମୃତଦେହ ଜବତ କରିଛି। ଝିଅର ମୃତ୍ୟୁକୁ ତାଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ସମୀକ୍ଷା ଜଣେ ମେଧାବୀ ଛାତ୍ରୀ ଥିଲେ। ହାଇସ୍କୁଲ ପାସ୍ ପରେ ଗତ କିଛିଦିନ ହେବ ଉକ୍ତ କଲେଜରେ ଆଡ୍‌ମିଶନ ହୋଇଥିଲେ। ୱାର୍ଡେନ ଜଣକ ହଷ୍ଟେଲରେ ରହୁଥିବା ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର କରୁଥିବା ଝିଅର ସାଙ୍ଗମାନଙ୍କଠାରୁ ଜାଣିବାକୁ ପାଇଲୁ। ପରୋକ୍ଷରେ କଲେଜ କର୍ତ୍ତୃପକ୍ଷ ଝିଅର ମୃତ୍ୟୁ ପାଇଁ ଦାୟୀ ବୋଲି ମୃତ ଛାତ୍ରୀଙ୍କ ବଡବାପା ଅଭିଯୋଗ ଆଣିଛନ୍ତି। ମୃତ ଛାତ୍ରୀଙ୍କ ଦାଦା କହିଛନ୍ତି, ଝିଅ ଘରୁ ଆସିଲା ବେଳେ କୌଣସି ଅସୁବିଧା ନ ଥିଲା। ମାତ୍ର ସୋମବାର ସକାଳ ୫ଟା ୪୦ରେ କଲେଜ କର୍ତ୍ତୃପକ୍ଷ ଫୋନ୍ କରି ଝିଅ ଆତ୍ମହତ୍ୟା କରିଥିବା ଖବର ଦେଇଥିଲେ। ଆମେ ଛାତ୍ରୀନିବାସରେ ପହଞ୍ଚିବା ବେଳକୁ ସେଠାରେ ଝିଅର ମୃତଦେହ ଫ୍ୟାନ୍‌ରେ ଝୁଲୁଥିବା ଦେଖିଲୁ। ସେଠାରେ ଥିବା କର୍ମଚାରୀମାନଙ୍କୁ ଝିଆରୀ ଏକୁଟିଆ କାହିଁକି ରହିଥିବା ପଚାରିବାରୁ ସେମାନେ କହିଲେ, ୬ ନଂ. ରୁମ୍‌ରେ ୨ଜଣ ଶୋଇଥିଲେ। ସେ ଅନ୍ୟ ଘରକୁ ଯାଇ ଆତ୍ମହତ୍ୟା କରିଛନ୍ତି। ହେଲେ ଝିଅର ସାଙ୍ଗମାନଙ୍କୁ ପଚାରିବାରୁ ସେମାନେ ଭିନ୍ନ ଭିନ୍ନ ମତ ଦେଉଛନ୍ତି। କାହା କଥାରେ କିଛି ତାଳମେଳ ରହୁନାହିଁ। ଭିନ୍ନ ଭିନ୍ନ ସମୟରେ ଝିଆରୀକୁ ମାନସିକ ଚାପ ଦେବା ସହ ମାଡ଼ ମରାଯାଇଥିବାରୁ ସେ ମାନସିକ ଭାରସାମ୍ୟ ହରାଇ ଏଭଳି କରି ଥାଇପାରେ ବୋଲି ସମୀକ୍ଷାଙ୍କ ବଡ଼ବାପା କହିଛନ୍ତି। ଛାତ୍ରୀଙ୍କ ଖୁଡ଼ୀ ଇପ୍‌ସିତା ମହାନ୍ତି କହିଛନ୍ତି, ହଷ୍ଟେଲରେ ଝିଅ ରହୁଥିବା ରୁମ୍‌ର ସାମ୍ନାରେ ଥିବା ସାଙ୍ଗର ରୁମ୍‌କୁ ଯାଇଥିବାବେଳେ ୱାର୍ଡେନ ତାଙ୍କୁ ମାଡ଼ ମାରିଥିବା ମଙ୍ଗଳବାର ସେ ତାଙ୍କ ମା'ଙ୍କୁ ଜଣାଇଥିଲେ। ଏପରିକି ୱାର୍ଡେନ ବିଭିନ୍ନ ସମୟରେ ତାଙ୍କୁ ଦୁର୍ବ୍ୟବହାର କରୁଥିଲେ। ଏଥିପାଇଁ ସେ ଚିନ୍ତାରେ ରହୁଥିଲେ। ଛାତ୍ରୀଙ୍କ ବାପା ବାଙ୍କବିହାରୀ ମହାନ୍ତି କହନ୍ତି, ଝାଡ଼େଶ୍ୱର କଲେଜର ଜଣେ ଏଜେଣ୍ଟ ଗଣେଶ୍ୱର ନାୟକ ତାଙ୍କ ଝିଅ ଦଶମ ଶ୍ରେଣୀ ପାସ୍ କରିବା ପରେ ଘରେ ପହଞ୍ଚିଥିଲେ। ଉକ୍ତ କଲେଜରେ ରହିବା, ଖାଇବା, ଭଲ ବ୍ୟବହାର ସହ ଉତ୍ତମ ପାଠପଢ଼ା ହେଉଥିବା କହି ଝିଅକୁ ଆଡ୍‌ମିଶନ କରିବାକୁ ପ୍ରବର୍ତ୍ତାଇଥିଲେ। ଝିଅ ୫୦୪ ନମ୍ବର ରଖି ଦଶମ ପାସ୍ କରିଥିବାରୁ ଉଜ୍ଜ୍ୱଳ ଭବିଷ୍ୟତ ଆଶାରେ ଉକ୍ତ କଲେଜରେ ନାମ ଲେଖାଇଥିଲି। ବାର୍ଷିକ ୧ଲକ୍ଷ ୩୦ହଜାର ଟଙ୍କା ନେବାର ଚୁକ୍ତି ହୋଇଥିଲା। ସମର କୋର୍ସ ପାଇଁ ୧୦ ହଜାର ସହ ଆଡ୍‌ମିଶନ ପାଇଁ ୪୦ହଜାର ଟଙ୍କା ଦେଇଛି। ଝିଅ ମୋର ବହୁତ ନିରୀହ। ମାତ୍ର ୨ମାସ କଲେଜ ଗଲା ପରେ କାହିଁକି ଏଭଳି ଚରମ ନିଷ୍ପତ୍ତି ନେଲା, ତାହା ଆମେ ବୁଝିପାରୁନୁ। ଝିଅ ସବୁବେଳେ ଘରକୁ ଆସିଲେ ୱାର୍ଡେନ୍ ମାଡ଼ ମାରିବା ସହ ଗାଳି କରୁଥିବା କହୁଥିଲେ। ମୋ ଝିଅକୁ ମାନସିକ ଓ ଅତ୍ୟଧିକ ଶାରୀରିକ ଚାପ ଦେଇ ମରିବାକୁ ବାଧ କରାଯାଇଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ଝାଡ଼େଶ୍ୱର କଲେଜର ଛାତ୍ରୀଛାତ୍ରମାନଙ୍କ ଉପରେ କଠୋର ନୀତି ଲାଗୁ କରାଯାଉଥିବା ପୂର୍ବରୁ ଅଭିଯୋଗ ହୋଇଆସୁଛି। ଘରେ କିମ୍ବା ଅଭିଭାବକମାନଙ୍କୁ ଜଣାଇଲେ ପରୀକ୍ଷାରେ ଫେଲ୍ କରିଦେବାର ଧମକ ଦିଆଯାଉଥିବାର ନଜିର ପୂର୍ବରୁ ରହିଛି। ଏପରିକି ମେଡ଼ିକାଲ ଏବଂ ଇଞ୍ଜିନିୟରିଂ ପାଠ ପଢ଼ାଇବାର ପ୍ରତିଶ୍ରୁତି ଦେଇ ଟଙ୍କା ଲୁଟିବା, ପିଲାମାନଙ୍କ ମଧ୍ୟରେ ଗ୍ରୁପ୍ ତିଆରି କରି ସେମାନଙ୍କ ମଧ୍ୟରେ ଫାଟ ସୃଷ୍ଟି କରାଯାଉଥିଲା। କଠୋର ନୀତିରେ ଅତିଷ୍ଠ ହୋଇ ପିଲା କଲେଜ ଛାଡି ପଳାଇବା ଓ ଅଭିଭାବକ ପିଲାଙ୍କୁ ସେଠାରୁ ନେଇ ଅନ୍ୟତ୍ର ପାଠ ପଢାଇବା ଭଳି ଯାଇଛନ୍ତି। ଏକ ସମୟରେ ହଷ୍ଟେଲରେ ୫୦୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ରୋଷେଇ କରି ଖାଇବାକୁ ଦିଆଯାଉଥିବା ବେଳେ ସେମାନଙ୍କ ପାଖରେ ଫୁଡ୍ ଲାଇସେନ୍ସ ନାହିଁ। ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଝାଡ଼େଶ୍ୱର ଯୁକ୍ତ ୨ ବିଜ୍ଞାନ କଲେଜର ମାଲିକ ସର୍ବେଶ୍ୱର ସାନ୍ତରା କହିଛନ୍ତି, ଛାତ୍ରୀ ଜଣକ ଘରକୁ ଯିବା ପାଇଁ ଇଚ୍ଛା କରୁଥିବା ବେଳେ ତାଙ୍କ ଘରେ ମନା କରିଥିଲେ। ଏହାକୁ ନେଇ ସେ ଅସନ୍ତୁଷ୍ଟ ଥିଲେ। ୬ନଂ. ରୁମ୍‌ରେ ୪ଜଣ ପିଲା ରହୁଥିଲେ। ଦୁଇଜଣ ପିଲା ଘରକୁ ଯାଇଥିବା ବେଳେ ଅନ୍ୟ ୨ଜଣ ହଷ୍ଟେଲରେ ଥିଲେ। ରାତିରେ ସେମାନଙ୍କୁ ଡର ଲାଗୁଥିବାର ୱାର୍ଡେନ୍‌ଙ୍କୁ କହି ସାମ୍ନା ରୁମ୍‌ରେ ଥିବା ପିଲାଙ୍କ ସାଙ୍ଗରେ ଶୋଇଥିଲେ। ବିଳମ୍ବିତ ରାତିରେ ଛାତ୍ରୀ ଜଣକ ଏଭଳି କରିଥିବା ସେ ପ୍ରକାଶ କରିଛନ୍ତି। ଏହାସହ ୱାର୍ଡେନ ଛାତ୍ରୀଙ୍କୁ ମାଡ଼ ମାରିବା, ଦୁର୍ବ୍ୟବହାର ଭଳି ଶାରୀରିକ ଓ ମାନସିକ ଅତ୍ୟାଚାରକୁ ସେ ଖଣ୍ଡନ କରିଛନ୍ତି।

# ଅଭିଜିତ୍‌ଙ୍କୁ ମାରାଥନ୍ ଜେରାକଲା ଏନ୍‌ଆଇଏ

### ଓଡ଼ିଶାରୁ ଆଇଏସ୍‌ଆଇକୁ ଓଟିପି ଶେୟାରିଂ ମାମଲା

- ହନିଟ୍ରାପ୍ କୁଇନ୍ ନୁର୍ ଫାତିମାଙ୍କ ଲିଙ୍କ୍‌କୁ ନେଇ ଚର୍ଚ୍ଚା
- ଆର୍ଥିକ ତଥ୍ୟ ପାଇଁ ଫାଇନାନ୍‌ସିଆଲ୍ ଇଣ୍ଟେଲିଜେନ୍ସ ୟୁନିଟ୍‌କୁ ଏସ୍‌ଟିଏଫ୍‌ର ଚିଠି
- ଆଜି ସରୁଛି ୪ଦିନିଆ ରିମାଣ୍ଡ ଅବଧି


ଅଭିଜିତ୍ ସଞ୍ଜୟ ଜମ୍ବୁରେ

ଭୁବନେଶ୍ୱର,୧୦।୭(ସତ୍ୟଜିତ୍ ରାଉତ)

ପାକିସ୍ତାନଗୋଇନ୍ଦାସଂସ୍ଥାଇଣ୍ଟରସର୍ଭିସେସ୍ ଇଣ୍ଟେଲିଜେନ୍‌ସ(ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ ଏସ୍‌ଟିଏଫ୍ ଅଧିକ ଖୋଳତାଡ଼ ଜାରି ରଖିଛି। ରିମାଣ୍ଡରେ ଆସିଥିବା ଅଭିଜିତ୍ ସଞ୍ଜୟ ଜମ୍ବୁରେଙ୍କୁ ଆତଙ୍କବାଦୀ ଲିଙ୍କ୍‌ରେ ରବିବାର ମହାରାଷ୍ଟ୍ର ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍ (ଏଟିଏସ୍) ଓ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ମିଳିତ ଟିମ୍ ଜେରା କରିଥିଲା। ସୋମବାର ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ)ର ଏକ ଟିମ୍ ଓଡ଼ିଶାରେ ପହଞ୍ଚି ଅଭିଜିତ୍‌ଙ୍କୁ ମାରାଥନ୍ ଜେରା କରିଛି। ଏନ୍‌ଆଇଏର ଜଣେ ବରିଷ୍ଠ ଅଧିକାରୀ ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ପହଞ୍ଚି ଅଭିଜିତ୍‌ଙ୍କୁ ଗୁଡ଼ାଇତୁଡ଼ାଇ ପ୍ରଶ୍ନ କରିଥିଲେ। ଏପରି କି ଏସ୍‌ଟିଏଫ୍ ଅଧିକାରୀ ଓ ଏନ୍‌ଆଇଏ ଅଧିକାରୀମାନେ ମିଳିତ ଜେରା କରିଥିଲେ। ତେବେ ଏହି ଜେରାରେ ଏନ୍‌ଆଇଏକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ସୂଚନା ମିଳିଛି। ହନିଟ୍ରାପ୍ କୁଇନ୍ ନୁର୍ ଫାତିମାଙ୍କ ସହ ତାଙ୍କର ଲିଙ୍କ୍ ସାମ୍ନାକୁ ଆସିଥିବା ନେଇ ପଚରାଉଚରାବେଳେ ଜଣାପଡ଼ିଛି। ଫାତିମା ରାଜସ୍ଥାନର ଆର୍ମି ଯବାନ୍‌ଙ୍କୁ ହନିଟ୍ରାପ୍‌ରେ ଫସାଇ ପାକିସ୍ତାନକୁ ଗୁପ୍ତ ତଥ୍ୟ ପଠାଇଥିଲେ। ଫାତିମା ପାକିସ୍ତାନ୍ ଆଇଏସ୍‌ଆଇ ଅଧିକାରୀ ଖୁରାମ ଓରଫ ଅବଦୁଲ ହମିଦଙ୍କ ସମ୍ପର୍କରେ ଥିଲେ। ତେଣୁ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ବହୁ ସମ୍ବେଦନଶୀଳ ତଥ୍ୟ ଅଭିଜିତ୍‌ଙ୍କ ମାଧ୍ୟମରେ ଫାତିମାଙ୍କଠାରୁ ଅବଦୁଲ୍ ପାଇଥିବା ଆଶଙ୍କା କରାଯାଉଛି। ତେବେ ଫାତିମାଙ୍କୁ ଅଭିଯୁକ୍ତ ଅଭିଜିତ୍ ଚିହ୍ନିଥିବାରୁ ଏନ୍‌ଆଇଏ ଏହାକୁ ଗୁରୁତ୍ୱର ସହ ନେଇଛି। ଏହି ଲିଙ୍କ୍‌ରେ ଅଭିଜିତ୍‌ଙ୍କଠାରୁ ଗୁମର ବାହାର କରିବା ପାଇଁ ଏନ୍‌ଆଇଏ ଯଥାସମ୍ଭବ ଚେଷ୍ଟା ଜାରି ରଖିଛି। ଅନ୍ୟପକ୍ଷରେ ଅଭିଜିତ୍‌ଙ୍କ ଅର୍ଥ କାରବାରର ହିସାବ ଜାଣିବା ପାଇଁ ଅର୍ଥ ମନ୍ତ୍ରାଳୟର ଫାଇନାନ୍‌ସିଆଲ୍ ଇଣ୍ଟେଲିଜେନ୍ସ ୟୁନିଟ୍‌କୁ ଏସ୍‌ଟିଏଫ୍ ଚିଠି ଲେଖିଥିବା ସୂଚନା ମିଳିଛି। ତେବେ କ୍ୟାପିଟାଲ ହସ୍ପିଟାଲକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯିବାବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ଅଭିଜିତ୍ କୌଣସି ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଜାଣି ନ ଥିବା ସଫେଇ ଦେଇଛନ୍ତି। ସେ କେବଳ ପୂର୍ବରୁ ଗିରଫ ହୋଇଥିବା ନୟାଗଡ଼ର ଆଇଟିଆଇ ଶିକ୍ଷକ ପଠାଣି ସାମନ୍ତ ଲେଙ୍କାକୁ ଥରେ ୫୫୦ ଟଙ୍କା ପଠାଇଥିବା କହିଛନ୍ତି। ଅନ୍ୟପକ୍ଷରେ ୪ ଦିନିଆ ରିମାଣ୍ଡର ଆଉ ଗୋଟିଏ ଦିନ ବାକି ଥିବାବେଳେ ଅଭିଜିତ୍‌ଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବାକୁ ଏସ୍‌ଟିଏଫ୍ ଆଶା ରଖିଛି। ରିମାଣ୍ଡ ଶେଷ ହେଉଥିବାରୁ ଅଭିଜିତ୍‌ଙ୍କୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା କୋର୍ଟରେ ହାଜର କରିବ ଏସ୍‌ଟିଏଫ୍। ତେବେ ଆଉଥରେ ଅଭିଜିତ୍‌ଙ୍କୁ ରିମାଣ୍ଡରେ ଆଣିବାକୁ ଏସ୍‌ଟିଏଫ୍ ଯୋଜନା କରୁଥିବା ସୂଚନା ମିଳିଛି। ଏହି ମାମଲାରେ ଅଭିଜିତ୍‌ଙ୍କ ସହ ଓଡ଼ିଶାରୁ ୫ଜଣ ଗିରଫ ହୋଇଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି।

# ଅକ୍ଟୋବର ଯାଏ ଡେଙ୍ଗୁ ସତର୍କତା

ଭୁବନେଶ୍ୱର,୧୦।୭(ଅଭିଜିତ ଦାସ)

ରାଜ୍ୟରେ ଏବେ ଡେଙ୍ଗୁ ବ୍ୟାପି ଚାଲିଛି। ମୌସୁମୀ ପରେ ୧୬ ଜିଲାରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ଜିଲା ଶୀର୍ଷରେ ରହିଛି। ରାଜ୍ୟରେ ୨୫୦ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ୧୩୪ଜଣ ରୋଗୀ କେବଳ ଖୋର୍ଦ୍ଧାରେ ବାହାରିଛନ୍ତି। ବଢୁଥିବା ଡେଙ୍ଗୁ ରୋଗୀ ସଂଖ୍ୟାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଚିନ୍ତା ପ୍ରକଟ କରିଛି। ପୂର୍ବରୁ ସେପ୍ଟେମ୍ବର ଯାଏ ସତର୍କ ରହିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିବାବେଳେ ବର୍ତ୍ତମାନର ସ୍ଥିତିକୁ ଦେଖି ଅକ୍ଟୋବର ପର୍ଯ୍ୟନ୍ତ ଡେଙ୍ଗୁର ସତର୍କତା ଜାରି କରାଯାଇଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ବର୍ତ୍ତମାନ ସମୟରେ ଡେଙ୍ଗୁ ଋତୁଭିତ୍ତିକ ରୋଗ ହୋଇ ରହିନାହିଁ। ବର୍ଷ ସାରା ଅନେକ ସ୍ଥାନରୁ ଡେଙ୍ଗୁ ରୋଗୀଙ୍କ ରିପୋର୍ଟ ମଧ୍ୟ ଆସୁଛି। ରାଜ୍ୟରେ ପୂର୍ବରୁ ୪୦ଟି ସ୍ଥାନରେ ଡେଙ୍ଗୁ ରୋଗୀଙ୍କ ପରୀକ୍ଷା କରାଯାଉଥିବାବେଳେ ଏବେ ୪୨ଟି ସ୍ଥାନରେ ପରୀକ୍ଷଣ କେନ୍ଦ୍ର କରାଯାଉଛି। ତେବେ ରାଜ୍ୟରେ ଅଧିକରୁ ଅଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଥିଲେ ବି ସଂକ୍ରମଣ ହାର ବହୁତ କମ୍ ରହିଛି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୧୨,୮୦୦ ନମୁନା ଟେଷ୍ଟ ହୋଇଥିବାବେଳେ ୨୫୦ଜଣ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ଡେଙ୍ଗୁରେ କୌଣସି ରୋଗୀଙ୍କ ମୃତ୍ୟୁ ହୋଇନାହିଁ। ଭୟଭୀତ ନ ହୋଇ ଅକ୍ଟୋବର ମାସ ଯାଏ ସଚେତନ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

# ଆଖି ଧରିଲେ ସ୍କୁଲ ନ ଯିବାକୁ ପରାମର୍ଶ

### ମାର୍ଗଦର୍ଶିକା ଜାରିକଲା ସ୍ୱାସ୍ଥ୍ୟ ବିଭାଗ

ଆଖି ଧରିବା ସମୟରେ ନିଜ ଚଷମାକୁ ପ୍ରତ୍ୟେକ ଦିନ ନିୟମିତ ଭାବରେ ସଫା କରନ୍ତୁ। ସୁଇମିଂ ପୁଲ୍, ପୋଖରୀ ଆଦିରେ ମୁହଁ ବୁଡାନ୍ତୁ ନାହିଁ ଓ ଏହାସହ ଆଖିଧରା ରୋଗରେ ଆକ୍ରାନ୍ତ ରହିଥିବା ବ୍ୟକ୍ତିଙ୍କ ରୁମାଲ, ତକିଆ କିମ୍ବା ନିତ୍ୟ ବ୍ୟବହାର ଆଇ-ଡ୍ରପ୍ ଭଳି ଅନ୍ୟାନ୍ୟ ଜିନିଷଗୁଡ଼ିକୁ ଅନ୍ୟ କେହି ବ୍ୟବହାର କରନ୍ତୁ ନାହିଁ। ଆଖି ଧରିଲେ ପରିଷ୍କାର କପଡାକୁ ଉଷୁମ ପାଣିରେ ପକାଇ ଆଖିକୁ ଭଲ ଭାବରେ ପୋଛିବା ସହ ଡାକ୍ତରଙ୍କ ବିନା ପରାମର୍ଶରେ ଆଖିରେ କୌଣସି ଔଷଧ ବ୍ୟବହାର କରନ୍ତୁ ନାହିଁ। ଅତି ଆବଶ୍ୟକ ହେଲେ ନିକଟସ୍ଥ ଡାକ୍ତରଖାନାକୁ ଯାଇ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଭୁବନେଶ୍ୱର,୧୦।୭(ଅଭିଜିତ ଦାସ)

ବର୍ଷା ଆରମ୍ଭରୁ ଡେଙ୍ଗୁ ଭଳି ଆଖିଧରା ରୋଗ ଆଉ ଏକ ଚିନ୍ତା ଆଣିଛି। ସ୍ୱାସ୍ଥ୍ୟ ବିଭାଗର ଆକଳନ ଅନୁଯାୟୀ ପ୍ରତି ୧୦ଜଣଙ୍କ ମଧ୍ୟରୁ ୩ରୁ ୪ଜଣ ଆଖିଧରା ରୋଗରେ ସଂକ୍ରମିତ ହେଉଛନ୍ତି। ବିଶେଷକରି ପିଲା ଓ ବୟସ୍କଙ୍କୁ ଅଧିକ ଆକ୍ରାନ୍ତ କରୁଛି। ଏବେ ସ୍କୁଲ୍‌ଗୁଡିକରେ ଆଖିଧରା ଅଧିକ ବ୍ୟାପୁଥିବାରୁ ଓ ଛାତ୍ରୀଛାତ୍ର ପ୍ରଭାବିତ ହେଉଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଥିବାବେଳେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେତେକ ପରାମର୍ଶ ଦିଆଯାଇଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ଯେଉଁ ବ୍ୟକ୍ତିମାନେ ଆଖିଧରା ରୋଗରେ ସଂକ୍ରମିତ ହୋଇଛନ୍ତି ସେମାନେ ଘରେ ଅନ୍ୟମାନଙ୍କଠାରୁ ଦୂରରେ ରୁହନ୍ତୁ। ଛାତ୍ରୀଛାତ୍ରଙ୍କ ଆଖି ଧରିଲେ ସେମାନେ ସ୍କୁଲ୍ ଯାଆନ୍ତୁ ନାହିଁ। ଆଖିଧରା ଛାତ୍ରୀଛାତ୍ର ୩ରୁ ୪ଦିନ ସ୍କୁଲ ବଦଳରେ ଘରେ ରହିବା ସହ ହାତ ଓ ଆଖିକୁ ଭଲ ଭାବରେ ପରିଷ୍କାର ରଖନ୍ତୁ। ଯେହେତୁ ଏହା ଏକ ଋତୁକାଳୀନ ଓ ସଂକ୍ରମଣ ରୋଗ, ସତର୍କତା ଅବଲମ୍ବନ କରିବା ନିହାତିଆବଶ୍ୟକ ବୋଲି ମିଶ୍ର କହିଛନ୍ତି।



**କୁଇ ଭାଷାକୁ ସମ୍ବିଧାନର ୮ମ ଅନୁଚ୍ଛେଦରେ ସାମିଲ ପ୍ରସ୍ତାବକୁ ମଞ୍ଜୁର**

ଭୁବନେଶ୍ୱର,୧୦।୭(ଅନିଲ ଦାସ): ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ କୁଇ ଭାଷାକୁ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ୍ କରାଯିବ। ଏ ସଂକ୍ରାନ୍ତ ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। କୁଇ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ମିଳିଲେ ରାଜ୍ୟର ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ କୁଇ ଭାଷାଭାଷୀ ଜନଜାତି ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ କୁଇ ଭାଷାକୁ ସାମିଲ କରାଗଲେ କନ୍ଧ ଜନଜାତିଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହୋଇପାରିବ। କୁଇ ଭାଷା ଓ କନ୍ଧ ସଂସ୍କୃତିର ସଂରକ୍ଷଣ, ପ୍ରଚାର ଓ ପ୍ରସାରରେ ସହାୟକ ହେବ।

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛାତି ଫୁଲେଇ ଚାଲୁଥାଏ ଦାନ୍ତେ ନେଥ ହଲାଇ।**

ଯୁଗ ଯୁଗରୁ ଅଳଙ୍କାର ପ୍ରତି ମହିଳାମାନଙ୍କର ରହିଆସିଛି ଅନେକ ଦୁର୍ବଳତା। ଭଲ ଗହଣା ଗାଣ୍ଠି ପିନ୍ଧି ନିଜକୁ ସଜିତ କରାଇ ଅନ୍ୟ ଆଗରେ ଦେଖେଇ ହେବାରେ ସେମାନେ ଖୁସି ଆନନ୍ଦ ପାଉଥାନ୍ତି। ଏଭଳି ସ୍ଥିତିରେ ଅଳଙ୍କାର ଦେଖେଇ ଛାତି ଫୁଲେଇ ବାହାରେ ଚାଲୁଥିବା ମହିଳା ପ୍ରତି ଏପରି ଆକ୍ଷେପଭରା ଉକ୍ତି ପ୍ରକାଶ କରାଯାଇଛି।

**ଛୋଟୀ ଗୋଡ଼ରେ ଝୁପୁକା ବଳା କାଣୀ ଆଖିରେ କଜ୍ଜଳ କଳା।**

ଛୋଟୀ ଓ କାଣୀ ବୁହେଁ ଶାରୀରିକ ସ୍ତରରେ ବିକଳାଙ୍ଗ। ଏପରିସ୍ଥଳେ ଏହି ଦୁହିଁଙ୍କ ପାଇଁ ଉପର ବର୍ଣ୍ଣିତ ହୋଇଥିବା ଅଳଙ୍କାର ଓ ପରିପାଟୀ ଦେଖାଇବାହାରିଙ୍କ ଆଖିରେ କେବେବି ଶୋଭନୀୟ ହୋଇପାରୁ ନ ଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ୩,୨୬୬ କୋଟି ଟଙ୍କାର ୧୧ଟି ପ୍ରକଳ୍ପକୁ ଅନୁମୋଦନ

## ୧୧୯ତମ ଏସ୍ଏଲ୍ଏସ୍ଡବ୍ଲ୍ୟୁସିଏ ବୈଠକ

ଭୁବନେଶ୍ୱର, ୧୦।୭(ସୁନିତ୍ ମିଶ୍ର)

ଓଡ଼ିଶା ରାଜ୍ୟ ସରକାରଙ୍କ ୧୧୯ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍ଏଲ୍ଏସ୍ଡବ୍ଲ୍ୟୁସିଏ) ବୈଠକ ସୋମବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାୟ ୩୨୬୬ କୋଟି ଟଙ୍କାର ୧୧ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଫଳରେ ୯,୧୪୬ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ୨୦୨୩ ଆର୍ଥିକ ବର୍ଷରେ ଚାଲିଥିବା ପୁଞ୍ଜିନିବେଶକୁ ଆକୃଷ୍ଟ କରିବାରେ ରାଜ୍ୟଗୁଡିକ ମଧ୍ୟରେ ଓଡ଼ିଶାର ୨ୟ ସ୍ଥାନକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ଉଦ୍ଦେଶ୍ୟକୁ ଏହା ଦର୍ଶାଉଛି। ଧାତବ ଡାଉନଷ୍ଟ୍ରିମ ଏବଂ ଆନୁଷଙ୍ଗିକ କ୍ଷେତ୍ର, ରାସାୟନିକ ପଦାର୍ଥ, ଖାଦ୍ୟ ପ୍ରକ୍ରିୟାକରଣ, କୃଷି ପ୍ରକ୍ରିୟାକରଣ, ପ୍ଲାଷ୍ଟିକ, ବୟନ, ଆଇଟି ଏବଂ ଇଏସ୍ଡିଏମ ଏବଂ ଅକ୍ଷୟ ଶକ୍ତି ଭଳି ବିଭିନ୍ନ କ୍ଷେତ୍ରରେ ଥିବା ପ୍ରକଳ୍ପଗୁଡ଼ିକୁ ୧୧୯ତମ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିରେ ଅନୁମୋଦନ ମିଳିଛି।

ଅନୁମୋଦିତ ପ୍ରକଳ୍ପଗୁଡ଼ିକ ବାଲେଶ୍ୱର, ବଲାଙ୍ଗୀର, କଳାହାଣ୍ଡି, ଖୋର୍ଦ୍ଧା ଓ ଯାଜପୁର ଜିଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯିବ। ରାଜ୍ୟରେ ପ୍ରାକୃତିକ ସମ୍ପଦର ସୁବିଧାଜନକ ଉପଲବ୍ଧି ନେଇ ଖଣି ଓ ଧାତୁ ବିଜ୍ଞାନ କ୍ଷେତ୍ରରେ ଓଡ଼ିଶା କ୍ରମାଗତଭାବେ ଅଗ୍ରଣୀ ରହିଛି। ତେବେ ଗତ କିଛିବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସ ଯୋଗୁ ଓଡ଼ିଶା ଏହାର ଶିଳ୍ପ ଇକୋସିଷ୍ଟମକୁ ବ୍ୟାପକ କରିବାରେ ସକ୍ଷମ ହୋଇଛି। 'ନେସ୍‌ଲେ ଇଣ୍ଡିଆ ଲିମିଟେଡ୍' ଭଳି ଅନ୍ୟତମ ଅଗ୍ରଣୀ ବହୁରାଷ୍ଟ୍ରୀୟ କମ୍ପାନୀକୁ ଆମ ରାଜ୍ୟ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଆକର୍ଷିତ କରିଛି। ୮୯୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନେସ୍‌ଲେ ଏକ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବ, ଯାହା ୮୦୦ରୁ ଅଧିକ ଲୋକଙ୍କୁ ରୋଜଗାର ପ୍ରଦାନ କରିବ। ବୟନଶିଳ୍ପ ଏବଂ ପୋଷାକ ପ୍ରଭୃତି କ୍ଷେତ୍ରରେ ଭାରତର ୨ୟ ବୃହତ୍ତମ ବେବି-ୱିୟର ନିର୍ମାତା 'ମେସର୍ସ କଲରଟୋନ୍ ଗାର୍ମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍'(ଫାଷ୍ଟ ଷ୍ଟେପ୍ ବେବି-ୱିୟରର ସହାୟକ ସଂସ୍ଥା) ୨୦୦ କୋଟି ଟଙ୍କାରୁ ଅଧିକ ବିନିଯୋଗରେ ୧.୨ ମେଗାୱାଟ୍ ରୁଫ୍ ଟପ୍ କ୍ୟାପ୍ଟିଭ୍ ସୋଲାର ପାୱାର ପ୍ଲାଣ୍ଟ ସହିତ ଏକ ସମନ୍ୱିତ ପୋଷାକ ଉତ୍ପାଦନ କାରଖାନା ସ୍ଥାପନ କରୁଛି, ଯାହା ୪୮୨୦ରୁ ଅଧିକ ଲୋକଙ୍କୁ ରୋଜଗାର ପ୍ରଦାନ କରିବ। ସେହିପରି ରସାୟନ କ୍ଷେତ୍ରର ପ୍ରମୁଖ ନାମ 'ହିମାଦ୍ରି ସ୍ପେଶାଲିଟି କେମିକାଲ ଲିମିଟେଡ୍' ମଧ୍ୟ ୯୮୦ କୋଟି ଟଙ୍କା ବିନିଯୋଗରେ ଓଡ଼ିଶାରେ ନିଜର ପ୍ରଥମ ରାସାୟନିକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବାକୁ ଅନୁମୋଦନ ଲାଭକରିଛି। ପ୍ଲାଷ୍ଟିକ କ୍ଷେତ୍ରରେ କମ୍ପାନୀଗୁଡିକ ପାଇଁ ଓଡ଼ିଶା ଏକ ପ୍ରମୁଖ ପୁଞ୍ଜିନିବେଶ ସ୍ଥଳରେ ପରିଣତ ହେଉଛି ଏବଂ ୧୧୯ତମ ଏସଏଲଏସଡବ୍ଲ୍ୟୁସିଏ ବୈଠକରେ ଏହି କ୍ଷେତ୍ରରେ ୩ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। 'ଆଇଡିଭିବି ରିସାଇକ୍ଲିଂ ଅପରେସନ୍ସ ପ୍ରାଇଭେଟ୍ ଲିମିଟେଡ୍' ୩୧୮ କୋଟି ଟଙ୍କା ବିନିଯୋଗରେ ୬୩ ହଜାର ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ରିସାଇକ୍ଲିଂ ହୋଇଥିବା ପେଟ୍ ଫ୍ଲେକ୍ସ ଏବଂ ରେଜିନ୍ ଉତ୍ପାଦର ପୁନଃବ୍ୟବହାର ହେଉଥିବା ଏକ ନୂତନ ୟୁନିଟ୍ ସ୍ଥାପନ କରୁଛି, ଯାହା ୨୪୦ରୁ ଅଧିକ ଲୋକଙ୍କୁ ରୋଜଗାର ପ୍ରଦାନ କରିବ। 'ପୂର୍ବ ପ୍ୟାକେଜିଂ ପ୍ରାଇଭେଟ୍ ଲିମିଟେଡ୍' ପ୍ଲାଷ୍ଟିକ୍ କ୍ୟାପ୍ , ପେଟ୍ ପ୍ରିଫର୍ମ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉତ୍ପାଦ ପାଇଁ ଏକ ନୂତନ ଉତ୍ପାଦନ ୟୁନିଟ୍ ସ୍ଥାପନ କରୁଛି, ଯାହାର ବାର୍ଷିକ କ୍ଷମତା ୧,୦୧୭.୭୦ ନିୟୁତ ଏବଂ ଏହା ୧୫୨ କୋଟି ଟଙ୍କା ବିନିଯୋଗରେ ୧୩୩ରୁ ଅଧିକ ଲୋକଙ୍କୁ ରୋଜଗାର ପ୍ରଦାନ କରୁଛି। ଆର୍ଡିବି ରାସାୟନ୍ସ ଲି. ୫୯ କୋଟି ଟଙ୍କା ବିନିଯୋଗରେ ୬ ହଜାର ମେଟ୍ରିକ୍ ଟନ୍ ବାର୍ଷିକ କ୍ଷମତା ବିଶିଷ୍ଟ ଫ୍ଲେକ୍ସିବଲ୍ ଇଣ୍ଟରମିଡିଏଟ୍ ବଲ୍କ କଣ୍ଟେନର୍ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉତ୍ପାଦ ପାଇଁ ଏକ ନୂତନ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବାକୁ ଯାଉଛି, ଯାହାଦ୍ୱାରା ୩୧୦ କର୍ମ ନିଯୁକ୍ତି ମିଳିବ। ମେଟାଲ ଡାଉନଷ୍ଟ୍ରିମ୍ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ୨ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ବିକେ ଉତ୍କଳ ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍ ଓ ଆଇଏଫ୍ ଜିଏଲ୍ ରିଫ୍ରାକ୍ଟୋରିଜ୍ ଲିମିଟେଡ୍‌ର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏଥିରେ ୨୬୦ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶରେ ଓଡ଼ିଶାର ୩୫୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଦେଶର ଅନ୍ୟତମ ଅଗ୍ରଣୀ ରିଫ୍ରାକ୍ଟରୀ ନିର୍ମାତା ଆଇଏଫଜିଏଲ୍ ରିଫ୍ରାକ୍ଟୋରିଜ୍ ଲିମିଟେଡ୍ ରାଜ୍ୟରେ ଏହାର ୨ୟ ୟୁନିଟ୍ ସ୍ଥାପନ କରୁଥିବା ବେଳେ ଅଗ୍ରଣୀ ଧାତବ କ୍ଷେତ୍ରର କମ୍ପାନୀ ବିକେ ଉତ୍କଳ ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍ ରାଜ୍ୟରେ ଏହାର ୩ୟ ୟୁନିଟ୍ ସ୍ଥାପନ କରୁଛି। ଆଇଟି ଏବଂ ଇଏସଡିଏମ କ୍ଷେତ୍ରରେ କମିଟି 'ନିସୁମ କନସଲଟିଂ ପ୍ରାଇଭେଟ ଲିମିଟେଡ' ଦ୍ୱାରା ଅଥରିଟି ୨୦୦ କୋଟି ଟଙ୍କା ନିବେଶରେ ଗୋଟିଏ ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ଗୋଟିଏ ସଫ୍ଟୱେର ଡେଭଲପମେଣ୍ଟ ସେଣ୍ଟର ପ୍ରତିଷ୍ଠା ପାଇଁ କମ୍ପାନୀ ପ୍ରସ୍ତାବ ଦେଇଛି, ଯାହା ଓଡିଶାରେ ୬୪୦ରୁ ଅଧିକ ଲୋକଙ୍କୁ ରୋଜଗାର ସୁଯୋଗ ପ୍ରଦାନ କରିବ।

# ପ୍ରେମିକାଙ୍କ ନାଁରେ ୯୦୦ କୋଟିର ସମ୍ପତ୍ତି



ଇଟାଲୀର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ସିଲ୍‌ଭିଓ ବର୍ଲୁସ୍କୋନିଙ୍କ ସହ ତାଙ୍କ ବାନ୍ଧବୀ ମାର୍ଟା ଫାସିନା।

ରୋମ୍,୧୦।୭

ଇଟାଲୀର ପୂର୍ବତନ ପ୍ରଧାନମନ୍ତ୍ରୀ ସିଲ୍‌ଭିଓ ବର୍ଲୁସ୍କୋନି ଜଣେ ରାଜନେତା ଭାବେ ଯେତିକି ପରିଚିତ ସେତିକି ବିବାଦୀୟ ମଧ୍ୟ। ଦିନେ ସେ ନିଜକୁ ଯିଶୁ ଖ୍ରୀଷ୍ଟଙ୍କ ସହ ତୁଳନା କରିଥିଲେ। ଜୀବନର ଅଧିକାଂଶ ସମୟ ସେ କୋର୍ଟ ମାମଲାରେ କାଟିଛନ୍ତି। ଗତ ଜୁନ୍‌ରେ ୮୬ ବର୍ଷ ବୟସରେ ବର୍ଲୁସ୍କୋନିଙ୍କ ପରଲୋକ ଘଟିଥିବାବେଳେ ବର୍ତ୍ତମାନ ତାଙ୍କ ଇଚ୍ଛାପତ୍ରକୁ ନେଇ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ବର୍ଲୁସ୍କୋନି ୯୦୦ କୋଟି ଟଙ୍କାର (୧୦୦ ମିଲିୟନ୍ ୟୁରୋ) ସମ୍ପତ୍ତି ଗାର୍ଲଫ୍ରେଣ୍ଡ ମାର୍ଟା ଫାସିନାଙ୍କ ନାଁରେ କରିଛନ୍ତି। ତାଙ୍କ ଇଚ୍ଛାପତ୍ର ଅନୁସାରେ, ସେ ମୋଟ ୬ ବିଲିୟନ୍ ୟୁରୋ (୫,୪୨,୭୫,୫୩,୪୬,୧୬୦ ଟଙ୍କା) ସମ୍ପତ୍ତିର ଅଧିକାରୀ। ୨୦୨୦ ମାର୍ଚ୍ଚରେ ବର୍ଲୁସ୍କୋନି ଓ ଫାସିନା ସମ୍ପର୍କରେ ଆସିଥିଲେ। ବର୍ଲୁସ୍କୋନି ଫାସିନାଙ୍କୁ ବିବାହ କରି ନାହାନ୍ତି। ହେଲେ ୩ଥର ଇଟାଲୀର ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ଥିବା ବର୍ଲୁସ୍କୋନିଙ୍କ ଗତମାସ ୧୨ ତାରିଖରେ ପରଲୋକ ଘଟିଥିବାବେଳେ ମୃତ୍ୟୁ ଶଯ୍ୟାରେ ଥିବା ସମୟରେ ସେ ଫାସିନାଙ୍କୁ ସ୍ତ୍ରୀ ବୋଲି ସମ୍ବୋଧନ କରିଥିଲେ। ଗତ ମଙ୍ଗଳବାର ବର୍ଲୁସ୍କୋନିଙ୍କ ୫ ପିଲା ଓ ସାକ୍ଷୀଙ୍କ ସମ୍ମୁଖରେ ତାଙ୍କ ଇଚ୍ଛାପତ୍ର ପଢ଼ାଯାଇଛି। ୩୩ ବର୍ଷୀୟା ଫାସିନା ଇଟାଲୀ ପାର୍ଲାମେଣ୍ଟର ଲୋୟର ଚାମ୍ବର ସଦସ୍ୟ ଭାବେ ୨୦୧୮ରେ ମନୋନୀତ ହୋଇଥିଲେ। ସେ ଏବେ ରାଜନୈତିକ ଦଳ ଫୋରଜା ଇଟାଲିଆ ଉପମୁଖ୍ୟ। ୧୯୯୪ରେ ବର୍ଲୁସ୍କୋନି ପ୍ରଥମ କରି ରାଜନୀତିରେ ପାଦ ଦେଇଥିବାବେଳେ ଫୋରଜା ଇଟାଲିଆ ଦଳ ପ୍ରତିଷ୍ଠା କରିଥିଲେ। ମାରିନା ଏବଂ ପିଅର ସିଲଭିଓ ବର୍ଲୁସ୍କୋନିଙ୍କ ଦୁଇ ପିଲା ବ୍ୟବସାୟ କଥା ବୁଝାଶୁଝା କରୁଛନ୍ତି। ବର୍ଲୁସ୍କୋନି ତାଙ୍କ ଭାଇ ପାଓଲୋଙ୍କ ପାଇଁ ୧୦୦ ମିଲିୟନ୍ ୟୁରୋ (୯,୦୫,୦୨,୦୦,୦୦୦ ଟଙ୍କା) ଏବଂ ତାଙ୍କ ପୂର୍ବତନ ସିନେଟର ମର୍କେଲୋ ଡେଲ୍‌ଉଟ୍ରିଙ୍କ ପାଇଁ ୩୦ ମିଲିୟନ ୟୁରୋ (୨,୭୧,୫୦,୬୦,୦୦୦) ସମ୍ପତ୍ତି ଛାଡ଼ିଯାଇଥିବା ୱିଲ୍‌ରେ ଉଲ୍ଲେଖ ରହିଛି। ମାଫିଆଙ୍କ ସହିତ ସମ୍ପୃକ୍ତି ନେଇ ମାର୍କେଲୋ ଏବେ ଜେଲରେ ସଜା କାଟୁଛନ୍ତି। ବଳକା ସମ୍ପତ୍ତିକୁ ତାଙ୍କ ୫ ପିଲା ମାରିନା, ପିଅର ସିଲ୍‌ଭିଓ, ବାରବରା, ଇଲେଓନୋରା ଏବଂ ଲୁଇଜିଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟି ଦେବା ପାଇଁ ବର୍ଲୁସ୍କୋନି ତାଙ୍କ ୱିଲରେ କହିଛନ୍ତି। ଟାକ୍ସ ହେରଫେର୍ ନେଇ ଦୋଷୀ ପ୍ରମାଣିତ ହେବା ପରେ ବର୍ଲୁସ୍କୋନିକୁ ୬ ବର୍ଷ ପର୍ଯ୍ୟନ୍ତ ରାଜନୀତିରୁ ବାସନ୍ଦ କରାଯାଇଥିଲା। ରକ୍ତ କର୍କଟରେ ଆକ୍ରାନ୍ତ ହେବାପରେ ମଧ୍ୟ ସେ ରାଜନୀତି ସହ ଜଡ଼ିତ ଥିଲେ। ବର୍ଲୁସ୍କୋନି ଇଟାଲୀ ପୂର୍ବତନ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କ ରାଇଟ୍-ୱିଙ୍ଗ ସରକାରରେ ସହଯୋଗୀ ଏବଂ ସିନେଟର ଭାବେ କାର୍ଯ୍ୟ କରୁଥିଲେ।

# ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ହେବ

## କ୍ୟାବିନେଟ୍ ନିଷ୍ପତ୍ତି

ଭୁବନେଶ୍ୱର,୧୦।୭(ଅନିଲ ଦାସ)

ରାଜ୍ୟରେ ବିଦ୍ୟୁତ୍ ବିତରଣ ଭିତ୍ତିଭୂମି ସୁଦୃଢ଼ୀକରଣ ପାଇଁ ଟ୍ରାନ୍ସଫରମରଗୁଡ଼ିକର କ୍ଷମତା ବୃଦ୍ଧି, ପୁରୁଣା ଓ କ୍ଷତିଗ୍ରସ୍ତ ବିଦ୍ୟୁତ୍ ତାର ପରିବର୍ତ୍ତନ, ନୂତନ ୩୩ କେ.ଭି. ଏବଂ ୧୧ କେ.ଭି. ଲାଇନ ନିର୍ମାଣ, ୩୩ କେ.ଭି. ଏବଂ ୧୧ କେ.ଭି. ଲାଇନକୁ ମଜଭୁତ କରିବା, ସିଙ୍ଗଲ ଫେଜ ଏଲ୍‌ଟି ନେଟ୍‌ୱର୍କକୁ ଥ୍ରୀ ଫେଜ୍ କରିବା ଆଦି କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡିଏସ୍ଏସ୍‌ପି କାର୍ଯ୍ୟକ୍ରମର ପଞ୍ଚମ ପର୍ଯ୍ୟାୟ ପାଇଁ ୧୨୮୪.୪୯ କୋଟି ଟଙ୍କାର ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ଦ୍ୱାରା ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ କରାଯିବ। ଏହାଦ୍ୱାରା ଗ୍ରାମାଞ୍ଚଳର ଲୋଭୋଲଟେଜ ସମସ୍ୟାର ସମାଧାନ ହୋଇପାରିବ। ଶକ୍ତି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଚତୁର୍ଥ ପର୍ଯ୍ୟାୟରେ ଏଥିପାଇଁ ୧୭୯୬ କୋଟି ଟଙ୍କାର ପ୍ରକଳ୍ପକୁ ପୂର୍ବରୁ କ୍ୟାବିନେଟ୍ ମଞ୍ଜୁର କରିଥିଲେ। ଏହି ପର୍ଯ୍ୟାୟ ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି।

ରାଜ୍ୟ ସରକାର ଓଡ଼ିଶା ସଚିବାଳୟ କାର୍ଯ୍ୟନିର୍ବାହୀ ସହାୟକ ଓ ବ୍ୟକ୍ତିଗତ ସହାୟକ (ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତ) ନିୟମାବଳୀ ୧୯୯୬ର ସଂଶୋଧନ କରିଛନ୍ତି। ପୂର୍ବ ପ୍ରଚଳିତ ନିୟମାବଳୀରେ 'ଘ'ବର୍ଗକୁ 'ଗ' ବର୍ଗକୁ ପଦୋନ୍ନତି ପାଇଁ ଥିବା ୫% ପଦୋନ୍ନତି ବ୍ୟବସ୍ଥାକୁ ୨୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ସୋମବାର ରାଜ୍ୟ କ୍ୟାବିନେଟ୍‌ରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି।

ସେହିପରି ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ବଲାଙ୍ଗୀର ତହସିଲ ଅଧୀନ ବଲାଙ୍ଗୀର (ଗ) ମୌଜାରେ ଏ୮.୬୯୩ ଡିସିମିଲ ସରକାରୀ ଜମି ବିନା ପ୍ରିମିୟମରେ ଲିଜ୍ ସୂତ୍ରରେ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ଲିଜ୍ ନିମନ୍ତେ ବାର୍ଷିକ ଭୂ- ରାଜସ୍ୱ ଓ ସେସ୍ ବାବଦକୁ ମାତ୍ର ୧ ଲକ୍ଷ ପ୍ରଦାନ କରିବେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି।

ରାଜ୍ୟ ସରକାର ଇଡ୍‌କୋ ଦ୍ୱାରା ବିଭିନ୍ନ ଶିଳ୍ପ ସଂସ୍ଥାକୁ ଦେଇଥିବା ଲିଜ୍ ଜମି ଅବ୍ୟବହୃତ ହୋଇ ରହିଛି। ସେହି ଜମିକୁ ଫେରାଇ ଆଣିବା କିମ୍ବା ପୁନର୍ବାର ଉକ୍ତ ଉଦ୍ୟୋଗ ନାମରେ ଲିଜ୍ ଦଲିଲ କରିବା ପାଇଁ ଆବଶ୍ୟକ ଷ୍ଟାମ୍ପ ଦେୟ ଓ ପଞ୍ଜୀକରଣ ଫି' କୁ ଛାଡ଼ କରିଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ସେହିପରି କୋରାପୁଟ ଜିଲାର ଲମତାପୁଟ ଡିଗ୍ରୀ ମହାବିଦ୍ୟାଳୟକୁ ସରକାର ଦେଇଥିବା ୫ ଏକର ଲିଜ୍ ଜମି ଉପରୁ ପ୍ରିମିୟମ ଓ ଇନ୍‌ସିଡେଣ୍ଟାଲ ଚାର୍ଜ ଛାଡ଼ କରିଛନ୍ତି। ଡିଗ୍ରୀ କଲେଜ କର୍ତ୍ତୃପକ୍ଷଙ୍କୁ ଜମିର ବଜାର ମୂଲ୍ୟର ୦.୨୫ ପ୍ରତିଶତ ବାର୍ଷିକ ଭୂ-ରାଜସ୍ୱ ଏବଂ ଭୂ-ରାଜସ୍ୱର ୭୫ ପ୍ରତିଶତ ସେସ୍ ବାବଦକୁ ଦେବାକୁ ପଡ଼ିବ। ସେହିପରି ମୟୂରଭଞ୍ଜ ଜିଲାର ଉଦଳା ତହସିଲ ଅନ୍ତର୍ଗତ ନୀଳ କଇଁସାରି ମୌଜାରେ କାଲୋ ଜଳସେଚନ କେନାଲର ଜଳ ମାଡ଼ୁ ନ ଥିବା ଚାଷଜମିରୁ ଏକକାଳୀନ ୪,୩୭,୧୨୦ ଟଙ୍କା ଏବଂ ଆଗକୁ ଆଦାୟ ହେବାକୁ ଥିବା ୩୬,୧୦୩ ଟଙ୍କା ଜଳକର ଛାଡ଼ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଉକ୍ତ ଚାଷ ଜମିଗୁଡ଼ିକୁ କେନାଲର ଆୟକଟ ଅଞ୍ଚଳରୁ ବାଦ୍ ଦିଆଯିବା ପାଇଁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଉକ୍ତ ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି।

# ଭଦ୍ରକ ଜିଲା ବିଜେଡି କମିଟି ପୁନର୍ଗଠିତ: ଜଗନ୍ନାଥ ସ୍ୱାଇଁ ସଭାପତି

ଭୁବନେଶ୍ୱର,୧୦।୭(ଅନିଲ ଦାସ)

ବିଜୁ ଜନତା ଦଳର ଭଦ୍ରକ ଜିଲା ସାଙ୍ଗଠନିକ କମିଟି ପୁନର୍ଗଠନ କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗଠନ କରାଯାଇଥିବା ଏହି କମିଟିରେ ଜଣେ ସଭାପତି, ୧୩ ଜଣ ଉପସଭାପତି, ୨୮ ଜଣ ସାଧାରଣ ସମ୍ପାଦକ, ୨୪ ଜଣ ସମ୍ପାଦକ, ୭ ଜଣ ବ୍ଲକ ସଭାପତି, ୪ ଜଣ ମ୍ୟୁନିସିପାଲିଟି ଓ ଏନ୍ଏସି ସଭାପତି ଏବଂ ଜଣେ କୋଷାଧ୍ୟକ୍ଷଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲା ସଙ୍ଗଠନ ସଭାପତି ଭାବେ ଜଗନ୍ନାଥ ସ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଉପସଭାପତି ଭାବେ ମୁକ୍ତିକାନ୍ତ ମଣ୍ଡଳ, ବିଜୟ କୁମାର ନାୟକ, ମଳୟ କୁମାର ଜେନା, ଅଶୋକ କୁମାର ଜେନା, ପ୍ରତାପ ଚନ୍ଦ୍ର ଧଳ, ପ୍ରଫୁଲ୍ଲ ଜେନା, ରଘୁନାଥ ଲେଙ୍କା, ବଳଭଦ୍ର ଲେଙ୍କା, ସୁରେନ୍ଦ୍ର ନାଥ ନାୟକ, ପ୍ରଶାନ୍ତ କୁମାର ଦାସ, ଅଶୋକ କୁମାର ବଳ, ନରେଶ ମାଝି ଏବଂ ଶରତ ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଉପସଭାପତି ଭାବେ ବ୍ଲକ୍ ସଭାପତି ଭାବେ ବାସୁଦେବପୁର ବ୍ଲକ୍ ପାଇଁ ଦୀନବନ୍ଧୁ ଦାସଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ବନ୍ତ ପାଇଁ ଲକ୍ଷ୍ମୀକାନ୍ତ ମହାନ୍ତି, ଭଣ୍ଡାରିପୋଖରୀ ପାଇଁ ଲକ୍ଷ୍ମୀଧର ସାହୁ, ଚାନ୍ଦବାଲି ପାଇଁ ଦ୍ୱିଜବର ରାଉତ, ତିହିଡି ପାଇଁ ରଘୁନାଥ ପଣ୍ଡା, ଧାମନଗର ପାଇଁ ଉମେଶ ମହାନ୍ତି ଏବଂ ଭଦ୍ରକ ପାଇଁ ପ୍ରଫୁଲ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲା ସଙ୍ଗଠନର କୋଷାଧ୍ୟକ୍ଷ ଭାବେ ପ୍ରଦୀପ କୁମାର ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇଛି।

ପ୍ରଥମ ପୃଷ୍ଠାରୁ...

## ଗ୍ରାମାଞ୍ଚଳର ରୂପରେଖ...

ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଯୋଗାଇ ଦିଆଯିବ। ଉକ୍ତ ଅର୍ଥରୁ ଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରାର ପ୍ରୋତ୍ସାହନ, ସଂରକ୍ଷଣ ଏବଂ ସୁରକ୍ଷା, ଅଧିକ ସଂଖ୍ୟାରେ ତୀର୍ଥଯାତ୍ରୀଙ୍କର ସମାଗମ ହେଉଥିବା ଉପାସନା ସ୍ଥଳୀଗୁଡ଼ିକରେ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ୧୦ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଖର୍ଚ୍ଚ କରିପାରିବେ। ଏହି ଅର୍ଥ ପାଇବାକୁ ହେଲେ ପଞ୍ଚାୟତଗୁଡ଼ିକ ପ୍ରକଳ୍ପ ତାଲିକା ପ୍ରସ୍ତୁତ କରି ବ୍ଲକକୁ ପଠାଇବେ। ସେଠାରୁ ପ୍ରସ୍ତାବ ଜିଲାପାଳ ଏବଂ ଜିଲାପରିଷଦ ସଭାପତିଙ୍କ ଦସ୍ତଖତ ସହିତ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗକୁ ପଠାଯିବ। ଏହି ଯୋଜନାରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପର ମୂଲ୍ୟ ୨ ଲକ୍ଷ ୫୦ ହଜାରରୁ ୧୦ ଲକ୍ଷ ଟଙ୍କା ମଧ୍ୟରେ ରହିବ। ଆବଶ୍ୟକ ସ୍ଥଳେ ସରକାର ଏହି ସୀମାକୁ ପରିବର୍ତ୍ତନ କରିପାରିବେ। ପ୍ରକଳ୍ପଗୁଡ଼ିକ ପଞ୍ଚାୟତ ସମିତି ଦ୍ୱାରା ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ ହେବ। ପୂଜାସ୍ଥଳ ଓ ଐତିହାସିକ ସ୍ଥାନର ବିକାଶ ତଥା ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ସୁବିଧାର ବିକାଶ ନିମନ୍ତେ ପ୍ରତ୍ୟେକ ଗାଁରେ ୧୦ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଖର୍ଚ୍ଚ କରାଯାଇପାରିବ। ପଞ୍ଚାୟତଗୁଡ଼ିକରେ ଆଧୁନିକ ଭିତ୍ତିଭୂମିର ବିକାଶ ପାଇଁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରିବ। ପ୍ରକଳ୍ପଗୁଡ଼ିକର ସ୍ୱଚ୍ଛତା ବଜାୟ ରଖିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ଏକ ୱେବ ଆଧାରିତ ଏମ୍ଆଇଏସ୍ ଏବଂ ଏକ ମୋବାଇଲ ଆପ୍ ବିକଶିତ କରାଯିବ। ପ୍ରତ୍ୟେକ ପ୍ରକଳ୍ପଗୁଡ଼ିକର ଜିଆଇଏସ୍ ଟ୍ୟାଗିଂ କରାଯିବ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ଯୋଜନା ସହ ମୋଟ ୯ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। 'ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା କ୍ୟାବିନେଟ୍ ଅନୁମୋଦନ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହା ଓଡ଼ିଶାରେ ଏକ ନୂଆ ଯୁଗର ଆରମ୍ଭ କରିବ। ଏହା ଏକ ଆଧୁନିକ ପ୍ରଗତିଶୀଳ ଓ ସମ୍ବେଦନଶୀଳ ଓଡ଼ିଶା ଗଠନରେ ସହାୟକ ହେବ। ଓଡ଼ିଶା ସବୁବେଳେ ତା'ର ସଂସ୍କୃତି, ପରମ୍ପରା ଓ ଇତିହାସ ସହିତ ଦୃଢ଼ ଭାବରେ ଯୋଡ଼ି ହୋଇ ରହିଛି। ଓଡ଼ିଶା ହେଉଛି ସେହି ଭୂମି, ଯେ କି ସାରା ବିଶ୍ୱକୁ ଜଗନ୍ନାଥ ସଂସ୍କୃତି ପରି ମହାନ୍ ସଂସ୍କୃତି ସହ ପରିଚିତ କରାଇଛି। ଜଗନ୍ନାଥ ସଂସ୍କୃତି ବିଶ୍ୱପ୍ରେମ, ସେବା ଓ ସମାନତାକୁ ଗୁରୁତ୍ୱ ଦେଇଛି। ସମସ୍ତଙ୍କୁ ସମାନ ଭାବରେ ଆଦରି ନେଇଛି। ଜାତି ଓ ସଂପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କୁ ନିଜର କରିପାରିଛି। ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ ପାଇଁ ଏହି ଯୋଜନାରେ ଅନେକ ଐତିହାସିକ ପଦକ୍ଷେପ ନିଆଯାଇଛି। ଏଥିରେ ସ୍ଥାନୀୟ ପୂଜାସ୍ଥଳୀ ତଥା ଐତିହାସିକ ଗୁରୁତ୍ୱ ଥିବା ସ୍ଥାନଗୁଡ଼ିକର ସୁରକ୍ଷା ଏବଂ ଭକ୍ତ ଓ ପର୍ଯ୍ୟଟକମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ଗ୍ରାମପଞ୍ଚାୟତ ଏହି ଯୋଜନାରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରି କାମ କରିପାରିବେ। ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଇତିହାସ ଓ ଆଧ୍ୟାତ୍ମିକତା ସହ ଯୋଡ଼ି ହୋଇ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ସେସବୁ ସ୍ଥାନଗୁଡ଼ିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ। 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଜରିଆରେ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ହିଁ ଏହି କାମକୁ ଅଧିକ ଦକ୍ଷତାର ସହ କରିପାରିବ ବୋଲି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗାଁରେ ଆଧୁନିକ ମୌଳିକ ସୁବିଧାର ବିକାଶ ହେବା ସହ ଶିକ୍ଷା ଭିତ୍ତିଭୂମି କ୍ଷେତ୍ରରେ ଥିବା ପ୍ରଭେଦ ଦୂର ହେବ। ପଞ୍ଚାୟତ ସ୍ତରରେ ଏସବୁ ପରିକଳ୍ପନାକୁ ଆଗେଇ ନେବା ପାଇଁ ସୁଯୋଗ ସୃଷ୍ଟି କରିବ।'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଗାଁର ମନ୍ଦିରଗୁଡ଼ିକର ପୁନରୁଦ୍ଧାରଠାରୁ ଆରମ୍ଭ କରି ଡିଜିଟାଲ ଭିତ୍ତିଭୂମି ଭଳି ଭବିଷ୍ୟମୁଖୀ ଯୋଜନା କରାଯିବ। ଉଭୟ କାମ ଏକ ସମୟରେ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସେମିକଣ୍ଡକ୍ଟର ନିର୍ମାଣରୁ...

ନିଷ୍ପତ୍ତି ନେଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଅଭିଳାଷକୁ କମ୍ପାନୀ ସମର୍ଥନ ଜାରି ରଖିବ ବୋଲି କହିଛି। ଅନ୍ୟ ପକ୍ଷରେ ବେଦାନ୍ତ ଏହାର ସେମିକଣ୍ଡକ୍ଟର ପ୍ରକଳ୍ପ ପାଇଁ ନିଜର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛି। ଭାରତରେ ତୁରନ୍ତ ଜଏଣ୍ଟ ଭେଞ୍ଚର ସ୍ଥାପନ ଲାଗି ଅନ୍ୟ କମ୍ପାନୀଗୁଡ଼ିକ ସହ ଯୋଗାଯୋଗ ଚାଲିଥିବା ବେଦାନ୍ତ କହିଛି। ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଭାରତରେ ନୂଆ ଯୁଗ ଆଣିବା ସହ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ପ୍ରଧାନମନ୍ତ୍ରୀ ଚିପ୍ ନିର୍ମାଣ ଉପରେ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଏବେ ଫକ୍ସକନ୍ ଗୁଜରାଟରେ ସେମିକଣ୍ଡକ୍ଟର ନିର୍ମାଣରୁ ଓହରିଯାଇଥିବାରୁ ଏବେ ଚିପ୍ ନିର୍ମାଣ ପାଇଁ ବିଦେଶୀ ନିବେଶକଙ୍କୁ ଆକୃଷ୍ଟ କରିବା କଷ୍ଟକର ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ବେଦାନ୍ତ ସହ ଜଏଣ୍ଟ ଭେଞ୍ଚରରୁ ଓହରିଯିବା ଲାଗି ଫକ୍ସକନ୍‌ର ନିଷ୍ପତ୍ତି ଭାରତର ସେମିକଣ୍ଡକ୍ଟର ଉତ୍ପାଦନ ପ୍ଲାଣ୍ଟ ଲକ୍ଷ୍ୟକୁ ପ୍ରଭାବିତ କରିବ ନାହିଁ ବୋଲି ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର କହିଛନ୍ତି। ଉଭୟ କମ୍ପାନୀ ଭାରତରେ ପର୍ଯ୍ୟାପ୍ତ ପୁଞ୍ଜିନିବେଶ କରିଥିବାବେଳେ ନିଯୁକ୍ତି ସୃଷ୍ଟି ଓ ଅଭିବୃଦ୍ଧିରେ ସେମାନଙ୍କର ଯଥେଷ୍ଟ ଅବଦାନ ରହିଥିବା ଚନ୍ଦ୍ରଶେଖର ଟୁଇଟ୍ କରିଛନ୍ତି।

## ୩ ମାସରେ ରେରା...

ରାଜ୍ୟ ସରକାର ଗତ ବିଧାନସଭା ଅଧିବେଶନରେ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଅଧିନିୟମ ୨୦୨୩ ଅନୁମୋଦନ କରିବାକୁ ଉପସ୍ଥାପନ କରିଥିଲେ। ହେଲେ ଶେଷ ମୁହୂର୍ତ୍ତରେ ତାହାକୁ ପ୍ରତ୍ୟାହାର କରିନେଇଥିଲେ। ନିକଟରେ ବିଧାନସଭା ଅଧିବେଶନ ନ ଥିବାରୁ ରାଜ୍ୟ ସରକାର ଅଧ୍ୟାଦେଶ ଜରିଆରେ ଉକ୍ତ ଅଧିନିୟମକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲେ। ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ଅଧ୍ୟାଦେଶକୁ ମେ' ୨୯ରେ ଅନୁମୋଦନ କରାଯାଇଥିଲା। ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଅଧିନିୟମ-୧୯୮୨(୧୯୮୪ର ଓଡ଼ିଶା ଧାରା ୧)କୁ ଉଚ୍ଛେଦ କରି ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଅଧ୍ୟାଦେଶ-୨୦୨୩ କାର୍ଯ୍ୟକାରୀ କରିବା ନିମନ୍ତେ ଉକ୍ତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ରିଅଲ ଇଷ୍ଟେଟ୍ (ନିୟମାବଳୀ ଓ ବିକାଶ) ଅଧିନିୟମ-୨୦୧୬ ଏବଂ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ନିୟମ-୨୦୨୧ ମଧ୍ୟରେ ପରସ୍ପର ବିରୋଧାଭାସ ନିୟମ ରହିବାରୁ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ନିୟମ-୨୦୨୧ର ବିଜ୍ଞପ୍ତିକୁ ବିରୋଧ କରି ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ଏଥିଯୋଗୁ ଆପାର୍ଟମେଣ୍ଟ ପଞ୍ଜୀକରଣ ବର୍ଷେ ହେବ ବନ୍ଦ ରହିଛି। ଫଳରେ ବିକ୍ରୟ କବଲା ପଞ୍ଜୀକରଣ ହେଉ ନ ଥିବାରୁ ରାଜ୍ୟ ସରକାର ମଧ୍ୟ ରାଜସ୍ୱ ହରାଉଛନ୍ତି। ଆପାର୍ଟମେଣ୍ଟକୁ ପ୍ରୋତ୍ସାହନ, ରକ୍ଷଣାବେକ୍ଷଣ ଓ ଉତ୍ତରାଧିକାରୀ ତଥା ହସ୍ତାନ୍ତର ଅଧିକାର ସୁନିଶ୍ଚିତ କରିବାକୁ ଅଧିନିୟମରେ ବ୍ୟବସ୍ଥା ରହିଛି। ଏଥିରେ ଆପାର୍ଟମେଣ୍ଟ ମାଲିକମାନଙ୍କର ସାଧାରଣ ଏରିଆ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ସ୍ଥାନ ଉପରେ ଅଧିକାର ବ୍ୟବସ୍ଥା ମଧ୍ୟ ରହିଛି। ତେବେ ନିୟମାବଳୀ ରୁଜୁ ହୋଇ ନ ଥିବା କାରଣରୁ ଅଧ୍ୟାଦେଶ କାର୍ଯ୍ୟକ୍ଷମ ହୋଇପାରୁ ନ ଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ରାହୁଯୁକ୍ତ ଚନ୍ଦ୍ର ହେତୁ ପାରିବାରିକ ସମସ୍ୟାଜନିତ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆର୍ଥିକ ଅନଟନକୁ କେନ୍ଦ୍ରକରି ଘରୋଇ ଅଶାନ୍ତି ମନକୁ ବିଚଳିତ କରିବ। ଦ୍ୱିଜା ନକ୍ଷତ୍ର ବିଳାସବ୍ୟସନ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ କରିବାର ସୁଯୋଗ ପାଇବେ। ବ୍ୟବସାୟ, ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଆଶାଜନକ ଫଳପ୍ରାପ୍ତି ଘଟିବ।

**ବୃଷ** - କର୍ମାଧିପଙ୍କ ସ୍ୱଗୃହ ସ୍ଥିତି ପାରିବାରିକ ଅସ୍ଥିରତା ସୃଷ୍ଟି କଲେ ମଧ୍ୟ କାର୍ଯ୍ୟସାଧନରେ ସହାୟକ ହେବ। କିଛି ମୂଲ୍ୟବାନ୍ ଜିନିଷ କିଣିବା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧିପାଇବ। ସାହିତ୍ୟ , ସାମ୍ବାଦିକତା, କଳା ଓ ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ। ପ୍ରଶାସନିକ ଓ ପାରିବାରିକ କ୍ଷେତ୍ରରେ ମଧ୍ୟ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ମିଥୁନ** - ତୃତୀୟାଧିପ ରାଶିରେ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସମ୍ମାନ ଓ ସଦିଚ୍ଛା ଲାଭର ସୁଯୋଗ ମିଳିବ। ଘରୋଇ କାମରେ ଅନ୍ୟର ସାହାଯ୍ୟ ଓ ସହାନୁଭୂତି ଲାଭ କରି କାମ ହାସଲ କରିବେ। ଅନ୍ୟମନସ୍କ ହେତୁ ଧନହାନି ଘଟିବା ପୂର୍ଣ୍ଣ ସୂଚନା ରହିଛି। କର୍ମକ୍ଷେତ୍ରରେ ସ୍ଥିର ମନରେ କାମ କରନ୍ତୁ ନଚେତ୍ ଅନ୍ୟମାନେ ଭୁଲ୍ ବୁଝିପାରନ୍ତି।

**କର୍କଟ** - ଆଜି ଆଶା କରିଥିବା ଜିନିଷଟି ଅଚାନକ ପାଇଯିବେ। ବୁଧଙ୍କ ପ୍ରଭାବରେ ବ୍ୟବସାୟ, ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟାର ସମାଧାନ ପାଇଁ ଉଦ୍ୟମକଲେ ସୁଫଳ ପାଇବେ। ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ସହ ମାଲିମକଦ୍ଦମାରେ କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ। ପରିବହନ, ଦୋକାନ, ହୋଟେଲରୁ ମଧ୍ୟ ଲାଭବାନ୍ ହୋଇପାରନ୍ତି।

**ସିଂହ** - ଏକାଦଶସ୍ଥ ରାଶ୍ୟାଧିପତି ଯୋଗୁ ଯାହା ଇଚ୍ଛା କରୁଛନ୍ତି, ତାହା ନିର୍ଦ୍ଦିଷ୍ଟ ସମୟରେ ପାଇବେ। କେତେକ ଅକୁହା ଦୁଃଖ ମନରେ ଉଙ୍କିମାରିବ। ବ୍ୟବସାୟରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଦେଖା ଦେଇପାରେ। ଅଫିସ କାମରେ ସବୁକଥାକୁ ସରଳ ଓ ସହଜଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ।

**କନ୍ୟା** - ଆଜି ଅଷ୍ଟମସ୍ଥ ଚନ୍ଦ୍ର ସହ ରାହୁଙ୍କ ସଂଯୋଗ ସମସ୍ତ ଅନର୍ଥର କାରଣ ସାଜିପାରେ। ବିଭିନ୍ନ କ୍ଷେତ୍ରରେ କୌଶଳରେ କାମ ହାସଲ କରିବେ, କିନ୍ତୁ ମନରେ ଅସ୍ଥିରତା ଲାଗି ରହିବ। ଅନ୍ୟମାନଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସାଙ୍ଗଠନିକ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଦେଇ ପ୍ରିୟଭାଜନ ହେବେ।

**ତୁଳା** - ନୀଚାରୋହୀ ଶୁକ୍ର ହେତୁ ନିଜ ଲୋକଙ୍କ ବିମୁଖ ଭାବ ଚିନ୍ତାର କାରଣ ହେବ। ଯେତେ ରାଗିଥିଲେ ମଧ୍ୟ ବନ୍ଧୁଙ୍କୁ କିଛି କହିପାରିବେ ନାହିଁ। ପାନମସଲା, ତେଜରାତି ଦୋକାନ, ହୋଟେଲ ଓ ଷ୍ଟେଶନେରି ବ୍ୟବସାୟରୁ ଆଜି ଭଲ ଲାଭ ହେବ। ନିଜ ମନଇଚ୍ଛା କାମକରି ପରିବାର ବ୍ୟକ୍ତିଙ୍କ ପରୋକ୍ଷ ସମାଲୋଚନାର ଶିକାର ହୋଇପାରନ୍ତି।

**ବିଛା** - ଶନି ଦୃଷ୍ଟ ମଙ୍ଗଳଜନିତ ନିଜ ମନର ଅସୁସ୍ଥତା ହେତୁ ପ୍ରତ୍ୟେକ ବ୍ୟକ୍ତିଙ୍କ କଥାକୁ ଓଲଟା ଅର୍ଥରେ ଗ୍ରହଣ କରିବେ। କୌଣସି ଅଭାବ ଅସୁବିଧା ନ ଥିଲେ ମଧ୍ୟ ମନ ଅଶାନ୍ତ ରହିବ। ନିଜ ପ୍ରତି ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରୁଥିବା ବ୍ୟକ୍ତିମାନେ ଅଶାଳୀନ ମନ୍ତବ୍ୟ ଦେବେ। ବ୍ୟବସାୟ ଦିଗଟି ସମ୍ପୂର୍ଣ୍ଣ ସନ୍ତୋଷଜନକ ହୋଇ ନ ପାରେ।

**ଧନୁ** - ପାପଗ୍ରହଯୁକ୍ତ ଗୁରୁଙ୍କ ହେତୁ ଘରେ ଅଶାନ୍ତି ସୃଷ୍ଟି ହେବ। ପରିବହନରେ ଝଗଡ଼ା, ନିର୍ମାଣରେ ବିଳମ୍ବ କର୍ମକ୍ଷେତ୍ରରେ ସମସ୍ୟା ବୃଦ୍ଧି କରିବ। ସମୟର ପ୍ରତିକୂଳତାରୁ ଯାନବାହନରେ ଆଘାତ, ଜମିଜମା କଳହକୁ ଏଡ଼ିହେବ ନାହିଁ। ରାଜନୀତି, ପ୍ରଶାସନ, ସଭାସମିତି, ସାମ୍ବାଦିକତା, ଗବେଷଣା ପାଇଁ ଦିନଟି ମଧ୍ୟମ ଧରଣର ହେବ।

**ମକର** - ପାରିବାରିକ ସମସ୍ୟାର ସମାଧାନ କରିବାରେ ସମ୍ପର୍କୀୟଙ୍କ ସାହାଯ୍ୟ ପାଇବା କଷ୍ଟକରହେବ। ରୋଗ ଶଯ୍ୟାରେ ପଡ଼ିଥିବା ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ମନ ଖୁସି ରହିବ। ରବିଙ୍କ ପ୍ରଭାବରୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ ଓ କାର୍ଯ୍ୟ ହାସଲ କରିବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ** - ବ୍ୟୟାଧିପ ରାଶିରେ ଥିବାରୁ ସକାଳୁ ଘର କାମ ଛାଡ଼ି କାହାର ନିର୍ଦ୍ଦେଶରେ ବାହାରକୁ ଯାଇପାରନ୍ତି। ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ଅଫିସରଙ୍କଠାରୁ କଡ଼ା କଥା ଶୁଣିପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। କଳା, ସାହିତ୍ୟ କ୍ଷେତ୍ରରେ ସମସ୍ୟାର ସମାଧାନ କରିବେ।

**ମୀନ** - ଚନ୍ଦ୍ରଙ୍କ ପ୍ରଭାବରୁ ପ୍ରିୟ କଥା କହି ନିଜ ଲୋକମାନଙ୍କ ଦ୍ୱାରା ପ୍ରଶଂସିତ ହୋଇ ପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନଚେତ୍ ତାହାହିଁ ଦୁଶ୍ଚିନ୍ତାର କାରଣ ହେବ। ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହି ସମାଲୋଚିତ ହୋଇପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ନବମୀ ମଙ୍ଗଳବାର, ଜୁଲାଇ ୧୧ ତାରିଖ, ବିଶ୍ୱ ଜନସଂଖ୍ୟା ଦିବସ, ସ୍ୱାମୀ ଶିବାନନ୍ଦଙ୍କ ମହାପ୍ରୟାଣ ଦିବସ। ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୮ ଗତେ, ଘ.୦୬।୫୬ ମଧ୍ୟେ, ଘ.୦୯।୪୦ ମି. ଗତେ, ଘ.୧୨।୧୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୮ ଗତେ, ଘ.୦୪।୪୭ ମଧ୍ୟେ ରାହୁକାଳ।

# ଅବହେଳାରୁ ବହୁ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ

## ସରକାରୀ ଔଷଧ ଗୋଦାମ ଜଳିଯିବା ଘଟଣା

- ୭ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରେ ଲିଭିଲା ନିଆଁ
- ପର୍ଯ୍ୟାପ୍ତ ପରିମାଣରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିଲା
- ଏବେବି ଅସ୍ପଷ୍ଟ ଅଗ୍ନିକାଣ୍ଡର କାରଣ



ଅଗ୍ନିକାଣ୍ଡ ପରେ ଭୁଶୁଡ଼ି ପଡ଼ିଥିବା ଗୋଦାମ ଓ ପୋଡ଼ିଯାଇଥିବା ସାମଗ୍ରୀ।

**ଭୁବନେଶ୍ୱର,୧୦।୭(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ସରକାରୀ ଔଷଧ ଭର୍ତ୍ତି ଗୋଦାମ ଜଳିଯିବା ଘଟଣାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅବହେଳାରୁ ବହୁ କୋଟିର ସରକାରୀ ସମ୍ପତ୍ତି ନଷ୍ଟ ହୋଇଥିବା ଆଲୋଚନା ଚାଲିଛି। ବହୁ ପୁରୁଣା ଭଙ୍ଗା ଦଦରା କୋଠାରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ସାମଗ୍ରୀକୁ ଦୟନୀୟ ଅବସ୍ଥାରେ ରଖାଯାଇଥିଲା। ପର୍ଯ୍ୟାପ୍ତ ପରିମାଣରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାବେଳେ ଇନ୍ସ୍ୟୁରାନ୍ସ ଥିବା ଦର୍ଶାଇ ଏହି ଘଟଣାକୁ ସ୍ୱାସ୍ଥ୍ୟ ବିଭାଗ ବେଶ୍ ଖାମଖିଆଲ ଭାବେ ନେଇଥିବା ଜଣାପଡୁଛି। ଏତେ ବଡ଼ ଅଗ୍ନିକାଣ୍ଡରେ ହୋଇଥିବା ବଡ଼ ସରକାରୀ କ୍ଷତିକୁ ତର୍ଜମା କରି କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଥିବାବେଳେ ଘଟଣାର ୨୪ ଘଣ୍ଟା ପରେ ବି ସରକାରୀ ସ୍ତରରେ ସେପରି କିଛି ପଦକ୍ଷେପ ନାହିଁ।

ରବିବାର ରାତି ପ୍ରାୟ ୧୧ଟାରୁ ଲାଗିଥିବା ନିଆଁକୁ ଅଗ୍ନିଶମ ବାହିନୀ ୭ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟର ଚେଷ୍ଟା ପରେ ସୋମବାର ସକାଳେ ଲିଭାଇବାରେ ସକ୍ଷମ ହୋଇଛି। ମାତ୍ର ଏହି ଅଗ୍ନିକାଣ୍ଡରେ କେତେ ସମ୍ପତ୍ତି ପୋଡ଼ିଯାଇଛି ତାହାର ହିସାବ ସରକାରଙ୍କ ପକ୍ଷରୁ ମିଳି ନ ଥିଲେ ମଧ୍ୟ ଗୋଦାମ ଘର ସହ ବହୁ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବାବେଳେ ଏଥିରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଔଷଧ ଓ ମେଡିକାଲ ସାମଗ୍ରୀ ରହିଥିବା କୁହାଯାଉଛି। ତେବେ ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ ଯୋଗେ କୁହାଯାଇଛି ଯେ, ଅଗ୍ନିକାଣ୍ଡ ଘଟିଥିବା ଗୋଦାମରେ ପିପିଇ କିଟ୍ସ, ସାନିଟାଇଜର୍ସ ଓ ଖାଲି ସିଲିଣ୍ଡର ଗଚ୍ଛିତ ଥିଲା। ଉକ୍ତ ଗୋଦାମ ନଂ.୩ ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ ଲିଃ(ମାର୍କେଫେଡ୍)ର ହୋଇଥିବାବେଳେ ଓଡ଼ିଶା ରାଜ୍ୟ ଔଷଧ ନିଗମ ପକ୍ଷରୁ ସେଠାରେ ଏସବୁ ସାମଗ୍ରୀ ଗଚ୍ଛିତ ରଖାଯାଇଥିଲା। ତେବେ ଅଗ୍ନିକାଣ୍ଡରେ ନଷ୍ଟ ହୋଇଥିବା ସମସ୍ତ ସାମଗ୍ରୀ ବୀମାଭୁକ୍ତ ଥିବା ନେଇ ବିଭାଗ ପକ୍ଷରୁ ଉଲ୍ଲେଖ କରାଯାଇଛି। କିନ୍ତୁ ପାଉଁଶଗଦା ଭିତରେ ମାସ୍କ, ସାଲାଇନ୍, ମଶାରି ସମେତ ଆହୁରି ଅନେକ ପ୍ରକାରର କୋଭିଡ୍ ସାମଗ୍ରୀ ଅଧାପୋଡ଼ା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଉକ୍ତ ଗୋଦାମରେ ପର୍ଯ୍ୟାପ୍ତ ପରିମାଣରେ ଅଗ୍ନି ନିରାପତ୍ତା ଓ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ନ ଥିବା ନେଇ ଅଗ୍ନିଶମ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଏକ ସରକାରୀ ଗୋଦାମରେ ଏଭଳି ଅବ୍ୟବସ୍ଥାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଔଷଧ ନିଗମ ପକ୍ଷରୁ ସ୍ୱାସ୍ଥ୍ୟ ସାମଗ୍ରୀକୁ ଏଭଳି ଖାମଖିଆଲ ଭାବେ କାହିଁକି ରଖାଯାଇଥିଲା? ରାଜଧାନୀରେ ଭଲ ସରକାରୀ ଗୋଦାମ ନା ଥିଲା କି? କରୋନା ସମୟରେ କୋଭିଡ୍ ସାମଗ୍ରୀ କିଣାରେ ବ୍ୟାପକ ଦୁର୍ନୀତି ନେଇ ଅଭିଯୋଗ ହୋଇଥିଲା। ଏବେ କୋଭିଡ୍ ସାମଗ୍ରୀ ଜଳିଯିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଜାଣିଶୁଣି ଏପରି କାଣ୍ଡ ଘଟାଯାଇଥିବା ସନ୍ଦେହ କରାଯାଉଛି। ପୁଣି ଏହି ଅଗ୍ନିକାଣ୍ଡ କେଉଁ କାରଣ ପାଇଁ ଘଟିଥିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ କରାଯାଉନି। ଅଗ୍ନିକାଣ୍ଡର କାରଣ ଜାଣିବାକୁ ଅଧିକ ଅନୁସନ୍ଧାନ କରାଯାଉଥିବା ଡେପୁଟି ଫାୟାର ଅଫିସର ଅବନୀ ଚରଣ ସ୍ୱାଇଁ କହିଛନ୍ତି। ନିଆଁ ଲାଗିବା ପୂର୍ବରୁ ସୁରକ୍ଷାକର୍ମୀମାନେ ଯେଉଁ ଶବ୍ଦ ଶୁଣିଥିଲେ ତାହା କେଉଁଠୁ ଆସିଲା? ତେବେ ଉକ୍ତ ଗୋଦାମରେ ନିଆଁ ଆୟତ୍ତ ହୋଇଥିବା କୁହାଯାଉଥିବାବେଳେ ଅପରାହ୍ନ ପର୍ଯ୍ୟନ୍ତ କିଛି କିଛି ସ୍ଥାନରେ ନିଆଁ କୁହୁଳୁଥିବା ଦେଖିବାକୁ ମିଳିଥିଲା।

ସୂଚନାଯୋଗ୍ୟ, ରବିବାର ରାତି ପ୍ରାୟ ୧୧ଟାରେ ୫ଜଣ ସୁରକ୍ଷାକର୍ମୀ ଗୋଦାମ ବାହାରେ କାର୍ଯ୍ୟରତ ଥିବାବେଳେ ଭୟଙ୍କର ଶବ୍ଦ ଶୁଣିବାକୁ ପାଇଥିଲେ। ତା'ପରେ ହଠାତ୍ ଗୋଦାମ ହୁତୁହୁତୁ ହୋଇ ଜଳିବା ଦେଖି ସେମାନେ ଉପରିସ୍ଥ ଅଧିକାରୀ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଟିମ୍ ୨ଟି ଇକ୍ୱିପ୍‌ମେଣ୍ଟ ଗାଡ଼ି ଓ ୭ଟି ପାଣି ଗାଡ଼ି ଆଣି ନିଆଁ ଲିଭା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲା। ଏପରିକି ନିଆଁ ନ ଲିଭିବାରୁ କାନ୍ଥ ଭାଙ୍ଗି ପାଣି ପକାଇବାକୁ ଜେସିବି ଓ ହାଇଡ୍ରାର ସହାୟତା ନିଆଯାଇଥିଲା। ଏନେଇ ରାଜ୍ୟ ଔଷଧ ନିଗମ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

# ଓଡ଼ିଶା ଗ୍ରାମୀଣ ସହରୀ ରୂପାନ୍ତରଣ ନୀତିକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର, ୧୦।୭(ସୁନିତ୍ ମିଶ୍ର)**

ସହର ସହିତ ଲାଗିଥିବା ଗ୍ରାମୀଣ ଅଞ୍ଚଳଗୁଡ଼ିକର ଦ୍ରୁତ ଅଭିବୃଦ୍ଧିଜନିତ ଗ୍ରାମାଞ୍ଚଳ ଓ ସହର ମଧ୍ୟରେ ଉପୁଜୁଥିବା ପାର୍ଥକ୍ୟ ଅତିକ୍ରମକରି ସମସ୍ତ ନାଗରିକଙ୍କୁ ଅତ୍ୟାବଶ୍ୟକ ସହରୀ ଭିତ୍ତିଭୂମି ଏବଂ ସେବା ଯୋଗାଇ ଦିଆଯିବ। ଏହି ଲକ୍ଷ୍ୟକୁ ପୂରଣ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଓଡ଼ିଶା ଗ୍ରାମୀଣ ସହରୀ ରୂପାନ୍ତରଣ ନୀତିକୁ ଅନୁମୋଦନ କରିଛନ୍ତି।

ଏଭଳି ନୀତି ପ୍ରଣୟନ କରିବାରେ ଓଡ଼ିଶା ପ୍ରଥମ ଏବଂ ଏତଦ୍ୱାରା ଅଣଯୋଜନାବଦ୍ଧ ଓ ଅନିୟମିତ ସହରୀକରଣ ଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକୁ ବିଭିନ୍ନ ପ୍ରଗତିଶୀଳ ଏବଂ ପ୍ରୟୋଗାତ୍ମକ ପଦକ୍ଷେପ ମାଧ୍ୟମରେ ସମାଧାନ କରାଯାଇପାରିବ। ବର୍ତ୍ତମାନର ଗ୍ରାମୀଣ ଅଞ୍ଚଳକୁ ସହରାଞ୍ଚଳ ଭାବେ ବିଜ୍ଞାପିତ କରିବା ପ୍ରଚଳିତ ପ୍ରଣାଳୀ ରାଜନୈତିକ ଏବଂ ପ୍ରଶାସନିକ ବ୍ୟବସ୍ଥାରେ ଆକସ୍ମିକ ପରିବର୍ତ୍ତନ ଆଣି ନାଗରିକଙ୍କ ସାମାଜିକ-ଅର୍ଥନୈତିକ ଅବସ୍ଥା ଉପରେ ପ୍ରଭାବ ପକାଉଥିବା ଅନୁଭବ କରାଯାଉଛି। କାରଣ ଏଭଳି ପରିବର୍ତ୍ତନକୁ ଗ୍ରହଣ କରି ଆଗେଇଯିବା ପାଇଁ ସେପରି କିଛି ବ୍ୟବସ୍ଥା ନାହିଁ। ପ୍ରଚଳିତ ପ୍ରଣାଳୀରେ ଲୋକଙ୍କ ସହଭାଗିତା ଏବଂ ଅନ୍ତର୍ଭୁକ୍ତୀକରଣକୁ ମଧ୍ୟ ଯଥେଷ୍ଟ ଧ୍ୟାନ ଦିଆଯାଇନାହିଁ, ଯାହା ପ୍ରାୟତଃ ପ୍ରତିରୋଧ ଏବଂ ବିରୋଧାଭାସକୁ ପ୍ରଶ୍ରୟ ଦେଉଛି। ଏବେ ଓଡ଼ିଶା ଜନସଂଖ୍ୟାର ୧୯ ଶତକଡ଼ା ସହରାଞ୍ଚଳରେ ବାସକରୁଥିବା ବେଳେ ଏହା ୨୦୩୧ ସୁଦ୍ଧା ୨୧ ଶତାଂଶରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ଜନଗଣନାରେ ନାମିତ ସହରଗୁଡ଼ିକ ଅଥବା ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପ୍ରାୟ ୪୦ ଶତକଡ଼ା ଅଭିବୃଦ୍ଧି ହିଁ ସହରୀକରଣର ମୁଖ୍ୟ କାରଣ। ଗ୍ରାମୀଣ-ସହରାଞ୍ଚଳ ରୂପାନ୍ତରଣ ନୀତିର ଲକ୍ଷ୍ୟ ହେଉଛି ଯେ ଆନୁଷ୍ଠାନିକ ଭାବେ ଚିହ୍ନଟ ହୋଇଥିବା ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସହରାଞ୍ଚଳ ନାଗରିକ ଭଳି ସୁବିଧା, ସେବା ଏବଂ ଭିତ୍ତିଭୂମି ଯୋଗାଇ ଦେଇ ଏହି ଅଞ୍ଚଳଗୁଡ଼ିକୁ ସହରାଞ୍ଚଳ ଭାବେ ବିଜ୍ଞାପିତ କରାଯିବାର ଆବଶ୍ୟକତା ଅଛି। ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟକାରୀ ତଥା ସେବା ପ୍ରଦାନ ପାଇଁ ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା, ନିର୍ବାଚିତ ପ୍ରତିନିଧି, ଅଧିକାରୀ ଏବଂ ଅନ୍ୟ ସମସ୍ତ ହିତାଧିକାରୀଙ୍କୁ ଏହି ପରିବର୍ତ୍ତନ ପ୍ରକ୍ରିୟାର ଯୋଜନା, କାର୍ଯ୍ୟକାରିତା ଏବଂ ତଦାରଖରେ ସକ୍ରିୟ ଭାବେ ଜଡ଼ିତ କରିବା ଏହି ନୀତିର ଅନ୍ୟତମ ଲକ୍ଷ୍ୟ।

# ଗୋଚାଲାଣ ସନ୍ଦେହରେ ୩ ଗାଡ଼ି ପୋଡ଼ି

## ନିଜଆଡ଼ୁ ମାମଲା ରୁଜୁକରି ପୋଲିସର ତଦନ୍ତ



ପୋଡି ଦିଆଯାଇଥିବା ଗାଡି।

**ସମ୍ବଲପୁର, ୧୦।୭(ଶୁଭାଶିଷ ପାଢୀ)**

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଦେଓପାଲି ଗ୍ରାମ ନିକଟରେ ରବିବାର ରାତିରେ ଗୋଚାଲାଣ ସନ୍ଦେହରେ ଦୁର୍ବୃତ୍ତମାନେ ୩ ପିକ୍‌ଅପ୍ ଗାଡି ପୋଡ଼ିଦେଇଛନ୍ତି। ପୋଲିସ ନିଜଆଡ଼ୁ ଏକ ମାମଲା (ନଂ.୯୫/୨୩) ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ କମଳ ଲୋଚନ ବେହେରା କହିଛନ୍ତି।

ମିଳିଥିବା ସୂଚନା ମୁତାବକ ରବିବାର ବିଳମ୍ବିତ ରାତିରେ ଦେଓପାଲି ଗ୍ରାମକୁ ଓଡି୧୬-୦୮୩୭, ଓଡି୨୩ବି-୫୩୪୦ ଓ ଓଡି୨୩ଏ-୭୦୮୮ ନମ୍ବର ବିଶିଷ୍ଟ ୩ ଗାଡି ଆସିଥିଲା। ଏଥିରେ ଗୋ ଚାଲାଣ ହେବା ସନ୍ଦେହ କରି ସ୍ଥାନୀୟ କେତେଜଣ ବ୍ୟକ୍ତି ଗାଡ଼ି ପାଖକୁ ଯାଇଥିଲେ। ଚାଳକମାନେ ଲୋକଙ୍କୁ ଦେଖି ଗାଡିଗୁଡିକୁ କିଛିବାଟ ନେଇ ବିଲରେ ଛାଡି ଫେରାର ହୋଇଯାଇଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତିମାନେ ଆସି ତିନୋଟି ପିକ୍‌ଅପ୍ ଭ୍ୟାନରେ ନିଆଁ ଲଗାଇଦେଇଥିଲେ। କିଏ ଏଭଳି କାଣ୍ଡ ଭିଆଇଛି ତାହା ଜଣାପଡି ନାହିଁ। ହେଲେ ଘଟଣାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବାରମ୍ବାର ଏହି ଅଞ୍ଚଳରେ ଗୋ ଚାଲାଣ ହେଉଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ନେଇ ଲୋକେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ କହିଛନ୍ତି, ଗାଡି ପୋଡିବା ନେଇ ମାମଲା ରୁଜୁ ହୋଇଛି। ଆଇନ ହାତକୁ ନେଇ କାମ କରିଛନ୍ତି। ଏ ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇ ନାହିଁ। ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ଦୋଷୀଙ୍କୁ ୫ବର୍ଷ ଜେଲ

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲା

**ବାରିପଦା,୧୦।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ):** ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ସୋମବାର ଏକ ନାବାଳିକା ବଳାତ୍କାର ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାରକରି ଦୋଷୀଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୫ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ନାବାଳିକାଙ୍କୁ କ୍ଷତିପୂରଣ ବାବଦରେ ୧ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଚିତ୍ରଡ଼ା ଗ୍ରାମର ତାରାଶଙ୍କର ସାହୁ(୩୦)।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ମାର୍ଚ୍ଚ ୧ରେ ମା' ବାପା ଘରେ ନ ଥିବା ବେଳେ ଅଭିଯୁକ୍ତ ତାରାଶଙ୍କର ନାବାଳିକାଙ୍କୁ ଏକୁଟିଆ ପାଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣକ କୌଶଳକ୍ରମେ ଖସି ଆସି ପଡ଼ୋଶୀଙ୍କୁ ଜଣାଇଥିଲେ। ପରେ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୫୧/୨୨) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ବିସ୍ଫୋରକ, ମାଓବାଦୀ ସାମଗ୍ରୀ ଜବତ କଲା ବିଏସ୍‌ଏଫ୍



ଜବତ ମାଓବାଦୀ ସାମଗ୍ରୀ।

**ମାଲକାନଗିରି,୧୦।୭ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ବିଏସ୍‌ଏଫ୍ ୧୪୨ ବାଟାଲିୟନ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ବିସ୍ଫୋରକ ଓ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି।

ସୂଚନାନୁଯାୟୀ, ସୋମବାର ସକାଳୁ ବିଏସ୍‌ଏଫ ଯବାନମାନେ କୌଣସି ସୂତ୍ରରୁ ଖବର ପାଇ କାଳିମେଳା ବ୍ଲକ ଗୋମ୍ପାକୋଣ୍ଡା ପଞ୍ଚାୟତ ମାରିଗେଟା ଗ୍ରାମ ନିକଟ ଗୋମ୍ପାକୋଣ୍ଡା ରିଜର୍ଭ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। କିଛି ସମୟ ପରେ ଉକ୍ତ ଜଙ୍ଗଲର ଗୋଟିଏ ସ୍ଥାନରେ ପୋତା ଯାଇଥିବା ମାଓବାଦୀ ସାମଗ୍ରୀଗୁଡ଼ିକୁ ଜବତ କରିଥିଲେ। ସାମଗ୍ରୀ ମଧ୍ୟରେ ୨୫ ଇଲେକ୍ଟ୍ରୋନିକ ଡିଟୋନେଟର, ୪ ବଣ୍ଡଲ ସେଫଟି ଫ୍ୟୁଜ୍, ୧୦୮ଟି ଜିଲୋଟିନ୍ ଷ୍ଟିକ୍, ୨୦ଟି ହ୍ୟାଣ୍ଡ ଗ୍ରେନେଡ୍, ୧୦ ମାଓବାଦୀ ବ୍ୟବହୃତ ବେଲ୍ଟ, ୯ ଯୋଡା ଷ୍ଟାର୍ (ରାଙ୍କ) ଓ ହୁଇସିଲ୍, ୨ ମାଓବାଦୀ ପୁସ୍ତକ, ଗୋଟିଏ ଆଇରନ ବାକ୍ସ ଜବତ କରାଯାଇଛି। ତେବେ ଏହି ସାମଗ୍ରୀଗୁଡ଼ିକୁ ବହୁ ବର୍ଷ ଧରି ଏଠାରେ ମାଓବାଦୀମାନେ ପୋତି ରଖିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଭିଜିଲାନ୍ସ ଜାଲରେ ଅମିନ



ଅମିନ ମାନସ ଦାସ।

**ବାରିପଦା,୧୦।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ଷ୍ଟେଶନ ବଜାରସ୍ଥିତ ଜମି ବନ୍ଦୋବସ୍ତ (ସେଟଲ୍‌ମେଣ୍ଟ) କାର୍ଯ୍ୟାଳୟର ଅମିନ ମାନସ ଦାସ ସୋମବାର ଲାଞ୍ଚନେବା ସମୟରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ତାଙ୍କଠାରୁ ୩୩୦୦ ଟଙ୍କା କେମିକାଲ ବୋଳା ନୋଟ୍ ଜବତ ହୋଇଛି। ଏହା ସହିତ ଭଞ୍ଜପୁରସ୍ଥିତ ତାଙ୍କ ସରକାରୀ ବାସଭବନ, ଅଫିସ ଓ ରସାଳପୁରସ୍ଥିତ ପୈତୃକ ଘର ଉପରେ ଭିଜିଲାନ୍ସ ଚଢ଼ାଉ ଜାରି ରଖିଛି। ଏ ସଂକ୍ରାନ୍ତରେ ବାଲେଶ୍ୱର ଭିଜିଲାନ୍ସ ଅଫିସରେ ଏକ ମାମଲା(ନଂ.୧୭/୨୩) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ରାଇରଙ୍ଗପୁର ଅଞ୍ଚଳର ଚିତ୍ରସେନ ମହାନ୍ତ ପୈତୃକ ଜମିର ସାର୍ଟିଫାଏ ନକଲ ନିମନ୍ତେ ବାଲେଶ୍ୱର-ମୟୂରଭଞ୍ଜ ମେଜର ସେଟେଲମେଣ୍ଟ କାର୍ଯ୍ୟାଳୟକୁ ଯାଇ ଆବେଦନ କରିଥିଲେ। ବାରମ୍ବାର କାର୍ଯ୍ୟାଳୟକୁ ଆସି ନିରାଶ ହେବା ପରେ ଅମିନ ଦାସ ୭ପୃଷ୍ଠାର ତଥ୍ୟ ପାଇଁ ଲାଞ୍ଚ ମାଗିଥିଲେ। ପ୍ରତି ପୃଷ୍ଠା ପାଇଁ ୯ଶହ ଟଙ୍କା ଲେଖାଏ ମୋଟ ୬୩୦୦ ଟଙ୍କା ଦେବାକୁ ହେବ ବୋଲି କହିଥିଲେ। ଏହାକୁ ନେଇ ଚିତ୍ରସେନ ଆଡଭାନ୍ସ ଆକାରରେ ୩୦୦୦ଟଙ୍କା ଦେଇ ବାଲେଶ୍ୱର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ଚିତ୍ରସେନ ଅବଶିଷ୍ଟ ୩୩୦୦ଟଙ୍କା ଲାଞ୍ଚ ଦେବା ସମୟରେ ବାଲେଶ୍ୱର ଓ ମୟୂରଭଞ୍ଜ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଅମିନ ଦାସଙ୍କୁ ମାଡ଼ି ବସିଥିଲା।

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଏନ୍‌ଟି-ପିଆର୍‌ଓଜେ-ଆର୍‌ଓୟୁ-ଟିପିଡିଏଚ୍-ଇଏଲ୍-୩, ତାରିଖ: ୦୮।୦୭।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଏସ୍‌ଟିଇ (ପ୍ରୋଜେକ୍ଟ), ଦକ୍ଷିଣ ପୂର୍ବ ରେଳପଥ, ଆର୍‌ଓୟୁଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି: **କାର୍ଯ୍ୟ ସଂକ୍ଷିପ୍ତ ବିବରଣୀ ଓ ତାହାର ଅବସ୍ଥିତି:** ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନରେ ବିମଳାଗଡ଼-କିରିବୁରୁ ସେକ୍ସନରେ ଟୁପାଡିହ (ଟିପିଡିଏଚ୍)ଠାରେ ସେଣ୍ଟ୍ରାଲାଇଜ୍‌ଡ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ୍ ସମେତ ଇଣ୍ଡୋର୍ ଏବଂ ଆଉଟ୍‌ଡୋର୍ ସିଗ୍ନାଲିଂ ଓ ଟେଲିକମ୍ କାର୍ଯ୍ୟ ସମେତ ବ୍ଲକ୍ ସେକ୍ସନ କେବୁଲ ସହିତ ସର୍ଭିସ୍ ବିଲ୍ଡିଂ, ଗୁମ୍‌ଟିର ନିର୍ମାଣ ଓ ବିଦ୍ୟୁତୀକରଣ । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୫,୮୮,୪୬,୯୨୬.୪୨ । **ଅମାନତ ରାଶି:** ₹୪,୪୪,୨୦୦/- । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୧।୦୮।୨୦୨୩ରିଖ ୧୧.୩୦ ଘଟିକାରେ । **ୱେବ୍‌ସାଇଟ୍ ବିବରଣୀ:** www.ireps.gov.in (PR-385)

**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

REF. NO. – WC / 831 DATE: 05-07-2023

NOTICE INVITING APPLICATIONS FOR ALLOTMENT OF CANTEEN INSIDE ROURKELA STEEL PLANT

The application forms containing the terms and conditions for allotment of canteens (in SMS – II area) on license basis is available in the office of GM (PL – W, C, T, M & GA) on payment of Rs.200/- (Rupees two hundred only) including all taxes towards cost of application papers. The application papers can also be downloaded from our website https://sailtenders.co.in. In such case, the duly filled in application form shall be treated as valid application and should be sent along with the receipt of Rs.200/- (Online deposit through SB collect).

Applications will be accepted up to 3.00 P.M of 07-08-2023.

GM (PL – W, C, T, M & GA)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*

**Government of Jharkhand Rural Works Department**
**JHARKHAND STATE RURAL ROADS DEVELOPMENT AUTHORITY (JSRRDA)**
3rd Floor, F.F.P. Building, Dhurwa, Ranchi 834004
NOTICE INVITING TENDERS
(National Competitive Bidding Through e-Procurement)

**e-Tender No.- 10/2023-24** **Dated: 07.07.2023**

3rd Call
**Very Short Tender Notice**
**(PR NO.- 287513)**

The undersigned on behalf of Government of Jharkhand invites item rate bids through e-Procurement from the eligible bidders registered* in appropriate class with any State/Central Government/State /Central Government Organization for construction and maintenance for five years of the works (List of schemes shall be displayed in the website pmgsytendersjhr.gov.in) of Pradhan Mantri Gram Sadak Yojna (PMGSY-III).

| Sr. No. | Package ID | District Name | Block name | WORK NAME | Road/ LSB | Package wise Roads Length (in km) | Cost of Const. and Maint. With GST (in Lakh) | Earnest Money (in Lakh) | Time Period |
|---|---|---|---|---|---|---|---|---|---|
| 01 | JH-P3-22-23-RAN-01-FDR | Ranchi | Burmu | T06-UMEDANDA LAKHAN MORE TO SIDROL VIA CHAKME | Road | 51.57 | 4249.78 | 85.00 | 18 Months |
| | | | Burmu | T08-BURMU BAZAAR TANR TO RAI ROAD (CHOWKITAND) VIA AKHTAN | Road | | | | |
| | | | Chanho | T04-SH T01 BIJUPARA KHELARI ROAD TO HETNAI VIA LAPSAR | Road | | | | |
| | | | Mandar | T09-NH 75 Sosai to Naro Via Banjhila | Road | | | | |
| | | | Mandar | T10-Brambe to NH 75 Malti More via Chatwal | Road | | | | |

The bid should be submitted online in the website **pmgsytendersjhr.gov.in**. The bidders should have valid Digital Signature Certificate for online submission of bid.

Details of bid submission is as under:

| Procurement Officer | Place of Opening | Availability of tender (on-line) for bidding | | Last date & time of seeking clarification | Last date and time of bid submission | Date & time of opening (on-line) of tender | |
|---|---|---|---|---|---|---|---|
| | | From | To | | | Technical bid | Financial bid |
| 1 | 2 | 3 | 4 | 5 | 6 | 8 | 9 |
| Chief Engineer, JSRRDA, Ranchi | Chief Engineer, JSRRDA, Ranchi | 10.07.2023 at 10.00 AM | 17.07.2023 upto 5.00 PM | 15.07.2023 upto 2.00 PM | 17.07.2023 upto 5.00 PM | 17.07.2023 at 05.30 PM | To be informed later |

** Non-registered bidders may also submit bid, however the successful bidders must get registered in appropriate class with appropriate authority before signing the contract.*
*** Cost may change.*

**Note :-**
1. Amount of Bid Security should be taken as mentioned in the Bid Data Sheet of the Bidding Document.
2. Cost of Bid Document (Rs. 10000) and Bid Security (as mentioned in the Bid Data Sheet) shall be deposited **online** in form as mentioned in Bid Data Sheet failing which the bid will be treated non responsive and action shall be taken as per Sec. 2 of ITB clause 12.2 (d).
3. In case, it is found, even after the award of work that the bidder has submitted/ uploaded any false/erroneous/fraudulent statement/document, he/she is liable for blacklisting and forfeiture of Bid Security.
4. Bidders must submit GST registration certificate without which bid is liable to be rejected.
5. Bidders whose names appear in the Debar/blacklist of RWD, any department of GoJ/GoI (including JSRRDA) shall not be allowed to participate in the above bids.
6. Bids submitted by bidders, who have long pending ATR(s) / made inordinate delay in execution of earlier allotted construction/ maintenance works of PMGSY, may be rejected summarily.
7. In case of any discrepancy/dispute about units in BOQ, units as mentioned in Current SOR on which BOQ has been prepared shall prevail.
8. Participating bidders are free to submit grievances, if any, against the decision of technical evaluation within five working days from the date of uploading of decision of technical evaluation only through email at **jh-ce@pmgsy.nic.in** Grievance submitted after stipulated period shall not be considered.
9. Bidders must have valid registration with Employee Provident Fund organization under EPF and Miscellaneous Provisions Act 1952 failing which the bid shall be rejected.
10. Bidders must not quote rate for routine maintenance. The amount for routine maintenance as indicated in the Bill of Quantities must be acceptable to bidders.
11. For unbalanced bids, extra security will be required to be deposited by the bidder at the time of Agreement.
12. The undersigned reserves the right to cancel the tender at any stage without giving prior notice/reason.

All other details can be seen in the bidding document which is available in website **pmgsytendersjhr.gov.in** as per schedule mentioned above.

Chief Engineer
JSRRDA, Ranchi

PR 301966 Rural Work Department(23-24)D

**Government of Odisha**
**Higher Education Department**

**Timeline for B.Ed., B.H.Ed., M.Ed. e-Admission for the year 2023-24**

No. N-32: Timeline for B.Ed., B.H.Ed., M.Ed. e-Admission for the year 2023-24 'Student Academic Management System (SAMS)' is given below. Any change in the timeline will be published on the website **https://te.samsodisha.gov.in/**.

| Sl # | Activities | Timeline |
|---|---|---|
| 1 | Updation of Graduation/Equivalent marks by applicants in SAMS existing student login. | 08.07.2023 (Saturday) To 16.07.2023 (Sunday) |
| 2 | Re-Choice locking of Institutions for B.Ed. and M.Ed.Courses by the applicant | 10.07.2023 (Monday) To 16.07.2023 (Sunday) |
| 3 | Publication of Entrance Test Score on SAMS Website | 17.07.2023 (Monday) |
| 4 | Publication of Provisional Allotment of Seats (For First Round Selection) | 24.07.2023 (Monday) 02.00 PM |
| 5 | Reporting of applicants at allotted institutions for taking admission (For First Round Selection) | 25.07.2023 (Tuesday) To 29.07.2023 (Saturday) Excluding Friday |
| 6 | Updation of Slide-Uponline by the students taken admission in First Round of Selection | 25.07.2023 (Tuesday) To 30.07.2023 (Sunday) Including Sunday |
| 7 | Data updation of admitted students in the e-space (For First Round Admission) by the respective Institutions | 25.07.2023 (Tuesday) To 29.07.2023 (Saturday) Excluding Friday |
| 8 | Publication of Provisional Allotment of Seats (For Second Round Selection) | 07.08.2023 (Monday) 02.00 PM |
| 9 | Reporting of applicant at allotted institutions for taking admission (For Second Round Selection) | 08.08.2023 (Tuesday) To 10.08.2023 (Thursday) |
| 10 | Updation of Slide-Uponline by the students taken admission in Second Round of Selection | 08.08.2023 (Tuesday) To 11.08.2023 (Friday) |
| 11 | Data updation of admitted students in the e-space (For Second Round Admission) by the respective Institutions | 08.08.2023 (Tuesday) To 10.08.2023 (Thursday) |
| 12 | Publication of Provisional Allotment of Seats (For Third Round Selection) | 14.08.2023 (Monday) 02.00 PM |
| 13 | Reporting of the applicant at allotted institutions for taking admission (For Third Round Selection) | 16.08.2023 (Wednesday) To 18.08.2023 (Friday) |
| 14 | Updation of Slide-Up Option online by the students taken admission in Third Round of Selection | 16.08.2023 (Wednesday) To 19.08.2023(Saturday) |
| 15 | Data updation of admitted students in the e-space (For Third Round of Selection) by the respective Institutions | 16.08.2023 (Wednesday) To 18.08.2023 (Friday) |
| 16 | Publication of Provisional Allotment of Seats (For Fourth Round Selection) | 24.08.2023 (Thursday) 02.00 PM |
| 17 | Reporting of applicant at allotted institutions for taking admission (For Fourth Round Selection) | 25.08.2023 (Friday) To 28.08.2023 (Monday) Excluding Sunday |
| 18 | Updation of Slide-Up Option online by the students taken admission in Fourth Round of Selection | 25.08.2023 (Friday) To 29.08.2023 (Tuesday) |
| 19 | Data updation of admitted students in the e-space (For Fourth Round of Selection) by the respective Institutions | 25.08.2023 (Friday) To 28.08.2023 (Monday) Excluding Sunday |
| 20 | Publication of Provisional Allotment of Seats (For Fifth Round Selection) | 04.09.2023 (Monday) 02.00 PM |
| 21 | Reporting of applicants at allotted institutions for taking admission (For Fifth Round Selection) | 05.09.2023 (Tuesday) To 08.09.2023 (Friday) Excluding Wednesday |
| 22 | Updation of Slide-Up Option online by the students taken admission in (Fifth Round of Selection) | 05.09.2023 (Tuesday) To 09.09.2023 (Saturday) |
| 23 | Data updation of admitted students in the e-space (For Fifth Round of Selection) by the respective Institutions | 05.09.2023 (Tuesday) To 08.09.2023 (Thursday) |
| 24 | Publication of Provisional Allotment of Seats (For Sixth Round Selection) | 14.09.2023 (Thursday) |
| 25 | Reporting of applicants at allotted institutions for taking admission (For Sixth Round Selection) | 15.09.2023 (Friday) To 18.09.2023 (Monday) Excluding Sunday |
| 26 | Updation of Slide-Up Option online by the students taken admission in (Sixth Round of Selection) | 15.09.2023 (Friday) To 19.09.2023 (Tuesday) |
| 27 | Data updation of admitted students in the e-space (For Sixth Round of Selection) by the respective Institutions | 15.09.2023 (Friday) To 18.09.2023 (Monday) |
| 28 | Timeline for commencement of classes for B.Ed, B.H.Ed., M.Ed. | Dates will be notified later by Higher Education Department. |

**For more details please contact: e-Admission Helpline (Toll Free) Number 155335 /1800-345-6770**

N.B.:1. Candidates who have applied Common Application Form (CAF) as "Graduation Appeared" must upload their Graduation marks prior to preparation of the "Merit list " within the timeline.
2. Candidates are allowed to re-Choice locking of Institutions for B.Ed.and M.Ed. courses.
3. The Timelines mentioned above are tentative and if all the seats are filled in a particular round, then subsequent rounds will not take place.
Please note that these dates are subject to change and candidates are advised to keep checking the Key Dates of SAMS TE website for updates.

**Sd./- Deputy Director, PTC**
**OIPR-11001/11/0012/2324**

> ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ– ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା । –ଶ୍ରୀଅରବିନ୍ଦ

# ତଥ୍ୟ ବିହୀନ

କୌଣସି ଦେଶ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ କେତେ ଉନ୍ନତ ତାହା ବିଭିନ୍ନ ତଥ୍ୟଭିତ୍ତିକ ପରିସଂଖ୍ୟାନରୁ ଜଣାପଡ଼େ। ସେଥିପାଇଁ ସମୟାନୁସାରେ ଉତ୍ତମ ମାନର ତଥ୍ୟ ସଂଗ୍ରହ କରି ସେଗୁଡ଼ିକୁ ଉପସ୍ଥାପନ କରାଯାଇ ଦେଶର ସ୍ଥିତି ସାଧାରଣରେ ସ୍ପଷ୍ଟ କରାଯାଇଥାଏ। ସରକାରଙ୍କ ଦ୍ୱାରା ସଂଗୃହୀତ ତଥ୍ୟ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ବିଭିନ୍ନ ନୀତି ପ୍ରଣୟନ କରିବାରେ ମଧ୍ୟ ମୁଖ୍ୟ ଭୂମିକା ନିଏ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଇକୋନୋମିକ ଆଡ୍‌ଭାଇଜରି କାଉନସିଲ(ଇଏସି-ପିଏମ୍)ର ଜଣେ ସଦସ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ସର୍ଭେଗୁଡ଼ିକ ତ୍ରୁଟିପୂର୍ଣ୍ଣ ସାମ୍ପଲିଂ ଆଧାରରେ ହେଉଥିବା କହିଛନ୍ତି, ଯାହା ଜାତୀୟ ସର୍ଭେଗୁଡ଼ିକର ତଥ୍ୟର ମାନ ଉପରେ ପ୍ରଶ୍ନ ଉଠାଇଛି। ମୁଖ୍ୟତଃ ନ୍ୟାଶନାଲ ସାମ୍ପଲ ସର୍ଭେ, ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ ଏବଂ ପିରିୟଡିକ୍ ଲେବର ଫୋର୍ସ ସର୍ଭେଗୁଡ଼ିକ ତ୍ରୁଟିପୂର୍ଣ୍ଣ ସାମ୍ପଲିଂରେ ହେଉଥିବା ସେ ଜଣାଇଛନ୍ତି। ଇଏସି-ପିଏମ୍‌ର ଜଣେ ସଦସ୍ୟ ସତ୍ୟକୁ ବାହାରକୁ ଆଣିବା ପରେ ଜଣାପଡୁଛି ଯେ ସରକାର ତଥ୍ୟଗତ ସମସ୍ୟା ସୁଧାରିବାରେ ପଦକ୍ଷେପ ନେଇନାହାନ୍ତି କିମ୍ବା ତ୍ରୁଟପୂର୍ଣ୍ଣ ଆଧାରରେ ବାସ୍ତବତାକୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି। ଅତୀତକୁ ଲକ୍ଷ୍ୟକଲେ ଜଣାଯାଏ ଯେ, ବିଭିନ୍ନ ସମୟରେ ଅନ୍ତର୍ଜାତୀୟ ସ୍ତରରେ ପ୍ରକାଶ ପାଇଥିବା ସର୍ଭେରେ ଭାରତର ସ୍ଥିତିକୁ ସରକାର ଅସ୍ୱୀକାର କରିଛନ୍ତି। ଏମିତିକି ନୀତି ଆୟୋଗ ସାମ୍ନାକୁ ଆସି ଏହା ଅସତ୍ୟ ବୋଲି କହିଛନ୍ତି। ଉଦାହରଣ ସ୍ୱରୂପ ଭାରତର ସରକାରୀ ସଂସ୍ଥା ନ୍ୟାଶନାଲ ସାମ୍ପଲ ସର୍ଭେ(ଏନ୍‌ଏସ୍‌ଏସ୍) ରିପୋର୍ଟ ବେରୋଜଗାର ରେକର୍ଡ ସ୍ତର ୬% ଜଣାଇବା ପରେ ତାହାକୁ ନୀତି ଆୟୋଗ ଅଗ୍ରାହ୍ୟ କରିଥିଲେ। କିନ୍ତୁ ଏନ୍‌ଏସ୍‌ଏସ୍‌ର ମୂଳ ରିପୋର୍ଟ ନିଶ୍ଚିତ ଭାବେ ବିଶ୍ୱାସଯୋଗ୍ୟ ବୋଲି କୁହାଯିବ। ତାହା ରାଜନୈତିକ କାହାଣୀକୁ ଅସୁବିଧା କରିପାରେ ବୋଲି ହୁଏତ ନୀତି ଆୟୋଗ ଅଯଥାରେ ଖଣ୍ଡନ କରିବାକୁ ଆଗେଇ ଆସିଲା। ଏହା କେବଳ ସରକାରଙ୍କୁ ଲଜ୍ଜିତ ହେବାରୁ ବଞ୍ଚାଇବାର ଏକ ଦୁର୍ବଳ ଉଦ୍ୟମ।

> ସବୁ ନୀତି କାର୍ଯ୍ୟକାରୀ କରାଇବା ପାଇଁ ତଥ୍ୟର ଆବଶ୍ୟକତା ରହିଥାଏ। ଯେତେବେଳେ ତଥ୍ୟ ନ ଥିବା କଥା ପଦାରେ ପଡ଼ିଲାଣି ସେଥିରୁ ଅନୁମାନ କରିହେଉଛି ଯେ,ଆଜିର ଭାରତ ସରକାର କେବଳ ବାହୁସ୍ଫୋଟ ମାଧ୍ୟମରେ ବଞ୍ଚିରହିଛି ।

ବିମୁଦ୍ରୀକରଣ, ମେକ୍ ଇନ୍ ଇଣ୍ଡିଆ, ଆତ୍ମନିର୍ଭର ଭାରତ ମାଧ୍ୟମରେ କୃଷି, ମାନୁଫାକଚରିଂ ସେକ୍ଟରର ଅଭିବୃଦ୍ଧି କେତେ ଘଟିଛି ତାହା ସମସ୍ତେ ଅଙ୍ଗେ ନିଭାଉଥିବେ। ଲେବର ଫୋର୍ସ ବା ଶ୍ରମଶକ୍ତି ଉପରେ ସର୍ଭେକୁ ଦେଖିଲେ ଏସିଆରେ ଏହା ସବୁଠୁ ନିମ୍ନରେ ଅଛି। କିନ୍ତୁ ଏହାକୁ କେତେକ ରାଜ୍ୟର ନିର୍ବାଚନ ପରେ ପ୍ରକାଶ କରାଯାଇଥିଲା ଓ ପରେ ତଥ୍ୟର ସତ୍ୟତାକୁ ସରକାର ସ୍ୱୀକାର କରିଥିଲେ। ତଥ୍ୟର ମାନରେ ଉନ୍ନତି ଆଣିବା ପାଇଁ ପରିସଂଖ୍ୟାନ ମନ୍ତ୍ରଣାଳୟ ଏକ ୨୮ ଜଣିଆ ଷ୍ଟାଣ୍ଡିଂ କମିଟି ଅନ୍ ଷ୍ଟାଟିଷ୍ଟିକ୍ସ ଗଠନ କରିଥିଲେ ମଧ୍ୟ ଏହି କମିଟି ଭୂମିକା ଏ ଯାବତ ସ୍ପଷ୍ଟ କରାଯାଇ ନାହିଁ। ନିକଟରେ ଭାରତର ବାସ୍ତବ ଦାରିଦ୍ର୍ୟ ହାର ଉପରେ ବିତର୍କ ମଧ୍ୟ ତଥ୍ୟ ସମସ୍ୟାକୁ ସାମ୍ନାକୁ ଆଣିଛି। ସରକାରୀ ସପକ୍ଷବାଦୀ ଅର୍ଥନୀତିଜ୍ଞମାନେ କହୁଛନ୍ତି ଯେ, ଦାରିଦ୍ର୍ୟ କମିଛି, ଅପରପକ୍ଷେ ଅନ୍ୟମାନେ ଯୁକ୍ତି ବାଢ଼ିଛନ୍ତି ଯେ, ଗତ ଦଶନ୍ଧିରେ ଏହା ସ୍ଥିର ରହିଛି। ଏହି ସପକ୍ଷବାଦୀ ଓ ବିପକ୍ଷ ୨ଗୋଷ୍ଠୀଙ୍କ ମଧ୍ୟରେ ଲାଗିରହିଥିବା ଦ୍ୱନ୍ଦ୍ୱ କେବଳ ମାତ୍ର ବାସ୍ତବ ତଥ୍ୟ ମାଧ୍ୟମରେ ସମାଧାନ ହୋଇପାରିବ। ଯେତେବେଳେ ସରକାରଙ୍କ ପାଖରେ ସ୍ପଷ୍ଟ ତଥ୍ୟର ଅଭାବ ହୁଏ ସେତେବେଳେ ପ୍ରଶାସନ ଦୁର୍ବଳ ହେବା ସ୍ୱାଭାବିକ। ପ୍ରଶାସନର ଦୁର୍ବଳତା ଫଳରେ ବିକାଶର ପଥ ଅବରୋଧ ହୋଇଥାଏ। କାରଣ ସବୁ ନୀତି କାର୍ଯ୍ୟକାରୀ କରାଇବା ପାଇଁ ତଥ୍ୟର ଆବଶ୍ୟକତା ରହିଥାଏ। ଯେତେବେଳେ ତଥ୍ୟ ନ ଥିବା କଥା ପଦାରେ ପଡ଼ିଲାଣି ସେଥିରୁ ଅନୁମାନ କରିହେଉଛି ଯେ, ଆଜିର ଭାରତ ସରକାର କେବଳ ବାହୁସ୍ଫୋଟ ମାଧ୍ୟମରେ ବଞ୍ଚିରହିଛି। କେନ୍ଦ୍ରରେ ତଥ୍ୟ ନ ଥିଲେ ରାଜ୍ୟଗୁଡ଼ିକରେ ମଧ୍ୟ ତଥ୍ୟ ନ ଥିବ। ସେଥିପାଇଁ କେଉଁ ପ୍ରକାର ନୀତି ନିୟମ ପ୍ରଣୟନ ହେବା ଦରକାର, ଯୋଜନା କିଭଳି କାର୍ଯ୍ୟକାରୀ ହେବ ଏବଂ ତାହାର ତୃଣମୂଳସ୍ତରରେ କାର୍ଯ୍ୟକାରିତାର ସଫଳତା କିମ୍ବା ବିଫଳତା ବିନା ତଥ୍ୟରେ ଜଣାପଡ଼ିବ ନାହିଁ।

# ଅସ୍ପଷ୍ଟ ଇଲାକାର ଅର୍ଥଶାସ୍ତ୍ରୀ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ନିକଟ ଅତୀତର ଏକ ଘଟଣା ଚମକପ୍ରଦ ଖବର ଭାବେ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଫିନ୍‌ଲାଣ୍ଡର ୭୬ ବର୍ଷୀୟ ଆଣ୍ଡର୍ସ ୱିକ୍ଲଫ ନାମକ ଜଣେ ବ୍ୟକ୍ତି ଘଣ୍ଟାରେ ୩୦ କିଲୋମିଟର ବେଗରେ ଏକ ଜନଗହଳି ରାସ୍ତାରେ ଗାଡ଼ି ଚଲାଇ ଅନୁମୋଦିତ ବେଗ ଅତିକ୍ରମ କରିଥିଲେ। ତେଣୁ ତାଙ୍କ ଉପରେ ୧,୨୧, ୨୦୦ ୟୁରୋ (ଅର୍ଥାତ ପ୍ରାୟ ଏକ କୋଟି ଟଙ୍କା) ଜରିମାନା ପକାଯାଇଥିଲା। ଏହା ତାଙ୍କର ଗୋଟିଏ ସପ୍ତାହର ଆୟ ସହ ସମାନ। ତେବେ ସେଠାକାର ଟ୍ରାଫିକ କଟକଣା ଉଲ୍ଲଂଘନ ସକାଶେ ଏହି ବିପୁଳ ରାଶି ପୈଠ କରିବାରେ ସେ କୌଣସି ପ୍ରକାର ଆପତ୍ତି କରି ନ ଥିଲେ। ବରଂ ଦେଶରେ ଆଇନକୁ ଯେମିତି କଠୋର ଭାବେ ପାଳନ କରାଯାଉଛି ସେ ଏହାର ପ୍ରଶଂସା କରିଥିଲେ। ଅବଶ୍ୟ ସେ ନିଜ ତ୍ରୁଟି ପାଇଁ ଅନୁତପ୍ତ ହୋଇଥିଲେ। ବିଶେଷତଃ ଏହି ପ୍ରକାର ଭୁଲ୍ ବାରମ୍ବାର ଦୋହରାଇଥିବାରୁ ସେ ନିଜକୁ ଧିକ୍କାର କରିଥିଲେ। ପ୍ରକାଶ ଥାଉ କି, ଏତାଦୃଶ ଦୋଷ ପାଇଁ ଏଥିପୂର୍ବରୁ ଦଶବର୍ଷ ତଳେ ୨୦୧୩ରେ ପ୍ରାୟ ୮୪ ଲକ୍ଷ ଓ ୨୦୧୮ରେ ୫୬ ଲକ୍ଷ ଟଙ୍କା ତାଙ୍କଠାରୁ ଅସୁଲ କରାଯାଇଥିଲା।

ଏହି ଘଟଣାଟି ୟୁରୋପର ଉତ୍ତର ଭାଗରେ ଅବସ୍ଥିତ ଫିନ୍‌ଲାଣ୍ଡ ସମ୍ପର୍କିତ, ଯେଉଁ ଦେଶର ଜଳବାୟୁ ମଣିଷର ସ୍ୱଚ୍ଛନ୍ଦ ଜୀବନଧାରଣ ପାଇଁ ବିଶେଷ ସହାୟକ ନୁହେଁ। ଏହାର ଦୁଇ ତୃତୀୟାଂଶ ଭାଗରେ ଘଞ୍ଚ ଅରଣ୍ୟ । ସେ ଯାହା ହେଉ, ଆର୍ଥିକ ଦଣ୍ଡ ସେଠାରେ ପାଳନ କରିଥାନ୍ତି। ଏହି ପୃଷ୍ଠଭୂମିରେ ଆଇନକାନୁନ ପ୍ରତି ଫିନିସ ନାଗରିକମାନଙ୍କ ପ୍ରତିବଦ୍ଧତା ଉଲ୍ଲେଖନୀୟ।

ଏହି ପ୍ରସଙ୍ଗରେ ଟ୍ରାଫିକ ନିୟମ ପାଳନ ସମ୍ପର୍କରେ ଆମେ ଭାରତ ପ୍ରତି ଦୃଷ୍ଟିପାତ କରିବା। ମହାରାଷ୍ଟ୍ରରେ ୨୦୨୧ ମାର୍ଚ୍ଚ ପହିଲାଠାରୁ ୩୧ ଅଗଷ୍ଟ ମଧ୍ୟରେ ଟ୍ରାଫିକ ନିୟମ ଭଙ୍ଗ ପାଇଁ ୨୧,୦୦,୯୮୩ ମୋଟର ଚାଳକଙ୍କ ଉପରେ ଇ-ଚାଲାନ ମାଧ୍ୟମରେ ଦଣ୍ଡ ଧାର୍ଯ୍ୟ ହୋଇଥିଲା। ତେବେ ୪୫ଟି ସହର ଓ ଗ୍ରାମାଞ୍ଚଳ ପୋଲିସ ଥାନାରୁ ପ୍ରାପ୍ତ ତଥ୍ୟାନୁସାରେ ମୋଟେ ଶତକଡ଼ା ୨୩ ଭାଗ ଜରିମାନା ପୈଠ କରାଯାଇଛି। ଗୁଜରାଟ ଭଳି ସ୍ୱଚ୍ଛଳ ରାଜ୍ୟରେ ମଧ୍ୟ ସମାନ ସ୍ଥିତି ଦୃଷ୍ଟି ଆକର୍ଷଣ କରେ। ୨୦୧୫ରେ ଅହମଦାବାଦରେ ସ୍ୱୟଂଚାଳିତ ଟ୍ରାଫିକ୍ ପରିଚାଳନା ପଦ୍ଧତି ଅନୁସୃତ ହେଲା। ଏହି ବ୍ୟବସ୍ଥା ଅନୁସାରେ ଚାରିବର୍ଷରେ ଷାଠିଏ କୋଟି ଟଙ୍କାର ଜରିମାନା ବିଷୟରେ ଦୋଷୀ ମୋଟରଚାଳକମାନଙ୍କୁ ଇ-ଚାଲାଣ ଦ୍ୱାରା ଜଣାଇ ଦିଆଗଲା। ତେବେ ଅଧିକୃତ ଡେପୁଟି ପୋଲିସ କମିଶନର ଟ୍ରାଫିକ କହିଛନ୍ତି ଯେ, ଦୀର୍ଘ ଚାରିବର୍ଷ ମଧ୍ୟରେ ଏହି ଅର୍ଥରାଶିର ୫୩ କୋଟି ଟଙ୍କାର ବୃହତ୍ ଭାଗ ଖିଲାପକାରୀଙ୍କଠାରୁ ଅସୁଲ କରାଯାଇପାରିନାହିଁ।



ପ୍ରକାଶଯୋଗ୍ୟ ଯେ, ପ୍ରତ୍ୟେକ ଦେଶ ସ୍ୱାଧୀନ ଭାବେ ନିଜ ନାଗରିକମାନଙ୍କୁ ଦୃଷ୍ଟିରେ ରଖି ଟ୍ରାଫିକ୍ ସମେତ ଅନ୍ୟାନ୍ୟ ବିଷୟରେ ଆଇନ ପ୍ରଣୟନ କରିଥାନ୍ତି। ଏହି ଦୃଷ୍ଟିରୁ ଫିନ୍‌ଲାଣ୍ଡ ଓ ଭାରତ ମଧ୍ୟରେ ଟ୍ରାଫିକ୍ ଆଇନରେ ଭିନ୍ନତା ପରିଲକ୍ଷିତ ହେବା ସ୍ୱାଭାବିକ। ତେବେ ଦଣ୍ଡ ପୈଠ କରିବାରେ ଏଇ ଦୁଇ ଦେଶ ମଧ୍ୟରେ ଯେମିତି ଅବମାନନାକାରୀଙ୍କ ମତିଗତି ମଧ୍ୟରେ ଆକାଶ ପାତାଳ ପାର୍ଥକ୍ୟ ଦେଖାଯାଏ। ସେଥିରେ ନାଗରିକମାନଙ୍କ ସମ୍ପର୍କରେ ଏକ ବୃହତ୍ତର ସୂଚନା ମିଳିଥାଏ। ତନ୍ମଧ୍ୟରେ ଗୋଟିଏ ପ୍ରଶ୍ନ ପଚରାଯାଇପାରେ ଯେ, ସୁଖୀ କିଏ ? ଫିନ୍‌ଲାଣ୍ଡର ଲୋକେ ନା ଭାରତୀୟ ?

ବୈଜ୍ଞାନିକମାନଙ୍କ ମତରେ ସେରୋଟୋନିନ, ଡୋପମାଇନ, ଏଣ୍ଡୋରଫିନ, ଅକ୍ସିଟୋସିନ ଇତ୍ୟାଦି ହରମୋନ କ୍ଷରଣ ଆମ ମସ୍ତିଷ୍କକୁ ପ୍ରଭାବିତ କରି ସୁଖ ବା ଦୁଃଖର ଅନୁଭବ ଜାଗ୍ରତ କରନ୍ତି। ଏହି ଦୃଷ୍ଟିରୁ ଜରିମାନାକୁ ଦୃଷ୍ଟାନ୍ତ ଭାବେ ନେଲେ ଜାଣିହୁଏ ଯେ, ଫିନ୍‌ଲାଣ୍ଡରେ ଆଇନର ଖିଲାପକାରୀମାନେ ଉଦାର ଚିତ୍ତରେ ଜରିମାନା ଭରିବାକୁ ଆଗେଇ ଆସିବା ବେଳେ ସେମିତି ପ୍ରସନ୍ନତା ପ୍ରକଟ କରନ୍ତି, ଏହି ଶ୍ରେଣୀର ଭାରତୀୟମାନଙ୍କ ସେଇ ପରିମାଣରେ କୁପିତ ଓ ଅନିଚ୍ଛୁକ ମନୋଭାବ ପ୍ରଦର୍ଶନ ପରିଦୃଷ୍ଟ ହୁଏ।

କିଛି ଅର୍ଥଶାସ୍ତ୍ରୀ ବିଭିନ୍ନ ଦେଶ ଉପରେ ଡାଟା ସଂଗ୍ରହ କରି ବିଶ୍ୱସ୍ତରୀୟ ଖୁସିସୂଚକର ତାଲିକା ଜାରି କରିଛନ୍ତି। ଏହାର ମୁଖ୍ୟ ଉପାଦାନ ହେଉଛି ମାନବ ବିକାଶ ସୂଚକାଙ୍କ। ଏହା ହିସାବ କରିବାକୁ ସେମାନେ ବିଭିନ୍ନ ଦେଶର ମୁଣ୍ଡ ପିଛା ଜିଡିପି (ଗ୍ରସ୍ ଡୋମେଷ୍ଟିକ ପ୍ରଡକ୍ଟ ବା ମୋଟ ଜାତୀୟ ଉତ୍ପାଦ) ଦାରିଦ୍ର୍ୟର ଅନୁପାତ ପରି ଅର୍ଥନୈତିକ ଦିଗକୁ ବିଚାରକୁ ନେଇଛନ୍ତି। କିନ୍ତୁ ଆମେରିକୀୟ ଅର୍ଥଶାସ୍ତ୍ରୀ ଆର୍ଥର ମେଲଭିନ ଓକୁନ (୧୯୨୮-୧୯୮୦) ସୁଖ ପରିବର୍ତ୍ତେ ଦୁଃଖ ମାନଦଣ୍ଡ ନିର୍ଦ୍ଧାରଣରେ ବେରୋଜଗାର ହାର, ମୁଦ୍ରାସ୍ଫୀତି ପରି କାରକ ମାନକୁ ମିଶାଇ ଏକ ବାସ୍ତବ ଚିତ୍ରରେ ପହଞ୍ଚିବାକୁ ଉଦ୍ୟମ କରିଛନ୍ତି। ତାଙ୍କ ଦ୍ୱାରା ପ୍ରଣୀତ 'ଓକୁନ ନିୟମ' ଅନୁସାରେ କୌଣସି ଏକ ଦେଶର ବାର୍ଷିକ ଜିଡିପି ଅଭିବୃଦ୍ଧି ହାର ଶତକଡା ଚାରି ହେଲେ ଏହାର ପରିଣାମସ୍ୱରୂପ ଶତକଡା ଏକ ଭାଗ ବେରୋଜଗାର ହାର କମିବ। ତାଙ୍କ ମତରେ ସୁଖ ପରିବର୍ତ୍ତେ ଦୁଃଖର ପରିମାଣ ନିର୍ଣ୍ଣୟ ଅଧିକ ବାସ୍ତବ ଓ ଠିକ୍। ତେବେ ଓକୁନଙ୍କ ନିୟମ କୌଣସି ଏକ ନିର୍ଦ୍ଦିଷ୍ଟ (ଧରାଯାଉ ଯୁକ୍ତରାଷ୍ଟ୍ର) ଦେଶର ବିଭିନ୍ନ କାଳ-ଖଣ୍ଡ ବା ଅବଧିର ଦୁଃଖ ମାପିବା ପାଇଁ ଯଥାର୍ଥ। କିନ୍ତୁ ଏହା ବିଭିନ୍ନ ଦେଶ ମଧ୍ୟରେ ତୁଳନାତ୍ମକ ସ୍ଥିତି ନିର୍ଣ୍ଣୟ କରିବାରେ ଅସଫଳ। ତେଣୁ ଜନ୍ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟ(ବଲ୍‌ଟିମୋର, ମାରିଲାଣ୍ଡ)ର ଆପ୍ଲାଏଡ ଇକୋନୋମିକ୍ସ ପ୍ରଫେସର ଷ୍ଟିଭ ହାଙ୍କେ ଏକ ଉନ୍ନତ ଦୁଃଖ ସୂଚକାଙ୍କ (ହାଙ୍କି ଅର୍ଥାତ ହାଙ୍କସ୍ ଆନୁଏଲ ମିଜେରି ଇଣ୍ଡେକ୍ସ) ପ୍ରସ୍ତୁତ କଲେ, ଯାହା ବେରୋଜଗାର, ମୁଦ୍ରାସ୍ଫୀତି, ବ୍ୟାଙ୍କର ଋଣ ହାର ଓ ମୁଣ୍ଡ ପିଛା ବାସ୍ତବ ଜିଡିପି ସହ ସମ୍ବନ୍ଧିତ।

୨୦୨୩ର ୱାର୍ଲ୍ଡ ହାପିନେସ୍ ଇଣ୍ଡେକ୍ସ ଅନୁସାରେ ସର୍ବାଧିକ ସୁଖୀ ରାଷ୍ଟ୍ର ହେଉଛି ଫିନ୍‌ଲାଣ୍ଡ। ସେଥିରେ ଅନ୍ତର୍ଭୁକ୍ତ ୧୩୭ ଦେଶ ତାଲିକାରେ ଭାରତର ସ୍ଥାନ ୧୨୬। ତେଣୁ ଭାରତକୁ ଗୋଟିଏ ଦୁଃଖୀ ଦେଶ କୁହାଯାଇପାରେ। ହୁଏତ ମୋଟର ଜରିମାନା ସମ୍ପର୍କିତ ଆଚରଣକୁ ଦୃଷ୍ଟାନ୍ତ ଭାବେ ନେଲେ, ଏହା ଠିକ୍ ଲାଗିପାରେ। ତେବେ ଦୁଃଖୀ ଦେଶ ତାଲିକା ସକାଶେ ହାଙ୍କିସକୁ ଆଧାର କରି ୨୦୨୨ରେ ଏହା ପ୍ରସ୍ତୁତ କରାଯାଇଛି। ତଦନୁସାରେ ଏକ ନମ୍ବରରେ ରହି ସବୁଠୁ ଦୁଃଖୀ ହେଉଛି ଜିମ୍ବାୱେ । ତେବେ ଫିନ୍‌ଲାଣ୍ଡ ଓ ଭାରତର ସ୍ଥାନ ଏଥିରେ ଯଥାକ୍ରମେ ରହିଛି ୧୦୯ ଓ ୧୦୩, ଅର୍ଥାତ ପ୍ରାୟତଃ ସମପରିମାଣରେ ଦୁଃଖୀ ବା ପ୍ରକାରାନ୍ତରେ ସୁଖୀ, କିନ୍ତୁ ସେହିବର୍ଷ ସୁଖୀ ତାଲିକାରେ ଫିନ୍‌ଲାଣ୍ଡ ଏକ ନମ୍ବରରେ ଥିବା ବେଳେ ଭାରତ ଥିଲା ୧୩୬ ସ୍ଥାନରେ। ଉକ୍ତ ଦୁଇ ପ୍ରକାର ତାଲିକା ପ୍ରବୀଣ ଅର୍ଥଶାସ୍ତ୍ରୀମାନେ ପ୍ରସ୍ତୁତ କରିଥିବା ବେଳେ ପରସ୍ପରର ବିପରୀତ ଫଳ ଦର୍ଶାଇଛନ୍ତି !

ଏଥିରୁ ସ୍ପଷ୍ଟ ହୁଏ ଯେ, ଅର୍ଥଶାସ୍ତ୍ରୀମାନେ ସୁଖ ଦୁଃଖ ପରି ଏକ ଅସ୍ପଷ୍ଟ ଇଲାକାରେ ପ୍ରବେଶ କରି ଯାହା କଳନା କରୁଛନ୍ତି, ତାହା ନିର୍ଭରଯୋଗ୍ୟ ନୁହେଁ। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ଉଚ୍ଚ ଶିକ୍ଷାପ୍ରାପ୍ତ ତଥା ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ମଣ୍ଡଳୀର ଉପଦେଷ୍ଟା ବିବେକ ଦେବରାୟ ମତ ଦେଇଛନ୍ତି ଯେ, ସୁଖ ଅପେକ୍ଷା ଦୁଃଖ ମାପିବା ଅଧିକ ଠିକ୍। ତାଙ୍କ ମତକୁ କେହି କେହି ସମର୍ଥନ କରି କହୁଛନ୍ତି ଯେ, ସୁଖ ଓ ଦୁଃଖ ହେଉଛି ମୂଳତଃ ଗୁଣ ବା ଅବସ୍ଥାବାଚକ ବିଶେଷ୍ୟ। ତେଣୁ ଏହା ସଂଖ୍ୟାରେ ପ୍ରକାଶ କରିବା ପ୍ରମାଦପୂର୍ଣ୍ଣ। ଯାଦୁକରମାନେ ଯେମିତି ଟୋପି ମଧ୍ୟରୁ ଅପ୍ରତ୍ୟାଶିତ ଭାବେ ଲୋକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରି ଗୋଟିଏ ମୂଷା ବାହାର କରିଦିଅନ୍ତି, ଅର୍ଥଶାସ୍ତ୍ରୀମାନେ ସେମିତି ଏକ ସରଳ ପଦ୍ଧତି ଅବଲମ୍ବନ କରି ସୁଖ ମାପୁଛନ୍ତି। ଫିନ୍‌ଲାଣ୍ଡ ଏକ ଉନ୍ନତ ସମୃଦ୍ଧ ଦେଶ ହିସାବରେ ଓଇସିଡି (ଅର୍ଗାନାଇଜେଶନ ଅଫ୍ ଇକୋନୋମିକ କୋଅପରେଶନ ଆଣ୍ଡ ଡେଭଲପମେଣ୍ଟ)ର ସଦସ୍ୟଭୁକ୍ତ ହୋଇଛି। କିନ୍ତୁ ସଦ୍ୟ ପ୍ରକାଶିତ ତଥ୍ୟାନୁସାରେ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟରେ ଆତ୍ମହତ୍ୟା ହାର ଅଧିକ। ସେଠାକାର ଲୋକେ ମାନସିକ ଅବସାଦଗ୍ରସ୍ତ ଅତ୍ୟଧିକ ଭାବେ। ମଦ୍ୟପାନ, ମାଦକଦ୍ରବ୍ୟ ସେବନରେ ଏହା ଅଗ୍ରଣୀ। ତଥାପି ଏହା ବିଶ୍ୱର ସର୍ବାଧିକ ସୁଖୀ ରାଷ୍ଟ୍ର ହେବା ବିଶ୍ୱାସଯୋଗ୍ୟ ନୁହେଁ। ଏହି ପ୍ରସଙ୍ଗ ଅଧିକ ଅନୁଧ୍ୟାନସାପେକ୍ଷ।

ମୋ: ୯୦୭୮୭୪୩୮୪୩

# ଜନସଂଖ୍ୟା ବୃଦ୍ଧି ପ୍ରଗତିରେ ବାଧକ



ଡା. ନିତ୍ୟାନନ୍ଦ ସ୍ୱାଇଁ

ସମ୍ପ୍ରତି ପ୍ରକାଶ ପାଇଛି ଏକ ଚମକପ୍ରଦ ସମ୍ବାଦ। ସମ୍ବାଦଟି ହେଲା, ଚଳିତ ବର୍ଷ ଭାରତର ଜନସଂଖ୍ୟା ଚାଇନାକୁ ଟପିଗଲା। ସୁତରାଂ ଭାରତ ହେଉଛି ବିଶ୍ୱର ସର୍ବାଧିକ ଜନବହୁଳ ଦେଶ। ଜନସଂଖ୍ୟା ବୃଦ୍ଧି ରାଷ୍ଟ୍ରର ଏକ ସମ୍ବଳ ରୂପେ ବିବେଚିତ ହେବା କଥା। କିନ୍ତୁ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଯଦି ପ୍ରଗତିରେ ସହାୟକ ନ ହୋଇ ବାଧକ ରୂପେ ଉଭା ହୁଏ, ସେ କ୍ଷେତ୍ରରେ ପ୍ରଗତି ସ୍ଥାଣୁ ହୋଇପଡ଼େ, ବାଧକ ରୂପେ ଉଭା ହୋଇପଡ଼େ, ସେକ୍ଷେତ୍ରରେ । ଏହା ସ୍ୱୀକାର୍ଯ୍ୟ ଯେ ପୃଥିବୀର ଲମ୍ବ ଓ ପ୍ରସ୍ଥକୁ ବଢ଼େଇ ହେବନି। ତାହାହେଲେ ଜନସଂଖ୍ୟାକୁ ଅବିଚାରିତ ଭାବରେ ବୃଦ୍ଧି କରି ଚାଲିଲେ ସେମାନେ ସମସ୍ତେ ରହିବେ କେଉଁଠି ? କେଉଁଠୁ ମିଳିବ ଖାଦ୍ୟ ? ସୁତରାଂ ଜନସଂଖ୍ୟା ବିସ୍ଫୋରଣ ବିପର୍ଯ୍ୟୟ ସୃଷ୍ଟି କରିବା ନିଶ୍ଚିତ। ୧୯୭୩ରେ ଚିକିତ୍ସା ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା କୋନ୍‌ରଡ୍ ଲୋରେଞ୍ଜ କହିଥିଲେ, ‘‘ଜନସଂଖ୍ୟାର ଅସ୍ୱାଭାବିକ ବୃଦ୍ଧି ହେଉଛି ସମସ୍ତ ଦୁର୍ଗତିର ମୂଳକାରଣ। ‘‘ହଁ, ଠିକ୍ କହିଥିଲେ କୋନ୍‌ରାଡ୍। ଆମେ ସମସ୍ତେ ତ ଏହି ଦୁର୍ଗତିକୁ ଅଙ୍ଗେ ନିଭେଇ ଚାଲିଛେ।

ପୃଥିବୀର ଜନସଂଖ୍ୟା ୮ଶହ କୋଟିରୁ ଊର୍ଦ୍ଧ୍ୱ ହୋଇଗଲାଣି। ୨୦୩୦ ବେଳକୁ ଏହା ପ୍ରାୟ ୮୫୦ କୋଟି ଏବଂ ୨୦୫୦ରେ ୯୭୦ କୋଟି ହୋଇପାରେ। ପୁଣି ଆଉ କେତେଟା ବର୍ଷ ପରେ ତାହା ୧୦୦୦ କୋଟିର ପାଖାପାଖି ପହଞ୍ଚିବ। ଏହିପରି ସ୍ଥିତି ଅବ୍ୟାହତ ରହିଲେ କଳ୍ପନା କରିପାରୁଛନ୍ତି ସେହି ସମୟର ଦୁର୍ଦ୍ଦଶା ? ପୁନଶ୍ଚ ଶିକ୍ଷାଦୀକ୍ଷାର ଅଭାବ ଏବଂ ଅଜ୍ଞତା କାରଣରୁ ଅନେକେ ଜନସଂଖ୍ୟା ବୃଦ୍ଧି ସମସ୍ୟା ସମ୍ପର୍କରେ ସଚେତନ ହୋଇ ପାରୁ ନାହାନ୍ତି। କମ୍ ବୟସରେ ସନ୍ତାନମାନଙ୍କର ବିବାହ କରିଦେବା ଜନସଂଖ୍ୟା ବୃଦ୍ଧିର ଅନ୍ୟତମ କାରଣ। ଗ୍ରାମାଞ୍ଚଳରେ ତଥାପି ଅବ୍ୟାହତ ରହିଛି ବାଲ୍ୟବିବାହ। ଜନସଂଖ୍ୟା ବୃଦ୍ଧିର କୁପରିଣତିଗୁଡ଼ିକୁ ତ ସମସ୍ତେ ଅଙ୍ଗେ ନିଭେଇ ଚାଲିଛନ୍ତି। ପୃଥିବୀର ପ୍ରାୟ ୧୦୦ କୋଟି ଲୋକ ଦୁଇଓଳି ପେଟପୂରା ଖାଇବା ପାଇଁ ପାଉନାହାନ୍ତି। କୋଟି କୋଟି ଶିଶୁ ଅପୁଷ୍ଟିର ଶିକାର ଓ ସନ୍ତୋଷଜନକ ଭାବେ ବଢ଼ି ନ ପାରି ବାଙ୍ଗରା। ମୁଣ୍ଡ ଗୁଞ୍ଜିବା ପାଇଁ ଘର ନ ଥିବା ଯୋଗୁ ହଜାର ହଜାର ଲୋକ ଫୁଟ୍‌ପାଥ୍‌ରେ, ରେଳ ପ୍ଲାଟଫର୍ମ କିମ୍ବା ବସ୍‌ଷ୍ଟାଣ୍ଡରେ ରାତି ବିତାଉଛନ୍ତି।

ପିଲାଙ୍କ ପଢ଼ିବା ପାଇଁ ସ୍କୁଲକଲେଜର ଅଭାବ। ଡାକ୍ତରଖାନାରେ ରୋଗୀମାନଙ୍କ ପାଇଁ ଖଟିଆର ଅଭାବ। କର୍ମଠ ତଥା ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ଚାକିରି ଅଭାବ। ବଢ଼ିଚାଲିଛି ଶିଶୁଶ୍ରମିକ। ବେକାରି ବୃଦ୍ଧି ପାଇଚାଲିଛି। ସବୁ ଜିନିଷର ଦରଦାମ ବଢ଼ିବା ଯୋଗୁ ଦାରିଦ୍ର୍ୟ ଦୂରୀକରଣ, କ୍ଷୁଧା ଓ ପୁଷ୍ଟିହୀନତାର ନିବାରଣ ଏବଂ ସମୁଚିତ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା ଅଧିକ ଦୁର୍ବଳ ହୋଇପଡ଼ିବା ସ୍ୱାଭାବିକ। ପୁନଶ୍ଚ, ଜନସଂଖ୍ୟା ବଢ଼ି ଚାଲିଲେ ପରିବାରରେ ଶିଶୁ, ବୁଢ଼ାବୁଢ଼ୀ ଓ ରୋଗୀମାନଙ୍କର ଯଥାର୍ଥ ସେବାଯତ୍ନ ସମ୍ଭବ ହୋଇ ପାରିବନି। ଲିଙ୍ଗଗତ ସମାନତା ପ୍ରାପ୍ତିର ଉଦ୍ୟମ ବାଧାପ୍ରାପ୍ତ ହେବ। ନିରନ୍ତର ବିକାଶର ଲକ୍ଷ୍ୟ ପୂରଣ ହୋଇପାରିବନି। ଶିକ୍ଷିତ ଯୁବତୀଯୁବକଙ୍କ ପାଇଁ କର୍ମ ସଂସ୍ଥାନ



ହୋଇ ନ ପାରିଲେ ତାହା ସମାଜରେ ବିଶୃଙ୍ଖଳାର ଅନ୍ୟତମ କାରଣ ଭାବେ ଉଭା ହେବା ସ୍ୱାଭାବିକ।

ଜାଣି ରଖିବା ଆବଶ୍ୟକ ଯେ ଜନସଂଖ୍ୟା ଓ ଜନସାଧାରଣଙ୍କ ଜୀବନଯାପନର ମାନ ଭିତରେ ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ଜନସଂଖ୍ୟାର ଅନିୟନ୍ତ୍ରିତ ବୃଦ୍ଧି ରାଷ୍ଟ୍ରର ସର୍ବାଙ୍ଗୀନ ପ୍ରଗତିରେ ମୁଖ୍ୟ ପ୍ରତିବନ୍ଧକ। ଏହା ରାଷ୍ଟ୍ରରେ ଅର୍ଥନୈତିକ ବିକାଶକୁ ପଙ୍ଗୁ କରିଦେଉଛି। କାରଣ ମାନବସମ୍ବଳ ରାଷ୍ଟ୍ରର ବିକାଶ ପାଇଁ ଅପରିହାର୍ଯ୍ୟ ହେଲେ ହେଁ ମାତ୍ରାଧିକ ଜନସଂଖ୍ୟା ଯୋଗୁ ଏହାର ଅନୁକୂଳତମ ସୁଫଳ ଉପଭୋଗ କରିହେଉନାହିଁ।

ଭାରତ ଓ ଚୀନ ଚାଇନା ଉଭୟେ ଜନବହୁଳ ରାଷ୍ଟ୍ର। କିନ୍ତୁ ଚାଇନା ସହ ଭାରତରେ ଯେଉଁ ବିଜ୍ଞାନ ଓ ପ୍ରଯୁକ୍ତିଗତ ଦୂରତ୍ୱ ପରିଲକ୍ଷିତ ହେଉଛି, ତାହା କମିବା ପରିବର୍ତ୍ତେ ବଢ଼ିବାର ସମ୍ଭାବନା ବେଶୀ। ଏପରିକି ପ୍ରଯୁକ୍ତି ଓ ଅର୍ଥନୀତି ଦୌଡ଼ରେ ଆମେରିକାକୁ ମଧ୍ୟ ଆହ୍ୱାନ ଜଣେଇଲାଣି ଚାଇନା। ଏହା ସ୍ୱୀକାର୍ଯ୍ୟ ଯେ ବର୍ଦ୍ଧିଷ୍ଣୁ ଜନସଖ୍ୟା ପ୍ରତ୍ୟେକ ଦେଶ ପାଇଁ ସମସ୍ୟା। କିନ୍ତୁ ଚାଇନା ତା'ର ଅସୁମାରିଜନଙ୍କୁ ସମ୍ପଦରେ ରୂପାନ୍ତରିତ କରିବାରେ ସଫଳ ହୋଇପାରିଛି। କୌଣସି ଦେଶର ଶକ୍ତି ତା'ର ଜନସଂଖ୍ୟାରେ ପ୍ରତିଫଳିତ ହୋଇ ନ ଥାଏ, ବରଂ ଦେଶର ଶକ୍ତି ପ୍ରତିଫଳିତ ହୋଇଥାଏ ଜନଗଣଙ୍କର କର୍ମଦକ୍ଷତା ଏବଂ ଜ୍ଞାନ-ବିଜ୍ଞାନରେ।

ଜନସଂଖ୍ୟା ହ୍ରାସ କରିବାକୁ ହେଲେ ଜନସଂଖ୍ୟା ବୃଦ୍ଧିଜନିତ ସମସ୍ୟାଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରେଇବା ଅପରହାର୍ଯ୍ୟ। ଜନ୍ମ ନିୟନ୍ତ୍ରଣର ପଦ୍ଧତିମାନ ଅବଲମ୍ବନ କରିବା, ବେଶୀ ବୟସରେ ବିବାହ କରିବା, ଦାରିଦ୍ର୍ୟ ଦୂରୀକରଣ କରିବା, ସମସ୍ତଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରିବା, ମାଆ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟର ଯତ୍ନ ନେଇ ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା, ଶିକ୍ଷାର ପ୍ରସାର କରି ସମାଜରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବା, ଲିଙ୍ଗ ବୈଷମ୍ୟ ପ୍ରତିହତ କରିବା, ପ୍ରଜନନ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଇ ଶିଶୁକନ୍ୟା ଓ ମହିଳାମାନଙ୍କ ସ୍ଥିତିରେ ଉନ୍ନତି ଆଣିବା ଓ ସର୍ବୋପରି ସମସ୍ତଙ୍କ ପାଇଁ ସମୁଚିତ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଇତ୍ୟାଦି ପଦକ୍ଷେପ ନେଇପାରିଲେ ଜନସଂଖ୍ୟା ନିୟନ୍ତ୍ରଣ ସହଜ ହୋଇପାରିବ।

ପ୍ରତିବର୍ଷ ଜୁଲାଇ ୧୧ରେ ପାଳିତ ହୋଇଥାଏ 'ବିଶ୍ୱ ଜନସଂଖ୍ୟା ଦିବସ ବା ୱାର୍ଲ୍ଡ ପପୁଲେଶନ ଡେ'। ଉକ୍ତ ଦିବସର ଆହ୍ୱାନ ହେଉଛି- ସୁରକ୍ଷିତ ଭବିଷ୍ୟତ ପାଇଁ ନିରନ୍ତର ବିକାଶ ; ଛୋଟ ପରିବାର, ସୁଖୀ ପରିବାର ; ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଅପରିହାର୍ଯ୍ୟ ହେଉଛି ଜନସଂଖ୍ୟା ନିୟନ୍ତ୍ରଣ। ପରିବାରର ସଦସ୍ୟମାନଙ୍କର ସଂଖ୍ୟା ଆପଣଙ୍କ ହାତରେ। ଚାହିଁଲେ ଜନ୍ମ ବିସ୍ଫୋରଣରୁ ପୃଥିବୀକୁ ରକ୍ଷା କରିପାରିବେ। ଜନସଂଖ୍ୟା ବୃଦ୍ଧିର ପରିଣାମ ଓ ପ୍ରତିକାର ବିଷୟରେ ଜନସଚେତନତା ସୃଷ୍ଟି କରିବା ଗଣମାଧ୍ୟମ, ବିଭିନ୍ନ ଅନୁଷ୍ଠାନ ଓ ସର୍ବୋପରି ପ୍ରତ୍ୟେକ ବ୍ୟକ୍ତିଙ୍କର ନୈତିକ କର୍ତ୍ତବ୍ୟ। ଏ ସମ୍ପର୍କରେ ଓଲିନ ମିଲର୍‌ଙ୍କ ଉକ୍ତି ବିଶେଷ ପ୍ରଣିଧାନଯୋଗ୍ୟ। ମିଲର୍ କହିଛନ୍ତି, ‘‘ଜନସାଧାରଣ ଯଦି ଜନସଂଖ୍ୟାକୁ ସୀମିତ ରଖିପାରିବେ, ତେବେ ଦାୟାଦମାନଙ୍କୁ ତାହା ହିଁ ହେବ ସେମାନଙ୍କର ସର୍ବୋତ୍ତମ ଉପହାର।’’

ଅଭିନବ ବିଡ଼ାନାସୀ, କଟକ

## ଏଇ ଭାରତରେ

ମାତ୍ର ୧୩ବର୍ଷ ବୟସରେ ନସିମା ଖୈନ୍‌ଙ୍କୁ ତାଙ୍କ ପରିବାର ଲୋକେ ବିହାରର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲେ। ପରେ ସେହି ଝିଅର ସଂଗ୍ରାମୀ ଜୀବନ ଓ ସେବା କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହୋଇଥିଲା। ନସିମାଙ୍କ ସହ ତାଙ୍କର କେତେଜଣ ସାଙ୍ଗଙ୍କୁ ୨୦୦୯ରେ ବିକ୍ରି କରିଦିଆଯାଇଥିଲା। ସେ ଆଉ କେବେ ବି ଘରକୁ ଫେରିପାରିବେ ନାହିଁ ବୋଲି ଜାଣିବା ପରେ ଭାଙ୍ଗିପଡ଼ିଥିଲେ। ନସିମାଙ୍କୁ ଜଣେ ପ୍ରାଧ୍ୟାପକଙ୍କ ଘରେ କାମ କରିବାରେ ନିୟୋଜିତ କରାଯାଇଥିଲା। ସେଠାରେ ସେ ସେହି ପ୍ରାଧ୍ୟାପକଙ୍କୁ ସବୁ କଥା କହିବା ପରେ ତାଙ୍କୁ ଓ ସାଙ୍ଗମାନଙ୍କୁ ପୋଲିସ ସହାୟତାରେ ଉଦ୍ଧାର କରାଯାଇଥିଲା। ପରେ ସେ ଓ ତାଙ୍କ ଭଳି ଉଦ୍ଧାର ହୋଇଥିବା କେତେଜଣ ଝିଅ ମିଶି ୨୦୧୬ରେ ଉତ୍ଥାନ ସଙ୍ଗଠନ ପ୍ରତିଷ୍ଠା କରିଥିଲେ। ବିଭିନ୍ନ ସ୍ଥାନରୁ ଉଦ୍ଧାର ହୋଇଥିବା ଝିଅମାନଙ୍କୁ ସଶକ୍ତ କରିବା ଲାଗି ବିଭିନ୍ନ ପ୍ରଶିକ୍ଷଣ ବ୍ୟବସ୍ଥା କଲେ। ପରେ ନସିମା ଓ ତାଙ୍କ ସାଥୀମାନେ ସାରା ଦେଶରୁ ତାଙ୍କ ଭଳି ପୀଡ଼ିତାଙ୍କ ସହ ମିଶି 'ଇଲ୍‌ଫାତ୍' ଫୋରମ ଗଠନକରି ଅନ୍ୟମାନଙ୍କ ଜୀବନରେ ପରିବର୍ତ୍ତନ ଆଣୁଛନ୍ତି। ସେ ଏହା ମାଧ୍ୟମରେ ଏବେ ସୁଦ୍ଧା ୪୦୦୦ ଜୀବନ ଗଢ଼ିସାରିଲେଣି ।

## ଚିରନ୍ତନୀ

ଅମର କଥା ନୁହଇ କିଛି
ମରଣ ଅବିକଳ
ସାନ୍ତ୍ୱନାର ଗୋଟାଏ ଖାଲି ଭାବ
ରଚଇ କବି ଶିଳ୍ପୀ ଲେଖେ
ଲାଗଇ ବୋଲି ଭଲ
କି ତହିଁ ଆଉ ରହିଚି ତାର ଲାଭ ?
(ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଜୁଲାଇ ୧୯୯୮

- ବିଶିଷ୍ଟ କବି ତଥା ଗୀତିକାର କବି ପ୍ରଦୀପଙ୍କୁ ଜାତୀୟ ଚଳଚ୍ଚିତ୍ରରେ ସର୍ବୋଚ୍ଚ ପୁରସ୍କାର ଦାଦା ସାହେବ ଫାଲକେ ପୁରସ୍କାର ପ୍ରଦାନ।
- ବରିଷ୍ଠ କଂଗ୍ରେସ ସଦସ୍ୟା ନଜ୍‌ମା ହେପତୁଲ୍ଲା ଲଗାତର ଚତୁର୍ଥ ଥର ପାଇଁ ରାଜ୍ୟସଭାର ଉପାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ।
- ଜାତୀୟ ଅର୍ଥନୀତିରେ ମନୋରଞ୍ଜନ ଶିଳ୍ପର ଗୁରୁତ୍ୱ ଉପଲବ୍ଧି କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ଚଳଚ୍ଚିତ୍ର ରପ୍ତାନି ପ୍ରୋତ୍ସାହନ ଫୋରମ୍ ଗଠିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | 8 | | | | | 7 | 5 |
| | | | | 7 | | 4 | 1 | 2 |
| | | | | | | | | |
| | | 7 | | 9 | | 3 | | |
| | 3 | | | 5 | | | 6 | |
| | | | | | | 5 | | |
| | | | | | 2 | | | 4 |
| | 5 | | | | | 8 | | 1 |
| | 9 | | 1 | 4 | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 3 | 2 | 7 | 1 | 8 | 9 | 5 |
| 1 | 8 | 5 | 6 | 9 | 4 | 3 | 7 | 2 |
| 2 | 7 | 9 | 8 | 5 | 3 | 1 | 6 | 4 |
| 7 | 5 | 2 | 1 | 8 | 9 | 4 | 3 | 6 |
| 4 | 9 | 1 | 3 | 6 | 7 | 2 | 5 | 8 |
| 8 | 3 | 6 | 4 | 2 | 5 | 9 | 1 | 7 |
| 9 | 6 | 8 | 5 | 3 | 2 | 7 | 4 | 1 |
| 3 | 2 | 4 | 7 | 1 | 6 | 5 | 8 | 9 |
| 5 | 1 | 7 | 9 | 4 | 8 | 6 | 2 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଓବାମାଙ୍କ ଆଶଙ୍କା ସତ ହେବ କି

ମହାଶୟ,

ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରେ ଯାଇ ଦୀର୍ଘ ଭାଷଣ ଦେବା ସମୟରେ ସ୍ୱଭାବବଶତଃ ବିରୋଧୀ କଂଗ୍ରେସର ନୀତି ଆଦର୍ଶକୁ ବିରୋଧକରି ଅନେକ ମିଥ୍ୟା ଭାଷଣ ଦେବାରୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ମୋଦିଙ୍କର ଇସ୍‌ଲାମ ବିରୋଧୀ ନୀତି ସମ୍ପର୍କରେ ମତ ଦେଇ ପ୍ରଧାନମନ୍ତ୍ରୀଙ୍କୁ ସତର୍କ କରାଇଦେଇଛନ୍ତି। ସେ କହିଛନ୍ତି, ମୋଦିଙ୍କ ଚକ୍ରାନ୍ତ ଯୋଗୁ ଭାରତର ଧର୍ମକୁ ନେଇ ଦ୍ୱିତୀୟ ଥର ବିଭାଜନର ସୂତ୍ରପାତ ହୋଇଯାଇପାରେ। ଏହା କ'ଣ ସତ ହେବ ? ଏ ପ୍ରକାର ବିବଦମାନ ମତାମତ ଏବେ ଅନ୍ତର୍ଜାତୀୟ କ୍ଷେତ୍ରରେ ଏକ ରାଜନୈତିକ ଝଡ଼ର ସୂତ୍ରପାତ କରିଛି। ବାସ୍ତବ ସତ୍ୟ ହେଲା ଦେଶରେ ମୋଦି ସରକାର ସମୟରେ ସମ୍ବିଧାନର ଧର୍ମନିରପେକ୍ଷତା ଉପେକ୍ଷିତ ହେବାରୁ ହିଂସା ଏବଂ ଘୃଣାର ରାଜନୀତି ଦେଶ ପାଇଁ ବିପଦର କାରଣ ହୋଇଛି।

– ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆବୁଧାବିରେ ହେବ ଦିଲ୍ଲୀର ଆଇଆଇଟି କ୍ୟାମ୍ପସ: ଧର୍ମେନ୍ଦ୍ର



ଭୁବନେଶ୍ୱର, ୧୦।୭(ସୁନିତ୍ ମିଶ୍ର)

ଆବୁଧାବିରେ ଦିଲ୍ଲୀର ଆଇଆଇଟି କ୍ୟାମ୍ପସ ପ୍ରତିଷ୍ଠା ହେବ। ସୋମବାର ଆଇଆଇଟି ଦିଲ୍ଲୀଠାରେ ୟୁନାଇଟେଡ ଆରବ ଏମିରେଟ୍‌ସ (ୟୁଏଇ)ର ପ୍ରାଥମିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସାରା ମୁସଲ୍ଲମଙ୍କୁ ସାକ୍ଷାତ କରିବା ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଭାରତ ଏବଂ ୟୁଏଇ ମଧ୍ୟରେ ସମ୍ପର୍କ ଦୀର୍ଘଦିନରୁ ରହିଆସିଛି। ଭାରତର ପ୍ରଧାନମନ୍ତ୍ରୀ ଏବଂ ୟୁଏଇ ରାଷ୍ଟ୍ରପତି ଉତ୍ତମ ବନ୍ଧୁ। ଦୁଇ ଦେଶର ଭୂମିକା ବର୍ତ୍ତମାନ ବିଶ୍ୱରେ ଗୁରୁତ୍ୱପୂର୍ଣ୍ଣ ରହିଛି। ଆବୁଧାବିରେ ଦିଲ୍ଲୀର ଆଇଆଇଟି କ୍ୟାମ୍ପସ ପ୍ରତିଷ୍ଠା ହେବା ନିଶ୍ଚିତ ଭାବେ ଖୁସିର ବିଷୟ। ଏହି ପଦକ୍ଷେପ ୨ ଦେଶର ସଫଳ ନେତୃତ୍ୱର ପ୍ରତିଫଳନ। ଏହାଦ୍ୱାରା ଦୁଇ ଦେଶରେ ଶିକ୍ଷା କ୍ଷେତ୍ରରେ ସମ୍ପର୍କ ଆହୁରି ନିବିଡ଼ ହେବ। ଶିକ୍ଷା ଭିତ୍ତିଭୂମି ମଜଭୁତ ହେବା ସହ ପିଲାଙ୍କ ମଧ୍ୟରେ ଇନୋଭେଶନ କରିବା ପାଇଁ ଆଗ୍ରହ ଆସିବ ଏବଂ ନୂଆ ଆଇଡିଆ ଆସିବ। ବୈଶ୍ୱିକ ମଡେଲ ମଧ୍ୟ ତିଆରି ହେବ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଆଇଆଇଟି ଦିଲ୍ଲୀରେ ୟୁଏଇର ପ୍ରାଥମିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀଙ୍କ ସହ ଫ୍ୟୁଚର୍ ଚେଞ୍ଜମେକର୍ସ ସମର ବୁଟକ୍ୟାମ୍ପର ଉଦଘାଟନ କରିଥିଲେ। ଭାରତ ଏବଂ ୟୁଏଇର ରାଷ୍ଟ୍ରଦୂତଙ୍କୁ ସାକ୍ଷାତ୍ କରିବା ସହ ସେ ୟୁଏଇର ଛାତ୍ରୀଛାତ୍ରମାନଙ୍କୁ ଭେଟି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେ କହିଥିଲେ ବୁଟକ୍ୟାମ୍ପ ୟୁଏଇ ଏବଂ ଭାରତର ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଅନନ୍ୟ ଶିକ୍ଷଣ ଅନଭୂତି ଦେବ। ଉଭୟ ଦେଶର ଛାତ୍ରୀଛାତ୍ରଙ୍କ ପାଇଁ ଯାତ୍ରା ଏବେ ଆରମ୍ଭ ହେଲା ବୋଲି ସେ କହିଛନ୍ତି।

# କ୍ରଶର ବନ୍ଦ ଦାବିରେ ସ୍କୁଲ ଫାଟକରେ ତାଲା

## ବ୍ଲାଷ୍ଟିଂରେ ଗାଁ ଥରିବା ଘଟଣା

- ପ୍ରଭାବିତଙ୍କ ଘର ବୁଲି ଦେଖିଲେ ତହସିଲଦାର
- ସାମୟିକ ଭାବେ କ୍ରଶର ବନ୍ଦ ନିର୍ଦ୍ଦେଶ

ପାଟଣା, ୧୦।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ତହସିଲ ଟାଙ୍ଗରପଡ଼ା ଆରଆଇ ସର୍କଲ ଅନ୍ତର୍ଗତ ଅଙ୍କୁରା ସ୍କୁଲ ସାହିନିକଟରେ ଥିବା କ୍ରଶରରେ ବ୍ଲାଷ୍ଟିଂ ଯୋଗୁ ଭୟଙ୍କର ଶବ୍ଦ ହେବା ସହ ୧୦ଜଣଙ୍କ ଘରର କାନ୍ଥ ଫାଟିଥିବା ବେଳେ ସ୍କୁଲ ଟାଇଲ ଛପର ଭାଙ୍ଗିଥିଲା। ଏହି ଘଟଣା ପରେ ଗ୍ରାମର ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେବା ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୋମବାର ଉତ୍ତ୍ୟକ୍ତ ଲୋକେ ଠିକା ସଂସ୍ଥାର କ୍ରଶର ବନ୍ଦ ଦାବିରେ ଗ୍ରାମରେ ଥିବା ସ୍କୁଲ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। କ୍ରଶର ଜାଳିଦେବାକୁ ମଧ୍ୟ ଉଦ୍ୟମ କରିଥିଲେ। ତହସିଲଦାର ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ କ୍ରଶର ବନ୍ଦ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଉତ୍ତେଜନା ଜାରି ରହିଥିବାରୁ ଗାଁରେ ପୋଲିସ ଫୋର୍ସ ମୁତୟନ ରହିଛନ୍ତି।

କ୍ରଶର ସନ୍ନିକଟ ହୁଡ଼ିରେ ରବିବାର ଅପରାହ୍ନରେ ଡିନାମାଇଟ ବ୍ଲାଷ୍ଟ ହୋଇଥିଲା। ବ୍ଲାଷ୍ଟିଂରେ ଗାଁ ଥରି ଉଠିଥିବା ବେଳେ ପଥରଖଣ୍ଡ ଆସି ଅନେକଙ୍କ ଘର ଉପରେ ପଡ଼ିଥିଲା। ଏଥିରେ ସାହିର ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଘର, ଅଙ୍ଗନୱାଡ଼ି ଓ ସ୍କୁଲ କାନ୍ଥ ଫାଟି, ଟାଇଲ ଭାଙ୍ଗି କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ କ୍ରଶର ବନ୍ଦ ଦାବିରେ ଉତ୍ତେଜିତ ଲୋକେ ୨ କ୍ରଶର କର୍ମଚାରୀ ବିବେକାନନ୍ଦ ପାତ୍ର ଓ ପ୍ରଦୀପ ବାରିକଙ୍କୁ ଅଟକ ରଖିଥିଲେ। ବିଳମ୍ବିତ ରାତିରେ ଚମ୍ପୁଆ ଏସ୍‌ଡିପିଓ ଲୋକଙ୍କୁ ବୁଝାଶୁଝା କରି ୨ ଜଣଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ। ସୋମବାର ସକାଳୁ ଗାଁରେ ଉତ୍ତେଜିତ ଲୋକେ କ୍ରଶର ବନ୍ଦ ଦାବିରେ ଅଙ୍କୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ। ପରେ କ୍ରଶର ଜାଳିଦେବାକୁ କହି ସଂଘବଦ୍ଧ ହୋଇ କ୍ରଶର ଅଭିମୁଖେ ଯାଇଥିଲେ। ଏହି ସମୟରେ କ୍ରଶରରେ ଥିବା ୧୫ରୁ ଉର୍ଦ୍ଧ୍ୱ କର୍ମଚାରୀ ଜୀବନ ବିକଳରେ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ଆଇନ ହାତକୁ ନ ନେବାକୁ ଉପସ୍ଥିତ ପୋଲିସ ଓ ସ୍ଥାନୀୟ ଯୁବକ ବୁଝାଇବା ପରେ ଲୋକେ କ୍ରଶର ନିକଟରୁ ଫେରିଥିଲେ। ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ ଓ ଘଟଗାଁ ଏସ୍‌ଡିପିଓ ଆଲୋକ ଜେନା ପହଞ୍ଚି ଅପରାହ୍ନ ୧ଟା ପରେ ଲୋକଙ୍କୁ ବୁଝାଶୁଝା କରି ସ୍କୁଲ ଫାଟକରୁ ତାଲା ଖୋଲିଥିଲେ। ପରେ ବ୍ଲାଷ୍ଟିଂ ପ୍ରଭାବରେ କ୍ଷତିଗ୍ରସ୍ତ ଲୋକଙ୍କ ଗୃହକୁ ଯାଇ ଯୁଗ୍ମ ପରିଦର୍ଶନ କରି ଚିଠା ପ୍ରସ୍ତୁତ କରିଥିଲେ। ବ୍ଲାଷ୍ଟିଂ ଦ୍ୱାରା କ୍ଷତିଗ୍ରସ୍ତ ୧୦ରୁ ଉର୍ଦ୍ଧ୍ୱ ଘର ମାଲିକଙ୍କଠାରୁ ଦରଖାସ୍ତ ଗ୍ରହଣ କରିଛନ୍ତି। ଘର ଓ ବାହାରେ ପଡ଼ିଥିବା ବଡ଼ ବଡ଼ ପଥରକୁ ପୋଲିସ ଜବତ କରିଛି। କ୍ରଶରକୁ ସାମୟିକ ପାଇଁ ବନ୍ଦ କରାଯିବାକୁ ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ତହସିଲଦାର ଦେହୁରୀ କହିଛନ୍ତି, କ୍ରଶର କର୍ତ୍ତୃପକ୍ଷ ବ୍ଲାଷ୍ଟିଂ ନିୟମକୁ ଉଲ୍ଲଂଘନ କରିଛନ୍ତି। ତେଣୁ କ୍ରଶରକୁ ସାମୟିକ ଭାବେ ବନ୍ଦ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ଶିକ୍ଷକ ଯୁଧିଷ୍ଠିର ମହାନ୍ତ କହିଛନ୍ତି, କ୍ରଶର ପାଇଁ ହୁଡ଼ିରେ ବ୍ଲାଷ୍ଟ ହେଉଥିବା ପଥର ବିଦ୍ୟାଳୟ ଭିତରେ ପଡୁଛି। ଫଳରେ ଉତ୍ତ୍ୟକ୍ତ ଲୋକେ ସ୍କୁଲରେ ତାଲା ପକାଇଥିବା ନେଇ ଦରଖାସ୍ତ ପ୍ରଦାନ କରିଥିଲେ। ତାହା ପାଟଣା ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତଙ୍କ ନିକଟକୁ ପଠାଇ ଦେଇଥିବା କହିଥିଲେ। ଘଟଗାଁ ଏସ୍‌ଡିପିଓ ଜେନା କହିଛନ୍ତି, ଦୁର୍ଗା କନଷ୍ଟ୍ରକଶନ ନାମରେ ମାମଲା (ନଂ.୧୧୯/୨୩)ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି। ଡିନାମାଇଟ୍ ଫୁଟାଉଥିବା ବ୍ୟକ୍ତିଙ୍କୁ ଖୋଜାଚାଲିଛି। ସମଗ୍ର ଘଟଣା ଉପରେ ପୋଲିସ ପ୍ରଶାସନ ନଜର ରଖିଛି ବୋଲି କହିଥିଲେ। ଅନ୍ୟପକ୍ଷରେ ଭାଜପାର ସ୍ଥାନୀୟ ଆଦିବାସୀ ନେତା ସତ୍ୟବ୍ରତ ନାୟକ ଅଭିଯୋଗ କରିଛନ୍ତି, ଉକ୍ତ ସ୍ଥାନରେ ମାଇନିଂ ରୁଲର ଖୋଲାଖୋଲି ଉଲ୍ଲଂଘନ ହେଉଛି। ପ୍ରଶାସନ ବସତିଠାରୁ ମାତ୍ର ୩ ଶହ ମିଟର ଦୂରରେ କିଭଳି କ୍ରଶର ବସାଇବାକୁ ଅନୁମତି ଦେଲେ ବୋଲି ପ୍ରଶ୍ନ କରିଛନ୍ତି। କ୍ରଶର ସବୁଦିନ ପାଇଁ ବନ୍ଦ ନ ହେଲେ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେ ଚେତାବନୀ ଦେଇଛନ୍ତି।



ପ୍ରଶାସନ ପକ୍ଷରୁ ସ୍କୁଲ୍ ଫାଟକରୁ ତାଲା ଖୋଲାଯାଉଛି।



ଏସ୍‌ଡିପିଓ ଆଲୋକ ଜେନା ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।


**LEVEL-II TRANSPORT CONTRACTOR 2023-25**

**NOTICE INVITING TENDER**

**Office of the District Manager,**
**Odisha State Civil Supplies Corporation Ltd., Nayagarh**
**Phone No.:-06753-253942**
**District Website:- www.nayagarh.nic.in**

**Tender No,2651,2652, 2653,2654, 2655,2656,2657 & 2658/Dt. 07.07.2023**

**No.CAD-1201:**District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through ONLINE MODE ONLY for the work below.

| | | |
|---|---|---|
| 1 | Name of the Work | Selection and appointment of Transport Contractor Level-II for transportation of foodgrains from (RRC-cum-DSCs) to F.P.S/Retailer Point in the district Nayagarh of the State of Odisha |
| 2 | Availability of bid document in the portal | From 07.07.2023 |
| 3 | Last Date/Time for receipt of bids in the portal | 27.07.2023 upto 5.00 PM |
| 4 | Date/Time of Opening of Technical Bid | 29.07.2023 (Bhapur Block & Daspalla Block) at 11:00 AM, 31.07.2023 (Gania Block & Khandapada Block and NAC) at 11.00 AM, 02.08.2023 (Nayagarh Block & NAC and Nuagaon Block) at 11.00 AM, 04.08.2023 (Odagaon Block and Ranpur Block) at 11.00 AM onwards. |
| 5 | Name and Address of the Officer Inviting Tender | CSO-cum-District Manager, O.S.C.S.C Ltd., Nayagarh |

Tender Documents and other details can be seen from the e-procurement portal www.oscsc.in., www.foododisha.in & www.tenderodisha.gov.in along with district website.Amendments/corrigendum/cancellation/retenders etc. if any shall be published only in above websites.

**Sd./- District Manager**
**O.S.C.S.C. Ltd., Nayagarh**
OIPR-07057/11/0009/2324

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1205 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.3446/RE/OSIC Dt.07.07.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works "Supply and installation of Street light projects under Biju KBK State & District Sector for the FY 2020-21, 2021-22 and 2022-23 in different blocks of Nabarangpur District". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)
OIPR-14073/11/0040/2324

**ODISHA JOINT ENTRANCE EXAMINATION (OJEE) - 2023**

No. 310/OJEE Dt. 10/07/2023

**TENTATIVE SCHEDULE OF REGISTRATION**

**No.h-12:**Interested NEET-UG 2023 qualified candidates wish to participate in Odisha state medical counselling have to register in prior for data pre-processing. Only State natives are eligible for all the state quota MBBS and BDS seats in Odisha. However, other state candidates may be eligible for NRI quota seats only. Therefore, candidates must ensure their eligibility before registering.

| Activity | Date |
|---|---|
| Registration and Online Application Uploading of Documents for Online Verification | 12-07-2023 12:00 NOON to 16-07-2023 11: 59 PM |
| All eligible PC Candidates are required to attend the Medical Board at **LT - II, SCB Medical College, Cuttack** | 14-07-2023 and 15-07-2023 |
| All eligible ES candidates are required to attend the ES board at **Rajya Sainik Board, Odisha at IRC Village, Nayapalli, Bhubaneswar** | 12-07-2023 and 15-07-2023 |
| Publication of provisional State Merit List of registered candidates | 20-07-2023 5:00 PM |
| Any Query raised by candidates on the merit list | 21-07-2023 by 5:00 PM |
| Publication of final State Merit List of registered candidates | 22-07-2023 |

***Detail Schedule of the Counselling Process for Admission to MBBS/BDS Courses will be Notified in Due Course of Time.***

For other details please visit
Mail id of OJEE2023: **odishaojee@gmail.com**
**Website: www. ojee.nic.in, www.odishajee.com**

**Sd./-**
**Chairman, OJEE**
OIPR-14020/11/0012/2324

**OFFICE OF THE GENERAL MANAGER,**
**WATCO PROJECT DIVISION, SAMBALPUR, ODISHA - 768005**
E-mail - gmprojectsbp@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**
**No.C-768: Bid Identification No. 08/Proiect/WATCO/SBP/ 2023-24 Dated 07.07.2023**

| Sl. No. | Name of Work | Appx. Estimated Cost (Rs.in Lakh) | Period of Completion | Availability of Bid document for Online Bidding | | Class of the Contractor |
|---|---|---|---|---|---|---|
| | | | | From | To | |
| 1 | 2 | 3 | 4 | 5 | 6 | 7 |
| 1 | Laying of 450 mm dia RCC NP3 Sewer from MH4941 (Near Jail colony) to MH4974 (Behind Jail Chowk) and construction of 1500 mm dia Manhole chamber along Bhutapada Road, Catchment-3 in part commissioning area of Sambalpur Sewerage System. | 31.01 | 02 (Two Months) | 11.00 Hrs. of 19.06.2023 | 17.00 Hrs. of 29.06.2023 | C & B |
| 2 | Laying of 450 mm dia RCC NP3 Sewer from MH4974 (Behind Jail Chowk to MH3402 (Board office) and construction of 1500 mm dia Manhole chamber along Bhutapada Road, Catchment-3 in part commissioning area of Sambalpur Sewerage System. | 39.80 | 02 (Two Months) | 11.00 Hrs. of 12.07.2023 | 17.00 Hrs. of 21.07.2023 | C & B |

Further details can be seen from the e-Procurement portal "https://www.tendersodisha.gov.in"
OIPR-13236/11/0008/2324 **Sd./- General Manager, WATCO Project Division, Sambalpur**

**OFFICE OF THE EXECUTIVE ENGINEER**
**PODAGADA DAM DIVISION, UIDC, KHATIGUDA**
**AT/PO- KHATIGUDA, DIST.- NABARANGPUR, Pin-764085**
E mail-id-eepodagadadam@gmail.com
EEPDD-No- 822 /Dated: 10.07.2023
**TENDER CALL NOTICE NO:-EEPDD-02/2023-24 DATED 10.07.2023**

**No.A-310:**The Executive Engineer, Podagada Dam Division AT/PO: Khatiguda, Dist. Nabarangpur (Odisha) on behalf of Hon'ble Governor of Odisha invites tender in the prescribed form to be eventually drawn in P.W.D.F2 form from the **Registered Travel Agency/Tour operators/ Private individuals Light vehicle owners authorized to use the vehicle for commercial purpose,** having commercial Registration Certificate, GST Registration No. & PAN of IT, for "Deployment of **01 (One) No. of light Commercial Vehicle (Bolero/TUV-300/SUMO Gold/Ertiga** on hire basis to be engaged for the official use of the Executive Engineer, Podagada Dam Division under UIDC, Khatiguda for one year/12 (Twelve) calendar months from the date of Agreement along with driver.

**N:B: All details can be seen in the Tender booklet from the office of the Executive Engineer, Podagada Dam Division, UIDC, Khatiguda Dist: Nabarangpur from Dt. 12.07.2023, 11.00AM to 19.07.2023 up to 1.00 PM regarding tender.**

**Sd./- Executive Engineer**
**Podagada Dam Division, Khatiguda**
OIPR-32095/11/0002/2324

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA**
E-Mail ID: serwcbaripada@gmail.com, Ph. No.: 06792-261343/261344, Gangraj, Baripada
No. O-328
**"e" Procurement Notice for Building Work**
Identification No. - Online Tender - Building N.C.B. No. 286 for 2023-24
Letter No. 3204 Date: 07.07.2023

1. Name of the Work : Construction of (MPH) Building Works year 2023-24 in the District of Mayurbhanj.
2. Total No. of Work : 05 Nos. (Five)
3. Estimated Cost : Rs.430.00 lakhs (Approximately)
4. Eligible Class of Contractor : 'A' Class
5. Period of Completion : 06 Calendar Months
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Building Online N.C.B. No. 286 | Dt.12.07.2023 at 11.00 A.M. | Dt.26.07.2023 upto 5.00 P.M. | Dt.25.07.2023 upto 5.00 P.M. | Dt.27.07.2023 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.
- Any Corrigendum/Addendum will be displayed in the above e_tender website only.

OIPR-25130/11/0013/2324 **Sd./- Chief Construction Engineer, R.W. Circle, Baripada**

**GOVERNMENT OF ODISHA** No. O-329
**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR**
(Email i.d: crew_bbsr@yahoo.com)
Letter. No. 19623 Dt.07.07.2023
**Notice Inviting Request for Proposal from Consultant**
**(RFP-Online-03 (Bridge)/2023-24 Dtd.06.07.2023)**

1. Name of the Work : Consultancy services for preparation of Detailed Project Report (DPR) for restoration of the Pedestrain Suspension Bridge.
2. Total No. of Works : 01 (One) No.
3. Period of Completion : 120 Days
4. Other Details : **www.tendersodisha.gov.in**

| Procurement Officer | Bid Identification No. | No. of Bridge Works | Availability of Tender Online for Bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | RFP - Online - 03 (Bridge)/ 2023-24 | 01 (One) No. | 12.07.2023 at 11.00 A.M. | 27.07.2023 upto 5.00 P.M. |

Other details can be seen in the bidding documents, which will be available in website **www.tendersorissa.gov.in**.

**Sd./- Chief Engineer (Buildings & Bridges)**
**Rural Works, Odisha, Bhubaneswar**
OIPR-25123/11/0016/2324

No. O-339 **GOVERNMENT OF ODISHA** Email: eerwgunupur@gmail.com
**OFFICE OF THE SUPERINTENDING ENGINEER, RURAL WORKS DIVISION, GUNUPUR**
**E-Procurement Notice**
No. 1965 Bid Identification No. SERWGNP - Online - 01/2023-24 Date: 06.07.2023

1. Name of the Work : Repair and Maintenance of Road Works
2. Total No. of Works : 35 Nos. (Percentage rate tender)
3. Estimated Cost : As mentioned in Col. 3 of Annexure
4. Class of Contractor : As mentioned in Col. 5 of Annexure
5. Period of Completion : As mentioned in Col. 4 of Annexure
6. EMD : As mentioned in Col. 6 of Annexure
7. Paper Cost : As mentioned in Col. 7 of Annexure
8. Other details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Gunupur | SERWGNP Online 01/2023-24 | 17.07.2023 at 10.00 A.M. | 31.07.2023 upto 5.00 P.M. | 01.08.2023 at 11.00 hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Further details can be seen from the website: **www.tendersorissa.gov.in**.
OIPR-25170/11/0001/2324 **Sd./- Superintending Engineer, Rural Works Division, Gunupur**

**OFFICE OF THE PANCHAYAT SAMITI, BARGAON, DIST.: SUNDARGARH**
e-mail id: ori-bargaon@nic.in, PIN - 770016
No. 4199 Date: 07.07.2023
**TENDER CALL NOTICE - 02/2023-24**

No. i-223: Sealed tenders are invited from the interested bidder for the civil work under BDO, Bargaon of Sundargarh district. The detail of works, eligibility, estimated cost and cost of tender paper has been uploaded in the district website: **www.sundergarh.nic.in**. The bidder should be B, C & D Class contractor. They have to submit the bid document to the undersigned in the address of Office of the BDO, Bargaon, At/P.O.: Bargaon, PIN - 770016, Dist.: Sundargarh (Odisha) through Registered Post/Speed Post only on or before 24.07.2023, 1.00 P.M. The sale of tender paper will be from dated 10.07.2023 to dated 20.07.2023 in the district website: **www.sundergarh.nic.in**. The authority reserves the right to cancel or reject the entire process without assigning any reason thereof. The tender will be opened on dated 25.07.2023 at 10.00 A.M. in the Office of the undersigned in the presence of the bidders or his/her representatives.

**Sd./- Block Development Officer, Bargaon**
OIPR-19338/11/0003/2324

**ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**

SAMS Student Academic Management System — Skilled in ODISHA

**ରାଜ୍ୟ ସରକାରୀ ଓ ବେସରକାରୀ ଆଇଟିଆଇ ମାନଙ୍କର ୨୦୨୩-୨୪ ଶିକ୍ଷାବର୍ଷର ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ବିଜ୍ଞାପନ ।**

No.KK–91:– ସ୍ୱଳ୍ପ ଅବଧି ମଧ୍ୟରେ ନିଯୁକ୍ତି/ଆତ୍ମନିଯୁକ୍ତିକ୍ଷମ ହେବା ନିମିତ୍ତ, ଆଇ.ଟି.ଆଇ.ର କୁଶଳୀ ତାଲିମ ଆଣିଦିଏ ଏକ ସୁଯୋଗ । ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ଅଗଷ୍ଟ ମାସରୁ ଆରମ୍ଭ ହେବାକୁ ଥିବା ୨୦୨୩–୨୪ ଶିକ୍ଷାବର୍ଷରେ ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ **ଦ୍ୱିତୀୟ** ପର୍ଯ୍ୟାୟ ନାମଲେଖାର ଆବେଦନକୁ ତା୧୫.୦୭.୨୦୨୩ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

**ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ସରକାରୀ ଆଇ.ଟି.ଆଇ.ରେ ଉପଲବ୍ଧ ସୁଯୋଗ:**

୧– ଆବାସିକ ସୁବିଧା (ଅଧିକାଂଶଙ୍କ ପାଇଁ)
୨– ସୁଦକ୍ଷା ଯୋଜନାରେ ସମସ୍ତ ବର୍ଗର ଝିଅ ପିଲାଙ୍କ ପାଇଁ, ନିର୍ମାଣକୁସୁମ ଯୋଜନାରେ ନିର୍ମାଣ ଶ୍ରମିକଙ୍କ ପୁଅ ଝିଅଙ୍କ ପାଇଁ, ବାଣିଶ୍ରୀ ଯୋଜନାରେ ସମସ୍ତ ଦିବ୍ୟାଙ୍ଗମାନଙ୍କ ପାଇଁ ଓ ଗ୍ରୀନ୍ ପ୍ୟାସେଜ୍ ଯୋଜନାରେ ସମସ୍ତ ଅନାଥ ପିଲାଙ୍କ ପାଇଁ **ସମ୍ପୂର୍ଣ୍ଣ ମାଗଣା ତାଲିମ**
୩– ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରେରଣା ବୃତ୍ତି
୪– ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଟ.୩୦୦୦/–ଙ୍କର ମାଗଣା ୟୁନିଫର୍ମ

**ନାମଲେଖା ପ୍ରଣାଳୀ:**

କ) ଆବେଦନକାରୀ ତା–୦୧.୦୮.୨୦୨୩ରିଖ ସୁଦ୍ଧା ୧୪ ବର୍ଷ ବୟସର ହୋଇଥିବେ, କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ ।
ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ଟ୍ରେଡ୍ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା (୧୦ମ ଶ୍ରେଣୀ ପାସ୍/ ଅଷ୍ଟମ ଶ୍ରେଣୀ ପାସ୍) ସମ୍ବନ୍ଧୀୟ ତଥ୍ୟ SAMS ପୋର୍ଟାଲ www.samsodisha.gov.in ବା www.dtetodisha.gov.inରେ ଉପଲବ୍ଧ ଅଛି ।
ଗ) SAMS ପୋର୍ଟାଲ www.samsodisha.gov.in ବା www.dtetodisha.gov.inରେ ଲଗ୍ ଇନ୍ କରି, ତା୧୫.୦୭.୨୦୨୩ରିଖ ମଧ୍ୟରେ onlineରେ ଆବେଦନ କରିପାରିବେ ।

**ଅଧିକ ବିବରଣୀ ନିମିତ୍ତ, ପ୍ରାର୍ଥୀ ସହାୟତା ଟୋଲ୍ ଫ୍ରି ନମ୍ବର - ସଂଯୋଗ Helpline - ୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦କୁ ଯୋଗାଯୋଗ କରି କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ ।**

**ସ୍ୱା./- ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା**
OIPR-44008/11/0016/2324


See Career Appointment on every Wednesday & Saturday

# ବିଦ୍ୟାଳୟ ଯାଇପାରୁ ନ ଥିବା ପିଲାଙ୍କୁ ମିଳିବ ଚାଉଳ

**ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିଷ୍ପତ୍ତି**

- ବୟସ ଅନୁସାରେ ଦିଆଯିବ ପାଠ୍ୟ ପୁସ୍ତକ
- ୧୫ ସୁଦ୍ଧା ପିଲାଙ୍କୁ ଚିହ୍ନଟ କରିବେ ବିଆର୍‌ପି ଓ ଆଇଇଭି

ଜଗତ୍‌ସିଂହପୁର, ୧୦।୭ (ପ୍ରମୋଦ କୁମାର ନାୟକ)

ପାଠ ପଢ଼ିବା ସମୟରେ ଅନେକ ପିଲା ଭିନ୍ନକ୍ଷମ ଓ ସ୍ୱାସ୍ଥ୍ୟଗତ କାରଣରୁ ବିଦ୍ୟାଳୟ ଯାଇପାରୁ ନାହାନ୍ତି। ଏଥିଯୋଗୁ ସେମାନେ ପ୍ରଚଳିତ ସରକାରୀ କାର୍ଯ୍ୟକ୍ରମରୁ ବଞ୍ଚିତ ହେଉଛନ୍ତି। ଏହା ଉପରେ ମଣ୍ଟୁ ଦାସ ନାମକ ବ୍ୟକ୍ତି ଭାରତ ସରକାର ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହି ମାମଲାରେ ଉଚ୍ଚ ନ୍ୟାୟାଳୟ ବିଦ୍ୟାଳୟ ଯାଇପାରୁ ନ ଥିବା ପିଲାମାନଙ୍କୁ ଶୁଖିଲା ରାଶନ ଓ ଶିକ୍ଷଣୀୟ ସାମଗ୍ରୀ ଯୋଗାଇ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପିଏମ୍ ପୋଷଣର ରାଜ୍ୟ ନୋଡାଲ ଅଫିସର ରଘୁରାମ ଆର୍ ଆୟର ପ୍ରତି ଜିଲା ଶିକ୍ଷା ଅଧିକାରୀଙ୍କୁ ସରକାରୀ ନିଷ୍ପତ୍ତି ପାଳନ କରିବାକୁ ଚିଠି କରିଛନ୍ତି। ଏଥିରେ ଉଲ୍ଲେଖ ଅଛି, ୮।୬।୨୩ରେ ମୁଖ୍ୟ ଶାସନ ସଚିବଙ୍କ ପୌରୋହିତ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଷ୍ପତ୍ତି ନିଆଯାଇଥିଲା କି, ଯେଉଁ ପିଲାମାନେ (୬ରୁ ୧୪ ବର୍ଷ) ବିଦ୍ୟାଳୟ ଯିବାକୁ ଅକ୍ଷମ ସେମାନଙ୍କୁ ଘରେ ପିଏମ୍ ପୋଷଣ (ଏମ୍‌ଡିଏମ୍), ଶୁଖିଲା ରାଶନ (ଚାଉଳ), ରୋଷେଇ ମୂଲ୍ୟ ସାଙ୍ଗକୁ ପାଠ୍ୟ ପୁସ୍ତକ ଆଦି (ଲର୍ନିଂ ମ୍ୟାଟେରିଆଲ) ପହଞ୍ଚାଯିବ। ଏହାର ଉଦ୍ଦେଶ୍ୟ ହେଉଛି କୌଣସି ପିଲା ଯେପରି ପାଠ ପଢ଼ା ବୟସରେ ପ୍ରଚଳିତ ସରକାରୀ କାର୍ଯ୍ୟକ୍ରମରୁ ବଞ୍ଚିତ ନ ହୁଅନ୍ତି। ଏହା ଉପରେ ଜିଲା ଶିକ୍ଷା ବିଭାଗକୁ ଆସିଥିବା ଚିଠିରେ ଏକଥା ମଧ୍ୟ ଉଲ୍ଲେଖ ଅଛି, ଭିନ୍ନକ୍ଷମ କିମ୍ବା ସ୍ୱାସ୍ଥ୍ୟଗତ କାରଣରୁ ବିଦ୍ୟାଳୟ ଯାଇପାରୁ ନ ଥିବା ପିଲାଙ୍କୁ ଚିହ୍ନଟ ସହ ତାଲିକାଭୁକ୍ତ ପାଇଁ ବ୍ଲକ ରିସୋର୍ସ ପର୍ସନ୍ସ (ବିଆର୍‌ପିଏସ୍) ଏବଂ ଇନକ୍ଲୁସିଭ୍ ଏଜୁକେଶନ ଭଲ୍ୟୁଣ୍ଟିୟର୍ସ (ଆଇଇଭିଏସ୍) ବିଦ୍ୟାଳୟ ଉପସ୍ଥାନ ରେଜିଷ୍ଟର ବ୍ୟବହାର କରି ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ସେମାନେ ଏନେଇ ଅଙ୍ଗନୱାଡ଼ି କର୍ମୀ, ଏଏନ୍‌ଏମ୍, ଆର୍‌ବିଏସ୍‌କେ ଓ ଆଶାକର୍ମୀଙ୍କ ସହାୟତା ନେଇପାରିବେ। ଏହି ପିଲାମାନଙ୍କୁ ୨ଟି ଶ୍ରେଣୀରେ ବିଭକ୍ତ କରାଯିବ। କେତେକ ପିଲା ବିଦ୍ୟାଳୟରେ ନାମ ଲେଖାଇଥିଲେ ସୁଦ୍ଧା ସ୍ୱାସ୍ଥ୍ୟଗତ କାରଣରୁ ଶିକ୍ଷାନୁଷ୍ଠାନ ଯାଇପାରୁ ନାହାନ୍ତି । ଅନ୍ୟପଟେ କେତେକ ଭିନ୍ନକ୍ଷମ କିମ୍ବା ସ୍ୱାସ୍ଥ୍ୟଗତ କାରଣରୁ ବିଦ୍ୟାଳୟରେ ନାମ ଲେଖାଇପାରିନାହାନ୍ତି। ସେମାନଙ୍କୁ ଆସନ୍ତା ୧୫ ତାରିଖ ସୁଦ୍ଧା ଚିହ୍ନଟ କରିବାକୁ ପଡ଼ିବ। ବିଆର୍‌ପି ଓ ଆଇଇଭିମାନେ ସେମାନଙ୍କୁ ଦିଆଯାଇଥିବା ଫର୍ମାଟ୍ ଅନୁସାରେ ପିଲାଙ୍କ ପୂର୍ଣ୍ଣ ତଥ୍ୟ ପୂରଣ କରିବେ। ତା ପରେ ସେମାନେ ବିଇଓଙ୍କ ପାଖରେ ଏହା ଦାଖଲ କରିବେ। ବିଇଓମାନେ ମଧ୍ୟ ଅନୁରୂପ ଭାବେ ଡିଇଓଙ୍କ ନିକଟରେ ସେମାନଙ୍କ ତଥ୍ୟ ପହଞ୍ଚାଇବେ। ଡିଇଓମାନେ ଏହି ତାଲିକା ଆସନ୍ତା ୨୦ ତାରିଖ ସୁଦ୍ଧା ବିଭାଗରେ ପହଞ୍ଚାଇବେ। ତା'ପରେ ଏହି ପିଲାମାନଙ୍କୁ ଚାଉଳ, ରୋଷେଇ ମୂଲ୍ୟ ଓ ପାଠ୍ୟ ପୁସ୍ତକ ଆଦି ଯୋଗାଯିବ। ଏହାପରେ ପିଲାମାନଙ୍କର କ'ଣ ଅଗ୍ରଗତି ହେଉଛି ତାହା ଅନୁଧ୍ୟାନ ପାଇଁ ପ୍ରକ୍ରିୟା ଚାଲିବ। ବିଆର୍‌ପି ଓ ଆଇଇଭିମାନେ ପ୍ରତି ମାସରେ ପିଲାମାନଙ୍କ ଘରକୁ ଯାଇ ସେମାନଙ୍କ ଅଗ୍ରଗତି ସମ୍ପର୍କରେ ମାସର ୧୫ ତାରିଖ ଭିତରେ ବିଇଓଙ୍କୁ ଦେବେ। ତା'ପରେ ଡିଇଓମାନେ ବିଭାଗକୁ ରିପୋର୍ଟ ପଠାଇବେ। କେବଳ ଏତିକି ନୁହେଁ, ବିଆର୍‌ପି ଓ ଆଇଇଭିମାନେ ବ୍ୟାପକ ସଚେତନତା ସୃଷ୍ଟି କରିବେ। ବିଶେଷକରି ଅଭିଭାବକମାନଙ୍କୁ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ବୁଝାଇବେ। ଏହା ସଫଳ ହେଲେ କୌଣସି ପିଲା ଶିକ୍ଷାଦାନରୁ ବଞ୍ଚିତ ହେବେନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏହି ଅନୁଯାୟୀ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ସୂଚନା ଦିଆଯାଇଛି।

# 'ସାହିତ୍ୟ ମାନବକୁ ଦିଗ୍‌ଦର୍ଶନ ଦିଏ'

**ଗଙ୍ଗୋତ୍ରୀ ସାହିତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବ**



ଅତିଥିମାନେ ଜଣେ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଏରସମା, ୧୦।୭ (ଦୀପ୍ତିରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ପଏଦା ପଞ୍ଚାୟତସ୍ଥିତ ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ପରିସରରେ ରବିବାର ଗଙ୍ଗୋତ୍ରୀ ସାହିତ୍ୟ ଅନୁଷ୍ଠାନର ୨୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ନାଗୁଚରଣ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାହିତ୍ୟ ମାନବକୁ ଦିଗଦର୍ଶନ କରାଏ ବୋଲି କହିଥିଲେ । ଏଥିରେ ନବ କାକଳୀର ସମ୍ପାଦକ ସୁରେନ୍ଦ୍ର ନାଥ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟ ମନୁଷ୍ୟକୁ ସଭ୍ୟତା ସମ୍ପନ୍ନ କରାଏ ବୋଲି କହିଥିଲେ । ଏହି ଅବସରରେ କୈଳାସ ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ସମ୍ପାଦିତ ଅନୁଷ୍ଠାନର ମୁଖପତ୍ର ଗଙ୍ଗୋତ୍ରୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏଥିରେ ସୁଧାକର ଦାସ ଅତିଥି ଭାବେ ଯୋଗଦେଇଥିବାବେଳେ ଆଷାଢର ସମ୍ପାଦକ ପୀତାମ୍ବର ମହାପାତ୍ର, ଉଦବେଳନର ସମ୍ପାଦିକା ହାରାମଣି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଗଙ୍ଗୋତ୍ରୀର କାର୍ଯ୍ୟକାରୀ ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସବିତା ନାୟକ, ମହାସ୍ମିତା ଓଝା, ସୀତାଂଶୁ ଜେନାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ପରମାନନ୍ଦ ମିଶ୍ର, କୈଳାସ ଚନ୍ଦ୍ର ସ୍ୱାଇଁ, ପେମଲତା ବାରିକ, ମାନସୀ ପ୍ରଭା ସ୍ୱାଇଁ, ଗୀତା ଦାସ, ହୃଷୀକେଶ ଜେନା ଓ ହେମନ୍ତ କୁମାର ନାୟକ ପ୍ରମୁଖ କବିତା ପାଠ କରିଥିଲେ । ଶେଷରେ ଅରୁଣ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ଆଳି, ରାଜକନିକା ବ୍ଲକ୍‌କୁ ହେବ ସବୁଦିନିଆ ସଂଯୋଗ

**ନୂଆ ବଜାର-ବାଲିତରା ସେତୁ ପାଇଁ ୯୭.୨୪ କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁରୀ**

ଭୁବନେଶ୍ୱର, ୧୦।୭ (ଅନିଲଦାସ)

ରାଜ୍ୟ ସରକାର ଇଞ୍ଜିନିୟରିଂ ପୋକ୍ୟୁଅରମେଣ୍ଟ ଆଣ୍ଡ କନ୍‌ଷ୍ଟ୍ରକ୍‌ସନ(ଇପିସି) ମୋଡ୍ ଚୁକ୍ତି ମାଧ୍ୟମରେ ଖରସ୍ରୋତା ନଦୀରେ କେନ୍ଦ୍ରାପଡା ଜିଲାର ନୂଆ ବଜାର-ବାଲିତରା ଘାଟ ରାସ୍ତାରେ ଏକ ଉଚ୍ଚ ସେତୁ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ସେତୁ କେନ୍ଦ୍ରାପଡ଼ା ଜିଲାର ଆଳି ଓ ରାଜକନିକା ବ୍ଲକକୁ ସଂଯୋଗ କରିବ। ଏଥିସହିତ ଭଦ୍ରକ ଜିଲାର ଚାନ୍ଦବାଲି ବ୍ଲକକୁ ମଧ୍ୟ ସବୁଦିନିଆ ସଂଯୋଗ କରିପାରିବ। ଏହି ପ୍ରକଳ୍ପ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସିଧାସଳଖ ସଂଯୋଗ ଯୋଗାଇ ଦେବା ସହ ଅର୍ଥନୈତିକ ବିକାଶରେ ସହାୟକ ହୋଇପାରିବ। ଏହି ପ୍ରକଳ୍ପ ପାଇଁ ଆହ୍ୱାନ କରାଯାଇଥିବା ୯୭ କୋଟି ୨୪ ଲକ୍ଷ ୫୦ ହଜାର ୧ ଟଙ୍କାର ଟେଣ୍ଡର କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହି ସେତୁର ନିର୍ମାଣ କାର୍ଯ୍ୟ ଆସନ୍ତା ୩୦ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

# ଗୋରେଖନାଥ ପୀଠ: ୫ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆଙ୍କ ଜଳଲାଗି



ଜଳଲାଗି ପାଇଁ କାଉଡିଆମାନେ ଲାଇନ୍‌ରେ ଠିଆ ହୋଇଛନ୍ତି।

ରଘୁନାଥପୁର, ୧୦।୭ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥ ପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାର ଜଳ ଲାଗି ନିମନ୍ତେ କାଉଡିଆଙ୍କ ଭିଡ଼ ଜମିଛି। ଏହି ଅବସରରେ ୫ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ଜଳଲାଗି କରିଛନ୍ତି ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ କାଉଡ଼ିଆ ପୂର୍ବଦିନ ରାତିରେ ପୀଠରେ ପହଞ୍ଚି ଆଶ୍ରୟ ନେଇଥିଲେ। ପ୍ରତ୍ୟୁଷରେ ପ୍ରଭୁଙ୍କ ନୀତିକାନ୍ତି ସରିବା ପରେ ସେମାନେ ପ୍ରଭୁଙ୍କୁ ପାଣି ଚଢ଼ାଇ ଥିଲେ। ଏଥିପାଇଁ ପୀଠ ପକ୍ଷରୁ ୩ଟି ସ୍ୱତନ୍ତ୍ର ବ୍ୟାରିକେଡ୍ କରାଯାଇଥିଲା। ମହିଳା ଓ ପୁରୁଷ କାଉଡ଼ିଆମାନେ ଅଲଗା ବ୍ୟାରିକେଡ୍‌ରେ ଆସି ପାଣି ଢାଳିଥିଲେ। ଆଇନଶୃଙ୍ଖଳା ରକ୍ଷା ପାଇଁ ତିର୍ତ୍ତୋଲ ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯିବା ସହ ଏନ୍‌ସିସି କ୍ୟାଡେଟ ଓ ସ୍ୱେଚ୍ଛାସେବୀ ସଙ୍ଗଠନମାନେ ଉପସ୍ଥିତ ରହି ସେବା ଉପଲବ୍ଧ କରାଇଥିଲେ। ଗ୍ରାମ୍ୟ କମିଟି ପକ୍ଷରୁ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ଉପଦେଷ୍ଟା କମିଟି ସଦସ୍ୟ ପ୍ରଶାନ୍ତ ଭୂୟାଁ ଓ ସୁଶାନ୍ତ କୁମାର ଦାଶ, କିରାଣି ସରୋଜ କୁମାର ସାହାଣୀଙ୍କ ସହ ସମସ୍ତ କର୍ମଚାରୀ ପୀଠରେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହାଛଡା ସ୍ୱାସ୍ଥ୍ୟ ଓ ପାନୀୟଜଳ ଓ ପରିମଳ ବିଭାଗ କର୍ମଚାରୀମାନେ ପୀଠରେ ରହି ସେବା ଯୋଗାଇ ଦେଇଥିଲେ।

# ନିର୍ମାଣ କାର୍ଯ୍ୟ ନ ସରୁଣୁ ଶ୍ରେଣୀ ଗୃହରେ ପାଠପଢ଼ା ଆରମ୍ଭ

**ଆଦର୍ଶ ବିଦ୍ୟାଳୟ**

ଏରସମା, ୧୦।୭ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମରେ ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ ଗୃହରେ ସୋମବାର ପାଠ ପଢା ଆରମ୍ଭ ହୋଇଛି। ବିଦ୍ୟାଳୟର ବାହାର କାର୍ଯ୍ୟ ଶେଷ ହୋଇନାହିଁ। ମାତ୍ର ବିଦ୍ୟାଳୟର ୪ଟି ଶ୍ରେଣୀ ଗୃହର ଭିତର ପାର୍ଶ୍ୱରେ ନିର୍ମାଣ କାର୍ଯ୍ୟ ଶେଷ କରାଯାଇ ଏହାକୁ ରଙ୍ଗୀନ ଓ ବିଦ୍ୟୁତିକରଣ କରାଯାଇଛି । ଏଠାରେ ଷଷ୍ଠ ଓ ସପ୍ତମ ୨ଟି ଶ୍ରେଣୀର ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ଷଷ୍ଠ ଶ୍ରେଣୀର ୮୧ ଓ ସପ୍ତମ ଶ୍ରେଣୀର ୮୪ ଛାତ୍ରୀଛାତ୍ରଙ୍କୁ ନେଇ ୨ଟି ଲେଖାଏଁ ସେକ୍ସନ କରାଯାଇଛି । ଏସମ୍ପର୍କରେ ବିଦ୍ୟାଳୟର ଦାୟିତ୍ୱରେ ଥିବା ଅଧ୍ୟକ୍ଷ ସନ୍ଦିପ୍ତ ଅଧିକାରୀଙ୍କୁ ପଚାରିବାରୁ, ବର୍ତ୍ତମାନ ଏହି ଗୃହରେ ପାଠପଢା ଚାଲିବ। ଗୃହକାର୍ଯ୍ୟ ଶେଷ ହେଲାପରେ ପ୍ରଶାସନର ନିଷ୍ପତ୍ତି ଅନୁସାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯିବ ବୋଲି କହିଛନ୍ତି।



ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ ଗୃହ।

# ବିଜେଡିର ଡିଜିଟାଲ ସମ୍ପାଦକ ହେଲେ ରବୀନ୍ଦ୍ର ସିଂ



ରାଜନଗର, ୧୦।୭ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବିଜେଡିର ଡିଜିଟାଲ ସମ୍ପାଦକ ଭାବେ ରବୀନ୍ଦ୍ର ସିଂଙ୍କୁ ନିଯୁକ୍ତ କରାଯାଇଛି। ସିଂ ପୂର୍ବରୁ ରାଜନଗର ବ୍ଲକର ୩୨ନଂ. ଜୋନର ଡିଜିଟାଲ ମିଡିଆ ସଂଯୋଜକ ଥିଲେ। ଯୁବକମାନଙ୍କ ସହ ତାଙ୍କର ସୁସମ୍ପର୍କ ଓ ସାମାଜିକ ଗଣମାଧ୍ୟମରେ ଦଳର ନେତା, ଦଳର ବିଭିନ୍ନ କାର୍ଯ୍ୟକ୍ରମକୁ କର୍ମୀ ଓ ଲୋକମାନଙ୍କ ପାଖରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ବ୍ଲକ ବିଜେଡିର ଡିଜିଟାଲ ସମ୍ପାଦକ ଭାବେ ନିଯୁକ୍ତ ଦିଆଯାଇଛି। ସେ ରାଜନଗର ବିଧାୟକ ଧ୍ରୁବ ସାହୁ, ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ତହସିଲ ପକ୍ଷରୁ ହଳଦୀନାଳି ଜବରଦଖଲ ଉଚ୍ଛେଦ

ରାଜନଗର, ୧୦।୭ (ଭାସ୍କର ରାଉତରାୟ)



କେନ୍ଦ୍ରାପଡ଼ା ଜିଲା ରାଜନଗରର ଚାଷୀଙ୍କ ଜୀବନରେଖା ହଳଦୀନାଳିକୁ ଜବରଦଖଲକାରୀ ନିଜ କବ୍‌ଜାକୁ ନେଇ ପୋତି ଦେଇଥିଲେ। ହଳଦୀନାଳିକୁ ପୋତି ଦିଆଯିବା ଯୋଗୁ ବର୍ଷାଦିନେ ଚାଷ ଜମିରୁ ପାଣି ନିଷ୍କାସନ ଓ କେନାଲ ଯୋଗେ ଚାଷଜମିକୁ ପାଣି ଆସିବା ନେଇ ସମସ୍ୟା ଉପୁଜିଥିଲା। ଯାହାକୁ ନେଇ ରାଜନଗର, ମହିଁଷାସୁର ପଞ୍ଚାୟତର ଚାଷୀଙ୍କ ମଧ୍ୟରେ ତୀବ୍ର ପତିକ୍ରିୟା ସୃଷ୍ଟି ହୋଇଥିଲା। ଜବରଦଖଲକାରୀଙ୍କୁ ହଟାଇ ପାଣି ନିଷ୍କାସନ ବାଟ ସୁଗମ କରିବାକୁ ଚାଷୀ ରାଜନଗର ତହସିଲଦାରଙ୍କୁ ଭେଟି ଲିଖିତ ଭାବେ ଜଣାଇଥିଲେ। ସୋମବାର ରାଜନଗର ତହସିଲ ପକ୍ଷରୁ ହଳଦୀନାଳି ଜବରଦଖଲ ଉଚ୍ଛେଦ କରାଯାଇଛି।

ରାଜନଗର ହଂସୁଆ ନଈରୁ ହଳଦୀନାଳି କେନାଲ ବାହାରି ରାଜନଗର ଗାଁ ଦେଇ ସାନଓର, ମଳିଆବୁଦା ଦେଇ ରାଜନଗର ଜୟଗୁରୁ ଆଶ୍ରମ ନିକଟରେ ପହଞ୍ଚିଛି। ନଦୀରୁ ମିଠାପାଣି ଆସିଲେ, ଚାଷୀମାନେ ଚାଷକାମ କରିଥାନ୍ତି। ଏଥିସହ ବର୍ଷାଜଳ ଏହି ହଳଦୀନାଳି କେନାଲ ଦେଇ ହଂସୁଆ ନଈକୁ ନିଷ୍କାସନ ହୋଇଥାଏ। ରାଜନଗର, ମଳିଆବୁଦା, ସାନଓର, ମହିଁଷାସୁର ପ୍ରଭୃତି ଗାଁର ପ୍ରାୟ ଏକ ହଜାରରୁ ଅଧିକ ଚାଷୀ ଏହି କେନାଲ ଉପରେ ନିର୍ଭରଶୀଳ। ଗତବର୍ଷ ଏହି କେନାଲକୁ ଡ୍ରେନେଜ ବିଭାଗ ପକ୍ଷରୁ ଖନନ କରାଯାଇଛି। ମାତ୍ର ଜବରଦଖଲ ଯୋଗୁ ଏହି କେନାଲରେ ଆଉ ପାଣି ଆସୁ ନ ଥିଲା। କେନାଲରେ ପାଣି ଆସୁ ନ ଥିବା ବେଳେ ଚାଷୀମାନେ କିପରି ଚାଷ କରିବେ, ତାହାକୁ ନେଇ ଚିନ୍ତାରେ ପଡ଼ିଥିଲେ। ଅନ୍ୟପକ୍ଷେ ବର୍ଷାଦିନେ ବର୍ଷାଜଳ କିପରି ନିଷ୍କାସନ ହେବ, ସେ ନେଇ ମଧ୍ୟ ଚିନ୍ତାରେ ପଡ଼ିଥିଲେ। ଜୟଗୁରୁ ଆଶ୍ରମରୁ ସାନଓର ଯାଏ ଯାଇଥିବା ନୂତନ ବାଇପାସ୍ ରୋଡ ହେବା ପରେ ରାସ୍ତା ପାର୍ଶ୍ୱ ଜମି ମାଲିକମାନେ ଏବେ ଏହି କେନାଲକୁ ପୋତିବା ଆରମ୍ଭ କରିଛନ୍ତି। ୫୦ ଫୁଟରୁ ଅଧିକ ଚଉଡ଼ାର କେନାଲ କେଉଁଠି ୫ ଫୁଟକୁ ଖସି ଆସିଥିଲା ତ, ଆଉ କେଉଁଠି ୨ ଫୁଟିଆ ହ୍ୟୁମ ପାଇପ ଭିତରେ ସୀମିତ ରହିଥିଲା। ଏହି ବାଇପାସ୍ ରୋଡର ମଧ୍ୟଭାଗରେ ଜଣେ ପ୍ରଭାବଶାଳୀ ଲୋକ ପ୍ରାୟ ଗୋଟିଏ ଏକର ପରିମିତ କେନାଲକୁ ପୋତି ନିଜ କବ୍‌ଜାକୁ ନେଇଥିଲେ। କେବଳ ଏକ ସିଙ୍ଗଲ ହ୍ୟୁମ ପାଇପ ବସାଇ କାମ ସାରି ଦେଇଛନ୍ତି। ପ୍ରାୟ ୩ ହଜାର ଏକରରୁ ଅଧିକ ଜମିକୁ ପାଣି ଯୋଗାଉଥିବା ଓ ପାଣି ନିଷ୍କାସନ ହେଉଥିବା ଏହି କେନାଲରେ ଗୋଟିଏ ହ୍ୟୁମପାଇପ କିପରି ସେବା ଯୋଗାଇବ, ତାହାକୁ ନେଇ ପ୍ରଶ୍ନ ଉଠିଥିଲା। ସୋମବାର ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଅତିରିକ୍ତ ତହସିଲଦାର ସ୍ୱାନ ଭୋଳଙ୍କ ନେତୃତ୍ୱରେ ରାଜସ୍ୱ କର୍ମଚାରୀ ଓ ପୋଲିସ କର୍ମଚାରୀ ହଳଦୀନାଳି ନିକଟରେ ୨ଟି ଜେସିବି ମାଧ୍ୟମରେ ଜବରଦଖଲ ଉଚ୍ଛେଦ କରିଛନ୍ତି। ଏହି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ତହସିଲଦାର ଭୂୟାଁ ସୂଚନା ଦେଇଛନ୍ତି।

# ବାଜିପଡ଼ାରେ ବନ ମହୋତ୍ସବ

ଡେରାବିଶ, ୧୦।୭ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ଗୁଆଳସିଂ ପଞ୍ଚାୟତ ବାଜିପଡ଼ାଠାରେ ବନ ମହୋତ୍ସବ ଅବସରରେ ସୋମବାର ଚାରାରୋପଣ କରାଯାଇଛି। ଅବସରପ୍ରାପ୍ତ ସୁବେଦାର ମେଜର ବ୍ରଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ବନ ମହୋତ୍ସବରେ ବାଜିପଡ଼ା ସନ୍ନିକଟ ହଳଦିଆପଡ଼ିଆରେ ବିଭିନ୍ନ କିସମର ୫୦୧ଟି ଚାରାରୋପଣ କରାଯାଇଛି। 'ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ୍ ଫିଟନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜ୍‌ମେଣ୍ଟ' ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ମହୋତ୍ସବରେ ବହୁ ଯୁବ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି କ୍ୟାପଟେନ ସୁରେନ୍ଦ୍ର କୁମାର ସାହୁ, ଉପଦେଷ୍ଟା ଶିକ୍ଷାବିତ୍ କାଙ୍ଗାଳି ଚରଣ ବାରିକ, କସ୍ତୁରି ଚରଣ ପାତ୍ର, ସରପଞ୍ଚ ମଧୁସ୍ମିତା ଦାସ, ମନୋଜ କୁମାର ମହଲା ପ୍ରମୁଖ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ପିଲା ଯୋଗଦେଇଥିଲେ। ସୁବେଦାର ବ୍ରଜକିଶୋର ଓ କ୍ୟାପ୍‌ଟେନ ସୁରେନ୍ଦ୍ର ନିଜର ପ୍ରତିକ୍ରିୟାରେ ଅସନ୍ତୁଳିତ ପରିବେଶକୁ ସୁରକ୍ଷିତ ରଖିବାକୁ ନିଜ ଘର ପାଖରେ ଖାଲି ପଡ଼ିଥିବା ସ୍ଥାନରେ ଚାରା ରୋପଣ ଦରକାର ବୋଲି କହିଥିଲେ।

# ଜଣେ ଲେଖାଏ ଶିକ୍ଷକରେ ଚାଲିଛି ୨ ବିଦ୍ୟାଳୟ

**ନାଉଗାଁ ବ୍ଲକ**

- ପିଲାଙ୍କ ପାଠପଢ଼ା ଅସୁବିଧା ହେଉଛି
- ୨ ଶିକ୍ଷକଙ୍କ ଅବସର ପରଠୁ ସମସ୍ୟା ଉପୁଜିଛି

ନାଉଗାଁ, ୧୦।୭ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ୨ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ ପାଠ ପଢ଼ାଉଛନ୍ତି। ଉଭୟ ବିଦ୍ୟାଳୟ ହେଲା ଭାତପଡା ପ୍ରାଥମିକ ବିଦ୍ୟାଳୟ ଓ ଅଲଣା -୨ ପ୍ରାଥମିକ ବିଦ୍ୟାଳୟ। ଚଳିତ ଶିକ୍ଷା ବର୍ଷରେ ବିଦ୍ୟାଳୟଗୁଡ଼ିକ ଖୋଲିବା ପରେ ଶିକ୍ଷକ ଅଭାବରୁ ଏହି ୨ଟି ବିଦ୍ୟାଳୟରେ ପାଠପଢାରେ ସମସ୍ୟା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଭାତପଡା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ୫ ଶ୍ରେଣୀ ପର୍ଯ୍ୟନ୍ତ ୨୬ ଓ ଅଲଣା -୨ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ୫ ଶ୍ରେଣୀ ପର୍ଯ୍ୟନ୍ତ ୫୨ ଜଣ ପିଲା ପାଠ ପଢୁଛନ୍ତି। ୫-ଟି ଶ୍ରେଣୀକୁ ଗୋଟିଏ ଲେଖାଏ ଶିକ୍ଷକ ପାଠ ପଢାଉଥିବାରୁ ସେଠାକାର ପିଲାମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଜଣେ ଶିକ୍ଷକ ଏକ ସଙ୍ଗେ ୫ଟି କ୍ଲାସରେ ପାଠ ପଢ଼ାଇବା ସମ୍ଭବ ନୁହେଁ ବୋଲି ସେମାନେ କହିଛନ୍ତି। ସମ୍ପୃକ୍ତ ଶିକ୍ଷକ କୌଣସି ଜରୁରୀ କାର୍ଯ୍ୟ ଯୋଗୁ ନ ଆସିପାରିଲେ ବିଦ୍ୟାଳୟ ଏକ ରକମ ବନ୍ଦ ହେବାର ଆଶଙ୍କା ରହିଛି। ପୂର୍ବରୁ ଉଭୟ ବିଦ୍ୟାଳୟରେ ୨ଟି ଲେଖାଁଏ ଶିକ୍ଷକ ଥିଲେ। ମାତ୍ର ଗତ ୩୧ ମେ ୨୦୨୩ରେ ଭାତପଡା ପ୍ରାଥମିକ ବିଦ୍ୟାଳୟରୁ ଜ୍ୟୋସ୍ନାରାଣୀ ନନ୍ଦ ଅବସର ନେଇଥିବାବେଳେ ୩୦ ଜୁନ ୨୦୨୩ରେ ସୌଦାମିନୀ ରାଉତ ଅଲଣା-୨ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଛନ୍ତି। ଏହା ପରଠୁ ପିଲାଙ୍କ ପାଠପଢ଼ାରେ ସମସ୍ୟା ଦେଖିବାକୁ ମିଳିଛି। ମାତ୍ର ଏପର୍ଯ୍ୟନ୍ତ ବିଦ୍ୟାଳୟକୁ ନୂତନ ଶିକ୍ଷକ ଅବସ୍ଥାପିତ କରାଯାଇ ନାହିଁ। ଏହାକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରିବା ପାଇଁ ଅଭିଭାବକମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ବିଷୟରେ ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତଙ୍କୁ ପଚାରିବାରେ (ଚିଠି ନଂ.୧୧୧୮/୬) ଜୁନ ୨୦୨୩ ରେ ଶିକ୍ଷକ ନିଯୁକ୍ତି ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।

# ଗୋଳାନଦୀରେ ଡ୍ୟାମ୍ ନିର୍ମାଣରେ ଚଞ୍ଚକତା ଅଭିଯୋଗ

ନାଉଗାଁ, ୧୦।୭ (ସୁଧା ବେହୁରା)



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

- ମିଳିତ ଜନ ଅଭିଯୋଗ ଶୁଣାଣିରେ ୫୭ ଅଭିଯୋଗ
- ବ୍ୟକ୍ତିଗତ ୪୯, ଗୋଷ୍ଠୀଗତ ୮ଟି ସମସ୍ୟା ପଞ୍ଜୀକୃତ
- ୯ଟି ଅଭିଯୋଗର ତତ୍କାଳ ଫଇସଲା

ନାଉଗାଁ ବ୍ଲକ ଜ୍ୟୋତି ଫେଡେରେଶନ ସମ୍ମିଳନୀ କକ୍ଷରେ ଜଗତ୍‌ସିଂହପୁର ଜିଲା ପ୍ରଶାସନ ଓ ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ପାରୁଲ ପଟ୍ଟୱାରି ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ସମୁଦାୟ ୫୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ଗ୍ରାମ୍ୟ ଓ ଗୋଷ୍ଠୀଗତ ସମସ୍ୟା ଉପରେ ୮ ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୪୯ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗରୁ ଆବାସ ଯୋଜନା ନିମନ୍ତେ ୯, ଜମିଜମା ସମ୍ବନ୍ଧୀୟ ୧୫, ରାଶନ କାର୍ଡ ୨ , ଭତ୍ତା ସମ୍ବନ୍ଧୀୟ ୨, ପୋଲିସ ସମସ୍ୟା ସମ୍ପର୍କିତ ୧ ଏବଂ ଅନ୍ୟାନ୍ୟ ୨୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ସେଥିରୁ ୯ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଯୋଗ ମଧ୍ୟରେ ଓଷକଣା ପଞ୍ଚାୟତ ଭଟଣା ଗୋଳା ନଦୀ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗରେ ଶତାଧିକ ସ୍ଥାନୀୟ ବାସିନ୍ଦା ସ୍ୱାକ୍ଷର କରିଥିବାବେଳେ ଉପେନ୍ଦ୍ର ନାଥ ବିଶ୍ୱାଳ ଏହାକୁ ପ୍ରଦାନ କରିଥିଲେ। ତାଙ୍କ ଅଭିଯୋଗ ମୁତାବକ, ଓଷକଣା ଓ ଡେରିକି ପଞ୍ଚାୟତ ମଝିରେ ଗୋଳା ନାମକ ଏକ ମୃତ ନଦୀ ରହିଛି। ଏହି ନଦୀର ଲମ୍ବ ୩ କି.ମି. ଅଟେ। ଏହାର ଉପର ମୁଣ୍ଡ ବନ୍ଦ ରହିଥିବାବେଳେ ଶେଷ ମୁଣ୍ଡଟି ଖୋଲା ରହିଛି। ଶେଷ ମୁଣ୍ଡରେ ଏକ ଡ୍ୟାମ ନିର୍ମାଣ କରାଗଲେ ବର୍ଷା ପାଣିକୁ ଅଟକାଇ ଉକ୍ତ ୨ ପଞ୍ଚାୟତର କାମରେ ଲାଗିପାରିବ। ସ୍ଥାନୀୟ ଚାଷୀ ଉକ୍ତ ପାଣିକୁ ଉପଯୋଗ କରି ପରିବା ଚାଷ କରିପାରିବେ। ଏଥିସହ ଉକ୍ତ ନଦୀରେ ବୋଟିଂ ବ୍ୟବସ୍ଥା କରାଯିବା ସହ ମାଛ ଚାଷ ମଧ୍ୟ କରାଯାଇପାରିବ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଜଳ ସଂରକ୍ଷଣ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାପରେ ଉକ୍ତ ନଦୀରେ ଡ୍ୟାମ ନିର୍ମାଣ ପାଇଁ ବ୍ୟୟ ବରାଦ କରାଯାଇଛି। କିନ୍ତୁ ଜିଲାର ଡ୍ରେନେଜ ବିଭାଗ ଚଞ୍ଚକତା କରି ସେଠାରେ ଡ୍ୟାମ ନିର୍ମାଣ କରିବା ପରିବର୍ତ୍ତେ ଉକ୍ତ ଅର୍ଥରେ ନଦୀ ସଫେଇ କରୁଛନ୍ତି। ଏହା ଚାଷୀଙ୍କ କୌଣସି କାର୍ଯ୍ୟରେ ଲାଗିବ ନାହିଁ। ଏହାର ତଦନ୍ତ କରିବା ପାଇଁ ଦାବି କରାଯାଇଛି। ସେହିପରି ଜାମୁଗାଁ ପଞ୍ଚାୟତରେ ପଞ୍ଚାୟତ ସମିତି ପାଣ୍ଠିରୁ ଅର୍ଥ ବିନିଯୋଗ କରାଯାଇ ଆଲୋକୀକରଣ କରାଯାଇଛି। ଦୀର୍ଘ ୩ ବର୍ଷ ହେବ ଉକ୍ତ ଯୋଜନାରେ ଲାଇଟ୍ ଲାଗିଥିଲେ ମଧ୍ୟ ଅଧିକାଂଶ ଜଳୁନାହିଁ ବୋଲି ପଞ୍ଚାୟତର ଅନୁପ ମହାନ୍ତି ଅଭିଯୋଗ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଶିବିରରେ ଏସ୍‌ପି ରାହୁଲ ପି.ଆର, ଜିଲା ପରିଷଦର ମୁଖ୍ୟ ବିକାଶ-ତଥା-ନିର୍ବାହୀ ଅଧିକାରୀ ରୁଦ୍ରନାରାୟଣ ଦାଶ, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ଏସ୍‌ଡିପିଓ ରମେଶ ଚନ୍ଦ୍ର ସିଂ, ବିଡିଓ ରଶ୍ମୀରେଖା ମଲ୍ଲିକ, ତହସିଲଦାର ଏସ.କେ ସାଗିର, ବ୍ଲକ ଅଧ୍ୟକ୍ଷା ତୃପ୍ତା ଲେଙ୍କା ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ପ୍ରତିବାଦରେ ମହିଳାଙ୍କ ଥାନା ଘେରାଉ, ରାସ୍ତାରୋକୋ

ରାଜନଗର,୧୦।୭ (ଭାସ୍କର ରାଉତରାୟ)



ଶକ୍ତିସ୍ୱରୂପା ମହାସଂଘ ପକ୍ଷରୁ ମହିଳାମାନେ ରାସ୍ତାରୋକୋ କରିଛନ୍ତି।

 କେନ୍ଦ୍ରାପଡ଼ା ଜିଲା ନୂତନ ଭାବେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ସ୍ଥାପନ କରାଯାଇଛି। ଥାନାଠାରୁ ମାତ୍ର ୨ଶହ ମିଟର ଦୂରତ୍ୱରେ ପହିଲି ରଜରେ ଦିନ ଦ୍ୱିପ୍ରହରରେ ଝିଅ ଘରକୁ ରଜଭାର ନେଇ ଗାଡ଼ିକୁ ଅପେକ୍ଷା କରିଥିବା ୮୦ ବର୍ଷୀୟା ବୃଦ୍ଧାଙ୍କୁ ଜଣେ ଯୁବକ ଲିଫ୍ଟ ଦେଇ ମଦନପୁର କଟ ଭିତରେ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଏହା ଭିତରେ ୨୬ଦିନ ବିତି ଗଲାଣି ହେଲେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି। ଏହାର ପ୍ରତିବାଦରେ ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ପଞ୍ଚାୟତ ଶକ୍ତିସ୍ୱରୂପା ମହିଳା ମହାସଂଘ ପକ୍ଷରୁ ସଭାନେତ୍ରୀ ପ୍ରଭାତି ଓଝା, ସମ୍ପାଦିକା ରୋଜାଲିନ ରାଉତ, ସଂଯୁକ୍ତା ପ୍ରଧାନ, ମୋହିନୀ ପାତ୍ର, ମମତା ନାଥ, ରଞ୍ଜିତା ପାତ୍ର, ପ୍ରୀୟଦର୍ଶିନୀ ଦାସ, ମଞ୍ଜୁବାଳା ମହାନ୍ତି, କଲ୍ୟାଣୀ ସ୍ୱାଇଁ, ସସ୍ମିତା ବେହେରା ପ୍ରମୁଖ ଶତାଧିକ ମହିଳା ସୋମବାର ଅପରାହ୍ନରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଘେରାଉ କରିବା ସହ ପ୍ରତିବାଦରେ ରାସ୍ତାରୋକୋ କରିଥିଲେ। ରାସ୍ତାରେ ବସିଥିବା ମହିଳାମାନଙ୍କୁ ଭେଟି ଥାନା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଖୁବ୍‌ଶୀଘ୍ର ବଳାତ୍କାରୀକୁ ଧରିବାରେ ଆମେ ସଫଳ ହେବୁ। କେନ୍ଦ୍ରାପଡ଼ା ଏସ୍‌ପିଙ୍କ ଦ୍ୱାରା ଗଠିତ ୬ଟି ଟିମ୍ ଜିଲା ଏବଂ ଜିଲା ବାହାରେ ଅଭିଯୁକ୍ତ ଯୁବକଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛନ୍ତି। ନିଶ୍ଚୟ ବୃଦ୍ଧାଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଶାନ୍ତ ହୋଇଥିଲେ। ଅପରପକ୍ଷରେ ମହିଳା ମହାସଂଘ ପକ୍ଷରୁ ଆସନ୍ତା ୭ଦିନ ମଧ୍ୟରେ ଦୋଷୀକୁ ନ ଧରିଲେ ସମ୍ପୂର୍ଣ୍ଣ ଆଇନକୁ ହାତ ମୁଠାକୁ ନେବେ ବୋଲି ଲିଖିତ ଭାବେ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

■ ୮୦ ବର୍ଷୀୟା ବୃଦ୍ଧାଙ୍କୁ ବଳାତ୍କାର ଘଟଣା

■ ୨୬ଦିନ ପରେ ବି ପୋଲିସ ହାତ ଖାଲି

ସୂଚନାଯୋଗ୍ୟ ଜୁନ୍ ୧୪ ତାରିଖରେ ବୃଦ୍ଧା ବଳାତ୍କାର ହୋଇଥିବା ବେଳେ ୧୬ ତାରିଖରେ ଥାନା ଅଧିକାରୀ ବିଶ୍ୱାଳ ତାଙ୍କ ଟିମ୍ ସହ ପଟ୍ଟାମୁଣ୍ଡାଇର ଜଣେ ଯୁବକଙ୍କୁ କାବୁ କରିବା ସହ ବାଇକ୍ ମଧ୍ୟ ଜବତ କରିଥିଲେ। କାବୁ କରିଥିବା ଯୁବକଙ୍କୁ ପୀଡ଼ିତା ଏବଂ ଦେଖଣାହାରୀ ଚିହ୍ନଟ କରିଥିଲେ। ପରେ କାବୁ ହୋଇଥିବା ଯୁବକଙ୍କ ମୋବାଇଲ କଲ ରେକର୍ଡ ଯାଞ୍ଚରେ ସେ ସମ୍ପୃକ୍ତ ନ ଥିବାରୁ ପୋଲିସ ତାଙ୍କୁ ଛାଡ଼ି ଦେଇଥିଲା। ଏହା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳର ମହିଳାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୀଡିତାଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ ପାଇଁ ଲିଖିତ ଭାବେ ଥାନାରେ ଜଣାଇଥିଲେ। ପରେ ପୋଲିସ ପ୍ରକୃତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉତିକଣ ଅଞ୍ଚଳର ୨୦ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କୁ ଡାକି ବୈଠକ କରିଥିଲେ। ଏଥିରେ ସିସିଟିଭି ଫୁଟେଜରୁ ଉଦ୍ଧାର କରାଯାଇଥିବା ଭିଡିଓକୁ ସେମାନଙ୍କୁ ସେୟାର କରି ଦୋଷୀକୁ ଧରିବାକୁ ପୋଲିସ ସେମାନଙ୍କ ସହାୟତା ଲୋଡ଼ିଥିଲା। ଇତିମଧ୍ୟରେ ବୈଠକର ୧୫ଦିନ ପରେ ବି ପୋଲିସ କୌଣସି ସୁରାକ ପାଇ ନ ଥିବାରୁ ପାରିବା ପଣିଆ ଉପରେ ଅନେକ ପ୍ରଶ୍ନବାଚୀ ଉଠାଇଛନ୍ତି ବୋଲି ମହିଳା ମହାସଂଘ କହିଛି। ଏହି ସମ୍ବେଦନଶୀଳ ଘଟଣା କେବଳ କେନ୍ଦ୍ରାପଡ଼ାରେ ନୁହେଁ, ସମଗ୍ର ରାଜ୍ୟରେ ମହିଳାମାନଙ୍କର ଆତ୍ମ ସମ୍ମାନ ପ୍ରତି କୁଠାରଘାତ କରିଥିଲା। ମା'କୁ ସମ୍ମାନ ଦେଇ ଆସୁଥିବା ରାଜ୍ୟ ସରକାର ପୀଡିତା ବୃଦ୍ଧାଙ୍କୁ ନ୍ୟାୟ ପ୍ରଦାନ କରିବା କ୍ଷେତ୍ରରେ ପୋଲିସ ପ୍ରଶାସନର ବିଫଳତାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି।

# ଉଜାଙ୍ଗ ପ୍ରାଥମିକ ସ୍କୁଲ ଭିତ୍ତିଭୂମି ବେହାଲ



ଉଜାଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

ରାଜକନିକା, ୧୦।୭ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ପାରି ନୂଆପଡ଼ା ହାବଳଗଣ୍ଡ ପଞ୍ଚାୟତ ଉଜାଙ୍ଗ ଗ୍ରାମସ୍ଥ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମି ବେହାଲ ହୋଇ ପଡ଼ିଛି। ସ୍କୁଲଗୃହଠାରୁ ଆରମ୍ଭକରି ଆଖପାଖ ପରିବେଶ ଏବେ ବିପଦସଙ୍କୁଳ ଅବସ୍ଥାରେ ଅଛି। ଏ ସମ୍ପର୍କରେ ସ୍ଥାନୀୟ ଶିକ୍ଷା ବିଭାଗ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଏଥିପାଇଁ ହାବଳଗଣ୍ଡର ପୂର୍ବତନ ପ୍ରଧାନ ଶିକ୍ଷକ ରାହାସ ବିହାରୀ ମହାନ୍ତି, ରାଜକିଶୋର ରାୟ, ଶ୍ରୀନିବାସ ନାୟକ, ଚନ୍ଦ୍ରଭାନୁ ନାୟକ ପ୍ରମୁଖ ଜିଲା ଶିକ୍ଷା ବିଭାଗ ଓ ଜିଲାପାଳଙ୍କୁ ସୋମବାର ଦାବିପତ୍ର ପ୍ରଦାନକରି ସମସ୍ୟାର ତୁରନ୍ତ ସମାଧାନ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ବତନ ପ୍ରଧାନ ଶିକ୍ଷକ ମହାନ୍ତି କହିଛନ୍ତି, ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଏପରିକି ଶିକ୍ଷାଦାନ ଓ ଶିକ୍ଷାନୁଷ୍ଠାନରେ ଉନ୍ନତି ପାଇଁ ୫-ଟି ଲାଗୁ ହୋଇଛି। ତେବେ ଜିଲାର ଏହି ପ୍ରାଥମିକ ସ୍କୁଲ ପ୍ରତି ଶିକ୍ଷା ବିଭାଗର ଆଦୌ ନଜର ନାହିଁ। ଶ୍ରେଣୀଗୃହ ଇତିମଧ୍ୟରେ ନଷ୍ଟ ହୋଇଛି। ପାଚେରି ନ ଥିବାରୁ ବୁଲାଗୋରୁଙ୍କ ଆଶ୍ରୟସ୍ଥଳ ଏହି ଶିକ୍ଷାନୁଷ୍ଠାନ ହୋଇ ପରିବେଶ ସଫା ଓ ଅନ୍ୟ କେତେକ କାରଣ ପାଇଁ ବିଦ୍ୟାଳୟର ଅବସ୍ଥା ବେହାଲ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ଏ ନେଇ ଡିଇଓ ଶୁଭଲକ୍ଷ୍ମୀ ନାୟକ କହିଛନ୍ତି, ଏହାର ସୁପରିଚାଳନା ଓ ଭିତ୍ତିଭୂମି ପ୍ରତି ନିଶ୍ଚିତ ନଜର ଦିଆଯିବ। ସମସ୍ୟାର ଅନୁଧ୍ୟାନ ପାଇଁ ସ୍ଥାନୀୟ ବିଇଓଙ୍କୁ ନିର୍ଦ୍ଦେଶ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥାନ୍ତି।

# ପଲ୍ଲୀରେ ପ୍ରଶାସନ: ୩୫ ଅଭିଯୋଗ



ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଡେରାବିଶ,୧୦।୭ (ବେବର୍ତ୍ତା ଅଜୟ ଦାସ)

## ମୁକୁନ୍ଦପୁର ପଞ୍ଚାୟତ

ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ମୁକୁନ୍ଦପୁର ସରପଞ୍ଚ ମିତାରାଣୀ ମଲିକ, ସମିତିସଭ୍ୟ ପ୍ରଶାନ୍ତ ବେହେରା ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ଅକ୍ଷୟ କୁମାର ପରିଡ଼ା, ଏବିଡିଓ ଭଞ୍ଜକିଶୋର ନାୟକ ଉପସ୍ଥିତ ରହି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ଆସିଥିବା ୩୫ଟି ଅଭିଯୋଗର ଶୁଣାଣି କରିଥିଲେ। ଏହିଅଭିଯୋଗ ମଧ୍ୟରେ ସରକାରଙ୍କର ମୋ ଘର ଯୋଜନାରେ ସାମିଲ ହେବାକୁ ଅଧିକାଂଶ ଦରଖାସ୍ତ ରହିଥିଲା। ସେହିପରି ବାସଗୃହ ଯୋଜନା ଏବଂ ରାଶନ କାର୍ଡ଼ ତଥା ଭତ୍ତାରୁ ବଞ୍ଚିତ ଥିବା ହିତାଧିକାରୀ ସେମାନଙ୍କ ଅଭିଯୋଗ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ବିଭୁଦତ୍ତ ଦାସ, ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗମାନ ଗ୍ରହଣ କରିଥିଲେ। ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ୍ ଖୋଲାଯାଇଥିଲା। ଟାଙ୍ଗୋଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଧାକାନ୍ତ ସାହୁ, ସନ୍ତୋଷ କୁମାର ମଲିକ ପ୍ରମୁଖ ପରିଚାଳନା କରିଥିଲେ।

# ଗରଦପୁରରେ ମିଳିତ ଜନଶୁଣାଣି: ୧୯୫ ଅଭିଯୋଗ

ପାଟକୁରା,୧୦।୭(ରବୀନ୍ଦ୍ରନାଥ ବାରିକ)



ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ ଜନଶୁଣାଣିରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଗରଦପୁର ବ୍ଲକ ସଭାଗୃହରେ ମିଳିତ ଜନଶୁଣାଣି ଶିବିର ସୋମବାର ଆନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ଓ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଉପସ୍ଥିତ ରହି ୧୯୫ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୧୯୦ଟି କେବଳ ଆବାସ ଯୋଜନା ସମ୍ପର୍କିତ ହୋଇଥିବାବେଳେ ୫ଟି ଅଭିଯୋଗ ସାମୁହିକ ଥିଲା। ଅଭିଯୋଗଗୁଡ଼ିକର ଶୁଣାଣି କରିବା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲାପାଳ ନିରଞ୍ଜନ ବେହେରା, ତହସିଲଦାର ମହେଶ୍ୱର ବେହେରା, ବିଡିଓ ଧର୍ମ ରଞ୍ଜନ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅନିତା ପଟ୍ଟନାୟକ ପ୍ରମୁଖ ଜିଲାପାଳଙ୍କୁ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ।

ବେଡ଼ାରୀ ପଞ୍ଚାୟତର ନାଏବ ସରପଞ୍ଚ ନରେଶ କୁମାର ମହାନ୍ତି ଓ ୧୦ ଜଣ ୱାର୍ଡ ସଭ୍ୟ ୧୭ ମାସ ହେବ ସେମାନଙ୍କ ମାସିକ ବୈଠକ ଭତ୍ତା ପାଇ ନ ଥିବା ଅଭିଯୋଗ କରିଥିଲେ। ଅଭିଯୋଗର ଶୁଣାଣି କରି ମଙ୍ଗଳବାର ସୁଦ୍ଧା ସମସ୍ତ ବକେୟା ପାଉଣା ପୈଠ କରିବାକୁ ଜିଲାପାଳ ବିଡିଓ ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଳାକାର ଭତ୍ତା ପାଉଥିବା ଅନେକ କଳାକାର ୬ ମାସ ହେବ ସେମାନଙ୍କ ଭତ୍ତା ପାଇ ନ ଥିବା ଅଭିଯୋଗ କରିଥିଲେ। ସେମାନେ ହେଲେ ପଞ୍ଚାନନ ଦାସ, ଶୁକଦେବ

## ୧୭ ମାସର ମାସିକ ବୈଠକ ପାଉଣା ମଙ୍ଗଳବାର ପୈଠ କରିବାକୁ ନିର୍ଦ୍ଦେଶ

ସାହୁ, ପ୍ରଭାକର ସାହୁ, ଭାସ୍କର ସାହୁ, ରାମଚନ୍ଦ୍ର ନାୟକ, ନୃସିଂହ ସାହୁ, କୁଞ୍ଜ ସ୍ୱାଇଁ, ଗୋଲଖ ନାୟକ। ସେମାନେ ଖୁବ୍‌ଶୀଘ୍ର ବକେୟା ଭତ୍ତା ଅର୍ଥ ପାଇବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ନିର୍ମାଣ ଶ୍ରମିକ ପ୍ରକାଶ କୁମାର ପରିଜା ଘର ପାଇ ନ ଥିବା ଅଭିଯୋଗ କରିଥିଲେ। ବିଦ୍ୟୁଲତା ଦାସ ତାଙ୍କ ମାଟି ଘର ଭାଙ୍ଗିଥିଲେ ସୁଦ୍ଧା ଆବାସ ଯୋଜନାରେ ତାଙ୍କୁ ଘର ଦିଆଯାଇନାହିଁ ବୋଲି ଅଭିଯୋଗ କରିଥିଲେ। ଘରକୁ ଥିବା ରାସ୍ତା ଅବରୋଧ ହୋଇଥିବା ଶ୍ରୀଚନ୍ଦନପୁର ବାବାଜୀ ବେହେରା ଅଭିଯୋଗ କରିଥିଲେ। ଜମିବାଡ଼ି ବାବଦ ସମ୍ପର୍କରେ ଗୋବିନ୍ଦପୁର ବିକାଳୀ ସାହୁ ଅଭିଯୋଗ କରିଥିଲେ। ଅଟାବୁହା ଗାଁରେ ଫେବରିକ୍ ରାସ୍ତା ତିଆରି କରି ବିଲ୍ ପାଇ ନ ଥିବା ପ୍ରସନ୍ନ କୁମାର ନାଥ ଅଭିଯୋଗ କରିଥିଲେ। ବ୍ୟକ୍ତିଗତ ଜମି ଉପରେ ସେତୁ ନିର୍ମାଣକୁ ଧସଣାପାରିର ଦେବେନ୍ଦ୍ର ବେହେରା ଅଭିଯୋଗ କରିଥିଲେ। ତିକନପୁର-ବହୁଳ ଗ୍ରାମ୍ୟ ସଡ଼କ ମରାମତି ପାଇଁ ଶେଷଦେବ ପରିଜା ଅଭିଯୋଗ କରିଥିଲେ। ଗରଦପୁର ହଟମଣ୍ଡି ଓ ମାର୍କେଟ କମ୍ପ୍ଲେକ୍ସ ତିଆରି କରି ବିଲ ପାଇ ନ ଥିବା ନବାବ ପଣ୍ଡା ଅଭିଯୋଗ କରିଥିଲେ। ସରକାରୀ ଜମିରୁ ମଦ ଦୋକାନ ଉଠାଇବା ପାଇଁ କାଳନ୍ଦୀ ସାହୁ ଅଭିଯୋଗ କରିଥିଲେ। ମେଗା ପାନୀୟ ଜଳ ପାଇପ ବିଛାଇବା କାର୍ଯ୍ୟ ନିମ୍ନମାନର ହେଉଥିବା ହରିପୁର ଗ୍ରାମର ସରୋଜକାନ୍ତ ଅଭିଯୋଗ କରିଥିଲେ। ଆବାସ ଯୋଜନାରେ ଘର ପାଇବା ପାଇଁ ଶତାଧିକ ହିତାଧିକାରୀ ଜିଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଯୋଗାଇ ଦିଆଯିବ ବୋଲି ଜିଲାପାଳ ଋତୁରାଜ ପ୍ରତିଶ୍ରୁତି ଦେଇଥିଲେ।

# ପଦ୍ମଶ୍ରୀ ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ଜୟନ୍ତୀ

କେନ୍ଦ୍ରାପଡ଼ା, ୧୦।୭ (ଜଗନ୍ନାଥ ଧଳ)

ପଟ୍ଟାମୁଣ୍ଡାଇ ପୌର ପରିଷଦ ପ୍ରେକ୍ଷାଳୟ ପରିସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ପାୟଲ ମ୍ୟୁଜିକ୍ ସ୍କୁଲର ମିଳିତ ସହଯୋଗରେ ପଦ୍ମଶ୍ରୀ ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ୧୨୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍ସବରେ ଅନୁଷ୍ଠାନର ସ୍ଥାୟୀ ସଭାପତି ଶିକ୍ଷାବିତ୍ ନୀଳମାଧବ ପତି ଅଧ୍ୟକ୍ଷତା କରିଥିଲେ। ପ୍ରତିଷ୍ଠାତା/ସମ୍ପାଦକ ଦେବାଶିଷ ସାମଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା ପ୍ରଶାସନିକ ଅଧିକାରୀ ପବିତ୍ର ପଟ୍ଟନାୟକ ତାଙ୍କର ସୁଚନ୍ତିତ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ମାନସ ପଣ୍ଡା ଯୋଗଦେଇ ହରିଚନ୍ଦନଙ୍କ ଜନ୍ମ ଗ୍ରହଣଠାରୁ ଶ୍ରୀକ୍ଷେତ୍ରରେ ମୃତ୍ୟୁ ପର୍ଯ୍ୟନ୍ତ ନିଜ ଜୀବନାଦର୍ଶ ସମ୍ପର୍କରେ ବିସ୍ତୃତ ବିବରଣୀ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ସଙ୍ଗୀତ ପରିବେଷଣ ମାଧ୍ୟମରେ ହରିଚନ୍ଦନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ସଙ୍ଗୀତକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ପ୍ରୟାସ ଜାରି ରଖିଛନ୍ତି ବୋଲି କହିଥିଲେ। ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ନାତି ତଥା ବିଶିଷ୍ଟ ଆଇନଜ୍ଞ ପ୍ରଣୟ କିଶୋର ହରିଚନ୍ଦନ ଜେଜେ ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ଚାମର ସେବା କରିବାର ସୁଯୋଗ ମିଳିଥିଲା ବୋଲି କହିଥିଲେ। ଶ୍ରୀମନ୍ଦିରର ଅବସରପ୍ରାପ୍ତ ଉପପ୍ରଶାସକ ସୁଖ ରଞ୍ଜନ ବୋଷ ଗଜପତି ମହାରାଜା ତଥା ହରିଚନ୍ଦନଙ୍କ ସମ୍ପର୍କରେ ସଂକ୍ଷିପ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକଙ୍କୁ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ 'ସ୍ମୃତି ସମ୍ମାନ-୨୦୨୩' ପ୍ରଦାନ କରାଯାଇଥିଲା। ଇତ୍ୟାବସରରେ ପ୍ରକାଶ କୁମାର ଜେନା ମାନପତ୍ର ପାଠ କରିଥିବାବେଳେ ସାମାଜିକ କର୍ମୀ ପ୍ରମୋଦ କୁମାର ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭା ସାଙ୍ଗ ପରେ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ଓ ତାଙ୍କ ସୁପୁତ୍ର ଯୁବ କଣ୍ଠଶିଳ୍ପୀ ଶିବାନନ୍ଦ, ଗୁରୁଶ୍ରୀ ରବୀନ୍ଦ୍ର ନାଥ ମିଶ୍ର, ପାୟଲ୍ ମ୍ୟୁଜିକ୍ ସ୍କୁଲର ସଙ୍ଗୀତଗୁରୁ ଭାସ୍କର ଚନ୍ଦ୍ର ବେହେରା ଓ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଦେବାଶିଷ ସାମଲ ଅନୁଷ୍ଠାନ ପକ୍ଷରୁ ଅତିଥି ଓ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଛିଣ୍ଡା ପଲିଥିନ ତଳେ ଅସହାୟ ବୃଦ୍ଧାଙ୍କ ଜୀବନ

■ ତୋରାଣି ସାଙ୍ଗକୁ ଲୁଣ, ମଦରଙ୍ଗା ଶାଗ ଖାଇ ବଞ୍ଚିଛନ୍ତି

■ ବିଜୁଳି ନାହିଁ କି କିରୋସିନ

■ ବାସ ଖଣ୍ଡେ ଯୋଗାଇଦେବାକୁ ନିବେଦନ

ମହାକାଳପଡ଼ା, ୧୦।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଜଙ୍ଗଲଘେରି ଗ୍ରାମର ଅସହାୟ ଅନୁସୂଚିତ ମହିଳା ସହଚରୀ।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନୁସୂଚିତ ଜନଜାତି ସମ୍ପ୍ରଦାୟଙ୍କ ବିକାଶ କଥା କହୁଥିବା ବେଳେ ତୃଣମୂଳ ସ୍ତରରେ ବିକାଶର ବାସ୍ତବ ଚିତ୍ର ଠିକ୍ ଓଲଟା। ବୟସର ଅପରାହ୍ନରେ ଆଖିକୁ ଭଲ ଭାବେ ଦିଶୁନାହିଁ। ପାଦରେ ଆଉ ଚାଲିବାର ଯୁ ନାହିଁ। ତଥାପି ଜୀବନ ଜିଇଁବାକୁ ଅନେକ ସଂଘର୍ଷ କରିବାକୁ ପଡୁଛି। ଏଭଳି ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତର ଆଦିବାସୀ ଜଙ୍ଗଲଘେରି ଗ୍ରାମରେ ସହଚରୀ ଆହାଡ଼ି (୭୦)ଙ୍କ କ୍ଷେତ୍ରରେ। ସେ ଉକ୍ତ ଗ୍ରାମର ଲକ୍ଷ୍ମୀଧର ଆହାଡ଼ିଙ୍କୁ ବିବାହ କରିଥିଲେ। ହସ ଖୁସିରେ ଦାମ୍ପତ୍ୟ ଜୀବନ କିଛି ବର୍ଷ ଅତିବାହିତ ହେବା ପରେ ସହଚରୀଙ୍କ କୌଣସି ସନ୍ତାନ ସନ୍ତତି ନ ହେବାରୁ ତାଙ୍କୁ ଛାଡ଼ି ସ୍ୱାମୀ ଅନ୍ୟତ୍ର ବିବାହକଲେ। ସେହିଦିନଠାରୁ ସହଚରୀ ଏକାକୀ ମୂଲ ମଜୁରି ଲାଗି ଚଳୁଥିଲେ। ଏବେ ବୟସର ଅପରାହ୍ନରେ ପର ଘରେ ମୂଲ ମଜୁରି ଲାଗିବା ସମ୍ଭବ ନ ହେବାରୁ ଜୀବନ ବଞ୍ଚିବା ଦୁର୍ବିଷହ ହୋଇପଡୁଛି। ସରକାରୀ ଯୋଜନା କହିଲେ, ମାସକୁ ୫ କିଲୋ ଚାଉଳ ୫ ଶହ ଟଙ୍କା ଭତ୍ତା ଦେଇ ସ୍ଥାନୀୟ ପ୍ରଶାସନ କାମ ସାରି ଦେଉଛି। ଝଡ଼ବାତ୍ୟା ଆସିଲେ ଛିଣ୍ଡା ପଲିଥିନ ତଳେ ମୁଣ୍ଡ ଗୁଞ୍ଜୁଛନ୍ତି ସହଚରୀ। ୫ କିଲୋ ଚାଉଳ ସରିଯିବା ପରେ ଗାଁରୁ ମାଗି ଯାଚି ଆଣିଥିବା ଭାତ ଖାଇ ସାରିବା ପରେ ବାସି ତୋରାଣି ଯତ୍ନ ସହ ସାଇତି ରଖେ ଆଗ ଦିନ ପାଇଁ। ମୁନ୍ଦେ ତୋରାଣି ନଦୀ ପାର୍ଶ୍ୱ ଚାଷଜମି ହିଡରେ ମଦରଙ୍ଗା ଶାଗକୁ ତୋଳି ଖରଡ଼ି ଖାଏ ବୋଲି ସହଚରୀ କୁହନ୍ତି। ମୁଁ ବୃଦ୍ଧା ହୋଇଯିବା ପରେ ଆଉ କୁଆଡ଼େ ଯାଇପାରୁନାହିଁ। ଏହି ଶାଗ ମୋ ଜୀବନ ବଞ୍ଚାଉଛି। ପାଖରେ କିଛି ପଇସାପତ୍ର ନ ଥିବାରୁ ୨ ବର୍ଷ ହେବ ତରକାରି କି ଡାଲି ଖାଇପାରୁନାହିଁ। ସଞ୍ଜ ହେଲେ ବିଜୁଳି କି କିରୋସିନ ନ ଥିବାରୁ ପଲିଥିନ ଟାଣି ଭିତରେ ରହିଯାଏ। ବର୍ଷାଋତୁରେ ନଦୀ ନିକଟରେ ବସବାସ କରୁଥିବାରୁ ସରୀସୃପ ଭୟ ରହିଛି ବୋଲି ସହଚରୀ କହିଛନ୍ତି। ଆଉ କେତେଦିନ ପଲିଥିନ ତଳେ ବଞ୍ଚିବି। ସରକାର ଖଣ୍ଡେ ପକ୍କାଘର ଓ ବିଜୁଳି ଯୋଗାଇଦେଲେ ଅବଶିଷ୍ଟ ଜୀବନ ଭଲରେ କଟନ୍ତା।

# ମୌସୁମୀ ବର୍ଷାର ଲୁଚକାଳି ଖେଳ, ଚିନ୍ତାରେ ଚାଷୀ

ମହାକାଳପଡ଼ା,୧୦।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ଶୁଖିଲା ପଡ଼ିଛି।

ଚଳିତବର୍ଷ ଜୁନ୍ ମାସ ତୃତୀୟ ସପ୍ତାହରେ ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷା ଓଡ଼ିଶା ଉପକୂଳ ଛୁଇଁଥିଲେ ମଧ୍ୟ ଆଶାନୁରୂପକ ବର୍ଷା ହେଉନାହିଁ। ଫଳରେ ସ୍ଥାନୀୟ ଚାଷୀମାନଙ୍କ ଜମିରେ ପାଣି ନ ଥିବାରୁ ତଳି ଧାନ ନଷ୍ଟହେବାକୁ ବସିଲାଣି। ଦକ୍ଷିଣ, ପଶ୍ଚିମ ମୌସୁମୀ ବାୟୁ ବର୍ଷା ସକ୍ରିୟ ହେଲେ ଏହି ଅଞ୍ଚଳରେ ଚାଷୀମାନେ ବେଉଷଣ କାମ ଆରମ୍ଭ ହେବ ବୋଲି କହିଛନ୍ତି। ଅପରପକ୍ଷରେ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ଅଦ୍ୟାବଧି ଶୁଖିଲା ପଡ଼ିଛି। କଟକୀ ଦଳରେ ଭର୍ତ୍ତି ହୋଇଛି ଏହି ସର୍ବପୁରାତନ କେନାଲ। ଦିନ ଥିଲା ଏହି କେନାଲ ଦେଇ ବିଦେଶୀ ନାଗରିକମାନେ ବିଦେଶରୁ ଖାଦ୍ୟ ସାମଗ୍ରୀ କଟକର ମହାନଦୀ ଯୋବ୍ରା ମାଲଗୋଦାମକୁ ଯାତାୟାତ କରୁଥିଲା। ତେବେ ଏହି କେନାଲ ତା'ର ପୂର୍ବ ରୂପ ଓ ସୌନ୍ଦର୍ଯ୍ୟ ହରାଇଛି। ଅପରପକ୍ଷରେ ଏହି କେନାଲ କଟକର ମହାନଦୀ ବ୍ୟାରେଜ୍ ପୂର୍ବାଞ୍ଚଳ ସର୍କଲ ଜଳସେଚନ ବିଭାଗ ଅଧୀନରେ ପରିଚାଳିତ ହେଉଛି। ମିଳିଥିବା ସୂଚନା ଅନୁସାରେ, ସୋମବାର ପୂର୍ବାହ୍ନରେ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇ କଟକ ଇଷ୍ଟର୍ନ ସର୍କଲ ମହାନଦୀ ବ୍ୟାରେଜରୁ ଆନୁଷ୍ଠାନିକ ଭାବେ କେନ୍ଦ୍ରାପଡ଼ା କେନାଲ ଓ ଜାରକା ଯାଜପୁର ହାଇ ଲେଭଲ କେନାଲରେ ଚଳିତବର୍ଷ ପ୍ରଥମ ମୌସୁମୀ ଋତୁରେ ଜଳ ନିଷ୍କାସନ କରାଯାଇଛି ବୋଲି କଟକସ୍ଥିତ ଇଷ୍ଟର୍ନ ସର୍କଲ ଜଳସେଚନ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ କହିଛନ୍ତି। ଏ ସଂକ୍ରାନ୍ତରେ ମୁଖ୍ୟଯନ୍ତ୍ରୀ ରଥଙ୍କୁ ପଚାରିବାରେ, ଆସନ୍ତା ୪ରୁ ୫ ଦିନ ମଧ୍ୟରେ କେନ୍ଦ୍ରାପଡ଼ା- ମାର୍ଶଘାଇ- ଜମ୍ବୁ କେନାଲ ତଳମୁଣ୍ଡରେ ଜଳ ପହଞ୍ଚିବ। କେନାଲ ଜଳକୁ ଧୀରେ ଧୀରେ ନିଷ୍କାସନ କରାଯିବ। ଫଳରେ ସୁବିଧାରେ ତଳମୁଣ୍ଡରେ ଜଳ ପହଞ୍ଚିଲେ ସ୍ଥାନୀୟ ଚାଷୀମାନେ ଖରିଫ ଫସଲ ବେଉଷଣ କାମ ଆରମ୍ଭ କରିପାରିବେ ବୋଲି ସେ କହିଛନ୍ତି।

ସେହିଭଳି ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେଲେ ଦକ୍ଷିଣ, ପଶ୍ଚିମ ମୌସୁମୀ ସକ୍ରିୟ ହେବ। ଫଳରେ ଭୀଷଣ ବର୍ଷା ହେବ ବୋଲି କୁହାଯାଇଛି। ତେବେ ନିଅଣ୍ଟିଆ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚଳିତବର୍ଷ ଖରିଫ ଫସଲ ଅମଳ ହେବା ନେଇ ଚିନ୍ତାରେ ଚାଷୀମାନେ ରହିଛନ୍ତି। ସେମାନଙ୍କ କହିବା କଥା ବର୍ଷାପାଣି କିମ୍ବା କେନାଲ ଜଳ ଆସିଲେ ଖରିଫ ଫସଲ ବେଉଷଣ ହେବ ବୋଲି ଜଳଧର ସ୍ୱାଇଁ , ଜସବନ୍ତ ପ୍ରଧାନ , ଅନାଦି ସ୍ୱାଇଁ , ସଦାଶିବ ରାଉତ , ପତିତପାବନ ସ୍ୱାଇଁ , ଗୋଲେଖ ସ୍ୱାଇଁଙ୍କ ପ୍ରମୁଖ ଚାଷୀ କହିଛନ୍ତିୟ ବର୍ଷାଜଳ ଉପରମୁଣ୍ଡରୁ ନ ଆସିବାରୁ ତଳ ମହାନଦୀ , ଲୁଣା , ଗୋବରୀ ନଦୀରେ ସମୁଦ୍ର ଲୁଣିପାଣି ପ୍ରବେଶକରି ଚାଷଜମି କ୍ଷତି ପହଞ୍ଚାଉଛି ବୋଲି ଚାଷୀମାନେ କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ କେନାଲ ଜଳ ଛଡ଼ାଯାଉଛି। କେନାଲ ଜଳ ଯୋଗାଣରେ ସମସ୍ୟା ରହିବ ନାହିଁ। ସ୍ଥାନୀୟ ଚାଷୀମାନେ ଚାଷକାର୍ଯ୍ୟ ଆରମ୍ଭ କରିବେ ବୋଲି ସେ କହିଛନ୍ତି।

■ ଚାଷକାମରେ ବହୁ ବିଳମ୍ବ

■ କେନାଲ ପାଣି ଅପେକ୍ଷାରେ ଚାଷୀ

# ଡ୍ରପ୍ ଆଉଟ୍ ପିଲାଙ୍କ ଥଇଥାନ ଚିନ୍ତା

■ ଶିଳ୍ପ ସମୃଦ୍ଧ ଦାନଗଦି ବ୍ଲକରେ ୬୫୪ ଜଣ ଚିହ୍ନଟ

■ କାର୍ଯ୍ୟକାରୀ ହେଲାନି ହାଇକୋର୍ଟଙ୍କ ନିର୍ଦ୍ଦେଶ

ଯାଜପୁର,୧୦।୭(ହର୍ଷବର୍ଦ୍ଧନ ବେହେରା)

ବହୁଳ ପ୍ରସାରିତ ସର୍ବଶିକ୍ଷା ଅଭିଯାନ ଯାଜପୁର ଜିଲାର ଗ୍ରାମାଞ୍ଚଳରେ ବିଫଳ ହୋଇଛି। ବିଶେଷକରି ଜିଲାର ଶିଳ୍ପ ସମୃଦ୍ଧ ଦାନଗଦି ବ୍ଲକରେ ଅଧାରୁ ପାଠ ଛାଡି(ଡ୍ରପ ଆଉଟ) କିମ୍ବା ସ୍କୁଲ ବାରଣ୍ଡା ମାଡି ନ ଥିବା ୬ ରୁ ୧୪ ବର୍ଷର ୬୫୪ ଜଣ ଛାତ୍ରୀଛାତ୍ରଙ୍କୁ ବେସରକାରୀ ଭାବେ ଚିହ୍ନଟ କରାଯାଇଛି। ଏଥିରେ ଅଧିକାଂଶ ତଫସିଲଭୁକ୍ତ ଜାତି ଓ ଜନଜାତିର ରହିଛନ୍ତି। ଏହି ଡ୍ରପଆଉଟ ଛାତ୍ରୀଛାତ୍ରମାନେ ଦେଶୀ ମଦ ଦୋକାନ, ଚାଷ କାର୍ଯ୍ୟ, ଚୁକ୍ତି ଭିତ୍ତିକ ଶ୍ରମିକ, ଗ୍ୟାରେଜ ଆଦି ସ୍ଥାନରେ ବାଧ ହୋଇ କାମ କରୁଛନ୍ତି। ଫଳରେ ସେମାନଙ୍କ ଶାରୀରିକ ଓ ମାନସିକସ୍ତରରେ ଖରାପ ପ୍ରଭାବ ପଡୁଛି। ଏନେଇ ସାମାଜିକ କର୍ମୀ ମଞ୍ଜୁ ଦାସ ଉକ୍ତ ଶିଶୁମାନେ ଶିକ୍ଷା, ପୁଷ୍ଟିକର ଖାଦ୍ୟ ଓ ସ୍ୱାସ୍ଥ୍ୟସେବା ପରି ମୌଳିକ ଅଧିକାରରୁ ବଞ୍ଚିତ ହେଉଥିବା ଅଭିଯୋଗ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା(ନଂ. ୧୭୨୯/୨୦୨୩) ଦାୟର କରିଥିଲେ। ଏହି ମାମଲା ଉପରେ ହାଇକୋର୍ଟଙ୍କ ପକ୍ଷରୁ ଗତ ୨୪।୧।୨୦୨୩ରେ ଶୁଣାଣୀ କରି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କୁ ଅଭିଯୋଗ ଉପରେ ତଦନ୍ତ କରିବା ସହ ଉପଯୁକ୍ତ ଭାବେ ଥଇଥାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଉକ୍ତ ନିର୍ଦ୍ଦେଶର ୬ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଡ୍ରପ୍ଆଉଟ ପିଲାମାନେ ଥଇଥାନ ପାଇଁ ରାହା ଖୋଜୁଥିବା ଅଭିଯୋଗ ହେଉଛି।



କ୍ଷେତରେ କାମ କରୁଛନ୍ତି ଡ୍ରପ୍ଆଉଟ୍ ପିଲା।

ସୂଚନା ଅନୁଯାୟୀ, ଦାନଗଦି ବ୍ଲକର ବଙ୍ଗାରକୋଟ, ନଛିପୁରା, ଓସ୍ତପାଲ, ଉଚ୍ଚବାଲି, କିଆଝର, ଦେଉଳକଣା, ନଡିଆଭଙ୍ଗା, ପଙ୍କପାଳ, ରାଛିପୁର, ଖପୁରିଆପଡା, ଚାନ୍ଦିଆ, ତ୍ରିଜଙ୍ଗା, ଯଖପୁରା, ଚିତିରି, ଧଳିଗଡ, ରାଣୀପଡା, ସାଲିଜଙ୍ଗା ପଞ୍ଚାୟତରେ ଅଧିକାଂଶ ଡ୍ରପ୍ ଆଉଟ ପିଲା ରହିଥିବାର ତାଲିକା ପ୍ରସ୍ତୁତ ହୋଇଛି। ଉକ୍ତ ତାଲିକାରେ ପଞ୍ଚାୟତ, ଗ୍ରାମ, ଡ୍ରପ୍ ଆଉଟ ପିଲା ଓ ବାପାଙ୍କ ନାମ, ଶ୍ରେଣୀ, ଲିଙ୍ଗ, ବୟସ ଓ ଜାତି ଅନୁଯାୟୀ ପ୍ରସ୍ତୁତ ହୋଇଛି। ୨୦୨୨ ସେପ୍ଟେମ୍ବରରୁ ପ୍ରାୟ ୩ ମାସ ଧରି ସାମାଜିକ କର୍ମୀ ମଞ୍ଜୁଙ୍କ ନେତୃତ୍ୱରେ ଘରକୁ ଘର ବୁଲି ସର୍ଭେ କରାଯାଇ ଏହି ତଥ୍ୟ ହାସଲ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟାହ୍ନ ଭୋଜନ, ସପ୍ଲିମେଣ୍ଟାରୀ ନ୍ୟୁଟ୍ରିଶନ ପ୍ରୋଗ୍ରାମ, କିଶୋରୀ ଶକ୍ତି ଯୋଜନା, କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ ଆଦି ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଏହିସବୁ ଯୋଜନା କାର୍ଯ୍ୟକାରୀ କରିବାରେ ଆନ୍ତରିକତାର ଅଭାବ ଯୋଗୁ ଡ୍ରପ୍ଆଉଟ ପିଲା ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି। ଏହାବାଦ୍ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରବେଶ ଉତ୍ସବ, ବୟସ ଅନୁସାରେ ବିଭିନ୍ନ ଶ୍ରେଣୀରେ ନାମଲେଖା ବ୍ୟବସ୍ଥା, ସ୍ୱତନ୍ତ୍ର ତାଲିମ ଭିତ୍ତିକ ଶିକ୍ଷା ବ୍ୟବସ୍ଥା ଆଦି ଯୋଜନାର ସଫଳତା ସମ୍ପୂର୍ଣ୍ଣ ବିଫଳ ବୋଲି ସ୍ପଷ୍ଟ ଅନୁମେୟ । ଅନ୍ୟପକ୍ଷେ ଉଚ୍ଚ କର୍ତ୍ତୃପକ୍ଷଙ୍କ ରୋଷରୁ ବଞ୍ଚିବାକୁ ଯାଇ ସରକାରଙ୍କ ନିକଟରେ ଜିଲାରେ ମାତ୍ର ୨ ଜଣ ଡ୍ରପ୍ଆଉଟ ପିଲା ରହିଛନ୍ତି ବୋଲି ବିଭାଗୀୟ ଅଧିକାରୀମାନେ ରିପୋର୍ଟ ପ୍ରଦାନ କରୁଥିବାର ଅଭିଯୋଗ ହୋଇଛି।

ସରକାରୀ ଭାବେ ମିଳିଥିବା ରିପୋର୍ଟ ଅନୁଯାୟୀ, ଜିଲାରେ ୯୫୯ ସରକାରୀ ଓ ଅନୁଦାନପ୍ରାପ୍ତ ପ୍ରାଥମିକ ଏବଂ ୭୫୭ ଗୋଟି ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଛି। ଏହି ବିଦ୍ୟାଳୟଗୁଡିକରେ ୨,୦୨,୭୪୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଗତ ୨୦୦୪ରୁ ସର୍ବଶିକ୍ଷା ଅଭିଯାନ ଆରମ୍ଭ ହୋଇଛି । ୬ରୁ ୧୪ବର୍ଷର ବାଳିକାବାଳକମାନଙ୍କୁ ବାଧ୍ୟତାମୂଳକ ଏବଂ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ । ହେଲେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଏହାସହ ଦାରିଦ୍ର୍ୟତା, ଗ୍ରାମବସତିଠାରୁ ସ୍କୁଲର ଦୂରତା କାରଣରୁ ପାଠପଢାରୁ ଦୂରେଇ ରହିଥିବା ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ପାଠପଢା ପ୍ରତି ଆଗ୍ରହ ଜନ୍ମାଇବା ଦିଗରେ ସର୍ବଶିକ୍ଷା ଅଭିଯାନର ବିଫଳତା ଏହାର ଏକ ପ୍ରମୁଖ କାରଣ ହୋଇପାରେ ବୋଲି ମତ ପ୍ରକାଶ ପାଇଛି। ସେହିପରି ଗ୍ରାମାଞ୍ଚଳ ସ୍କୁଲଗୁଡିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଅଭାବ, ବିଭିନ୍ନ ସରକାରୀ କାର୍ଯ୍ୟରେ ଶିକ୍ଷକମାନଙ୍କୁ ନିୟୋଜନ, ଜଣେ ମାତ୍ର ଶିକ୍ଷକ ଥିଲେ ସେ ବିଭାଗୀୟ କାର୍ଯ୍ୟରେ ବ୍ୟସ୍ତ ରହିଲେ ସ୍କୁଲ ବନ୍ଦ ରହିବା ମଧ୍ୟ ଛାତ୍ରୀଛାତ୍ରଙ୍କୁ ସ୍କୁଲକୁ ଆକର୍ଷିତ କରି ନ ପାରିବା ଅନ୍ୟ ଏକ କାରଣ ହୋଇପାରେ ବୋଲି ମତପ୍ରକାଶ ପାଇଛି । ବୟସ ଅନୁସାରେ ଶ୍ରେଣୀରେ ନାମ ଲେଖା ଯାଉଛି ସତ ହେଲେ ସେହି ବାଳିକାବାଳକମାନେ ଘର କାମ କିମ୍ବା ଶିଶୁ ଶ୍ରମିକ ଭାବେ ନିୟୋଜିତ ରହୁଛନ୍ତି । ଡ୍ରପ୍ ଆଉଟ ବାଳିକାମାନଙ୍କୁ ଖୋଜି କସ୍ତୁରବା ଗାନ୍ଧୀ ବାଳିକା ଆବାସିକ ବିଦ୍ୟାଳୟ(କେଜିବିଭି)ରେ ନାମ ଲେଖାଇବା ପରିବର୍ତ୍ତେ ସାଧାରଣ ପିଲାଙ୍କୁ ସହଜରେ ଆଣି ନାମ ଲେଖାଯାଉଛି । ଜିଲାର ଯାଜପୁର ବ୍ଲକ ସୁଜନପୁର ଓ ସୁକିନ୍ଦା ବ୍ଲକ ହାତିବାରୀଠାରେ ୨ଟି କେଜିବିଭି ରହିଛି । ହଷ୍ଟେଲ ସୁବିଧା କରାଯାଇ ପ୍ରତ୍ୟେକ କେଜିବିଭିରେ ୬ଷ୍ଠ ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀ ଅଧ୍ୟୟନ କରୁଛନ୍ତି । ଡ୍ରପ୍ ଆଉଟ ବାଳିକାଙ୍କୁ ଅଧିକ ଗୁରୁତ୍ୱ ଦେବାକୁ ଏହି ସ୍କୁଲରେ ଗାଇଡ୍‌ଲାଇନରେ ରହିଛି । କିନ୍ତୁ ସିଟ୍ ପୂରଣ କରିବା ଲକ୍ଷ୍ୟରେ ରହି ଡ୍ରପ୍ଆଉଟ ପରିବର୍ତ୍ତେ ସାଧାରଣ ସ୍କୁଲ ପିଲାଙ୍କ ନାମ ଲେଖାଯାଉଥିବା ଅଭିଯୋଗ ହେଉଛି । ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ସୋମବାର ରାତି ପ୍ରାୟ ୭ଟା୧୨ ମିନିଟରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

# ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ୨ ଗୋଷ୍ଠୀ ମଧ୍ୟରେ ହାତାହାତି

ରାଜନଗର, ୧୦।୭ (ଭାସ୍କର ରାଉତରାୟ):

ରାଜନଗର ବ୍ଲକ ବେଲପାଳ ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅଧାରୁ ଶେଷ ହୋଇଛି। ସରପଞ୍ଚ ପଞ୍ଚାୟତ ବଦଳରେ କେନ୍ଦ୍ରାପଡ଼ାରେ ରହିବା ଓ ପଞ୍ଚାୟତର କୌଣସି ଉନ୍ନତିମୂଳକ କାର୍ଯ୍ୟ ସେଥିପାଇଁ ହୋଇ ପାରୁ ନ ଥିବା ନେଇ ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। ଏହାକୁ ନେଇ ହୋ ହାଲ୍ଲା ଓ ପରେ ହାତାହାତି ଯାଏ କଥା ଯାଇଥିଲା। ପରିସ୍ଥିତି ଅଣାୟତ ହେବାରୁ ଅଧାରୁ ଏହି ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମକୁ ବନ୍ଦ କରି ସରକାରୀ ଅଧିକାରୀମାନେ ପଳାଇ ଆସିଥିଲେ।



ପ୍ରଶାସନିକ ଅଧିକାରୀଙ୍କ ସମ୍ମୁଖରେ ଦୁଇ ଗୋଷ୍ଠୀ ହାତାହାତି ହେଉଛନ୍ତି।

ବେଲପାଳ ପଞ୍ଚାୟତର ସରପଞ୍ଚ ତିଳୋତମା ବରାଳଙ୍କ ପୌରୋହିତ୍ୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି, ସମିତିସଭ୍ୟା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ, ନାଏବ ସରପଞ୍ଚ ନଳିନୀକାନ୍ତ କୁଣ୍ଡ, ଜିଆରଏସ୍ ଅଶୋକ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ୫୮ଟି ଅଭିଯୋଗ ଆସିଥିଲା। ଏବିଡିଓ ମହାନ୍ତି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଥମ ଦଫାରେ ଆସିଥିବା ଟାର୍ଗେଟ ଅନୁଯାୟୀ ବଣ୍ଟନ କରାଯାଇଛି। ପରବର୍ତ୍ତୀ ଅବସ୍ଥାରେ ଟାର୍ଗେଟ ଆସିଲେ ପୁଣି ଯେଉଁମାନେ ରହି ଯାଇଛନ୍ତି, ସେମାନେ ଘର ପାଇବେ ବୋଲି କହିଥିଲେ। ଏହାପରେ କିଛି ହିତାଧିକାରୀ ଆମ ନାଁ କିପରି କଟିଲା, ଆମ ଘର ଦେଖିବ ଆସ, କିଏ ଅଭିଯୋଗ କରିଥିଲା କହିବା ସହ ହୋ ହାଲ୍ଲା କରିଥିଲେ। ଏଥିସହ କେତେକ ପଞ୍ଚାୟତ ଲୋକେ ସରପଞ୍ଚ କେନ୍ଦ୍ରାପଡ଼ାରେ ରହୁଛନ୍ତି, ପଞ୍ଚାୟତରେ ରହୁ ନ ଥିବାରୁ ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନି। ଗାଁ ଅନ୍ଧାର ରହୁଥିବା ବେଳେ ପାଣି ବି ଠିକ୍ ସେ ମିଳୁନି। ଏସିଏମ୍ ଦରମା ପାଉ ନ ଥିବା ବେଳେ ଇଲେକ୍ଟ୍ରିବିଲ ଠିକ୍ ସମୟରେ କାହିଁକି ଦିଆଯାଉନି ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ କାର୍ଯ୍ୟକ୍ରମସ୍ଥଳରେ ହୋ ହାଲ୍ଲା ଏପରିକି ହାତ ଉଠାଉଠି ଯାଏଁ କଥା ଯାଇଥିଲା। ବହୁ ସମୟ ଧରି ଏହି ଠେଲାପେଲା ଲାଗି ରହିବାରୁ ଅଧାରୁ କାର୍ଯ୍ୟକ୍ରମ ବନ୍ଦ ରହିଥିଲେ।

# ସାନିଟାଇଜରରେ ନିଆଁ ଲାଗି ବିସ୍ଫୋରଣ: ୨ ଭଉଣୀ ଗୁରୁତର

ଆଳି,୧୦।୭(ବନମାଳୀ ସେନାପତି )

## ରୋଷେଇ ବେଳେ ଦୁର୍ଘଟଣା

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ସୋମବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଚୁଲିରେ ୨ ଭଉଣୀ ପୁରି ଛାଣୁଥିବା ବେଳେ ଚୁଲି ପାଖରେ ଥିବା ଏକ ସାନିଟାଇଜର ଡବାରେ ନିଆଁ ଲାଗି ବିସ୍ଫୋରଣ ହୋଇଥିଲା। ଏଥିରେ ୨ ଭଉଣୀଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ଗୋବିନ୍ଦପୁର ଗ୍ରାମର ଗିରିଧାରୀ ମଳିକ ୨ ଝିଅ ଅଭିଲିପ୍ସା (୧୫), ସମୀକ୍ଷା (୧୦) ପୁରି ଖାଇବା ପାଇଁ ମନକରି ସକାଳ ୮ଟାରେ ଆରମ୍ଭ କରିଥିଲେ ପ୍ରସ୍ତୁତି। ୨ଭଉଣୀ ଚୁଲି ପାଖରେ ବସି ପୁରି ବେଲି ଛାଣୁଥିବା ବେଳେ ଚୁଲି ନିଆଁର ଉତ୍ତାପରେ ପାଖରେ ଥିବା ଏକ ବଡ଼ ସାନିଟାଇଜର ଡବାରେ ହଠାତ୍ ନିଆଁ ଲାଗି ବିସ୍ଫୋରଣ ହୋଇଥିଲା। ନିଆଁର ପ୍ରକୋପ ଏତେ ମାତ୍ରାରେ ଥିଲା ଯେ, ୨ ଭାଉଣୀଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ୨ ଭଉଣୀଙ୍କ ଚିତ୍କାର ଶୁଣି ପରିବାର ଲୋକେ ଧାଇଁ ଆସିଥିଲେ। କିନ୍ତୁ ନିଆଁର ପ୍ରକୋପ ଅଧିକ ଥିବାରୁ ଲିଭାଇବାକୁ ବିଳମ୍ବ ହୋଇଥିଲା। ଉଭୟଙ୍କୁ ନିକଟସ୍ଥ ଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ସେମାନଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେମାନଙ୍କ ଚିକିତ୍ସା ଚାଲିଥିବା ପରିବାର ନିକଟରୁ ଜଣାପଡ଼ିଛି।



ଦୁଇ ଭଉଣୀଙ୍କ ଫାଇଲ ଫଟୋ ।

# ବିପର୍ଯ୍ୟୟ ବେଳେ ମହିଳାଙ୍କ ସ୍ୱାସ୍ଥ୍ୟ ବିଗୁଡୁଛି

କେନ୍ଦ୍ରାପଡ଼ା, ୧୦।୭ (ଜଗନ୍ନାଥ ଧଳ)

■ ସ୍ଥାନାନ୍ତର ସମୟରେ ସ୍ୱତନ୍ତ୍ର ପାଇଖାନା ମିଳୁନାହିଁ

■ ଅଧିକ କ୍ଷତି ସହୁଛନ୍ତି ଦଳିତବର୍ଗ ମହିଳା

■ ବନ୍ୟା, ବାତ୍ୟା ପରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଟିମ୍ ଆବଶ୍ୟକ

ବନ୍ୟା, ବାତ୍ୟା, ସୁନାମି ପରି ପ୍ରାକୃତିକ ବିପର୍ଯ୍ୟୟ ବଳୟରେ କେନ୍ଦ୍ରାପଡ଼ା ଜିଲା ଅଛି। ୪୮ କି.ମି. ସମୁଦ୍ର ତଟ ରହିଥିବା ବେଳେ ଏହାର ୨୮ ପ୍ରତିଶତ ଅଞ୍ଚଳରେ ଜୁଆରପାଣି ଡର ରହିଛି। ଏହା ବ୍ୟତୀତ ଆଳି ତଟବନ୍ଧ ଡିଭିଜନର ୭୪୪.୪୭ କି.ମି. ତଟବନ୍ଧ ଅସୁରକ୍ଷିତ ଅବସ୍ଥାରେ ଅଛି। ମହାନଦୀ ଓ ବ୍ରାହ୍ମଣୀରେ ବନ୍ୟା ଆସିଲେ ଜିଲାର ୪୫୫ ଗ୍ରାମରେ ପାଣି ପଶିଯାଉଛି। ସାମୁଦ୍ରିକ ଝଡ଼ ଜିଲାକୁ କବଳିତ କରୁଥିଲା ବେଳେ ୨ ଶହରୁ ଅଧିକ ଗ୍ରାମରୁ ଲୋକ ସ୍ଥାନାନ୍ତର ହେଉଛନ୍ତି। ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମହିଳାମାନେ ସର୍ବାଧିକ ଦୟନୀୟ ଅବସ୍ଥାରେ ରହୁଛନ୍ତି। ସେମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି। ସ୍ଥାନାନ୍ତର ସ୍ଥାନରେ ମହିଳାଙ୍କ ପାଇଁ କୌଣସି ସ୍ୱତନ୍ତ୍ର ପାଇଖାନା ନାହିଁ। ମାସିକ ଧର୍ମ ପାଳନରେ ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ଦଳିତ ବର୍ଗର ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଉଥିବା ଲକ୍ଷ୍ୟ କରାଯାଉଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ପରେ ସ୍ଥାନାନ୍ତର ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଜରୁରୀ ହୋଇପଡ଼ିଛି ବୋଲି ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଡାକ୍ତରଙ୍କ ମତ ମିଳିଛି।

ଏ ସମ୍ପର୍କରେ ରାଜନଗର ମଗରକନ୍ଦା ଗ୍ରାମର ଜଣେ ମହିଳା କହିଛନ୍ତି, ୨୦୧୯ ମେ ମାସରେ ଫନୀ ବାତ୍ୟା ହୋଇଥିଲା। ପ୍ରାୟ ୩ ଦିନ ଧରି ଗ୍ରାମରୁ ସ୍ଥାନାନ୍ତର ହୋଇ ସ୍କୁଲ ଗୃହରେ ରହିବାକୁ ପଡ଼ିଲା। ସେଠାରୁ ଫେରିଲା ପରେ ପେଟ କାମୁଡ଼ିବା ଆରମ୍ଭ ହେବା ସହ ସ୍ତ୍ରୀ ରୋଗ ବାହାରିଲା। ପ୍ରାୟ ୨ ମାସ ଧରି ଚିକିତ୍ସା ପରେ ଏହି ରୋଗ ଭଲ ହୋଇଥିଲା। ଏକା ପ୍ରକାର ରୋଗର ଲକ୍ଷଣ ପ୍ରାୟ ମହିଳାଙ୍କଠାରେ ପ୍ରକାଶ ପାଇଥିଲା। ବାତ୍ୟା ଆଶ୍ରୟସ୍ଥଳରେ ପ୍ରାୟ ୩୦୦ରୁ ଅଧିକ ଲୋକ ରହୁଥିଲେ। ଆମେ ସବୁ ଗୋଟିଏ ସ୍ଥାନକୁ ପାଇଖାନା ଭାବେ ବ୍ୟବହାର କରୁଥିଲୁ। ପାଣି ସଙ୍କଟ ରହୁଥିବା ବେଳେ ଉପଯୁକ୍ତ ପାନୀୟ ଜଳରେ ମଧ୍ୟ ସଙ୍କଟ ରହିଥିଲା। ଏସବୁ କାରଣ ପାଇଁ ସ୍ୱାସ୍ଥ୍ୟ ବିଗିଡ଼ିଥିଲା। ଏହି ଅଞ୍ଚଳରେ ଡାକ୍ତରଙ୍କ ସଂଖ୍ୟା କମ୍ ଥିବାରୁ ରୋଗ ନିୟନ୍ତ୍ରଣରେ ବହୁ ସମୟ ବିତି ଯାଇଥିଲା। ବୁଦ୍ଧିଜୀବୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ କହିଛନ୍ତି, ବନ୍ୟା, ବାତ୍ୟା ସମୟରେ ଜିଲା ପ୍ରଶାସନ ସ୍ଥାନାନ୍ତର ଓ ରନ୍ଧାଖାଦ୍ୟକୁ ଗୁରୁତ୍ୱ ଦେଉଛନ୍ତି। ବାସ୍ତବରେ ମହିଳାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଧ୍ୟାନ ଦିଆଯାଉନାହିଁ। ଏହି ସମୟରେ ଆଶ୍ରୟସ୍ଥଳକୁ ଲୋକମାନେ ଆବଶ୍ୟକତା ପାଇଁ ବ୍ୟବହାର କରୁଛନ୍ତି। ମାତ୍ର ସେଠାରେ ସ୍ୱାସ୍ଥ୍ୟଗତ ସମସ୍ୟାରୁ ଦୂରେଇବାକୁ କୌଣସି ଭିତ୍ତିଭୂମି ନାହିଁ। ଜିଲାରେ ବନ୍ୟା ହେଲେ ତଟବନ୍ଧ ଓ ନଦୀବନ୍ଧ ନ ଥିବାରୁ ଜିଲାର ବହୁ ଗ୍ରାମରେ ପାଣି ପଶୁଛି। ଏହି ପାଣି କେତେ ଗୋଟି ଗ୍ରାମରେ ସପ୍ତାହରୁ ମାସେ ପର୍ଯ୍ୟନ୍ତ ଜମି ରହୁଛି। ଫଳରେ ମହିଳାଙ୍କ ସ୍ୱାସ୍ଥ୍ୟ କଥାକୁ ଜିଲା ପ୍ରଶାସନ ପାସୋରି ଦେଉଛନ୍ତି। ମାସିକ ଧର୍ମ ପାଳନ ସମୟରେ ପ୍ୟାଡ୍ ବ୍ୟବସ୍ଥାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେବା କଥା। ପାଣି ଛାଡ଼ିଗଲା ପରେ ମଧ୍ୟ ମହିଳାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଧିକ ହେଉଛି। ବନ୍ୟା ପାଣିରେ ବୁଡ଼ିଥିବା ଜଳ ଉତ୍ସରୁ ପାନୀୟ ଜଳ ସଂଗ୍ରହ ହେଉଛି। ଏହାର ସୁଧାର ପାଇଁ ତ୍ୱରିତ ପରିବେଶ ସଫାର ଆବଶ୍ୟକତା ଅଛି। ସାମାଜିକ କର୍ମୀ ମନୋଜ କୁମାର ନାୟକ କହିଛନ୍ତି, ତଟାଞ୍ଚଳରେ ଅଧିକାଂଶ ଲୋକ ବଙ୍ଗଭାଷୀ ତଥା ଦଳିତ ବର୍ଗ ରହୁଛନ୍ତି। ଏଠାରେ ସ୍ୱାସ୍ଥ୍ୟ ସଚେତନତା ଜରୁରୀ ହୋଇପଡ଼ିଛି। ଅଧିକାଂଶ ଗ୍ରାମ ମାଟି କାଦୁଅ ହୋଇଥିବାରୁ ବନ୍ୟା, ବାତ୍ୟା ପରେ ଜଳବାହିତ ରୋଗ ସଂକ୍ରମଣ ଅଧିକ ହେବା ସ୍ୱାଭାବିକ। ଏହି ବର୍ଗର ମହିଳାଙ୍କୁ ମାସିକ ଧର୍ମ ସମୟରେ ପରିଷ୍କାର ପରିଚ୍ଛନ୍ନ ରହିବା ନେଇ ସଚେତନତା ସୃଷ୍ଟି କରାଯିବା ସହ ପ୍ରାକୃତିକ ବିପର୍ଯ୍ୟୟ ପରେ ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ସପକ୍ଷରେ ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ସିଡିଏମ୍ଓ ଡା. ଅନୀତା ପଟ୍ଟନାୟକଙ୍କୁ ପଚାରିବାରେ ବନ୍ୟା, ବାତ୍ୟା ସମୟରେ ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଜରୁରୀ। ଏଥିପାଇଁ ପ୍ରତ୍ୟେକ ଗ୍ରାମରେ ଆଶାକର୍ମୀଙ୍କୁ ସଜାଗ କରାଯାଇଥାଏ। ସେହିପରି ମେଡିକାଲ ଟିମ୍ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ହୁଏ। ତେବେ ପରିଷ୍କାର ପରିଚ୍ଛନ୍ନତା ନେଇ ଆହୁରି ଅଧିକ ସଚେତନତା ଆବଶ୍ୟକ। ବର୍ଷା ଆରମ୍ଭରୁ ଏ ନେଇ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ବୋଲି ସେ କହିଛନ୍ତି।



ରାଜନଗର ବ୍ଲକ ମଗରକନ୍ଦର ମହିଳାମାନେ ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଗୌରୀ



@ ଧନେଶ୍ୱର



@ ଜଗନ୍ନାଥ



@ ସତ୍ୟକାମ



@ ସିଲୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

କେନ୍ଦ୍ରାପଡ଼ା,୧୦।୭(ଜଗନ୍ନାଥ ଧଳ):

ସୋମବାର ଅପରାହ୍ଣ ୩ଟାରେ ରାଜକନିକା ଚନ୍ଦନପୋଖରୀ ଛକ ଓ ଚେରଣ୍ଟପଡ଼ା ଛକ ମଧ୍ୟସ୍ଥଳ ଓଁଶାନ୍ତି ଆଶ୍ରମ ନିକଟରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା କାଳିକାପୁର ଗ୍ରାମର ସୁବାସ ବିଶ୍ୱାଳଙ୍କ ବଡ଼ପୁତ୍ର ସୁଧାଂଶ(୩୪) ନିକଟ କଣ୍ଟପଡ଼ା ସପ୍ତାହିକ ହାଟରୁ ସଉଦା ଓ ପନିପରିବା କିଣିକିଣି (ନଂ.ଓଡି ୨୨ଟି ୮୫୪୬) ସ୍କୁଟର ଯୋଗେ ଚନ୍ଦନପୋଖରୀ ଛକ ଦେଇ ଯାଉଥିଲେ। ଚେରଣ୍ଟପଡ଼ା ଛକ ନିକଟ ଓଁ ଶାନ୍ତି ଆଶ୍ରମ ନିକଟରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଚେତ ଅବସ୍ଥାରେ ସୁଧାଂଶୁଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସାକରି ସୁଧାଂଶୁଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଆମ୍ବୁଲାନ୍ସରେ କଟକ ନେବା ବାଟରେ କେନ୍ଦ୍ରାପଡ଼ା ନିକଟରେ ସୁଧାଂଶୁଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେବେ ସୁଧାଂଶୁଙ୍କ ବେକ୍ କଟିଥିବାବେଳେ ମୁଣ୍ଡ ପଛପଟେ ଶକ୍ତ ଆଘାତ ଲାଗିଛି। ସଡ଼କ ଦୁର୍ଘଟଣା ବା କେହି ଦୁର୍ବୃତ୍ତ ଯୋଜନାବଦ୍ଧ ହତ୍ୟା କରିଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷେ ଖବରପାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ସୁଧାଂଶୁଙ୍କ କାଳିକାପୁର ଘରେ ପହଞ୍ଚି ପରିବାରକୁ ପଚରାଉଚରା କରିବା ସହ ଅଧିକ ତଦନ୍ତ ଚଳାଇଛି। ୧୦ଦିନ ତଳେ ସେ ଡେରାବିଶ ଥାନା ଚାନ୍ଦୋଳରେ ଜଣେ ଝିଅକୁ ପ୍ରେମ ବିବାହ କରିଥିଲେ।




ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ (ଏଚ୍ଏମ୍ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ହ୍ୟୁଣ୍ଡାଇ ଏକ୍ସଟର'ର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ନୂଆଦିଲ୍ଲୀଠାରେ ଏଚ୍ଏମ୍ଆଇଏଲ୍ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଅନାବରଣ ଉତ୍ସବରେ ଏଚ୍ଏମ୍ଆଇଏଲ୍ର ଏମ୍ଡି ତଥା ସିଇଓ ୟୁନସ କିମ୍, ସିଓଓ ତରୁଣ ଗର୍ଗ ଏବଂ ଇଡି (ସେଲ୍ସ, ମାର୍କେଟିଂ ଆଣ୍ଡ ସର୍ଭିସ) ଜେ.ଟି.ପାର୍କ 'ଦି ହ୍ୟୁଣ୍ଡାଇ ଏକ୍ସଟର'କୁ ଉନ୍ମୋଚନ କରୁଛନ୍ତି।

## ଶପ୍ସିର ନୂତନ ମାଇଲଖୁଣ୍ଟ

ଭୁବନେଶ୍ୱର,୧୦।୭

ଭାରତର ଦ୍ରୁତ-ଅଭିବୃଦ୍ଧିଶୀଳ ହାଇପର୍ ଭାଲ୍ୟୁ ପ୍ଲାଟ୍ଫର୍ମ ଶପ୍ସି ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଦେଶର ଟିୟର-୨ ଓ ଟିୟର-୩ ଅଞ୍ଚଳଗୁଡିକରେ ମୂଲ୍ୟ ବିତରଣ କରିବାର ୨ୟ ପୂର୍ତ୍ତି ଉତ୍ସବ ପାଳନ କରିଛି। ବିଶେଷ କରି ବିଗତ ୨ ବର୍ଷରେ ୨୦୦ମିଲିୟନ ଶପ୍ସି ଆପ୍ ଡାଉନ୍‌ଲୋଡ୍‌ର ସଫଳତାକୁ ମଧ୍ୟ ଅତିକ୍ରମ କରିଛି। ସେହିଭଳି ପ୍ଲାଟ୍ଫର୍ମର ୨ୟ ବାର୍ଷିକୀକୁ ପାଳନ କରିବା ପାଇଁ ଶପ୍ସିର ମେଗା ଆନିଭର୍ସାରି ସେଲ୍‌ର ୨ୟ ସଂସ୍କରଣ ନିକଟରେ ଶପ୍ସି ପ୍ଲାଟ୍ଫର୍ମରେ ଲାଇଭ୍ ହୋଇଥିଲା। ଏହି ସମୟ ମଧ୍ୟରେ ପ୍ଲାଟ୍ଫର୍ମ ବିକ୍ରିରେ ହୋଇଥିବା ଉତ୍ପାଦ ସଂଖ୍ୟାରେ ୨ଗୁଣ ବୃଦ୍ଧି ପରିଲକ୍ଷିତ କରିଥିଲା। ଯେଉଁଥିରୁ ମହିଳାଙ୍କର ଶାଢ଼ି, ପୁରୁଷଙ୍କ ଶାର୍ଟ ଓ କୁର୍ତ୍ତା ଆଦି ସର୍ବାଧିକ ବିକ୍ରି ହୋଇଥିବା ଉତ୍ପାଦ ଥିଲା ବୋଲି ଶପ୍ସିର ମୁଖ୍ୟ କପିଲ ଥିରାନି ମତ ପ୍ରକାଶ କରିଛନ୍ତି।

## ୟୁନିକ୍ ଟିଭିଏସ୍‌ର ନ୍ୟୁ ସର୍ଭିସ୍ ସେଣ୍ଟର



ରାଉରକେଲା,୧୦।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୫ସ୍ଥିତ ବେଦି ବିଲ୍ଡିଂରେ ଟିଭିଏସ୍ କମ୍ପାନୀର ଶୋ'ରୁମ୍ ଏବଂ ଦ୍ୱିତୀୟ ୟୁନିକ ସେବା କେନ୍ଦ୍ର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ରାଉରକେଲା ଟିଭିଏସ୍ ୟୁନିଟ୍‌ର ମୁଖ୍ୟ ଜ୍ୟୋତିଷ ସ୍ୱରୂପ ଅୟରଙ୍କ ତତ୍ତ୍ୱାବଧାନରେ ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। କମ୍ପାନୀର ଜାତୀୟ ବିକ୍ରି ମୁଖ୍ୟ ଅଜୟ ଗୁପ୍ତା, ଏଏସ୍ଏମ୍ ଆଶିଷ ଯଶୱାଲଙ୍କ ସମେତ ଇମା ଏକ୍କା, ସନ୍ଧ୍ୟା ଲାକ୍ରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ରାଉରକେଲା ଟିଭିଏସ୍ ୟୁନିଟ୍‌ର ମୁଖ୍ୟ ଅୟର ସୂଚନା ଦେଇ କହିଥିଲେ, ଏଠାରେ କମ୍ପାନୀର ମୋପେଡ୍, ବାଇକ୍ ଓ ସ୍କୁଟି ଚାଳକଙ୍କୁ ସମସ୍ତ ପ୍ରକାରର ସେବା ପ୍ରଦାନ କରାଯିବ। ଏହି କେନ୍ଦ୍ର ମାଧ୍ୟମରେ ସହରର ଟିଭିଏସ୍ କମ୍ପାନୀ ଗାଡ଼ି ଚାଳକମାନଙ୍କୁ ଉତ୍କୃଷ୍ଟ ସେବା ଓ ସୁବିଧା ପ୍ରଦାନ କରିବ। ଏଥିସହ ମନ୍‌ସୁନ୍ ଅଫରରେ କମ୍ପାନୀ ପକ୍ଷରୁ ମେଗା ଏକ୍ସଚେଞ୍ଜ୍ ମେଳା ମାଧ୍ୟମରେ ପୁରୁଣା ୨ଚକିଆ ବାଇକ ଏକ୍ସଚେଞ୍ଜ୍ ସୁଯୋଗ ପ୍ରଦାନ କରାଯିବ। ସେକ୍ଟର-୫ ବେଦି ବିଲ୍ଡିଂସ୍ଥିତ ୟୁନିଟ୍ ପ୍ରତିଦିନ ସକାଳ ୯ଟା ୩୦ରୁ ସନ୍ଧ୍ୟା ୭ଟା ୩୦ ମିନିଟ ଯାଏ ଖୋଲା ରହିବ ବୋଲି ଅୟର ସୂଚନା ଦେଇଥିଲେ।

## ଜୁନ୍‌ରେ ୱାର୍ଡୱିଜାର୍ଡର ୧୯% ଅଭିବୃଦ୍ଧି

ଭୁବନେଶ୍ୱର,୧୦।୭

ଦେଶର ଅଗ୍ରଣୀ ବୈଦ୍ୟୁତିକ ଯାନ (ଇଭି) ନିର୍ମାତା ୱାର୍ଡୱିଜାର୍ଡ ଇନୋଭେଶନ୍ସ ଆଣ୍ଡ୍ ମୋବିଲିଟି ଲିମିଟେଡ୍ ପକ୍ଷରୁ ୨୦୨୩ ଜୁନର ବିକ୍ରି ଫଳାଫଳ ଘୋଷଣା କରାଯାଇଛି। ଏପରିକି ୨୦୨୩ ଜୁନ୍‌ରେ ୨,୫୨୯ ଲୋ-ସ୍ପିଡ୍ ଓ ହାଇସ୍ପିଡ୍ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ବିକ୍ରି କରାଯାଇଛି। ଯେଉଁ ବିକ୍ରି ସଂଖ୍ୟା ଗତ ବର୍ଷ ଜୁନ୍ ମାସରେ ୨,୧୨୫ ୟୁନିଟ୍ ଥିଲା। ଫଳରେ ୨୦୨୨ ଜୁନ୍ ତୁଳନାରେ ୨୦୨୩ର ସମାନ ସମୟରେ ୧୯% ଅଭିବୃଦ୍ଧି ହାସଲ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ମାସିକ ଅଭିବୃଦ୍ଧି ଆଧାରରେ ଚଳିତ ବର୍ଷ ମେ'ତୁଳନାରେ କମ୍ପାନି ୪୭୫% ଅଭିବୃଦ୍ଧି ହାସଲ କରିଛି। ୨୦୨୩ ମେ'ରେ ବ୍ରାଣ୍ଡର ୫୩୨ ୟୁନିଟ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ବିକ୍ରି ହୋଇଥିଲା। ସୂଚନାଯୋଗ୍ୟ ଜୟ ଇ-ବାଇକ୍ ବ୍ରାଣ୍ଡ୍ ନାମରେ କମ୍ପାନୀ ଇଭି ଯାନ କାରବାର କରୁଛି। ଏ ସମ୍ପର୍କରେ ୱାର୍ଡୱିଜାର୍ଡ ଇନୋଭେଶନ୍ସ ଆଣ୍ଡ ମୋବିଲିଟି ଲିମିଟେଡ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଯତିନ୍ ଗୁପ୍ତେ କହିଛନ୍ତି, ଜୁନ୍ ମାସ ଇଲେକ୍ଟ୍ରିକ୍ ଦୁଇ ଚକିଆ ଯାନ ପାଇଁ ଉତ୍ସାହ ବୃଦ୍ଧି ହୋଇଥିବା ପରିଲକ୍ଷିତ ହୋଇଛି ଓ ଆମ ଡିଲରଶିପ୍‌ରେ ଗ୍ରାହକଙ୍କ ପ୍ରବେଶ ଓ ଅନୁସନ୍ଧାନ ବୃଦ୍ଧି ପାଇଛି,ଏପରିକି ଉତ୍ସବ ଋତୁ ପାଖେଇ ଆସୁଥିବା ବେଳେ ଆମେ ଆଶା କରୁଛୁ ଯେ ଏହି ଧାରା ଜାରି ରହିବ। ଫଳରେ ବିକ୍ରି ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିବ। ବିଶେଷ କରି ସେହି ଚାହିଦାରୁ ଲାଭ ଉଠାଇବା ଲାଗି ଆମେ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଭାରତର ୨ୟ ଓ ୩ୟ ଶ୍ରେଣୀ ସହରରେ ନୂଆ ଡିଲରଶିପ୍ ସ୍ଥାପନ କରିଛୁ। ସେହିଭଳି ଦୃଢ଼ ବିଶ୍ୱାସ ସହିତ ନିରନ୍ତର ଅଭିବୃଦ୍ଧି ପାଇଁ ଆମର ଲକ୍ଷ୍ୟ ରହିଛି, ଯାହା ଇଲେକ୍ଟ୍ରିକ୍ ଗମନାଗମନ କ୍ଷେତ୍ରରେ ଆମ ସ୍ଥିତିକୁ ସୁଦୃଢ଼ କରିବ।

## ରାଉରକେଲା ବଜାରରେ ହ୍ୟୁଣ୍ଡାଇ ଏକ୍ସଟର

ରାଉରକେଲା,୧୦।୭(ଦିନେଶ ମିଶ୍ର)




ରାଉରକେଲା ବେଦବ୍ୟାସ ସ୍ଥିତ କୋସଲା ହ୍ୟୁଣ୍ଡାଇ ଶୋ' ରୁମ୍ ପରିସରରେ ହ୍ୟୁଣ୍ଡାଇ ଏକ୍ସଟର ଅନାବରଣ ଉତ୍ସବ କୋସଲା ହ୍ୟୁଣ୍ଡାଇ ନିର୍ଦ୍ଦେଶକ ପଦ୍ମିନୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏନ୍ଆଇଟି ପ୍ରଫେସର ରୋହନ ଧୀମାନ ମୁଖ୍ୟ ଅତିଥି ଏବଂ ଏନ୍ଆଇଟି ପ୍ରଫେସର ରାଜୀବ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ହ୍ୟୁଣ୍ଡାଇ ଏକ୍ସଟର ଅନାବରଣ କରିଥିଲେ। ଉଲ୍ଲେଖଯୋଗ୍ୟ, ହ୍ୟୁଣ୍ଡାଇ ଏକ୍ସଟରରେ ଅତ୍ୟାଧୁନିକ ଏବିଏସ୍ ସିଷ୍ଟମ ସହ ଇବିଡି, ସନ୍‌ରୋପ୍, ପୁସ୍‌ଷ୍ଟାର୍ଟ, ବ୍ଲୁ ଲିଙ୍କ୍ ଭଳି ସଂଯୋଗୀକରଣ ସହିତ ଅନ୍ୟାନ୍ୟ ଟେକ୍ନୋଲୋଜି ସାମିଲ ରହିଛି। ଉକ୍ତ କାର୍‌ରେ ଯାତ୍ରୀମାନଙ୍କ ସୁରକ୍ଷା ନିମନ୍ତେ ୬ଟି ଏୟାରବ୍ୟାଗ୍ ରହିଛି। ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ମାତ୍ର ୫ଲକ୍ଷ ୯୯ ହଜାର ୯ଶହ ଟଙ୍କାରୁ ଆରମ୍ଭ ହୋଇଛି। ସବୁଠାରୁ ଟପ୍ ମଡେଲର ମୂଲ୍ୟ ୯ଲକ୍ଷ ୯୯ ହଜାର ୯ଶହ ଟଙ୍କା ରହିଛି। ଏହି ଗାଡ଼ି ଧଳା, ଅଲଟସ୍ ଧଳା, ଟାଇଟନ୍ ଗ୍ରେ ଏବଂ ଫରାରି ରେଡ୍ ଆଦି ରଙ୍ଗରେ ଉପଲବ୍ଧ ହୋଇଛି। ହ୍ୟୁଣ୍ଡାଇର ଏଭଳି ଶସ୍ତା ଓ ଅତ୍ୟାଧୁନିକ ଟେକ୍ନୋଲୋଜି ବିଶିଷ୍ଟ ଏକ୍ସଟର କାର୍ ରାଉରକେଲା ବଜାରକୁ ପ୍ରଥମ ଥର ଆସିଥିବାରୁ ସହରର ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଏହା ବେଶ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଆଗାମୀ ଦିନରେ ଏହି କାର୍ ଜନସାଧାରଣଙ୍କ ଲୋକପ୍ରିୟ ହେବ ବୋଲି ଅନୁମାନ କରାଯାଇଛି। ଶୋ'ରୁମ୍ ମ୍ୟାନେଜର ବର୍ଣ୍ଣୀଦେବ ସାହୁ, ତପନ କୁମାର ନାୟକଙ୍କ ସମେତ କୋସଲା ହ୍ୟୁଣ୍ଡାଇର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାକ୍ସ ମଜଭୁତକୁ ଗୁରୁତ୍ୱ

ଭୁବନେଶ୍ୱର,୧୦।୭

ଦେଶର କୃଷକ ଓ କୃଷି କ୍ଷେତ୍ରକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେବା ସହିତ କୃଷକ ଉତ୍ପାଦକ ସଂଗଠନ(ଏଫ୍‌ପିଓ)ଗୁଡ଼ିକ ଜରିଆରେ ପ୍ରାଥମିକ କୃଷି କ୍ରେଡିଟ୍ ସୋସାଇଟି (ପିଏସିଏସ)ଗୁଡିକୁ ମଜଭୁତ କରିବାକୁ ଗୁରୁତ୍ୱାରୋପ କରୁଛନ୍ତି। ୨୦୨୩ ଜୁଲାଇ ୧୪ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ନୂଆଦିଲ୍ଲୀଠାରେ ଆୟୋଜିତ ହେବାକୁ ଥିବା ଏକ ଦିନିକିଆ ମେଗା କନ୍‌କ୍ଲେଭକୁ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ କନ୍‌କ୍ଲେଭରେ କୃଷକ ଉତ୍ପାଦକ ସଂଗଠନଗୁଡିକ ଜରିଆରେ ପ୍ରାଥମିକ କୃଷି କ୍ରେଡିଟ୍ ସୋସାଇଟିଗୁଡିକୁ ମଜଭୁତ କରିବାର ବିଭିନ୍ନ ଦିଗ ଓ ଉପାୟ ଉପରେ ବିସ୍ତୃତ ଆଲୋଚନା ହେବ ବୋଲି ଜଣାପଡିଛି। ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସାକାର ସେ ସମୃଦ୍ଧି ଏବଂ ଅମିତ ଶାହାଙ୍କ ଉଦ୍ୟମକୁ କାର୍ଯ୍ୟକାରୀ କରିବା ପାଇଁ ନିକଟରେ ସମବାୟ କ୍ଷେତ୍ରର ୧୧୦୦ ନୂତନ ଏଫପିଓ ସଂଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବିଶେଷ କରି ଏଫପିଓ ଯୋଜନା ଅଧୀନରେ ପ୍ରତ୍ୟେକ ଏଫପିଓଏସକୁ ୩୩ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଏବଂ ପ୍ରୋତ୍ସାହନ ତଥା ପରିଚାଳନା ପାଇଁ କ୍ଲଷ୍ଟର ଆଧାରିତ ବ୍ୟବସାୟ ସଂଗଠନ(ସିବିବିଓ)ଗୁଡିକୁ ୨୫ଲକ୍ଷ ଟଙ୍କା ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯିବ। ଚାଷକୁ ସ୍ଥାୟୀ କରିବା ଏବଂ ଜୀବିକା ନିର୍ବାହ ତଥା କୃଷି ଉପରେ ନିର୍ଭରଶୀଳ ଲୋକଙ୍କ ଜୀବନରେ ଉନ୍ନତି ଆଣିବାରେ ଏଫପିଓଏସଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଫପିଓଏସ କ୍ଷୁଦ୍ର ଏବଂ କ୍ଷୁଦ୍ର କୃଷକ ଉତ୍ପାଦକମାନଙ୍କୁ ଉନ୍ନତ ମୂଲ୍ୟରେ ବଜାରର ପ୍ରବେଶ, ପରିବହନ ମୂଲ୍ୟ ହ୍ରାସ କରିବା ଏବଂ ସାମଗ୍ରିକ ଉତ୍ପାଦନ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।

ଫୁର୍‌ସତ୍

## କ୍ଲାସ୍‌ରୁମ୍‌ରେ ମୋବାଇଲ ଫୋନ୍ ବନ୍ଦ

ଡଚ୍



ବର୍ତ୍ତମାନ ଯୁଗରେ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ମୋବାଇଲ, ସ୍ମାର୍ଟ ଘଣ୍ଟା ଭଳି ବିଭିନ୍ନ ଜିନିଷ ବ୍ୟବହାର କରୁଛନ୍ତି; ଯାହା ଫଳରେ ପିଲାମାନେ ବେଶି ଏଥିପ୍ରତି ଆକର୍ଷିତ ହୋଇ ପାଠପଢ଼ାରୁ ଦୂରେଇ ଯାଉଛନ୍ତି। ସେଥିପାଇଁ ଡଚ୍ ସରକାର କ୍ଲାସ୍‌ରୁମ୍‌ରେ ପିଲାଙ୍କ ମୋବାଇଲ, ଟାବଲେଟ୍, ସ୍ମାର୍ଟ ଘଣ୍ଟା ବ୍ୟବହାରରେ ପ୍ରତିବନ୍ଧକ ଲଗାଇଛନ୍ତି। ପାଠପଢ଼ା ସମୟରେ ପିଲା ଏପରି ଜିନିଷକୁ ବ୍ୟବହାର କରିପାରିବେନି। ଏପରି ନିୟମ ପ୍ରଥମ ଥର ପାଇଁ ଲାଗୁ ହୋଇଥିବାରୁ ଏହାକୁ ସ୍ୱାଗତ କରାଯାଇଛି। ଏହି ନିୟମ ୨୦୨୪ ଜାନୁୟାରୀ ପହିଲାରୁ ଲାଗୁ ହେବ। କେବଳ ଡିଜିଟାଲ ସ୍କିଲ ପାଇଁ ପିଲାମାନେ ଏହାର ବ୍ୟବହାର କରିପାରିବେ। ଏଥିସହ ଜରୁରୀ ମେଡିକାଲ ଏମର୍ଜେନ୍ସି ସମୟରେ ମଧ୍ୟ ଏହାକୁ ବ୍ୟବହାର କରିହେବ। ଶିକ୍ଷାମନ୍ତ୍ରୀ ରୋବର୍ଟ ଡିଜିକ୍‌ଗ୍ରାଫ୍ କହିଛନ୍ତି, ପିଲାମାନେ ଅତ୍ୟଧିକ ମୋବାଇଲ, ଟାବ୍‌ଲେଟ୍, ସ୍ମାର୍ଟ ଘଣ୍ଟା ଭଳି ଜିନିଷ ବ୍ୟବହାର ଫଳରେ ତାଙ୍କ ଜୀବନଶୈଳୀ ଉପରେ ପ୍ରଭାବ ପଡୁଛି। କ୍ଲାସରୁମ୍‌ରେ ଏପରି ଜିନିଷ ବ୍ୟବହୃତ ନ ହେଲେ, ପିଲାମାନେ ତାଙ୍କ ପାଠପଢ଼ା ଉପରେ ଧ୍ୟାନ ଦେଇପାରିବେ। ପାଠପଢ଼ାକୁ ଭଲ ଭାବେ ବୁଝିପାରିବେ। ଏହି ଚୁକ୍ତିନାମା ସମସ୍ତ ସ୍କୁଲ ଏବଂ ଏହା ସମ୍ବନ୍ଧୀୟ ଇନ୍‌ଷ୍ଟିଚ୍ୟୁଟ୍ ମଧ୍ୟରେ ସ୍ୱାକ୍ଷର ହୋଇଥିବା ଶିକ୍ଷାମନ୍ତ୍ରୀ ଡିଜିକ୍‌ଗ୍ରାଫ୍ କହିଛନ୍ତି।

## 'ମୁଁ ଯାହା ଚାହୁଁଥିଲି ତାହା ପାଇଛି'



ମାନୁଷୀ ଛିଲ୍ଲର

**ମୁମ୍ବାଇ:** ମିସ୍ ୱାର୍ଲ୍ଡ ୨୦୧୭ ପିଜାଣ୍ଟ ବିଜେତା ମାନୁଷୀ ଛିଲ୍ଲର ନିକଟରେ ତାଙ୍କ ଡେବ୍ୟୁ ଫିଲ୍ମକୁ ନେଇ କିଛି ମତ ରଖିଛନ୍ତି। ମାନୁଷୀଙ୍କ ଡେବ୍ୟୁ ଫିଲ୍ମ ତଥା ଅକ୍ଷୟ କୁମାରଙ୍କ ମୁଭି 'ସମ୍ରାଟ୍ ପୃଥ୍ୱୀରାଜ' ୨୦୨୨ରେ ୧୭୫ କୋଟି ବଜେଟ୍‌ରେ ନିର୍ମିତ ହୋଇଥିଲା। ତେବେ ଫିଲ୍ମଟି ୬୮ କୋଟି ରୋଜଗାର କରି ସମ୍ପୂର୍ଣ୍ଣ ଫ୍ଲପ ହୋଇଥିଲା। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ସେ ଏହି ଫିଲ୍ମ ପାଇଁ ବହୁତ ପରିଶ୍ରମ କରିଥିଲେ। ଜଣେ କଳାକାର ଭାବେ ସେ ତାଙ୍କର ସର୍ବୋତ୍ତମ ଦେଇଥିଲେ, ହେଲେ ଫଳାଫଳ ତାଙ୍କ ହାତରେ ନ ଥିଲା। ଏଥିପାଇଁ ସେ ଟିକେ କଷ୍ଟ ଅନୁଭବ ମଧ୍ୟ କରୁଥିବା କହିଛନ୍ତି। ହେଲେ ଏହି ମୁଭିରୁ ସେ ଯାହା ଚାହୁଁଥିଲେ, ତାହା ସେ ପାଇଛନ୍ତି ବୋଲି କହିଛନ୍ତି। ପ୍ରଥମ ମୁଭି ଫ୍ଲପ ହେବା ପରେ ସେ ତାଙ୍କ କାମ ବନ୍ଦ କରିନାହାନ୍ତି। ବର୍ତ୍ତମାନ ସେ ଅନ୍ୟ ପ୍ରୋଜେକ୍ଟରେ ବ୍ୟସ୍ତ ଥିବା କହିଛନ୍ତି। ଏବେ ମାନୁଷୀଙ୍କ ହାତରେ ଅନେକ ସିନେମା ରହିଛି; ଯାହାକୁ ନେଇ ବ୍ୟସ୍ତ ରହିଛନ୍ତି। ଏଥିସହ ସେ ଟେଲିଭିଜନ୍ ଶୋ'ରେ ମଧ୍ୟ ନଜରକୁ ଆସିଛନ୍ତି।

## ୨୫ ସେକେଣ୍ଡରେ ୭୫ ପାହାଚ ଓହ୍ଲାଇଲେ



**କାଠମାଣ୍ଡୁ:** ନିକଟରେ ଜଣେ ନେପାଳୀ ସୈନିକ ହରିଚନ୍ଦ୍ର ଗିରି(୨୯) ହାତ ସାହାଯ୍ୟରେ ଶିଡ଼ି ଓହ୍ଲାଇ ବିଶ୍ୱ ରେକର୍ଡ କରିଛନ୍ତି। ନେପାଳର କାଠମାଣ୍ଡୁ ଗାଁର ଏକ ବୁଦ୍ଧ ମନ୍ଦିର ଜମଚେନ୍ ଭିଜୟ ସ୍ତୁପର ପାହାଚରେ ସେ ଏପରି କାର୍ଯ୍ୟ କରିଥିବା ଦେଖିବାକୁ ମିଳିଛି। ସେ ୨୫.୩ ସେକେଣ୍ଡରେ ମନ୍ଦିରର ୭୫ଟି ପାହାଚ ଓହ୍ଲାଇ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ତାଙ୍କ ପୂର୍ବରୁ ୨୦୧୪ରେ ଯୁକ୍ତରାଷ୍ଟ୍ର ଆମେରିକାର ମାର୍କ କେନି ୩୦.୮ ସେକେଣ୍ଡରେ ପାହାଚ ଓହ୍ଲାଇ ଏହି ରେକର୍ଡ ନିଜ ନାମରେ କରିଥିଲେ। ହରିଚନ୍ଦ୍ର ଓଲଟା ହାତରେ ପାହାଚ ଓହ୍ଲାଇବାର ଏକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ହରିଚନ୍ଦ୍ରଙ୍କ ଭଳି ଏହି ବିପଦପୂର୍ଣ୍ଣ କାର୍ଯ୍ୟ କେହି ନ କରିବାକୁ ଗିନିଜ୍ ବୁକ୍ ଅଫ ୱାର୍ଲ୍ଡ ରେକର୍ଡ ପକ୍ଷରୁ ବାରଣ କରାଯାଇଛି।

## ସଚେତନତା ପାଇଁ ନର୍ଦ୍ଦମା ଭର୍ତ୍ତି ନଦୀକୁ ବିବାହ



ଲଣ୍ଡନ

ପୂର୍ବକାଳରେ ଲୋକେ ନଦୀକୂଳରେ ଘର କରି ରହୁଥିଲେ। ନଦୀ ଜଳକୁ ବ୍ୟବହାର କରୁଥିଲେ। ବେଳକୁ ବେଳ ଲୋକସଂଖ୍ୟା ବଢ଼ିବାରୁ ଲୋକେ ନିଜ ପାଇଁ ଘର ତିଆରି କରିବା ସହ ଘରର ଅଳିଆ ଆବର୍ଜନା ସବୁ ନଦୀରେ ପକାଇବାକୁ ଲାଗିଲେ। ଫଳରେ ନଦୀ ପରେ ନାଳରେ ପରିବର୍ତ୍ତନ ହେବାରେ ଲାଗିଲା। ଏପରି ସ୍ଥଳରେ ବର୍ତ୍ତମାନ ଜଣେ ମହିଳା ଲୋକଙ୍କୁ ନଦୀ ବିଷୟରେ ସଚେତନ କରିବାକୁ ଯାଇ ଏକ ନଦୀକୁ ବିବାହ କରିଛନ୍ତି। ଏପରି ଘଟଣା ଇଂଲଣ୍ଡରେ ଦେଖିବାକୁ ମିଳିଛି। ମେଗାନ ଟ୍ରମ୍ପ ନାମ୍ନୀ ମହିଳା ଇଂଲଣ୍ଡର ଏଭୋନ ନଦୀକୁ ବିବାହ କରିଛନ୍ତି। ଏହା ପରେ ସେ ତାଙ୍କ ନାମ ବଦଳାଇବାକୁ ମଧ୍ୟ ଚିନ୍ତା କରୁଛନ୍ତି। ପୂର୍ବରୁ ଏହି ନଦୀ ବହୁତ ନିର୍ମଳ ଥିଲା। ହେଲେ ଏବେ ସହର ଯାକର ଅଳିଆ ଏଥିରେ ଭର୍ତ୍ତି ହୋଇଗଲାଣି। ଫଳରେ ଏଭୋନ ନଦୀ ଏବେ ଗନ୍ଧିଆ ନାଳରେ ପରିଣତ ହୋଇଯାଇଛି। ମେଗାନ ଗତ ଜୁନ୍ ୧୭ ତାରିଖରେ ଏଭୋନ ସହ ବିବାହ କରିଛନ୍ତି। ତାଙ୍କ ବିବାହର ଭୋଜି ସେ ସେହି ନଦୀ ପାଖରେ ଦେଇଥିଲେ। କିନ୍ତୁ ସେଠାରୁ ଆସୁଥିବା ଗନ୍ଧ ପାଇଁ ଲୋକେ ବାନ୍ତି କରିଥିଲେ। ତେବେ ମେଗାନ ଏପରି କରିବା ପଛର କାରଣ କହିଛନ୍ତି। ଏଭୋନ ନଦୀର ପାଣି ଏତେ ଖରାପ ହୋଇଯାଇଛି ଯେ ତାଙ୍କ ସାଙ୍ଗମାନଙ୍କ ସହିତ ଅନେକଙ୍କ ଦେହ ଖରାପ ହେବାରେ ଲାଗୁଛି। ସେ ସେହି ନଦୀକୁ ସଫା କରିବାକୁ ଏକ ମିଶନ ଆରମ୍ଭ କରି ଲୋକଙ୍କୁ ସଚେତନ କରିବାକୁ ନେଇ ଏପରି କରିଥିବା କହିଛନ୍ତି।

## ୪ ହଜାରରୁ କମ୍ ମୂଲ୍ୟର ଜିନିଷ ଆଣିବାକୁ ମନା

ନୂଆଦିଲ୍ଲୀ

### ବିବାହରେ କନ୍ୟାଙ୍କ ଅଜବ ସର୍ତ୍ତ

ବିବାହକୁ ଯିବା ସମୟରେ ଆମେ ସାଙ୍ଗରେ କିଛି ଉପହାର ନେଇ ଯାଇଥାଉ। କିନ୍ତୁ ଏହା ବାଧ୍ୟତାମୂଳକ ନୁହେଁ। ଲୋକେ ତାଙ୍କ ସାମର୍ଥ୍ୟ ମୁତାବକ ଉପହାର ଦେଇଥାନ୍ତି। ହେଲେ ନିକଟରେ ଜଣେ କନ୍ୟା ନିଜ ବିବାହରେ ଆସିବାକୁ ଥିବା ଅତିଥିଙ୍କ ପାଇଁ ଅଜବ ସର୍ତ୍ତ ରଖିଥିବା ଦେଖିବାକୁ ମିଳିଛି। ସେ ଅତିଥିଙ୍କୁ ଛୋଟ ଉପହାର ଦେବାକୁ ମନା କରିଛନ୍ତି। ରିପୋର୍ଟ ମୁତାବକ, ଏକ ବାହାଘର କାର୍ଡରେ ଅତିଥିଙ୍କୁ ୪ ହଜାରରୁ କମ୍ ମୂଲ୍ୟର ଜିନିଷ ଆଣିବାକୁ ମନା ହୋଇଛି; ଯାହାର ଫଟୋ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ସେ ସୋସିଆଲ ମିଡିଆରେ ମଧ୍ୟ ଏକ ପୋଷ୍ଟ ଶେୟାର କରିଛନ୍ତି। ସେଥିରେ ଲେଖିଛନ୍ତି, ଯଦି କେହି ବାହାଘରକୁ ଖାଲି ଖାଲି ଆସେ, ତେବେ ତାଙ୍କୁ ଖରାପ ଲାଗେ। କାରଣ ସେ ଅତିଥିଙ୍କ ପାଇଁ ବାର୍ ଏବଂ ଖାଦ୍ୟ କରିଛନ୍ତି। ଯାହା ଅତି କମ୍‌ରେ ୧୨ ହଜାର ଟଙ୍କା ହେବ। ତେବେ ମିଳୁଥିବା ଉପହାର ଟିକେ ଦାମୀ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। କନ୍ୟାଙ୍କ ଏପରି ଡିମାଣ୍ଡ ଦେଖି ଅନେକ ଏହାକୁ ଖରାପ କଥା ବୋଲି କହିବା ସହ ଭିନ୍ନ ଭିନ୍ନ କମେଣ୍ଟ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉତ୍ତରକାଶୀସ୍ଥିତ ଜଗନ୍ନାଥ ମନ୍ଦିରର ଉନ୍ନତୀକରଣ କରିବେ ଉତ୍ତରାଖଣ୍ଡ ସରକାର

## ପୁଷ୍କର ସିଂ ଧାମି ଓ ଧର୍ମେନ୍ଦ୍ରଙ୍କ ମଧ୍ୟରେ ବୈଠକ

ଭୁବନେଶ୍ୱର, ୧୦ା୭(ସୁନିତ୍ ମିଶ୍ର)

ଉତ୍ତରାଖଣ୍ଡ ଉତ୍ତରକାଶୀସ୍ଥିତ ସାଲଡ ଗ୍ରାମରେ ପାହାଡ଼ ଉପରେ ଆତୁଆଳ ଅବସ୍ଥାରେ ଥିବା ଜଗନ୍ନାଥ ମନ୍ଦିରର ରକ୍ଷଣାବେକ୍ଷଣ ଓ ଉନ୍ନତି କାର୍ଯ୍ୟ ନେଇ ସୋମବାର ଭିଡିଓ କନଫରେନ୍ସ ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉକ୍ତ ଶ୍ରୀଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ଓ ନୀତିକାନ୍ତି ସୁଚାରୁରୂପେ ହେବା ସହ ମନ୍ଦିର ସୌନ୍ଦର୍ଯ୍ୟକରଣ ହେବ। ଉତ୍ତରାଖଣ୍ଡ ସରକାରଙ୍କ ମନ୍ଦିର ସୌନ୍ଦର୍ଯ୍ୟକରଣ ଯୋଜନାରେ ସେହି ମନ୍ଦିରକୁ ସାମିଲ କରିବା ପାଇଁ ପୁଷ୍କର ସିଂ ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଆଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ମନ୍ଦିରର ବିକାଶ ପାଇଁ ତୁରନ୍ତ ଅନୁରୋଧ ରକ୍ଷା କରିଥିବାରୁ ଧର୍ମେନ୍ଦ୍ର ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ପୁରୀ ଆସିବାକୁ ନିମନ୍ତ୍ରଣ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, ଓଡ଼ିଆ ଲୋକଙ୍କ ଆଗ୍ରହ ଏବଂ ମହାପ୍ରଭୁଙ୍କ ଇଚ୍ଛା ଯୋଗୁ ଏହା ସମ୍ଭବ ହୋଇପାରିଛି। ଉତ୍ତରାକାଶୀରେ ଥିବା ଏହି ଜଗନ୍ନାଥ ଧାମ ଉତ୍ତରାଖଣ୍ଡ ଏବଂ ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ସମ୍ପର୍କକୁ ମଜଭୁତ କରିବା ସହ ଏକ ଭାରତ, ଶ୍ରେଷ୍ଠ ଭାରତର ପ୍ରତୀକ ହେବ। ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ଘଟିବ। ଏହି ମନ୍ଦିରକୁ ଲୋକଲୋଚନକୁ ଆଣିଥିବାରୁ ଶ୍ରୀମନ୍ଦିରର ସେବାୟତ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ଅଭିନେତ୍ରୀ ଅର୍ଚ୍ଚିତାଙ୍କୁ ସେ ସାଧୁବାଦ ଜଣାଇଛନ୍ତି। ଘଟଣା ଅନୁସାରେ, ଗତବର୍ଷ ପୁରୀ ଶ୍ରୀମନ୍ଦିରର ସେବାୟତ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ତାଙ୍କ ଝିଅକୁ ଉତ୍ତରାଖଣ୍ଡର ଡେରାଡୁନରେ ଏକ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପାଇଁ ସେଠାକୁ ଯାଇଥିଲେ। ସେଠାରେ ସେ ଶ୍ରୀଜଗନ୍ନାଥ ମନ୍ଦିରର ଅନ୍ୱେଷଣରେ ଯାଇ ଉତ୍ତରକାଶୀ ସ୍ଥିତ ସାଲଡ ଗ୍ରାମରେ ପାହାଡ଼ ଉପରେ ଏକ ଜଗନ୍ନାଥ ମନ୍ଦିର ଥିବା ଜାଣିବାକୁ ପାଇଥିଲେ। ମନ୍ଦିରରେ ସପ୍ତାହରେ ୩ ଦିନ ଜଗନ୍ନାଥ ପୂଜା ପାଉଥିବା ବେଳେ ଚାରି ଦିନ ପୂଜା ପାଉ ନ ଥିବା ଜାଣି ଦୁଃଖ ପ୍ରକାଶ କରିବା ପରେ ଅଭିନେତା ସବ୍ୟସାଚୀ ମିଶ୍ରଙ୍କୁ ଅବଗତ କରାଇଥିଲେ। ପରବର୍ତ୍ତୀ ସମୟରେ ସବ୍ୟସାଚୀ ଅଭିନେତ୍ରୀ ଅର୍ଚ୍ଚିତାଙ୍କ ସହ ଋଷିକେଶରେ ଚଳଚ୍ଚିତ୍ରର ସୁଟିଂ ପାଇଁ ଯିବା ଅବସରରେ ସେହି ଉତ୍ତରକାଶୀର ଶ୍ରୀଜଗନ୍ନାଥ ମନ୍ଦିରକୁ ଗସ୍ତ କରିଥିଲେ। ଉକ୍ତ ଜଗନ୍ନାଥ ମନ୍ଦିର ଉପରେ ଅନୁଧ୍ୟାନ କରି ମନ୍ଦିରଟି ଆତୁଆଳ ଅବସ୍ଥାରେ ଥିବା ଜାଣିବାକୁ ପାଇବା ପରେ ସେମାନେ ସାମାଜିକ ଗଣମାଧ୍ୟମରେ ଏହାର ପ୍ରଚାର କରିଥିଲେ। ଧର୍ମେନ୍ଦ୍ର ଏ ସମ୍ପର୍କରେ ଜାଣିବା ପରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଘଟଣା ବିଷୟରେ କହିବା ସହ ମନ୍ଦିରର ଉନ୍ନତି ପାଇଁ ଅନୁରୋଧ କରିଛନ୍ତି।


ଭିଡିଓ କନ୍‌ଫରେନ୍ସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ଅଭିନେତା ସବ୍ୟସାଚୀ ଓ ଅଭିନେତ୍ରୀ ଅର୍ଚ୍ଚିତା।

# ରାଜ୍ୟ ସଭା ପାଇଁ ୬ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା ଟିଏମ୍‌ସି

ନୂଆଦିଲ୍ଲୀ/କୋଲକାତା, ୧୦ା୭

ପଶ୍ଚିମବଙ୍ଗର ୬ ରାଜ୍ୟ ସଭା ଆସନ ଲାଗି ଜୁଲାଇ ୨୪ରେ ନିର୍ବାଚନ ହେବାକୁ ଯାଉଥିବାବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ୬ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। ସେମାନଙ୍କ ମଧ୍ୟରେ ଡେରେକ୍ ଓ'ବ୍ରାଏନ, ସୁଖେନ୍ଦୁ ଶେଖର ରାୟ ଏବଂ ଡୋଲା ସେନ୍ ଅଛନ୍ତି। ଡେରେକ୍ ୨୦୧୧ରୁ ଏମ୍‌ପି ରହିଥିବାବେଳେ ସେ ରାଜ୍ୟ ସଭାରେ ଟିଏମ୍‌ସିର ନେତା। ସେହିପରି ସୁଖେନ୍ଦୁ ୨୦୧୨ରୁ ରାଜ୍ୟ ସଭା ସଦସ୍ୟ ରହିଆସିଥିବାବେଳେ ସେ ଦଳର ଉପମୁଖ୍ୟ ହୁଇପ୍ ଅଛନ୍ତି। ବରିଷ୍ଠ ଟିଏମ୍‌ସି ନେତା ତଥା ଟ୍ରେଡ୍ ୟୁନିୟନ ନେତା ସେନ୍ ୨୦୧୭ରେ ଏମ୍‌ପି ହୋଇଥିଲେ। ଏମାନଙ୍କ ବ୍ୟତୀତ ବଙ୍ଗଳା ସଂସ୍କୃତି ମଞ୍ଚ ସଭାପତି ସମିରୁଲ ଇସ୍‌ଲାମ, ଟିଏମ୍‌ସି ଆଲିପୁରଦୁଆର ଜିଲା ସଭାପତି ପ୍ରକାଶ ଚିକ୍‌ବାରାଇକ ଏବଂ ଆର୍‌ଟିଆଇ କର୍ମୀ ତଥା ଟିଏମ୍‌ସି ମୁଖପାତ୍ର ସାକେତ୍ ଗୋଖଲେଙ୍କୁ ରାଜ୍ୟ ସଭା ପାଇଁ ପ୍ରାର୍ଥୀ କରାଯାଇଛି। ଡେରେକ, ରାୟ, ସେନ୍‌ଙ୍କ ସମେତ କଂଗ୍ରେସ ଏମ୍‌ପି ପ୍ରଦୀପ ଭଟ୍ଟାଚାର୍ଯ୍ୟ, ଟିଏମ୍‌ସିର ଆସାମ ନେତା ସୁସ୍ମିତା ଦେବ ଏବଂ ଦାର୍ଜିଲିଂ ନେତା ଶାନ୍ତ ଛେତ୍ରୀଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ୬ଟି ଆସନ ଖାଲି ପଡ଼ିଛି। ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ଲୁଇଜିନୋ ଫାଲେଇରୋ ଏପ୍ରିଲ ମାସରେ ଟିଏମ୍‌ସି ଏମ୍‌ପି ପଦରୁ ଇସ୍ତଫା ଦେବା ପରେ ପଶ୍ଚିମବଙ୍ଗରେ ସପ୍ତମ ରାଜ୍ୟ ସଭା ଆସନ ଖାଲିପଡ଼ିଛି। ଉକ୍ତ ଆସନ ଲାଗି ମଧ୍ୟ ଆସନ୍ତା ୨୪ରେ ନିର୍ବାଚନ ଅନୁଷ୍ଠିତ ହେବ।


ଡେରେକ୍ ଓ'ବ୍ରାଏନ, ଡୋଲା ସେନ୍ ଓ ସୁଖେନ୍ଦୁ ଶେଖର ରାୟ


## ନିରୁଦ୍ଦିଷ୍ଟ



ମହମ୍ମଦ ନାସିରୁଦ୍ଦିନ୍, ଗ୍ରାମ: ମିର୍ଜାପୁର, ପୋ: ଜେହାନଗିରିଗଞ୍ଜ, ଉତ୍ତରପ୍ରଦେଶ । ମୋ ସ୍ତ୍ରୀ ରେସ୍‌ମା ଖାତୁନ୍ ତା।୨୪।୦୬।୨୦୨୩ରି ଖ ସକାଳ ୮ ଘଟିକାରୁ ରସୁଲଗଡ଼ ଦୁର୍ଗାମଣ୍ଡପଠାରୁ କେଉଁଆଡ଼େ ଚାଲିଯାଇଛନ୍ତି। ତାଙ୍କର ଉଚ୍ଚତା-୫ଫୁଟ, ବର୍ଣ୍ଣ: ଶ୍ୟାମଳ । ଯଦି କେହି ସହୃଦୟ ବ୍ୟକ୍ତି ରେସ୍‌ମାଙ୍କର ସନ୍ଧାନ ପାଆନ୍ତି ତେବେ ମୋବାଇଲ ନଂ.- 8260110778, 7846972284 ରେ ଜଣାଇବାକୁ ଅନୁରୋଧ ।

ଧ-୦୭୯୪


# ବିଜେଡି, ଭାଜପାକୁ ସଉତୁଣୀ କହିଲେ ବାହିନୀପତି

## କଂଗ୍ରେସର ନବରଙ୍ଗପୁର ବଞ୍ଚାଅ ଆନ୍ଦୋଳନ

ନବରଙ୍ଗପୁର, ୧୦ା୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କଂଗ୍ରେସ ପକ୍ଷରୁ ସୋମବାରଠାରୁ ନବରଙ୍ଗପୁର ବଞ୍ଚାଓ ଆନ୍ଦୋଳନ ଆରମ୍ଭ ହୋଇଛି। ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀଙ୍କ ପୀଠରୁ ଆଞ୍ଚାମାଳ ନେବାପରେ ସ୍ଥାନୀୟ ଶାସ୍ତ୍ରୀ ଭବନରେ ଏ ନେଇ ଏକ ବୈଠକ କରାଯାଇଛି। ଏଥିରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିଲେ। ବିଜେଡି-ଭାଜପାକୁ ସଉତୁଣୀ ସମ୍ବୋଧନ କରି ସେମାନେ ଦିନରେ କଳି ରାତିରେ ମେଳି ହୁଅନ୍ତି ବୋଲି ତାରା କଟାକ୍ଷ କରିଥିଲେ। ଏହି ୨ଟି ଦଳ ପରସ୍ପର ସର୍ବ ସମ୍ମୁଖରେ ଲୋକଦେଖାଣିଆ ଗଣ୍ଡଗୋଳ କରି ପରେ ସମସ୍ତ କାମକୁ ସମର୍ଥନ ଦିଅନ୍ତି ବୋଲି ବାହିନୀପତି କହିଛନ୍ତି। କିଛି ଦିନ ଧରି ନବରଙ୍ଗପୁର ଜିଲାର ବିଭିନ୍ନ ସରକାରୀ ଅଧିକାରୀଙ୍କ କାର୍ଯ୍ୟକଳାପ ଜିଲାକୁ ଅପଦସ୍ଥ କରିଥିବାବେଳେ ଏଠାରେ ଅଫିସର ଅରାଜକତା ଚଳାଇଥିବା ଜିଲା କଂଗ୍ରେସ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ନବରଙ୍ଗପୁର ବଞ୍ଚାଓ ଆନ୍ଦୋଳନ ଆରମ୍ଭ କରାଯାଇଥିବା ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ କହିଛନ୍ତି। ଭାରପ୍ରାପ୍ତ ଅତିରିକ୍ତ ଉପଜିଲାପାଳଙ୍କ ଘରେ ଭିଜିଲାନ୍ସ ଚଢ଼ାଉ, ସିନିୟର କିରାଣିଙ୍କୁ ସିଡିପିଓ ଚେୟାରରୁ ଠେଲି ଦେବା, ବ୍ଲକ କାର୍ଯ୍ୟାଳୟ ବାହାରେ ଅଭିଯୋଗ ଜଣାଇବାକୁ ଆସି ଲୋକେ ହନ୍ତସନ୍ତ ହେଉଥିବାବେଳେ ଭିତରେ ବିଡିଓ ଜନ୍ମଦିନ ପାଳନ କରି କେକ୍ କାଟିବା ଭଳି ଅନେକ ଘଟଣା ଜିଲାକୁ ନିନ୍ଦିତ କରିଛି। ସରକାରୀ ଚାକିରିରେ ଜିଲାଭିତ୍ତିକ ନିଯୁକ୍ତି ଦାବି କରାଯାଇଛି। ଏ ସବୁକୁ ନେଇ ପ୍ରତ୍ୟେକ ବ୍ଲକରେ ଜିଲା କଂଗ୍ରେସ ଆନ୍ଦୋଳନ କରିବ ବୋଲି ସୂଚନା ଦେଇଛି। ବୈଠକ ପୂର୍ବରୁ ନବରଙ୍ଗପୁରର କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି , ନବରଙ୍ଗପୁର ପୂର୍ବତନ ବିଧାୟକ ଭୁଜବଳ ମାଝି, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଜିଲା ପରିଷଦ ସଭ୍ୟା ଲିପିକା ମାଝି, ହାରାବତୀ ଗଣ୍ଡ, ଏଆଇସିସି ସଭ୍ୟା ମନୋଷା ତ୍ରିପାଠୀ, ସରପଞ୍ଚ ଦିବାକର ପୂଜାରୀ, ପି.ନାଗରତ୍ନମାଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।



ନବରଙ୍ଗପୁର ବଞ୍ଚାଅ ଆନ୍ଦୋଳନ ଉପଲକ୍ଷେ ଆୟୋଜିତ ବୈଠକରେ ଉପସ୍ଥିତ କଂଗ୍ରେସ ନେତା ଓ ଦଳୀୟ କର୍ମୀ।


# Classified Everyday
0674-2580101, 2549949


REAL ESTATE
SALE

ଭୁବନେଶ୍ୱର କଣ୍ଟାବାଡ଼ ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner-9090963952.
D-74886

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279.
D-74883

Gated community well developed conversion plots, 30 feet road with boundary wall available near Kalinganagar Market. 8984569163, 8456920764.
D-71680



Body massage by experience, good looking therapist @999/-. (Bhubaneswar) 9078484455.
D-0759

Spa Kerala Body Massage only best Therapist @699/- Bhubaneswar, 9337672475.
D-0750

Newly opened (one 8 SPA)/ (Salon service) with export therapist. 9938843929.
D-75129

Herbal full body massage by smart/expert therapist. Contact: 9124139069.
D-75005

Relax, Refresh your Body, Mind at Saikrupa Spa with best therapies. 8984068077.
D-0725

Newly open Spa positively health benefits with expert therapist. 9040286886.
D-75127

Asribada Panchakarma herbal SPA Kesharimall, Bhubaneswar. Contact: 8926173473.
D-75004

Newly open health benefits SPA special offer @ 799 Jaydev Vihar. 8018429809.
D-75128

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LOST

We have lost 3 Nos. of R.S.D of S.R.O. Badachana Vide No- (i) 10791000150, Dt. 09.02.2010. (ii) 1633, dt.- 06.08.1986, (iii) 10791400737, dt.-03.05.2014. If anyone find these documents Please return to the Mobile No. mentioned below. If anyone Misuse it we will not be responsible.
Trimbekshwar Agro Ind. (Pvt.) Ltd.
Director: Vikas Gupta
D-0800

## AFFIDAVIT

By virtue of an affidavit before the Executive Magistrate, Cuttack on dt. 28.06.2023, I, Amita Mohanty, W/o- Harekrushna Jagati resident of Dahaliabag, P.O.- Bhanpur, P.S.- Cuttack Sadar, Cuttack-11 declare that Amita Mohanty, Amitarani Mohanty and Amita Jagati is one and same person. Henceforth I will be known as Amita Mohanty, Amitarani Mohanty and Amita Jagati as same and one person for the all purpose.
Amita Mohanty
D-0799

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I SAROJA KUMAR PAUL, S/o- Prafulla Kumar Paul, resident At-Haripur Road, Holding No.613/C, P.O-Buxi Bazar, PS- Purighat, Cuttack-753001, Odisha. Declare by this affidavit No. 62AA765376 date 20.06.2023 that now onwards I shall be known as SAROJ KUMAR PAUL for all future purposes.
D-0796

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

ବିଂଶତମ (20th) ଶ୍ରାଦ୍ଧବାର୍ଷିକୀ



୰ସିପ୍ରା ଦାଶ
ଗ୍ରାମ: ବୀରରାମଚନ୍ଦ୍ରପୁର (୩ୟ ଖଣ୍ଡି), ସାକ୍ଷିଗୋପାଳ, ଜି:- ପୁରୀ
ତିରୋଧାନ: ତା୨୨।୦୭।୨୦୦୩
ନିନା, ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସତ୍ୟବାଦିତା, କର୍ତ୍ତବ୍ୟପରାୟଣତା ଆମମାନଙ୍କୁ ଚିରକାଳ ଅନୁପ୍ରାଣିତ କରୁଥିବ। ତୋର ଅନୁପସ୍ଥିତି ଆମ ସମସ୍ତଙ୍କ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛି।
-:ଶୋକସନ୍ତପ୍ତ:-
ସ୍ୱାମୀ- ମନୋଜ କୁମାର ଦାଶ ଓ ପରିବାରବର୍ଗ।
ଧ-୭୪୮୮୪

୧୧ତମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ଡାକ୍ତର କୈଳାସ ଚନ୍ଦ୍ର ମହାନ୍ତି
ତିରୋଧାନ: ୧୨।୦୭।୨୦୧୨
(ଶ୍ରାବଣ କୃଷ୍ଣପକ୍ଷ ନବମୀ ତିଥି)
ଗ୍ରାମ-ଜଳପୋକ, ଜିଲ୍ଲା-କେନ୍ଦ୍ରାପଡ଼ା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ-ଅନସୂୟା ମହାନ୍ତି,
ପୁଅ: ଜନ୍ମେଜୟ ମହାନ୍ତି, ବୋହୂ: କୃଷ୍ଣପ୍ରିୟା ମହାନ୍ତି, ପୁଅ: ମୃତ୍ୟୁଞ୍ଜୟ ମହାନ୍ତି, ମମତାଞ୍ଜଳି ମହାନ୍ତି, ନାତୁଣୀ: ଶାଶ୍ୱତୀ ମହାନ୍ତି ଏବଂ ପରିବାରବର୍ଗ।
ଧ-୦୭୯୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି



୰ନିରୁପମା ମିଶ୍ର
୧୨୧, ସହିଦ୍ ନଗର, ଭୁବନେଶ୍ୱର
ତିରୋଧାନ: ୨୨।୦୭।୨୦୨୨
(ଶ୍ରାବଣ ମାସ କୃଷ୍ଣପକ୍ଷ ନବମୀ)
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
::ବିନମ୍ର ଶ୍ରଦ୍ଧାଞ୍ଜଳି ସହ::
ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ ।
ଧ-୦୭୭୪

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


# ପିଜିଆଇ ରିପୋର୍ଟ ସରକାରଙ୍କ ମୁଖା ଖୋଲିଦେଇଛି: ଭାଜପା


ଖବରଦାତା ସମ୍ମିଳନୀରେ ପ୍ରଦୀପ ପୁରୋହିତ ଓ ଲେଖାଶ୍ରୀ ସାମନ୍ତସିଂହାର।

ଭୁବନେଶ୍ୱର, ୧୦ା୭(ସୁନିତ୍ ମିଶ୍ର)

ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ନେଇ ପରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ) ରିପୋର୍ଟ ଆସିବା ପରେ ରାଜ୍ୟ ସରକାରଙ୍କ ଅସଲ ମୁଖା ଖୋଲିଯାଇଛି। ସର୍ବଭାରତୀୟ ସ୍ତରରେ ଓଡ଼ିଶାର ମାନ ୧୦ରୁ ଯାଇ ୨୪ରେ ପହଞ୍ଚିଛି। ଶିକ୍ଷା ବ୍ୟବସ୍ଥା ପ୍ରତି ୨୩ ବର୍ଷର ବିଜେଡି ସରକାର ଆଦୌ ଗୁରୁତ୍ୱ ଦେଉ ନ ଥିବାର ଏହି ରିପୋର୍ଟରେ ସ୍ପଷ୍ଟ ପରିଲକ୍ଷିତ ହେଉଛି । ୫-ଟି ସ୍କୁଲକୁ ନେଇ ରାଜ୍ୟ ସରକାର ବହୁ ପ୍ରଚାର ପ୍ରସାର କରିବା ସହ ବିଜ୍ଞାପନ ନାଁରେ କୋଟି କୋଟି ଟଙ୍କା ବାଟମାରଣା କରୁଛନ୍ତି। ହେଲେ ୫-ଟି ଅଧୀନରେ ନିର୍ମାଣ ହେଉଥିବା ସ୍କୁଲର ବର୍ଷକ ଭିତରେ ପାଚେରି ଭୁଶୁଡ଼ିଯିବା, କାନ୍ଥ ଭାଙ୍ଗିଯିବା, ସିଲିଂ ଖସିପଡ଼ିବା ଏବଂ ସାମାନ୍ୟ ବର୍ଷାପାଣିରେ ଛାତରୁ ପାଣି ଗଳିବା ଆଦି ଘଟଣାର ଦୃଶ୍ୟ ବିଜେଡି ଶାସନରେ ବିକାଶର ନଗ୍ନ ଚିତ୍ରକୁ ସ୍ପଷ୍ଟ କରୁଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ୫-ଟି ଦାୟିତ୍ୱ ନେବା ପରେ ଶିକ୍ଷାର ଠିକାଦାରି ବ୍ୟବସ୍ଥା ହେଉଛି ଏବଂ ଏହି ବିଭାଗର ଅସ୍ତିତ୍ୱ ସମାପ୍ତ ହେବାକୁ ଯାଉଛି । ରାଜ୍ୟ ସରକାର ଶାସନ ନୁହେଁ ବରଂ କ୍ଷମତା ଲୋଭରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ମଧ୍ୟ ବଳି ପକାଇବାକୁ ପଛଘୁଞ୍ଚା ଦେଉନାହାନ୍ତି। ପିଜିଆଇ ରିପୋର୍ଟ ପ୍ରକାଶ ପାଇବା ପରେ ନିଜ ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ଶାସକ ଦଳର ଏମ୍‌ପି ସସ୍ମିତ ପାତ୍ର ଆଗଭରା ହୋଇ ଗଣମାଧ୍ୟମରେ ବିବୃତି ଦେଲେ, ଯାହାକି ସମ୍ପୂର୍ଣ୍ଣ ଅବାସ୍ତବ ଓ ଅଯୌକ୍ତିକ। ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ ଆଧାରରେ ଏହି ରିପୋର୍ଟ ପ୍ରକାଶ ପାଇଛି । ୟୁଡିଆଇଏସଇ ପୋର୍ଟାଲ ଜରିଆରେ ଦାଖଲ କରାଯାଉଥିବା ଏହାର ଆଇଡି ଏବଂ ପାସୱାର୍ଡ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ରହିଛି। ୭୩ଟି ସୂଚକାଙ୍କ ଆଧାରରେ ହଜାରେ ପଏଣ୍ଟ(ସ୍କୋର)କୁ ନେଇ ୬ଟି ବର୍ଗରେ ମୂଲ୍ୟାୟନ ହୋଇଥିଲା। ସେଥିରୁ ଓଡ଼ିଶା ୫୧୭.୧ ସ୍କୋର ହାସଲ କରି ଦେଶର ୩୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୨୪ ତମ ସ୍ଥାନରେ 'ଆକାଂକ୍ଷୀ-୨' କ୍ୟାଟେଗୋରିରେ ରହିଛି। କେନ୍ଦ୍ର ଓ ରାଜ୍ୟର ମିଳିତ ଉଦ୍ୟମରେ ପିଜିଆଇ ରିପୋର୍ଟ ପ୍ରସ୍ତୁତ ହୋଇଛି। ଯଦି ସସ୍ମିତଙ୍କ ସମେତ ଶାସକ ଦଳ ନେତା, ମନ୍ତ୍ରୀ ଓ ବିଧାୟକମାନେ ନ ଜାଣି ରିପୋର୍ଟ ଉପରେ ତଥ୍ୟ ରଖୁଛନ୍ତି ତେବେ ସେମାନେ ଆସନ୍ତୁ ଆମେ ବୁଝାଇଦେବୁ ବୋଲି ଲେଖାଶ୍ରୀ କହିଛନ୍ତି ।



# ଆଖିଧରା

## ପିଲା ରହିବେ ସୁରକ୍ଷିତ



**ଆଖିଧରା ରୋଗ ବର୍ତ୍ତମାନ ଚାରିଆଡ଼େ ବ୍ୟାପିବାରେ ଲାଗିଛି ଯେଉଁଥିରୁ ବାଦ୍ ପଡ଼ି ନାହାନ୍ତି ପିଲାମାନେ। ସ୍କୁଲ, ଟ୍ୟୁଶନ୍ ଲାଗି ବାହାରକୁ ଯିବା ବେଳେ ପୂର୍ବରୁ ରୋଗରେ ଆକ୍ରାନ୍ତ କୌଣସି ପିଲା କିମ୍ବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ଏହି ରୋଗ ସଂକ୍ରମଣର ଆଶଙ୍କା ବୃଦ୍ଧି ପାଉଛି। ତେବେ ଏମିତି ପରିସ୍ଥିତିରେ ପିଲାଙ୍କ ସହିତ ପରିବାର ସଦସ୍ୟଙ୍କୁ ସୁରକ୍ଷିତ ରଖିବା ଲାଗି ସତର୍କ ରହିବା ଆବଶ୍ୟକ...**

କିଛିଦିନ ହେବ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆଖିଧରା ରୋଗ ବ୍ୟାପିଛି। ଭୁବନେଶ୍ୱରରେ ଏହା ଅଧିକ ମାତ୍ରାରେ ସଂକ୍ରମଣ ହେଉଥିବା ଦେଖିବାକୁ ମିଳୁଛି। ଯଦିଓ ଏହା ସବୁବର୍ଗଙ୍କ ଠାରେ ସଂକ୍ରମିତ ହେଉଛି, ହେଲେ ଏହାଦ୍ୱାରା ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି କୁନି କୁନି ପିଲାମାନେ। ଏହାଦ୍ୱାରା ନା କେବଳ ସେମାନେ କଷ୍ଟ ପାଉଛନ୍ତି ବରଂ ସେମାନଙ୍କ ସ୍କୁଲ ଯିବା, ପାଠ ପଢ଼ିବା ଇତ୍ୟାଦିରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେଉଛି। କେବଳ ଏତିକି ନୁହେଁ, ଶିଶୁକୁ ହେବା ମାତ୍ରେ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଏହା ସଂକ୍ରମିତ ହେଉଛି।

ଏହି ଆଖିଧରା ରୋଗ କ'ଣ ଏବଂ ଏହା କିପରି ବ୍ୟାପିଥାଏ ଜାଣିବା ସେ ସମ୍ପର୍କରେ...

**କାରଣ:** ଆଖିର ୨ ପତାର ଭିତର ପାର୍ଶ୍ୱ ଏବଂ ଡୋଳାକୁ ବାହ୍ୟ ଧୂଳିମଳି ଏବଂ ଜୀବାଣୁଠାରୁ ସୁରକ୍ଷା ଦେବା ପାଇଁ ଏକ ସ୍ୱଚ୍ଛ ଏବଂ ସୂକ୍ଷ୍ମ ପରଦା ଆବୃତ୍ତ କରି ରଖିଛି, ଯାହାକୁ କଞ୍ଜକ୍ଟିଭା କୁହାଯାଏ। କେବେ କେବେ ଜୀବାଣୁ, ଭୂତାଣୁ, କେମିକାଲ, ଗ୍ୟାସ୍, ଆଘାତ, ପୋକ ପଡ଼ିବା କିମ୍ବା ତୀକ୍ଷ୍ଣ ଆଲୋକ ସଂସ୍ପର୍ଶରେ ଆସିବା ଦ୍ୱାରା ଏହା ପ୍ରଭାବିତ ହୋଇଥାଏ। ଆଉ ଏଥିରେ ସୃଷ୍ଟି ହେଉଥିବା ରୋଗକୁ କଞ୍ଜକ୍ଟିଭାଇଟିସ୍ ବା ଆଖିଧରା ରୋଗ ବୋଲି କୁହାଯାଇଥାଏ।

**ଲକ୍ଷଣ:** ଏହି ରୋଗରେ ଆଖିରୁ ଲୁହ ସଙ୍ଗେ ଅଳ୍ପ ପୂଯ ନିର୍ଗତ ହୋଇଥାଏ। ଆଖି ଲାଲ୍ ପଡ଼ିବା ସହ କେବେ କେବେ ସୂକ୍ଷ୍ମ କ୍ଷତ ମଧ୍ୟ ସୃଷ୍ଟି ହୋଇଥାଏ। ଆଖିରୁ ହଳଦିଆ ରଙ୍ଗର ଲେଞ୍ଜରା ବାହାରିଥାଏ। ଆଖି ଭିତରେ ଧୂଳି ପଡ଼ିବା ଭଳି ଅନୁଭବ ହୋଇଥାଏ। ଆଖି ଖୋଲିବା ଏବଂ ଲାଇଟ୍‌କୁ ଚାହିଁଲେ କଷ୍ଟ ହୁଏ। ୭୦ ଭାଗ କ୍ଷେତ୍ରରେ ଏହା ରୋଗୀର ଦ୍ୱିତୀୟ ଆଖିକୁ ବି ସଂକ୍ରମିତ ହୋଇଥାଏ। ଏହା ବଢ଼ିଗଲେ ଆଖି ଫୁଲିଯିବା ସହ କାନ ପାଖ ଫୁଲିବା, ଜ୍ୱର ହେବା, ମୁଣ୍ଡ ବିନ୍ଧିବା, ହାଲିଆ ଲାଗିବା ଭଳି ଲକ୍ଷଣ ଦେଖାଦିଏ। ଏମିତିକି ଏହା ଚକ୍ଷୁର ଧମନି ଏବଂ ମସ୍ତିଷ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି କରିପାରେ।

**କିପରି ବ୍ୟାପେ:** ବର୍ତ୍ତମାନ ବ୍ୟାପୁଥିବା ଆଖିଧରା ରୋଗ ଭୂତାଣୁ(ଆଡେନୋ ଭାଇରସ୍) ଜନିତ। ଏହା ଏକ ମାରାତ୍ମକ ଡିଆଁରୋଗ ଯାହାର ଚିକିତ୍ସା ଅପେକ୍ଷା ପ୍ରତିଷେଧକ ଭଲ। ଏହା ସ୍ପର୍ଶ ଓ ରୋଗୀର ବ୍ୟବହାର୍ଯ୍ୟ ବସ୍ତ୍ର ଦ୍ୱାରା ବ୍ୟାପିଥାଏ। ଏହି ଭୂତାଣୁ ବାହାରେ ୧୦ ଦିନରୁ ୧ ମାସ ପର୍ଯ୍ୟନ୍ତ ବଞ୍ଚିଥାଏ। ଏହା ରୋଗୀର ଲାଳ, କଫ, ଛିଙ୍କ ଦ୍ୱାରା ମଧ୍ୟ ବ୍ୟାପିଥାଏ। ଆଖିଧରା ରୋଗୀଠାରୁ ୨ ସପ୍ତାହ ପର୍ଯ୍ୟନ୍ତ ଅନ୍ୟମାନଙ୍କୁ ସଂକ୍ରମଣ ହେବାର ଆଶଙ୍କା ଅଛି।

**ଚିକିତ୍ସା:** ଭୂତାଣୁଜନିତ ଆଖିଧରା ରୋଗ ଏକ ସପ୍ତାହ ମଧ୍ୟରେ ଆପେ ଭଲ ହୋଇଯାଏ। ତଥାପି ଡାକ୍ତରଙ୍କ ପରାମର୍ଶକ୍ରମେ ଆଇଡ୍ରପ୍ ପକାଇବା, ଆଇ ଅଏଣ୍ଟମେଣ୍ଟ ଲଗାଇବା ଏବଂ ଔଷଧ ସେବନ କରିବା ଦ୍ୱାରା ଶୀଘ୍ର ଏହି ସମସ୍ୟାରୁ ମୁକ୍ତି ମିଳିଥାଏ।

**ମନେରଖନ୍ତୁ...**

ଆଖିଧରା ରୋଗକୁ ନେଇ ଏବେ ବି ସମାଜରେ ଅନେକ ଭ୍ରାନ୍ତଧାରଣା ଏବଂ ଦେଶୀ ଚିକିତ୍ସା ଉପାୟ ପ୍ରଚଳିତ ହେଉଛି। ଯଥା– ଆଖିଧରା ରୋଗୀର ଆଖିକୁ ଚାହିଁଦେଲେ ଏହି ରୋଗ ବ୍ୟାପିଥାଏ। କେତେକ ଗଛର କ୍ଷୀର, ନିଜ ପରିସ୍ରା ଆଦି ପକାଇବା ଦ୍ୱାରା ଏହି ରୋଗ କମିଥାଏ। ହେଲେ ମନେରଖନ୍ତୁ, ଆଖି ମଣିଷ ଶରୀରର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ତେଣୁ ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଦେଶୀ ଚିକିତ୍ସା ପଦ୍ଧତି ଆପଣାନ୍ତୁ ନାହିଁ, ଯାହାକି ଚକ୍ଷୁ ସମସ୍ୟାକୁ ଆହୁରି ବଢ଼ାଇବା ସହ କେବେ କେବେ ଦୃଷ୍ଟିଶକ୍ତି ନଷ୍ଟ ହେବା ଆଶଙ୍କାକୁ ବଢ଼ାଇ ଦେଇଥାଏ।

**– ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ,**
*ଶିଶୁରୋଗ ବିଶେଷଜ୍ଞ*
**ଡା. ଅର୍ପିତା ଆଚାର୍ଯ୍ୟ,**
*ଚକ୍ଷୁ ବିଶେଷଜ୍ଞ, ଭୁବନେଶ୍ୱର*

### ସତର୍କତା



- ଏହି ସଂକ୍ରମଣ ବ୍ୟାପୁଥିବାରୁ ସ୍କୁଲରୁ ଫେରିବା ପରେ ସୁସ୍ଥ ପିଲାଙ୍କର ମଧ୍ୟ ହାତ, ଗୋଡ଼ ଭଲ ଭାବେ ଧୋଇବା ସହ ପିନ୍ଧିଥିବା ପୋଷାକ ମଧ୍ୟ ସଫା କରନ୍ତୁ ଯେପରି ଅନ୍ୟ କାହାଠାରୁ ସଂକ୍ରମଣ ନ ହୁଏ। କେବଳ ପିଲା ନୁହନ୍ତି ବଡ଼ମାନେ ମଧ୍ୟ ସଂକ୍ରମଣର ଶିକାର ନ ହେବାଲାଗି ଏଥିପ୍ରତି ବିଶେଷ ସତର୍କ ହେବା ଆବଶ୍ୟକ।
- ସେହିପରି ବାପା, ମାଆ କିମ୍ବା ପରିବାରର ଅନ୍ୟ କୌଣସି ସଦସ୍ୟଙ୍କୁ ଏହି ରୋଗ ହୋଇଥିଲେ ପିଲାଙ୍କ ସଂସ୍ପର୍ଶରେ ନ ଆସିବା ଭଲ।
- ଆଖିଧରିଲେ ପିଲାମାନେ ସାଧାରଣତଃ ବାରମ୍ବାର ଆଖିରେ ହାତ ମାରନ୍ତି ଫଳରେ ଇନ୍‌ଫେକ୍ସନ ଭୟ ବଢ଼ିଥାଏ। ତେଣୁ ତାଙ୍କୁ ହାତ ନ ମାରି ସଫା ରୁମାଲରେ ଧୀରେ ଧୀରେ ପୋଛିବାକୁ କୁହନ୍ତୁ। ନିୟମିତ ସମୟ ଅନ୍ତରାଳରେ ଆଇଡ୍ରପ୍ ଏବଂ ଅଏଣ୍ଟମେଣ୍ଟ ବ୍ୟବହାର କରନ୍ତୁ।
- ଯେଉଁ ଛୁଆଙ୍କୁ ଆଖିଧରା ରୋଗ ହୋଇଛି ଆଖିରୁ ଲୁହ ନ କମିବା ପର୍ଯ୍ୟନ୍ତ ସ୍କୁଲ ପଠାନ୍ତୁ ନାହିଁ, କାରଣ ଏହାଦ୍ୱାରା ଅନ୍ୟମାନଙ୍କୁ ମଧ୍ୟ ରୋଗ ସଂକ୍ରମଣ ହୋଇପାରେ।
- ଘରେ ଜଣଙ୍କୁ ଏହି ରୋଗ ହେଲେ ଅନ୍ୟମାନଙ୍କୁ ସଂକ୍ରମଣ ହେବା ଆଶଙ୍କା ବେଶି। ତେଣୁ ରୋଗୀର ଲୁଗାପଟା, ତକିଆ ଖୋଳ, ବେଡ୍‌ଶିଟ୍, ରୁମାଲ, ଟାୱେଲ ଆଦି ସଫା କରନ୍ତୁ ଏବଂ ଏହାକୁ ଅନ୍ୟମାନେ ବ୍ୟବହାର କରନ୍ତୁ ନାହିଁ।





# ଏମିତି ପିନ୍ଧନ୍ତୁ ଶାଢ଼ି



*ଶାଢ଼ି ପ୍ରତ୍ୟେକ ନାରୀଙ୍କୁ ଖୁବ୍ ସୁନ୍ଦର ମାନେ। ହେଲେ କେଉଁ ଶାଢ଼ିକୁ କିପରି ପିନ୍ଧିଲେ ଅଧିକ ଆଇକ୍ୟାଚି ଲୁକ୍ ମିଳିବ ଜାଣିବାକୁ ଚାହୁଁଥିଲେ ଆପଣାନ୍ତୁ ଏହି ଟିପ୍ସ ...*

– କୌଣସି ପାର୍ଟି କିମ୍ବା ଫଙ୍କସନକୁ ଯିବାର ଥିଲେ ଫ୍ୟାନ୍ସି ସିଫନ୍, ଜର୍ଜେଟ୍, ଭେଲଭେଟ୍, ନେଟ୍ ଭଳି ଶାଢ଼ିକୁ ଆପଣ ଲେହେଙ୍ଗା ଷ୍ଟାଇଲରେ ପିନ୍ଧିପାରିବେ। ଷ୍ଟୋନ୍ ୱାର୍କ ହେଭି ବର୍ଡର ଶାଢ଼ିରେ ଏପରି ପିନ୍ଧିଲେ ଅଧିକ ସୁନ୍ଦର ଲାଗିଥାଏ। ଆପଣ ଚାହିଁଲେ ଲେହେଙ୍ଗା ଷ୍ଟାଇଲ୍‌ର ଶାଢ଼ି ମଧ୍ୟ କିଣି ପିନ୍ଧିପାରିବେ।



– ଯଦି ଆପଣଙ୍କୁ ହ୍ୟାଣ୍ଡଲୁମ୍ କିମ୍ବା କଟନ ବର୍ଡର ଥିବା ଶାଢ଼ି ପସନ୍ଦ ତେବେ ଏହାକୁ ବଙ୍ଗାଳି ଷ୍ଟାଇଲ୍‌ରେ ପିନ୍ଧିଲେ ଅଧିକ ସୁନ୍ଦର ଲାଗିବେ। ବିଶେଷକରି ହ୍ୱାଇଟ୍, ମଠା କିମ୍ବା ଅନ୍ୟ ଲାଇଟ୍ କଲର ବଡି ସହ ଡିପ୍ କଲର ବର୍ଡର ଥିବା ଶାଢ଼ିକୁ ଏପରି ପିନ୍ଧନ୍ତୁ ଆଟ୍ରାକ୍ଟିଭ୍ ଲାଗିବେ।

– ହେଭି ଏବଂ କଣ୍ଟ୍ରାଷ୍ଟ ବର୍ଡର ଥିବା ପାଟଶାଢ଼ିଗୁଡ଼ିକୁ ମରାଠୀ ଷ୍ଟାଇଲ୍‌ରେ ପିନ୍ଧିଲେ ଅପେକ୍ଷାକୃତ ସୁନ୍ଦର ଏବଂ ଷ୍ଟାଇଲିଶ୍ ମଧ୍ୟ ଲାଗିଥାଏ। ତେବେ ଏହା ସହ ଏଲ୍‌ବୋ ଲେନ୍ଥ କିମ୍ବା ୩/୪ ଲେନ୍ଥ ବ୍ଲାଉଜ ପିନ୍ଧନ୍ତୁ।

– ବର୍ତ୍ତମାନ ମରମେଡ୍ ବା ଜଳପରୀ ଡିଜାଇନ୍‌ର ଶାଢ଼ି ମଧ୍ୟ ମାର୍କେଟ୍‌ରେ ମିଳୁଛି। ଆପଣ ଚାହିଁଲେ ଡିଫରେଣ୍ଟ ଲୁକ୍ ପାଇବା ପାଇଁ ଏହାକୁ ମଧ୍ୟ ଟ୍ରାଏ କରିପାରିବେ।

– କୌଣସି କର୍ପୋରେଟ୍ ମିଟିଂ କିମ୍ବା ଅଫିସିଆଲ୍ ମିଟିଂକୁ ଯାଉଥିଲେ କଟନ୍, ପାଟ, ମଠା ଭଳି ଟ୍ରାଡିଶନାଲ୍ ଶାଢ଼ିକୁ ପ୍ଲିଟ୍ କରି ଅବା ୱାନ୍ ପିନ୍ କରି ପିନ୍ଧିଲେ ସ୍ମାର୍ଟ ଲାଗିବେ। ମନେରଖନ୍ତୁ ହାଇଟ୍ କମ୍ ହୋଇଥିଲେ ପତଳା ପ୍ଲିଟ୍ କରି ପିନ୍ଧିଲେ ବେଶି ଭଲ ଲାଗିବ।

# ରକ୍ତଚାପ ବଢୁଥିଲେ...

**ବର୍ତ୍ତମାନ ପରିବର୍ତ୍ତିତ ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟାଭ୍ୟାସ ଭଳି କେତେକ କାରଣ ପାଇଁ ଅଧିକାଂଶ ମହିଳାଙ୍କଠାରେ ହାଇପରଟେନ୍‌ଶନ ବା ଉଚ୍ଚ ରକ୍ତଚାପ ସମସ୍ୟା ବଢୁଥିବା ଦେଖିବାକୁ ମିଳୁଛି। ହେଲେ କେତୋଟି କଥା ପ୍ରତି ଦୃଷ୍ଟିଦେଲେ ଏହାକୁ ନିୟନ୍ତ୍ରଣ କରିବା ସହଜ ହୋଇପାରିବ...**



■ ଜଙ୍କ୍‌ଫୁଡ୍, ଫାଷ୍ଟଫୁଡ୍, ପ୍ୟାକେଜ୍‌ଡ କିମ୍ବା ଫ୍ରୋଜେନ୍ ଫୁଡ୍ ସହ ଚର୍ବିଜାତୀୟ ଖାଦ୍ୟ ପ୍ରତି ବର୍ତ୍ତମାନ ସଭିଏଁ ଆଗ୍ରହୀ ହେଉଛନ୍ତି। ହେଲେ ଏହାଦ୍ୱାରା ମଦବହୁଳତା ବଢ଼ିବା ସହ ରକ୍ତଚାପ ବୃଦ୍ଧି ସମସ୍ୟା ଦେଖାଦେଇଥାଏ। ସେହିପରି ଅଧିକ ଲୁଣଜାତୀୟ ଖାଦ୍ୟ ଯଥା ଆଚାର, ଶୁଖୁଆ ଖାଉଥିବା ମହିଳାଙ୍କଠାରେ ବି ରକ୍ତଚାପ ସମସ୍ୟା ଦେଖାଦେଇଥାଏ। ତେଣୁ ରକ୍ତଚାପ ନିୟନ୍ତ୍ରଣରେ ରହିବା ଲାଗି ଏଭଳି ଖାଦ୍ୟ ଖାଇବା କମ୍ କରନ୍ତୁ।

■ ଶାରୀରିକ ପରିଶ୍ରମ ଅଭାବରେ ବର୍ତ୍ତମାନ ଅଧିକାଂଶ ମହିଳାଙ୍କ ଶରୀରରେ ଚର୍ବି ଅଂଶ ଜମାହୋଇ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେଉଛି ; ଯାହାକି ରକ୍ତଚାପ ବୃଦ୍ଧି ପାଇବା ମୁଖ୍ୟ କାରଣ। ତେଣୁ ସବୁବେଳେ ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଏଥିପାଇଁ ଘରେ ହେଉ କିମ୍ବା ଜିମ୍‌ରେ କିଛି ସମୟ ବ୍ୟାୟାମ, ଯୋଗ ଆଦି ଅଭ୍ୟାସ କରନ୍ତୁ।

■ ଆର୍ଥିକ, ପାରିବାରିକ ସହ ଜବ୍ ଭଳି ବିଭିନ୍ନ କାରଣକୁ ନେଇ ମାନସିକ ଚାପରେ ରହୁଥିବା ମହିଳାମାନେ ହାଇପରଟେନ୍‌ଶନର ଶିକାର ହୋଇଥାନ୍ତି। ତେଣୁ ମାନସିକ ଚାପର କାରଣ ଜାଣିବା ସହ ମନ ଖୁସି ଏବଂ ଅବସାଦମୁକ୍ତ ରଖିଲେ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହିବ।

■ ଧୂମପାନ ଏବଂ ଆଲ୍‌କହଲ୍ ଭଳି ମାଦକଦ୍ରବ୍ୟ ସେବନ ବି କେତେଜଣ ମହିଳାଙ୍କଠାରେ ହାଇପରଟେନ୍‌ଶନ ସୃଷ୍ଟି କରିବାର ଅନ୍ୟତମ ମୁଖ୍ୟ କାରଣ। ତେଣୁ ମଜାମସ୍ତି ଆଳରେ ଏଭଳି ବଦଭ୍ୟାସକୁ ଆଦୌ ଆପଣାନ୍ତୁ ନାହିଁ।

ସୌନ୍ଦର୍ଯ୍ୟ

# ତ୍ୱଚାର ଗ୍ଲୋ ବଢ଼ାଏ ଚିନାବାଦାମ

**ବିଭିନ୍ନ ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ ଚିନାବାଦାମ ଶରୀରକୁ ସୁସ୍ଥ ରଖିବା ସହ ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି କରିବାରେ ବେଶ୍ ସାହାଯ୍ୟ କରିଥାଏ। ଏହାକୁ ବ୍ୟବହାର କରି କିପରି ସୌନ୍ଦର୍ଯ୍ୟ ଉପଚାର କରିପାରିବେ ଜାଣିରଖନ୍ତୁ କେତୋଟି ସହଜ ଉପାୟ...**



- ଆଖି ତଳ କଳାଦାଗ, ଆଖି କୁଣ୍ଡେଇ ହେବା ଭଳି ସମସ୍ୟା ଦୂରକରିବା ଲାଗି ଚିନାବାଦାମ ବେଶ୍ ଉପଯୋଗୀ। ଏଥିରେ ଥିବା ଅଧିକ ପରିମାଣର ଓମେଗା ଫ୍ୟାଟି ଏସିଡ୍ ଓ ଖଣିଜ ଲବଣ ଦୃଷ୍ଟିଶକ୍ତି ବଢ଼ାଇଥାଏ। ଆଖିପତା ଉପରେ ଏହାର ତେଲ ଲଗାଇ ଧୀରେ ଧୀରେ ମସାଜ କରିବା ଦ୍ୱାରା ଆମକୁ ଦିନ ଯାକର ଚାପରୁ ମଧ୍ୟ ମୁକ୍ତିମିଳେ।
- ବାଦାମରେ ଭିଟାମିନ୍-ଇ ଥିବାରୁ ଏହାକୁ ପ୍ରତିଦିନ ବ୍ୟବହାର କରିବା ଦ୍ୱାରା ଏହା ଚର୍ମକୁ ପୋଷଣ ଯୋଗାଇବା ସହ ନରମ ଏବଂ ଚିକ୍କଣ ରଖିଥାଏ। ଏହାର ତେଲ ଲଗାଇବା ଦ୍ୱାରା ସୂର୍ଯ୍ୟକିରଣ ଯୋଗୁ ହେଉଥିବା ଟ୍ୟାନିଂ ଭଳି ସମସ୍ୟା ଦୂରହୋଇଥାଏ। ଏହା ଚର୍ମକୁ ବ୍ରଣମୁକ୍ତ ରଖି କୋମଳତା ପ୍ରଦାନ କରିଥାଏ।
- ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ ଓ ଭିଟାମିନ୍ ଥିବାରୁ ଏହା ଶରୀରର ଚମକ ବଢ଼ାଇଥାଏ। ମୁଣ୍ଡ ଏବଂ ଶରୀରର ବିଭିନ୍ନ ଅଂଶକୁ ମସାଜ କରିବା ପାଇଁ ଚିନାବାଦାମ ତେଲ ବ୍ୟବହାର କରାଯାଇଥାଏ। ଏହାଦ୍ୱାରା ଚର୍ମ ପୁଷ୍ଟିକର ତେଲ ଶୋଷଣ କରିପାରେ। ବିଶେଷକରି କେଶ ମୂଳରେ ଏହି ତେଲ ମସାଜ କରିବା ଦ୍ୱାରା ରକ୍ତ ପ୍ରବାହ ଭଲ ହେବା ଦ୍ୱାରା କେଶ ଲମ୍ବା ଏବଂ ମଜଭୁତ ହୋଇଥାଏ। ଏହା କେଶ ପାଚିବା, ଝଡ଼ିବା, ଫାଟିବା ଆଦି ସମସ୍ୟାକୁ ମଧ୍ୟ ଦୂର କରିଥାଏ।

ଖାଦ୍ୟରୁଚି

# ମ୍ୟାଙ୍ଗୋ ଜାମ୍

**ଆବଶ୍ୟକ ସାମଗ୍ରୀ:** ପାଚିଲା ଆମ୍ବରସ ୨ କପ୍, ଚିନି ଅଧା କପ୍ ଏବଂ ଲେମ୍ବୁରସ ୧ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ ନନ୍‌ଷ୍ଟିକ୍ ପ୍ୟାନ୍ ବସାନ୍ତୁ। ସେଥିରେ ଆମ୍ବରସ, ଚିନି ଏବଂ ଲେମ୍ବୁରସ ପକାଇ ଧୀରେ ଧୀରେ ଗୋଳାନ୍ତୁ। ୨୦–୨୫ ମିନିଟ୍ ପରେ ଏହି ମିଶ୍ରଣ ଧୀରେ ଅଠାଳିଆ ହୋଇଗଲେ ଗ୍ୟାସ୍ ବନ୍ଦକରି ଦିଅନ୍ତୁ। ଏହାକୁ ଥଣ୍ଡା କରିବା ପରେ ଏୟାର ଟାଇଟ୍ ବୋତଲରେ ରଖି ଦିଅନ୍ତୁ। ଏହି ଜାମ୍ ସମ୍ପୂର୍ଣ୍ଣ କେମିକାଲ ମୁକ୍ତ ହୋଇଥିବାରୁ ସ୍ୱାସ୍ଥ୍ୟ ପ୍ରତି ହିତକର। ଏହାକୁ ଆପଣ ଫ୍ରିଜ୍‌ରେ ରଖି ୧୦–୧୨ ଦିନ ପର୍ଯ୍ୟନ୍ତ ଖାଇପାରିବେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୧/୨୦୨୩ | Bhubaneswar, Tuesday, July 11/ 2023

# ପୁରୁଷପ୍ରାଧାନ୍ୟ କ୍ରୀଡ଼ାରେ ସୋଫିଆ

**ରେସିଂ ଅବା ଗ୍ରାଁ ପ୍ରି କଥା ଯେତେବେଳେ ଉଠେ ସେତେବେଳେ ସାଧାରଣତଃ ପୁରୁଷ ଖେଳାଳିମାନଙ୍କ ନାମ ଆସିଥାଏ। ମାଇକେଲ ସୁମାକର, ସେବାଷ୍ଟିଆନ୍ ଭେଟେଲ, ଲୁଇସ୍ ହାମିଲଟନ୍‌ଙ୍କ ପରି ଖେଳାଳି ରେସିଂ ସ୍ପୋର୍ଟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ରେସିଂ ଯେଉଁ କ୍ରୀଡ଼ାରେ କେବଳ ସ୍ପିଡ୍ ନୁହେଁ ବରଂ ମାନସିକ ଦୃଢ଼ତା ଏକ ଅଭିନ୍ନ ଅଙ୍ଗ, ସେଠାରେ କେବଳ ପୁରୁଷଙ୍କ ବାଜିମାତ ରହିଛି। ମାତ୍ର ଏହି ଧାରାକୁ ଭୁଲ୍ ପ୍ରମାଣିତ କରିବା ସହିତ ପ୍ରଥମ ମହିଳା ଭାବରେ ଫର୍ମୁଲା-୩ ରେସ୍‌ରେ ପଏଣ୍ଟ ଜିତିଛନ୍ତି ସୋଫିଆ ଫ୍ଲୋରେସ୍। ମାତ୍ର ୨୨ ବର୍ଷ ବୟସରେ ସୋଫିଆ ଯେଉଁ କାରନାମା କରିଛନ୍ତି ତାହା ଇତିହାସ ବକ୍ଷରେ ଲିପିବଦ୍ଧ ହୋଇ ରହିବ। ରେସିଂ ଟ୍ରାକ୍‌ରେ ତଥା ରେସିଂ ଟ୍ରାକ୍ ପର୍ଯ୍ୟନ୍ତ ସୋଫିଆଙ୍କ ଯାତ୍ରା ଉପରେ ଏକ ସ୍ୱତନ୍ତ୍ର ପ୍ରସ୍ତୁତି...**



ସୋଫିଆ ଫ୍ଲୋରେସ୍

ମୋଟର ସ୍ପୋର୍ଟ୍ସ ଇତିହାସର କିମ୍ବଦନ୍ତୀ ମାଇକେଲ ସୁମାକରଙ୍କ ଦେଶ ଜର୍ମାନୀରେ ସୋଫିଆଙ୍କ ଜନ୍ମ। ସୁମାକରଙ୍କୁ ଆଦର୍ଶ ମାନୁଥିବା ଏହି ମହିଳା ଜଣକ ଆରମ୍ଭରୁ ହିଁ ରେସିଂ ପ୍ରତି ଆକୃଷ୍ଟ ଥିଲେ। ମୋଟର ସ୍ପୋର୍ଟ ବ୍ୟତୀତ କାର୍ଟିଂ ଓ ସ୍କିଂ ପ୍ରତି ମଧ୍ୟ ସେ ଆକର୍ଷିତ ଥିଲେ। ତେବେ ରେସିଂର ସ୍ପିଡ ପ୍ରତି ଥିବା ଦୁର୍ବଳତା ହିଁ ସୋଫିଆଙ୍କ ପାଇଁ ସୃଷ୍ଟି କରିଛି ନିଆରା ପରିଚୟ। ୨୦୧୭ରେ ଏକ ଭୟଙ୍କର ଦୁର୍ଘଟଣାର ଶିକାର ହୋଇଥିବା ବେଳେ ଆଉଥରେ ରେସିଂ ଟ୍ରାକକୁ ଫେରିବା ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଥିଲା। ତେବେ ସମସ୍ତ ଆକଳନକୁ ଭୁଲ୍ ପ୍ରମାଣିତ କରି ୨୦୨୦ରେ ୱାର୍ଲ୍ଡ କମବ୍ୟାକ୍ ଅଫ୍ ଦ ଇୟରର ଆୱାର୍ଡ ହାସଲ କରିଥିବା ବେଳେ ସମାନ ବର୍ଷରେ ଲୌରିଅସ ସ୍ପୋର୍ଟ୍ସ ଆୱାର୍ଡରେ ସମ୍ମାନିତ ହୋଇଥିଲେ।

୨୦୦୫ରେ ମାତ୍ର ୬ ବର୍ଷ ବୟସରେ ସୋଫିଆ ପ୍ରଥମେ କାର୍ଟିଂ କରିବା ଆରମ୍ଭ କରିଥିଲେ। ୨୦୦୮-୧୪ ମଧ୍ୟରେ ୟୁରୋପିଆନ୍ କାର୍ଟିଂ ସର୍କିଟ୍‌ରେ ବିଭିନ୍ନ ଟୁର୍ନାମେଣ୍ଟ ଜିତିବା ଆରମ୍ଭ କରିଥିଲେ ସୋଫିଆ। ଏପରି କି କାର୍ଟିଂରେ ଚାମ୍ପିୟନ ରେଡ୍ ବୁଲ୍ ଦଳ ପକ୍ଷରୁ ୨୦୧୦ରେ ତାଙ୍କୁ ସ୍କାଟ୍ କରାଯାଇଥିଲା। ୨୦୧୫ରେ ଜିନେଟ୍ଟା ଜୁନିୟର ରେସିଂ ବିଜୟୀ ହୋଇଥିଲେ। ସର୍ବକନିଷ୍ଠ ଖେଳାଳି ଭାବରେ ଏହି ରେସ୍ ଜିତିଥିଲେ ସୋଫିଆ। କ୍ରମାଗତ ଦୁଇ ସପ୍ତାହରେ ଦୁଇଟି ପୋଡିୟମ ଫିନିଶ୍ କରିବା ପରେ ଆର୍ଥିକ ସମସ୍ୟା କାରଣରୁ ଅଧାରୁ ଏହି ରେସ୍ ଛାଡିବାକୁ ବାଧ୍ୟ ହୋଇଥିଲେ।

## ଫର୍ମୁଲା-୪

୨୦୧୬ରେ ସୋଫିଆ ଫର୍ମୁଲା-୪ରେ ପଦାର୍ପଣ କରିଥିଲେ। ମୋଟୋପାର୍କ କମ୍ପାନୀ ତାଙ୍କୁ ରେସିଂର ସୁଯୋଗ ଦେଇଥିବା ବେଳେ ସେ ୯୯ ନମ୍ବର କାର୍‌ରେ ରେସ୍ କରୁଥିଲେ। କାର୍‌ର ନାମ ହ୍ୟୁଗୋ ରହିଥିବା ବେଳେ ତୃତୀୟ ରେସ୍‌ରେ ହିଁ ସେ ପୋଡିୟମ ଫିନିଶ କରିବାର ନିକଟତର ଥିଲେ। ତେବେ ପଛପଟୁ ଏକ କାର୍ ଧକା ଦେବା ଫଳରେ ସେ ପଞ୍ଚମ ସ୍ଥାନରେ ରେସ୍ ଶେଷ କରିଥିଲେ। ଏହାର ଦୁଇଟି ରେସ୍ ପରେ ପୋଡିୟମ ଫିନିଶ କରିବାର ସୌଭାଗ୍ୟ ହାସଲ କରିଥିଲେ ସୋଫିଆ। ପ୍ରଥମ ମହିଳା ଭାବରେ ସେ ଏଭଳି କୀର୍ତ୍ତିମାନ ଅର୍ଜନ କରିଥିଲେ।

## ଆହତ ଓ ପ୍ରତ୍ୟାବର୍ତ୍ତନ

୨୦୧୭ ମସିହାରେ ସୋଫିଆ ଏକ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ମକାଉ ରେସ୍‌ରେ ତାଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହେବା ସହିତ ତାଙ୍କ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିଲା। ଆଘାତର ମାତ୍ରା ଏତେ ଅଧିକ ଥିଲା ଯେ ସୋଫିଆଙ୍କୁ ୮ ଘଣ୍ଟାର ସର୍ଜରିର ଆବଶ୍ୟକତା ଥିଲା। ୮ ଘଣ୍ଟାର ସର୍ଜରି ପରେ ପ୍ରାୟ ୬ ମାସ ଧରି ସେ ଶଯ୍ୟାଶାୟୀ ରହିଥିଲେ। ତେବେ ଦୃଢ଼ ମନୋବଳ ସହିତ ପୁନର୍ବାର ପ୍ରତ୍ୟାବର୍ତ୍ତନ କରିଥିଲେ। ୨୦୧୮-୨୦୨୦ ଯାଏ ଫର୍ମୁଲା-୪ରେ ରେସିଂ କରିବା ସହିତ ୨୦୨୦ରେ ଫର୍ମୁଲା-୩ରେ ଅଂଶଗ୍ରହଣ କରିଥିଲେ। ଫର୍ମୁଲା-୩ ରେସ୍‌ରେ ଅଂଶଗ୍ରହଣ କରି ପ୍ରଥମ ମହିଳା ଭାବରେ ଏକ ପଏଣ୍ଟ ମଧ୍ୟ ଅର୍ଜନ କରିଛନ୍ତି। ଆଗାମୀ ଦିନରେ ସେ ଫର୍ମୁଲା ୱାନ୍ ରେସ୍‌ରେ ଅଂଶଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛନ୍ତି।

**ପ୍ରସ୍ତୁତି: ସରୋଜ ଜେନା**

# ଲକ୍ଷ୍ୟ ସେନ୍ ଜିତିଲେ କାନାଡ଼ା ଓପନ



ପୁରସ୍କାର ସହ ଲକ୍ଷ୍ୟ ସେନ୍

**କାଲଗାରି, ୧୦।୭(ପି.ଟି)**

ଭାରତୀୟ ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ କାନାଡା ଓପନ୍ ବିଡବ୍ଲ୍ୟୁଏଫ୍ ସୁପର୍ ୫୦୦ ଟାଇଟଲ ବିଜୟୀ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଫାଇନାଲରେ ସେ ଅଲ ଇଂଲଣ୍ଡ ଚାମ୍ପିୟନ ଚାଇନାର ଲି ଶି ଫେଙ୍ଗଙ୍କୁ ୨୧-୧୮ ଓ ୨୨-୨୦ର ସିଧାସଳଖ ସେଟ୍‌ରେ ପରାସ୍ତ କରିଛନ୍ତି। ଇଣ୍ଡିଆନ ଓପନ ପରେ ଏହା ଲକ୍ଷ୍ୟ ସେନ୍‌ଙ୍କ କ୍ୟାରିୟରର ଦ୍ୱିତୀୟ ଟାଇଟଲ୍। ଆଗକୁ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ରହିଥିବା ବେଳେ ଏହି ଟାଇଟଲ ତାଙ୍କର ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ ବୋଲି ସେ କହିଛନ୍ତି। ଫାଇନାଲରେ ଲକ୍ଷ୍ୟ ସେନ୍ ସ୍ପିଡ୍ ଓ ପାୱାରର ଚମତ୍କାର ପ୍ରଦର୍ଶନ ଦେଖାଇଥିଲେ।

କାନାଡାର ପରିବେଶ ଭିନ୍ନ ହୋଇଥିବାରୁ ଏହା ସହିତ ଖାପ ଖୁଆଇବା ବଡ ଚ୍ୟାଲେଞ୍ଜ ଥିଲା ବୋଲି କହିଛନ୍ତି ଲକ୍ଷ୍ୟ ସେନ୍। ଏହା ସହିତ ଦ୍ୱିତୀୟ ଭାରତୀୟ ଖେଳାଳି ଭାବରେ ସେନ୍ ସିଙ୍ଗଲ୍ସ ବର୍ଗରେ ଟାଇଟଲ ଜିତିଛନ୍ତି। ମେ ମାସରେ ଏଚ୍.ଏସ୍ ପ୍ରଣୟ ମାଲେସିଆ ମାଷ୍ଟର୍ସରେ ବିଜୟୀ ହୋଇଥିଲେ। ବିଶ୍ୱ ମାନ୍ୟତାର ୧୦ ନମ୍ବର ସ୍ଥାନରେ ଥିବା ଶି ଫେଙ୍ଗ ପ୍ରଥମ ସେଟ୍‌ରେ ୬-୨ର ପଛୁଆ ରହିଥିଲେ। ତେବେ ପ୍ରତ୍ୟାବର୍ତ୍ତନ ସହିତ ମ୍ୟାଚ୍‌କୁ ୧୨-୧୫ ଓ ୧୫-୧୫ରେ ପହଞ୍ଚାଇଥିଲେ। ତେବେ ସେନ୍ ଏହି ସେଟ୍‌କୁ ୨୧-୧୮ରେ ଜିତି ନେଇଥିଲେ। ଦ୍ୱିତୀୟ ସେଟ୍‌ରେ ଆରମ୍ଭରୁ ଉଭୟ ଖେଳାଳି ଚମତ୍କାର ପ୍ରଦର୍ଶନ କରିଥିଲେ। ଆରମ୍ଭରୁ ୫-୫ ସ୍ଥିତିରେ ରହିଥିବା ବେଳେ ଶି ଫେଙ୍ଗ ନିଜ ଅଭିଜ୍ଞତାର ଉପଯୋଗ କରି ୧୪-୧୩ରେ ଅଗ୍ରଣୀ ହାସଲ କରିଥିଲେ। ଏହା ସହିତ କ୍ରମାଗତ ୪ ପଏଣ୍ଟ ହାସଲ କରି ସେନ୍‌ଙ୍କୁ ଚାପରେ ରଖିଥିଲେ। ତେବେ ନିଜ ଖେଳିବା ଶୈଳୀ ପରିବର୍ତ୍ତନ କରିବା ସହିତ ସେନ୍ ଦ୍ୱିତୀୟ ସେଟ୍‌କୁ ୨୨-୨୦ରେ ଜିତି ନେଇଥିଲେ।

### ଅଲ ଇଂଲଣ୍ଡ ଚାମ୍ପିୟନଙ୍କୁ ହରାଇଲେ

# ରିକର୍ଭରେ ସ୍ୱର୍ଣ୍ଣ ଜିତିବାରେ ସାଲୁଙ୍ଖେ ପ୍ରଥମ ଭାରତୀୟ


ସ୍ୱର୍ଣ୍ଣ ପଦକ ସହ ପାର୍ଥ ସାଲୁଙ୍ଖେ(ମଝି)।

**ଲିମରିକ୍ (ଆୟର୍ଲାଣ୍ଡ), ୧୦।୭ (ପି.ଟି.)**

ପାର୍ଥ ସାଲୁଙ୍ଖେ ପ୍ରଥମ ଭାରତୀୟ ପୁରୁଷ ତୀରନ୍ଦାଜ ଭାବେ ୟୁଥ୍ ତୀରନ୍ଦାଜୀ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତ ଏହି ଚାମ୍ପିୟନଶିପ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ସହିତ ମୋଟ ୧୧ ପଦକ ସହ ଅଭିଯାନ ଶେଷ କରିଛି। ମହାରାଷ୍ଟ୍ରର ସତାରା ବାସିନ୍ଦା ଏହି ୧୯ ବର୍ଷୀୟ ତୀରନ୍ଦାଜ ୨୧ ବର୍ଷରୁ କମ୍ ପୁରୁଷ ରିକର୍ଭ ବ୍ୟକ୍ତିଗତ ଫାଇନାଲରେ ୭ମ ସିଡ୍ ତଥା କୋରିଆର ସଙ୍ଗ୍ ଇନ୍‌ଜୁନ୍‌ଙ୍କୁ ଏକ ୫ ସେଟ୍ ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ୭-୩ (୨୬-୨୬, ୨୫-୨୮, ୨୮-୨୬, ୨୯-୨୬, ୨୮-୨୬)ରେ ହରାଇ ଦେଇଛନ୍ତି। ଭାରତ ଆହୁରି ମଧ୍ୟ ୨୧ ବର୍ଷରୁ କମ୍ ମହିଳା ରିକର୍ଭ ବ୍ୟକ୍ତିଗତ ବିଭାଗରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛି। ଭଜ କୌର ୭-୧ (୨୮-୨୫, ୨୭-୨୭, ୨୯-୨୫, ୩୦-୨୬)ରେ ଚାଇନିଜ ତାଇପେଇର ସୁ ସିନ୍ ୟୁଙ୍କୁ ହରାଇ ଦେଇଛନ୍ତି। ଏହି ଚାମ୍ପିୟନଶିପ୍‌ରେ ଭାରତ ୬ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୪ବ୍ରୋଞ୍ଜ ପଦକ ହାସଲ କରିପାରିଛି। ମୋଟ ପଦକ ସଂଖ୍ୟା ହିସାବରେ ଷ୍ଟାଣ୍ଡିଂରେ ଏହା ସର୍ବାଧିକ। କିନ୍ତୁ ଓଭର ଅଲ୍ ର୍‌ୟାଙ୍କିଙ୍ଗରେ କୋରିଆ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। କୋରିଆ ୬ ସ୍ୱର୍ଣ୍ଣ ଓ ୪ ରୌପ୍ୟ ପଦକ ହାସଲ କରିଛି। ସୂଚନାଯୋଗ୍ୟ, ସାଲୁଙ୍ଖେ ଜଣେ ସେକେଣ୍ଡାରୀ ସ୍କୁଲ ଇଂଲିଶ ଶିକ୍ଷକଙ୍କ ପୁତ୍ର ସନ୍ତାନ। କୋଚ୍ ପ୍ରବୀଣ ସାୱନ୍ତ ୨୦୧୮-୧୯ରେ ତାଙ୍କ ପ୍ରତିଭାକୁ ଚିହ୍ନଟ କରିଥିଲେ। ବର୍ତ୍ତମାନ ସେ ପ୍ରଥମ ପୁରୁଷ ତୀରନ୍ଦାଜ ଭାବେ ଜଣେ ଯୁବ ବିଶ୍ୱ ଚାମ୍ପିୟନ ହୋଇପାରିଛନ୍ତି। ସାୱନ୍ତ ତାଙ୍କ ପ୍ରତିଭା ଚିହ୍ନଟ କରିବା ପରେ ସାଲୁଙ୍ଖେ ସୋନିପତସ୍ଥିତ ସାଇ ସେଣ୍ଟରରେ ରାମ୍ ଅଦ୍ୱେଶଙ୍କ ଅଧୀନରେ ତାଲିମ ନେଉଥିଲେ। ମହିଳା ରିକର୍ଭ ବିଭାଗରେ ଦୀପିକା କୁମାରୀ ୨୦୦୯ ଓ ୨୦୧୧ରେ କ୍ୟାଡେଟ ଓ ୟୁଥ୍ ଚାମ୍ପିୟନ ହୋଇଥିଲେ। ପରେ ଏହି ସଫଳତା ୨୦୧୯ ଓ ୨୦୨୧ରେ ଦୋହରାଇଥିଲେ ତାଙ୍କ ଝାଡ଼ଖଣ୍ଡ ଟିମ୍‌ମେଟ୍ କୋମାଲିକା ବାରି। ମୋଟ ଉପରେ ୟୁଥ୍ ବିଶ୍ୱ ଚାମ୍ପିୟନ ହେବାରେ ସାଲୁଙ୍ଖେ ହେଉଛନ୍ତି ୬ଷ୍ଠ ଭାରତୀୟ। କମ୍ପାଉଣ୍ଡ ତୀରନ୍ଦାଜ ପଲଟନ ହାଁସଦା (୨୦୦୬) ଏବଂ ଅଦିତି ସ୍ୱାମୀ ଓ ପ୍ରିୟାଂଶ ଅନ୍ୟ ଭାରତୀୟ ଭାବେ ଏଠାରେ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ସାଲୁଙ୍ଖେ ପୂର୍ବରୁ ଜୁନ୍‌ରେ ସିଙ୍ଗାପୁର ଏସିଆ କପ୍ ଲେଗ୍-୩ରେ ଏକ ରୌପ୍ୟ ଜିତିଥିଲେ। ଗତବର୍ଷ ସୁଲେମନିୟା ଓ ଶାରଜାଠାରେ ସମାନ ଇଭେଣ୍ଟରେ ଦୁଇଟି ବ୍ରୋଞ୍ଜ ପାଇଥିଲେ। ଇତିମଧ୍ୟରେ ବିଶ୍ୱ ଚାମ୍ପିୟନଶିପ୍ ଓ ଏସିଆନ ଗେମ୍ସ ପାଇଁ ଦଳ ଚୂଡ଼ାନ୍ତ ହୋଇସାରିଛି। ତେଣୁ ସାଲୁଙ୍ଖେଙ୍କ ବର୍ତ୍ତମାନ ଅକ୍ଟୋବରରେ ହେବାକୁଥିବା ଏସିଆନ ଚାମ୍ପିୟନଶିପ୍ ଟ୍ରାଏଲ୍ସ ଉପରେ ନଜର ରହିଛି।

# ଲାରି ନାସାରଙ୍କୁ ଛୁରା ମାଡ଼

**ୱାଶିଂଟନ, ୧୦।୭ (ଏପି)**

ଅଲିମ୍ପିକ ପଦକ ବିଜେତାଙ୍କ ସମେତ ବହୁ ମହିଳା ଜିମ୍ନାଷ୍ଟଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଜେଲ ଦଣ୍ଡ ଭୋଗୁଥିବା କ୍ରୀଡ଼ା ଡାକ୍ତର ଲାରି ନାସାରଙ୍କୁ ଛୁରା ମାଡ଼ ହୋଇଛି। ଫ୍ଲୋରିଡାସ୍ଥିତ ଏକ ସଂଘୀୟ ବନ୍ଦୀଶାଳାରେ ଏହା ଘଟିଛି। କ୍ରୀଡ଼ା ଡାକ୍ତରଙ୍କ ସହ ବଚସା ପରେ ଜେଲ୍‌ର ଜଣେ ଅନ୍ତେବାସୀ ତାଙ୍କୁ



ଛୁରିରେ ଆକ୍ରମଣ କରିଥିଲେ। ଜଣେ ଦେଖଣାହାରୀଙ୍କ କହିବା ଅନୁସାରେ ନାସାରଙ୍କ ପିଠି ଓ ଛାତିରେ ଗଭୀର ଆଘାତ ଲାଗିଛି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଘଟଣାର ତଦନ୍ତ ଚାଲିଛି। ଫେଡେରାଲ କୋର୍ଟ ଦ୍ୱାରା ଦୋଷୀ ଜେଲଦଣ୍ଡ ଭୋଗୁଛନ୍ତି। ମିଚିଗାନ ଷ୍ଟେଟ୍ ୟୁନିଭର୍ସିଟି ଏବଂ ଇଣ୍ଡିଆନାପଲିସ୍ଥିତ ୟୁଏସ୍‌ଏ ଜିମ୍ନାଷ୍ଟିକ୍ସଠାରେ ଟ୍ରେନିଂ ବେଳେ ସେ ଆଥ୍ଲେଟମାନଙ୍କୁ ଯୌନ ନିର୍ଯାତନ ଦେଇଥିବା ସ୍ୱୀକାର କରିଥିଲେ। ଯୌନ ଶୋଷଣର ଶିକାର ହୋଇଥିବା ଆଥ୍ଲେଟଙ୍କ ମଧ୍ୟରେ ରହିଛନ୍ତି ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ସିମୋନ ବାଇଲ୍ସ।

# ନଟ୍ ୟେଟ୍ ଏଫ୍‌ସି ଚାମ୍ପିୟନ୍


ଟ୍ରଫି ସହ ଚାମ୍ପିୟନ ଦଳ।

**ଭୁବନେଶ୍ୱର, ୧୦।୭(ସରୋଜ ଜେନା)**

### ସିକ୍ସ ଏ ସାଇଡ୍ ଫୁଟସାଲ୍ ଟୁର୍ନାମେଣ୍ଟ

ଓଡ଼ିଶା ଫୁଟ୍‌ବଲ୍ କ୍ଲବ(ଓଏଫ୍‌ସି) ପକ୍ଷରୁ ଆୟୋଜିତ ସିକ୍ସ ଏ ସାଇଡ୍ ଫୁଟସାଲ୍ ଟୁର୍ନାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ନଟ୍ ୟେଟ୍ ଏଫ୍‌ସି। ରିଲାଏନ୍ସ ଫାଉଣ୍ଡେଶନ୍ ଓ ରୋଲରନଟ୍ସ ଏଫ୍‌ସି ଆନୁକୂଲ୍ୟରେ ଏଜି କଲୋନିରେ ଏହି ଟୁର୍ନାମେଣ୍ଟ ଜୁଲାଇ ୭ରୁ ୯ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମଗ୍ର ରାଜ୍ୟରୁ ୩୨ ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ନଟ୍ ୟେଟ୍ ଏଫ୍‌ସି ୩-୧ ଗୋଲରେ ଭୁବନେଶ୍ୱର ଦଳକୁ ପରାସ୍ତ କରିଥିଲା। ଓଡ଼ିଶାରେ ଯୁବ ଫୁଟବଲ ପ୍ରତିଭାଙ୍କୁ ସୁଯୋଗ ଦେବା ପାଇଁ ଏଭଳି ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ଓଏଫସି ପକ୍ଷରୁ କୁହାଯାଇଛି। ୱାର୍ଡ ନମ୍ବର୨୮ର କର୍ପୋରେଟର ଝରଣା ରାଣୀ ପତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।

# ଫାଓ ଲିଗ୍: କିଶୋର କ୍ଲବ ବିଜୟୀ

**କଟକ, ୧୦।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଓ ଲିଗର ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ କିଶୋର କ୍ଲବ ୩-୧ ଗୋଲରେ ଚାନ୍ଦ କ୍ଲବକୁ ପରାସ୍ତ କରିଛି। ମ୍ୟାଚର ୩ୟ ମିନିଟରେ କିଶୋର କ୍ଲବ ପକ୍ଷରୁ ଗୋପାଳ ଓରାମ ଏକମାତ୍ର ଗୋଲ ଦେଇଥିଲେ। ପରବର୍ତ୍ତୀ ସମୟରେ କିଶୋର କ୍ଲବ ପକ୍ଷରୁ ଅମର ଲାକ୍ରା, ପ୍ରଭାତ ଦଣ୍ଡସେନା, ଅଙ୍କିତ ବେହେରା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିବା ସହ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ରୋଭର୍ସ କ୍ଲବ ଏବଂ ୟଙ୍ଗ ଉତ୍କଳ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୨-୨ ଗୋଲରେ ଡ୍ର ରହିଥିଲା। ୟଙ୍ଗ ଉତ୍କଳ ପକ୍ଷରୁ ଦୀନବନ୍ଧୁ ଦାସ ଦୁଇଟି ଯାକ ଗୋଲ ଦେଇଥିଲେ। ରୋଭର୍ସ ଦଳର ସୁନୀଲ ମୁଣ୍ଡା ଏବଂ ସୁନୀଲ ଖିଲା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

# ସିରିଜ୍ ଜିତିବା ଲକ୍ଷ୍ୟରେ ଭାରତ

**ମୀରପୁର, ୧୦।୭**

### ଦ୍ୱିତୀୟ ମହିଳା ଟି୨୦

ଭାରତ ଓ ବାଂଲାଦେଶ ମହିଳା ଦଳ ମଧ୍ୟରେ ଦ୍ୱିପାକ୍ଷିକ ଟି୨୦ ସିରିଜର ଦ୍ୱିତୀୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ। ପ୍ରଥମ ମ୍ୟାଚ ଜିତିଥିବା ଭାରତ ଏହି ମ୍ୟାଚ ଜିତିବା ସହିତ ସିରିଜ୍ ବିଜୟୀ ହେବା ଲକ୍ଷ୍ୟରେ ରହିବ। ପ୍ରଥମ ମ୍ୟାଚ୍‌ରେ ଭାରତୀୟ ସ୍ପିନର ଓ ଅଧିନାୟିକା ହରମନ୍‌ପ୍ରୀତ୍ କୌର୍ ଭାରତକୁ ସହଜ ବିଜୟ ପ୍ରଦାନ କରିଥିଲେ।

ପ୍ରଥମ ମ୍ୟାଚ୍‌ରେ ଦୁଇ ସ୍ପିନର ମିନ୍ନୁ ମଣି ଓ ଅନୁଷା ବରେଡ୍ଡି ଭାରତ ପକ୍ଷରୁ ପଦାର୍ପଣ କରିଥିଲେ। ସେହିପରି ୧୯ ବର୍ଷରୁ କମ୍ ଦଳର ଉଇକେଟ କିପର ଉମା ଚେତ୍ରୀ ଭାରତୀୟ ଦଳରେ ଥିବାରୁ ୟସ୍ତିକା ଭାଟିଆଙ୍କ ସ୍ଥାନରେ ତାଙ୍କୁ ସୁଯୋଗ ମିଳିପାରେ। ସେହିପରି ପେସ୍ ବୋଲିଂ ବିଭାଗରେ ଭାରତ ପରିବର୍ତ୍ତନ କରିବାକୁ ଚାହିଁବ। ପ୍ରଥମ ମ୍ୟାଚ୍‌ରେ ଅମନଜୋତ କୌର୍ ମହଙ୍ଗା ସାବ୍ୟସ୍ତ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ରାଶି କନୋଜିୟା କିମ୍ବା ମୋନିକା ପଟେଲଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବାର ସମ୍ଭାବନା ରହିଛି।

**ମ୍ୟାଚ୍ ସ୍ଥାନ**
ଶେର୍ ଏ ବାଂଲା ନ୍ୟାଶନାଲ ଷ୍ଟାଡିୟମ, ଢାକା
ମ୍ୟାଚ୍ ସମୟ: ଅପରାହ୍ନ ୧.୩୦
ପ୍ରସାରଣ: ଫ୍ୟାନ୍‌କୋଡ୍

# ୱିମ୍ବଲଡନ୍ ଟେନିସ୍ | କ୍ୱାର୍ଟରରେ ଜୋକୋଭିଚ୍, ସାବାଲେଙ୍କା

**ୱିମ୍ବଲଡନ, ୧୦।୭**

ଟେନିସ୍ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ସର୍ବିୟାର ନୋଭାକ୍ ଜୋକୋଭିଚ୍ ଓ ବେଲାରୁଷର ଆରିନା ସାବାଲେଙ୍କା। ପୁରୁଷ ସିଙ୍ଗଲ୍ସ ବର୍ଗରେ ଜୋକୋଭିଚ୍‌ଙ୍କ ବ୍ୟତିତ ଡାନିଲ ମେଡଭେଡେଭ ଓ କ୍ରିଷ୍ଟୋଫର ୟୁବ୍ୟାଙ୍କସ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ପକ୍ଷରେ ମହିଳା ସିଙ୍ଗଲ୍ସରେ ଆମେରିକାର ମାଡିସନ୍ କିସ୍ ଓ କାଜାଖସ୍ତାନର ଏଲିନା ରିବାକିନା କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

ସୋମବାର ପୁରୁଷ ସିଙ୍ଗଲ୍ସର ପ୍ରଥମ ପ୍ରି କ୍ୱାର୍ଟରରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ନୋଭାକ ଜୋକୋଭିଚ ବିଶ୍ୱ ମାନ୍ୟତାର ୧୭ ନମ୍ବର ସ୍ଥାନରେ ଥିବା ହ୍ୟୁବର୍ଟ ହୁରକାଜଙ୍କ ପରାସ୍ତ କରିଛନ୍ତି। ୪ ସେଟ ବିଶିଷ୍ଟ ମ୍ୟାଚକୁ ଜୋକୋଭିଚ୍ ୭-୬(୮-୬),୭-୬(୮-୬), ୫-୭ ଓ ୬-୪ରେ ବିଜୟୀ ହୋଇଥିଲେ। ଅଲ ଇଂଲଣ୍ଡ କ୍ଲବର ଗ୍ରାସ୍ କୋର୍ଟରେ ଏହା ତାଙ୍କର କ୍ରମାଗତ ୩୨ ତମ ବିଜୟ ଥିଲା। ପ୍ରଥମ ଦୁଇ ସେଟ୍ ଟାଇବ୍ରେକରକୁ ଯାଇଥିବା ବେଳେ ଉଭୟ ସେଟ୍‌କୁ ଜିତି ନେଇଥିଲେ ଜୋକୋଭିଚ୍। ତୃତୀୟ ସେଟ୍‌କୁ ଜିତି ହୁରକାଜ ପ୍ରତ୍ୟାବର୍ତ୍ତନର ପ୍ରୟାସ କରିଥିବା ବେଳେ ଏହାକୁ ନିଷ୍ଫଳ କରି ଦେଇଥିଲେ ଜୋକୋଭିଚ୍। ଦ୍ୱିତୀୟ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଡାନିଲ ମେଡଭେଡଭ ଚେକ୍ ରିପବ୍ଲିକ୍‌ର ଜିରି ଲେହେକାଙ୍କୁ ପରାସ୍ତ କରିଥିଲେ। ମେଡଭେଡେଭ ୬-୪, ୬-୨ରେ ଆଗୁଆ ରହିଥିବା ବେଳେ ଆହତ ହୋଇ ଲେହେକା ଓହରିବା କାରଣରୁ ତାଙ୍କୁ ୱାକ୍ ଓଭର ମିଳିଥିଲା। ଆମେରିକାର କ୍ରିଷ୍ଟୋଫର ୟୁବ୍ୟାଙ୍କସ୍ ୫ ସେଟ୍ ବିଶିଷ୍ଟ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଗ୍ରୀସ୍‌ର ଷ୍ଟିଫାନୋସ୍ ସିଟ୍‌ସିପାସଙ୍କୁ ହରାଇଛନ୍ତି। ୩-୬, ୭-୬(୭-୪), ୩-୬, ୬-୪ ଓ ୬-୪ ସେଟରେ କ୍ରିଷ୍ଟୋଫର ୟୁବ୍ୟାଙ୍କସ୍ ଏହି ମ୍ୟାଚକୁ ଜିତି ନେଇଥିଲେ।


ନୋଭାକ୍ ଜୋକୋଭିଚ୍

ମହିଳା ସିଙ୍ଗଲ୍ସରେ ବେଲାରୁଷର ଆରିନା ସାବାଲେଙ୍କା ୬-୪, ୬-୦ରେ ରୁଷିଆର ଏକାଟେରିନା ଆଲେକ୍ସାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ସାବାଲେଙ୍କାଙ୍କୁ ପ୍ରଥମ ସେଟ୍‌ରେ ସାମାନ୍ୟ ପ୍ରତିରୋଧ ମିଳିଥିବା ବେଳେ ଦ୍ୱିତୀୟ ସେଟରେ ପ୍ରତିପକ୍ଷ ଖେଳାଳିଙ୍କୁ ଗୋଟିଏ ବି ପଏଣ୍ଟ ସ୍କୋର କରିବାକୁ ଦେଇ ନ ଥିଲେ। ମହିଳା ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚ୍‌ରେ ଆମେରିକାର ମାଡିସନ୍ କିସ୍ ୧୬ ବର୍ଷୀୟା ସେନ୍‌ସେସନ ମୀରା ଆଣ୍ଡ୍ରିଭାଙ୍କୁ ୩-୬, ୭-୬(୭-୪) ଓ ୬-୨ରେ ପରାସ୍ତ କରିଛନ୍ତି। ମୀରା ପ୍ରଥମ ସେଟ୍‌କୁ ଜିତିବା ପରେ ମାଡିସନ୍ ଦ୍ୱିତୀୟ ସେଟ୍‌କୁ ଟାଇବ୍ରେକରରେ ବିଜୟୀ ହୋଇଥିଲେ। ଅନ୍ତିମ ତଥା ନିର୍ଣ୍ଣାୟକ ସେଟ୍‌କୁ ଜିତିବା ସହିତ କ୍ୱାର୍ଟରରେ ପ୍ରବେଶ କରିଥିଲେ ମାଡିସନ୍। ବ୍ରାଜିଲର ବିଟ୍ରିଜ୍ ହଦଦ ମାଇଆଙ୍କ ବିପକ୍ଷ ମ୍ୟାଚ୍‌ରେ ୱାକ୍‌ଓଭର ପାଇ କ୍ୱାର୍ଟରରେ ପ୍ରବେଶ କରିଛନ୍ତି ସାବାଲେଙ୍କା। ପ୍ରଥମ ସେଟ୍‌ରେ ସାବାଲେଙ୍କା ୪-୧ରେ ଆଗୁଆ ରହିଥିବା ବେଳେ ଆହତ ହୋଇ ବିଟ୍ରିଜ୍ ଓହରି ଯାଇଥିଲେ। ଫଳରେ ସାବାଲେଙ୍କା ୱାକ୍‌ଓଭର ସହିତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଶିକ୍ଷକ ବଦଳି ପ୍ରତିବାଦରେ ଆନ୍ଦୋଳନ

ଯାଜପୁର ସଦର,୧୦।୭(ସମର ବିଜୟ ଶରଣ): ଶିକ୍ଷକ ବଦଳି ପ୍ରତିବାଦରେ ସୋମବାର ଯାଜପୁର ବ୍ଲକ ଅନ୍ତର୍ଗତ ସିମିଳିଆ ପଞ୍ଚାୟତ ମିରିଜାପୁର ନୋଡାଲ ଉପ୍ରା ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର ଓ ଅଭିଭାବକ ଆନ୍ଦୋଳନ କରିଛନ୍ତି। ଏଥିସହିତ ବିଦ୍ୟାଳୟ ସମ୍ମୁଖ ୨୦ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକଙ୍କ ସଂଖ୍ୟା କମ୍‌ଥିବାବେଳେ ପୁନଶ୍ଚ ଜଣେ ଶିକ୍ଷକଙ୍କ ବଦଳି ନିର୍ଦ୍ଦେଶ ହୋଇଛି। ଏକଥା ଜାଣିବା ପରେ ଛାତ୍ରୀଛାତ୍ର ଓ ଅଭିଭାବକ ବିରୋଧ କରିଛନ୍ତି। ୨୦ ନମ୍ବର ଜାତୀୟ ରାଜପଥ ଅବରୋଧ ଯୋଗୁ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ମୋଟର ଅଟକି ରହିଥିଲା। ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ସଦର ଥାନା ପୋଲିସ ଓ ସ୍ଥାନୀୟ ପୂର୍ବତନ ସରପଞ୍ଚ ପରେଶ ବିଶ୍ୱାଳ ପହଞ୍ଚି ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଛାତ୍ରୀଛାତ୍ର ରାସ୍ତାରୋକୋ ପ୍ରତ୍ୟାହାର କରି ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ବସିରହିଥିଲେ। ମାତ୍ର ଘଟଣାସ୍ଥଳକୁ ଶିକ୍ଷା ବିଭାଗର କୌଣସି ଅଧିକାରୀ ନ ଆସିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ସର୍ବେଶ୍ୱରଙ୍କ ପାଇଁ ଅଡୁଆ ବଢ଼ିଲା

**ମାଣ୍ଡୁକା ପାହାଡ଼ରୁ ମୋରମ ଲୁଟ୍ ମାମଲା**

- ସାଟେଲାଇଟ୍ ମାପଚୁପ ସମ୍ପନ୍ନ
- ୨୦କୋଟି ଟଙ୍କାର ଜରିମାନା ଆଦାୟ ସମ୍ଭାବନା

ଯାଜପୁର/ଚଣ୍ଡିଖୋଲ,୧୦।୭ (ହର୍ଷବର୍ଦ୍ଧନ ବେହେରା/ପ୍ରଦୀପ୍ତ ପୃଷ୍ଟି)

ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନରେ ଥିବା ମାଣ୍ଡୁକା ପାହାଡ଼ରୁ ମୋରମ ଲୁଟ୍ ଅଭିଯୋଗ ଉପରେ ସୋମବାର ପ୍ରଶାସନ ପକ୍ଷରୁ ସାଟେଲାଇଟ୍ ମାପଚୁପ ହୋଇଛି। ଏଥିରେ ଦର୍ପଣ ତହସିଲଦାର, ମାଇନିଂ ଅଫିସର, ସରକାରୀ ମାପଚୁପ ସଂସ୍ଥା ଓର୍ସାକ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) କର୍ତ୍ତୃପକ୍ଷ ସାମିଲ ଥିଲେ । ତେବେ ମାପଚୁପ ରିପୋର୍ଟ ମିଳିବା ପରେ ପ୍ରଶାସନ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ବିନା ଅନୁମତିରେ ମାଣ୍ଡୁକା ପାହାଡ଼ରୁ ପ୍ରାୟ ୫ ରୁ ୬ ଏକର ଅଞ୍ଚଳରୁ ମୋରମ ଲୁଟ ହୋଇଥିବା ଚର୍ଚ୍ଚା ହେଉଛି। ତେଣୁ ଉପଯୁକ୍ତ ଭାବେ ମାପଚୁପ କରାଗଲେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଘନମିଟର ମୋରମ ଲୁଟ ହୋଇଥିବା ଅନୁମାନ କରାଯାଇଛି। ମାପଚୁପରେ ଏହି ଅନୁମାନ ଯଦି ସତ ହୁଏ ତେବେ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ ସମ୍ଭାବନା ରହିଛି ବୋଲି ମତପ୍ରକାଶ ପାଇଛି। ଧର୍ମଶାଳା ତହସିଲରୁ କଳାପଥର ଲୁଟ ଉପରେ ସାଟେଲାଇଟ୍ ମାପଚୁପ କରି ଜରିମାନା ଆଦାୟ ପ୍ରକ୍ରିୟା ଚାଲିଥିବାବେଳେ ଦର୍ପଣ ତହସିଲରେ ମୋରମ ଲୁଟ ଅଭିଯୋଗ ଉପରେ ମାପଚୁପ ପ୍ରଥମ ବୋଲି କୁହାଯାଉଛି। ଗତ ୨ ତାରିଖରେ ମାଣ୍ଡୁକା ପାହାଡ଼ରେ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରାଙ୍କ ନିୟୋଜିତ ଏକ୍ସଭେଟର ଗାଡ଼ି ଜବତ ହୋଇଥିବାରୁ ଏହି ମାପଚୁପ ପ୍ରକ୍ରିୟା ତାଙ୍କ ପାଇଁ ଆହୁରି ଅଡୁଆ ହେବ ବୋଲି ଚର୍ଚ୍ଚା ହେଉଛି। ଏହାବାଦ୍ ଲିଜ୍ ଏରିଆ ବାହାରୁ ମୋରମ ଲୁଟ୍ ହୋଇଥିବାର ଅଭିଯୋଗ ହୋଇଥିବାରୁ ସଂପୃକ୍ତ ବ୍ୟବସାୟୀ ମଧ୍ୟ ଏଥିରେ ଫସିବାର ସମ୍ଭାବନା ରହିଛି।

ଯାଜପୁର ଜିଲାର ଧର୍ମଶାଳା ତହସିଲ ମୂଲ୍ୟବାନ୍ କଳାପଥର ଏବଂ ବଡ଼ଚଣା ବ୍ଲକ ଦର୍ପଣ ତହସିଲ ଅଞ୍ଚଳରେ ମୋରମ ଓ ମାଙ୍କଡାପଥର ବିପୁଳ ପରିମାଣରେ



ମାଣ୍ଡୁକା ପାହାଡ଼ରେ ଅଧିକାରୀମାନେ ମାପଚୁପ କରୁଛନ୍ତି।

ଗଚ୍ଛିତ ରହିଛି। ଧର୍ମଶାଳା ତହସିଲ ଅଞ୍ଚଳରେ କେତେକ କଳାପଥର ଖାଦାନକୁ ଲିଜ୍ ଦିଆଯାଇଥିବାବେଳେ ଏବେବି ଲୁଣିବର, ମାଲଗୋଡା, ବରଡା, ଆରୁହା, ଅଞ୍ଜିରା, କୁସୁନପୁର ଇତ୍ୟାଦି ପାହାଡ଼ର ଏକାଧିକ ଖାଦାନରୁ କଳାପଥର ଲୁଟ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଦର୍ପଣ ତହସିଲ ଅଞ୍ଚଳର ମାଣ୍ଡୁକା, ଭାଉରିଆପଦା, ବଇରି, ପାରିଆ, ସମିଆ, ସାଲପଡା ଆଦି ସ୍ଥାନରୁ ମାଙ୍କଡାପଥର ସହ ମୋରମ ଲୁଟ ଅଣାୟତ୍ତ ହୋଇଛି। ତେବେ ମାଣ୍ଡୁକା ପାହାଡ଼ରୁ ମୋରମ ଲୁଟ ଚାଲିଥିବାବେଳେ ବିଭିନ୍ନ ଗାଡ଼ି ଜବତ ସହ ୨ ଜଣଙ୍କୁ ଗିରଫ କରାଯାଇଛି। ବାଲିଚନ୍ଦ୍ରପୁର ଥାନାରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ଅଭିଯୋଗ ପରେ ସାମାଜିକ କର୍ମୀ ବେହୁରାଙ୍କ ନାମକୁ ମଧ୍ୟ ଏଥିରେ ସମ୍ପୃକ୍ତ କରାଯାଇଛି। ତେବେ ବେହୁରାଙ୍କ ବିରୋଧରେ ଏହା ଏକ ଷଡଯନ୍ତ୍ର ବୋଲି ଦର୍ଶାଇ ବିଭିନ୍ନ ସୂଚନା ଅଧିକାର କର୍ମୀ ଓ ସଙ୍ଗଠନ ପକ୍ଷରୁ ପ୍ରତିବାଦ କରାଯାଉଛି। ଅଭିଯୋଗ ଅନୁସାରେ ମାଣ୍ଡୁକା ମୌଜାର ୩୬୧୧ ପ୍ଲଟରେ ୧୨ ଏକର ଜମିରେ ମୋରମ ଉତ୍ତୋଳନ କରିବାକୁ ଭୁବନେଶ୍ୱର ବାବୁଜୀ ନଗରର ହରପ୍ରସାଦ ଷଡ଼ଙ୍ଗୀଙ୍କୁ ତହସିଲ ପକ୍ଷରୁ ଅନୁମତି ମିଳିଛି। ଅନୁମତି ଅନୁସାରେ ୨୦୨୧ ରୁ ୨୦୨୬ ପର୍ଯ୍ୟନ୍ତ ୫ ବର୍ଷ ଦୀର୍ଘମିଆଦୀ ଲିଜ୍ ଅନୁସାରେ ବର୍ଷକୁ ୧ କୋଟି ଟଙ୍କା ହିସାବରେ ଲିଜ୍ ଦିଆଯାଇଛି। ହେଲେ ଲିଜ୍ ଏରିଆ ବାହାରେ ୩୬୧୦ ନମ୍ବର ପ୍ଲଟରୁ ମୋରମ ବେଆଇନ ଭାବେ ଉତ୍ତୋଳନ ହେଉଥିବାବେଳେ ତହସିଲ ପ୍ରଶାସନ ପକ୍ଷରୁ ଚଢାଉ ହୋଇଥିଲା। ଅନ୍ୟପକ୍ଷେ ୨୦୨୨ ନଭେମ୍ବର ୨ରେ ଚଣ୍ଡିଖୋଲ ନୋଟାରିରେ ହୋଇଥିବା ଏକ ଚୁକ୍ତିପତ୍ରରେ ସର୍ବେଶ୍ୱର ବେହୁରା ତାଙ୍କ ହୁଣ୍ଡାଇ ଏକ୍ସଭେଟର ଲିଜ୍ ସୂତ୍ରରେ ବାଲିଚନ୍ଦ୍ରପୁର ଥାନାର ଅତ୍ୟୁତବସନ୍ତ ଗ୍ରାମର ମନୋଜ କୁମାର ରାୟଙ୍କୁ ଦେଇଥିବା ଦର୍ଶାଯାଇଛି। ତେବେ ଉକ୍ତ ଏକ୍ସଭେଟର କେଉଁ କାର୍ଯ୍ୟରେ ନିୟୋଜିତ ହେଉଥିଲା ତାହା ଏହି ଚୁକ୍ତିପତ୍ରରେ ସ୍ପଷ୍ଟ ହୋଇ ପାରିନାହିଁ। ଏକ୍ସଭେଟର ଗାଡ଼ିର ମାଲିକଙ୍କ ନାମ ଅନୁସାରେ ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ପଦକ୍ଷେପ ନିଆଯାଉଥିବା ଜଣାପଡିଛି। ତହସିଲଦାର ମାନସ ତ୍ରିପାଠୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିବାରୁ ତାଙ୍କ ମତାମତ ନିଆଯାଇ ପାରିନାହିଁ।

## ଆଳି,ରାଜକନିକା ବ୍ଲକ୍‌କୁ ହେବ ସବୁଦିନିଆ ସଂଯୋଗ

**ନୂଆ ବଜାର-ବାଲିତରା ସେତୁ ପାଇଁ ୯୭.୨୪ କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁରୀ**

ଭୁବନେଶ୍ୱର,୧୦।୭(ଅନିଲଦାସ)

ରାଜ୍ୟ ସରକାର ଇଞ୍ଜିନିୟରିଂ ପୋକ୍ୟୁଅରମେଣ୍ଟ ଆଣ୍ଡ କନ୍‌ଷ୍ଟ୍ରକ୍‌ସନ (ଇପିସି) ମୋଡ୍ ଚୁକ୍ତି ମାଧ୍ୟମରେ ଖରସ୍ରୋତା ନଦୀରେ କେନ୍ଦ୍ରାପଡା ଜିଲାର ନୂଆ ବଜାର-ବାଲିତରା ଘାଟ ରାସ୍ତାରେ ଏକ ଉଚ୍ଚ ସେତୁ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ସେତୁ କେନ୍ଦ୍ରାପଡ଼ା ଜିଲାର ଆଳି ଓ ରାଜକନିକା ବ୍ଲକକୁ ସଂଯୋଗ କରିବ। ଏଥିସହିତ ଭଦ୍ରକ ଜିଲାର ଚାନ୍ଦବାଲି ବ୍ଲକକୁ ମଧ୍ୟ ସବୁଦିନିଆ ସଂଯୋଗ କରିପାରିବ। ଏହି ପ୍ରକଳ୍ପ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସିଧାସଳଖ ସଂଯୋଗ ଯୋଗାଇ ଦେବା ସହ ଅର୍ଥନୈତିକ ବିକାଶରେ ସହାୟକ ହୋଇପାରିବ। ଏହି ପ୍ରକଳ୍ପ ପାଇଁ ଆହ୍ୱାନ କରାଯାଇଥିବା ୯୭ କୋଟି ୨୪ ଲକ୍ଷ ୫୦ ହଜାର ୧ ଟଙ୍କାର ଟେଣ୍ଡର କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହି ସେତୁର ନିର୍ମାଣ କାର୍ଯ୍ୟ ଆସନ୍ତା ୩୦ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

# ଅସହାୟ ଯୁବତୀଙ୍କ ବିବାହ କରାଇଲା କିନ୍ନର ସଂଘ



ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ନବଦମ୍ପତିଙ୍କୁ କିନ୍ନରମାନେ ଆଶୀର୍ବାଦ କରୁଛନ୍ତି।

ଯାଜପୁର ଟାଉନ,୧୦।୭ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ସହରସ୍ଥିତ ଜଗନ୍ନାଥ ମନ୍ଦିରରେ ସୋମବାର ଜଣେ ଅସାହାୟ ଯୁବତୀଙ୍କୁ ନିଜ ଉଦ୍ୟମରେ କିନ୍ନର ସଂଘ ବିବାହ କରାଇଛନ୍ତି। ଏହି ଘଟଣା ସାରା ସହରରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି। ଯାଜପୁର ସହରର ରଶ୍ମି ସାହୁ ନାମକ ଏହି ଯୁବତୀଙ୍କ ବାପାନାହାନ୍ତି। ତେଣୁ ବାହାଘର ପାଇଁ ରଶ୍ମିଙ୍କ ମା'କିନ୍ନର ସଂଘକୁ ସାହାଯ୍ୟ ମାଗିଥିଲେ। କିନ୍ନର ସଂଘ ଦଶରଥପୁର ବ୍ଲକ୍ ଅଧୀନ ଅହିୟାସ ଅଞ୍ଚଳର ଜଗନ୍ନାଥ ସାହୁ ନାମକ ଯୁବକଙ୍କୁ ବିବାହ କରିବା ଲାଗି ଠିକ୍ କରିଥିଲେ। ଉଭୟଙ୍କ ପସନ୍ଦ ପରେ ଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁସାରେ ବିବାହ ସମ୍ପନ୍ନ ହୋଇଛି। କିନ୍ନରମାନଙ୍କ ସାହାଯ୍ୟରେ ରଶ୍ମି ଓ ଜଗନ୍ନାଥ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। କିନ୍ନର ସଂଘ ନିଜ ସାଥୀମାନଙ୍କଠାରୁ ଅର୍ଥ ଆଦାୟ କରି ଏଭଳି ମହତ୍ କାର୍ଯ୍ୟ କରିଥିବାରୁ ବହୁତ ଖୁସିଥିବା କହିଛନ୍ତି। ଝିଅକୁ ମା'ଭଳି ସମସ୍ତ ପର୍ବପର୍ବାଣି ଓ ଦୁଃଖସୁଖରେ ସାହା ହେବେ ବୋଲି କିନ୍ନର ସଂଘ ପକ୍ଷରୁ କୁହାଯାଇଛି।

## ବିଜେଡିର ମିଶ୍ରଣ ପର୍ବ

ଧର୍ମଶାଳା,୧୦।୭(ବଟକୃଷ୍ଣ ପରିଡ଼ା):

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି,ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ପଟୁଣିଆ ପଞ୍ଚାୟତର ଅନ୍ୟ ଦଳର କର୍ମୀମାନେ ବିଜେଡିରେ ସାମିଲ ହୋଇଛନ୍ତି। ସୋମବାର ଅପରାହ୍ନରେ ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ କାର୍ଯ୍ୟାଳୟଠାରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବିଧାୟକ ବଳବନ୍ତରାୟ ଉପସ୍ଥିତ ରହି ଦଳୀୟ ଉତ୍ତରୀୟ ଦେଇ କର୍ମୀଙ୍କୁ ସ୍ୱାଗତ ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜଳଧର ମହାନ୍ତି, ନିରଞ୍ଜନ ବଳ, ଅମରେନ୍ଦ୍ର ରାୟ, କେଦାର ଗନ୍ତାୟତ, ଅକ୍ଷୟ ଗନ୍ତାୟତ, ଚନ୍ଦନ ଦଳେଇ, ଦୀପ୍ତିରଞ୍ଜନ ସାମଲ, ନିର୍ମଳ ପ୍ରଧାନ, ପ୍ରତାପ ପ୍ରଧାନ, କ୍ଷୀତିଶ ମହାନ୍ତି ଏବଂ ଜଗଦାନନ୍ଦ ରାଉତ ଉପସ୍ଥିତ ରହି ସହଯୋଗ କରିଥିଲେ। ବାରିଣୀ ଦଳେଇ, ସୁଧାଂଶୁ ଶେଖର ଗନ୍ତାୟତ(ବାବୁନା), କୈଳାସଚନ୍ଦ୍ର ଦଳେଇ, ଅଶୋକ ଦଳେଇ, ଶେଷଦେବ ଦଳେଇ ଓ ବାଦଲ ଦଳେଇଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି।



# ଡକାୟତି ଯୋଜନାବେଳେ ୬ ଗିରଫ

- ମାରଣାସ୍ତ୍ର ସହ ୫ ବାଇକ୍ ଜବତ
- ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ରହିଛି ମାମଲା

କଳିଙ୍ଗନଗର,୧୦।୭(ଶୁଭାଶିଷ ରାଉତ):

ଡକାୟତି ଯୋଜନାବେଳେ ଦାନଗଦି ଫାଣ୍ଡି ପୋଲିସ ରବିବାର ରାତିରେ ସୋଲେଇ ଗ୍ରାମ ନିକଟରୁ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ମାରଣାସ୍ତ୍ର ଓ ଲୁହା ଛଡ଼ ଏବଂ ସେମାନେ ପୂର୍ବରୁ ଲୁଟ୍ କରିଥିବା ୫ ବାଇକ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କଳିଙ୍ଗନଗର ଥାନା ସାରଙ୍ଗପୁର ଗ୍ରାମର ଗୌତମ ଜେନା ଓରଫ୍ କୁଟୁରୀ (୩୬), ଯାଜପୁର ରୋଡ୍ ଥାନା ଯୋଗୀ ସାହିର ବନମାଳୀ ସାଏ(୨୩), ସେହି ଗ୍ରାମର ବିଶ୍ୱରଞ୍ଜନ ପୂର୍ତ୍ତି ଓରଫ୍ କୁମ୍ଭୀର(୨୪), ଦାନଗଦି ତ୍ରିଜଙ୍ଗା ହୁଡ଼ିସାହି ଗ୍ରାମର ରବୀନ୍ଦ୍ର ପାତ୍ର (୨୮), ଦାନଗଦିର ଗୌରାଙ୍ଗ ହାଁସଦା(୨୨) ଓ ଦାନଗଦି ଗୋପାଳପୁର ଗ୍ରାମର ମାଙ୍ଗା ସୋରେନ(୨୩)।

ରାତି ପ୍ରାୟ ୮ଟାବେଳେ ଅଭିଯୁକ୍ତମାନେ ଡକାୟତି ଯୋଜନା କରୁଥିବାବେଳେ ଦାନଗଦି ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୋଲେଇ ଆଦିବାସୀ ସାହି ଫୁଟବଲ ପଡିଆ ନିକଟରେ ଚଢ଼ାଉ କରିଥିଲା। ଯାଜପୁର ରୋଡ ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ସେଠାରୁ ଗିରଫ କରାଯାଇଥିଲା। ପରେ ପୋଲିସ ତନାଘନା କରି ସେମାନେ ପୂର୍ବରୁ ଲୁଟ କରିଥିବା ବାଇକ୍‌ଗୁଡ଼ିକୁ ଜବତ କରିବାକୁ





ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛି ପୋଲିସ (ଉପର) ଓ ଜବତ ବାଇକ୍।

ସକ୍ଷମ ହୋଇଛି। ପୋଲିସ ସେମାନଙ୍କ ନିକଟରୁ ୬ଟି ମୋବାଇଲ ଫୋନ, ଏକ ଧାରୁଆ ଖଣ୍ଡା, ୨ଟି ଲୁହା ଛଡ ଓ ୩ଟି ବାଡି ଜବତ କରିଛି।

ଗିରଫ କୁଟୁରୀଙ୍କ ନାମରେ ପୂର୍ବରୁ କଳିଙ୍ଗନଗର ଥାନାରେ ୧୪, ଯାଜପୁର ରୋଡ ଥାନାରେ ୬, ଜଖପୁରା ଓ କୋରେଇ ଥାନାରେ ଗୋଟିଏ ଲେଖାଏ, କଟକ ମଙ୍ଗଳବାଗ ଥାନାରେ ଗୋଟିଏ, ଭଦ୍ରକ ଜିଆର୍‌ପି ଥାନାରେ ଗୋଟିଏ ମାମଲା ରହିଛି। ବିଶ୍ୱରଞ୍ଜନଙ୍କ ନାମରେ ଯାଜପୁର ରୋଡ୍ ଥାନାରେ ୧୦, ଗୋଟିଏ ନନ ବେଲ ୱାରେଣ୍ଟ ଏବଂ କଳିଙ୍ଗନଗର ଥାନାରେ ୨ଟି ମାମଲା ରହିଛି। ବନମାଳୀଙ୍କ ଯାଜପୁର ରୋଡ ଥାନାରେ ୧୪, ଭଦ୍ରକ ଜିଆରପି ଥାନାରେ ଗୋଟିଏ ମାମଲା ରହିଛି। ରବୀନ୍ଦ୍ରଙ୍କ ନାମରେ ଯାଜପୁର ରୋଡ ଥାନାରେ ୬ ଓ ଜଖପୁରା ଥାନାରେ ଗୋଟିଏ ମାମଲା ରହିଛି। ମାଙ୍ଗାଙ୍କ ନାମରେ କଳିଙ୍ଗନଗର ଓ ଯାଜପୁର ରୋଡ ଥାନାରେ ୨ଟି ଲେଖାଏ ମାମଲା ରହିଛି। ଯାଜପୁର ରୋଡ୍ ଥାନା କେସ ନଂ.୩୦୧/୨୩ରେ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ସ୍କର୍ପିଓ-ଅଟୋ ମୁହାଁମୁହିଁ: ୪ ଗୁରୁତର

ଯାଜପୁର ଟାଉନ,୧୦।୭ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ବ୍ଲକ୍ ଅନ୍ତର୍ଗତ ମୂଳାପାଳ ଛକ ନିକଟରେ ସୋମବାର ମଧ୍ୟାହ୍ନରେ ସ୍କର୍ପିଓ ଓ ଅଟୋ ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ୪ଜଣ ଗୁରୁତର ହୋଇ କଟକ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ଯାଜପୁର ସହର ମହାବୀର ଛକରୁ ଜ୍ଞାନରଞ୍ଜନ ରାୟ, ସ୍ୱପ୍ନାରାଣୀ ରାୟ, ରାଜେନ୍ଦ୍ର ପ୍ରସାଦ ରାୟ ଓ ସିମରନ ରାୟ ଏକ ଅଟୋ ଯୋଗେ ଯାଜପୁର ରୋଡ୍ ରେଲୱେ ଷ୍ଟେଶନ୍‌କୁ ଯାଉଥିଲେ। ଏହି ସମୟରେ ସଠିପୁର ଆଡୁଯାଜପୁର ଟାଉନ୍ ଆଡ଼କୁ ଆସୁଥିବା ଏକ ସ୍କର୍ପିଓ ଅଟୋକୁ ଧକ୍କା ଦେଇଥିଲେ। ଫଳରେ ଅଟୋରେ ବସିଥିବା ୪ ଜଣ ଗୁରୁତର ହୋଇଥିଲେ। ସେହି ସମୟରେ ଯାଜପୁର ପରିବହନ କାର୍ଯ୍ୟାଳୟର ଇଣ୍ଟରସେପ୍ଟର ଡ୍ରାଇଭର ଦିବାକର ସାହୁ ଆସୁଥିବାବେଳେ ଗୁରୁତରଙ୍କୁ ଦେଖି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏଠାରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା।

# ସ୍ୱାମୀଙ୍କ ମାଡ଼ ସହି ନ ପାରି ଘର ଛାଡ଼ିଲେ ସ୍ତ୍ରୀ

**ଥାନାରେ ଅଭିଯୋଗ କରିବାକୁ ୧୦ କି.ମି. ଚାଲିଲେ**

ରସୁଲପୁର,୧୦।୭(ରଞ୍ଜିତ ରାଉତ):

ସ୍ୱାମୀଙ୍କ ମାଡ଼ ସହ୍ୟ କରି ନ ପାରି ସ୍ତ୍ରୀ ଘର ଛାଡ଼ିଛନ୍ତି। ଏଥିସହିତ ସ୍ୱାମୀଙ୍କ ନାମରେ ଥାନାରେ ଅଭିଯୋଗ କରିବାକୁ ସେ ୧୦ କି.ମି. ଊର୍ଦ୍ଧ୍ୱ ରାସ୍ତା ଚାଲିଚାଲି ଆସିଛନ୍ତି। ଏଭଳି ଘଟଣା କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ପଞ୍ଚାୟତ କୃଷ୍ଣପଡା ଗ୍ରାମରେ ଘଟିଛି। ଗ୍ରାମର ଆଲୋକ ବେହେରା ନାମକ ବ୍ୟକ୍ତି ତାଙ୍କ ସ୍ତ୍ରୀ ଟିକିଲି ଓରଫ୍ ଇପ୍ସିତା ପ୍ରିୟଦର୍ଶିନୀ ବେହେରାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି।

ଢେଙ୍କାନାଳ ଜିଲା ଭୁବନ ଗ୍ରାମର ମହିଳା ଟିକିଲିଙ୍କ ଅଭିଯୋଗ ମୁତାବାକ, ୫ବର୍ଷ ତଳେ ସେ କୃଷ୍ଣପଡ଼ା ଗ୍ରାମର ଅଲୋକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ଏକ ୪ବର୍ଷର ପୁଅ ରହିଛି। ହେଲେ ଅଲୋକ ବିନା କାରଣରେ ତାଙ୍କୁ ନାନା ସମୟରେ ମାରଧର କରୁଛନ୍ତି। ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରୁଛନ୍ତି। ଶରୀରର ସମ୍ବେଦନଶୀଳ ଅଂଶକୁ ମାଡ ମାରିବାକୁ ପଛାଉନାହାନ୍ତି। ଏଭଳି ବାରମ୍ବାର ମାରଧରକୁ ସହ୍ୟ କରି ନ ପାରି ସୋମବାର ଅପରାହ୍ନରେ



ଟିକିଲି ବେହେରା

ଟିକିଲି ଘରୁ ପଳାଇ ଆସିଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଘର ଛାଡ଼ିବାକୁ ବାଧ ହୋଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ସେ ସ୍ୱାମୀଙ୍କ ନାମରେ ଥାନାରେ ଅଭିଯୋଗ କରିବାକୁ ଆସି ୧୦ କି.ମି.ରୁ ଊର୍ଦ୍ଧ୍ୱ ଚାଲିବା ପରେ ଥାନା ନ ପାଇ ଭୋଟକା ପଞ୍ଚାୟତର ବଣିଛକ ନିକଟରେ ପହଞ୍ଚିଥିଲେ। ଚାଲି ଚାଲି ଥକି ପଡିବାରୁ ଛକରେ ଥିବା ଏକ ଦୋକାନ ବାରଣ୍ଡାରେ ବିଶ୍ରାମ ନେଇଥିଲେ। ଲୋକଙ୍କୁ ଦେଖି ଟିକିଲି କାନ୍ଦିବାକୁ ଲାଗିଥିଲେ। କାନ୍ଦିବାର କାରଣ ସମ୍ପର୍କରେ ଲୋକେ ଅବଗତ ହୋଇ ତାଙ୍କ ବାପଘର ଲୋକଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ମା' କୁନି ବେହେରା ଓ ବାପା ଲକ୍ଷ୍ମୀଧର ବେହେରା ସନ୍ଧ୍ୟାରେ ଛକରେ ପହଞ୍ଚିଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଟିକିଲି ଓ ତାଙ୍କ ମା'ବାପା କୁଆଖିଆ ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ଝିଅଙ୍କ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କୁ ସାଙ୍ଗରେ ଘରକୁ ନେଇଯିବେ ବୋଲି ବାପା ଲକ୍ଷ୍ମୀଧର ପ୍ରକାଶ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଟିକିଲିଙ୍କ ସ୍ୱାମୀଙ୍କୁ ଥାନାକୁ ଡାକି ତଦନ୍ତ ଚଳାଇଛି। ମାତ୍ର ଟିକିଲିଙ୍କ ସ୍ୱାମୀ ସହ ଯୋଗାଯୋଗ ହୋଇ ନ ପାରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବିଦ୍ୟୁତ୍ ସମସ୍ୟା ସମାଧାନ ଦାବିରେ ବିକ୍ଷୋଭ

ବ୍ରହ୍ମବରଦା,୧୦।୭ (ଯଯାତି କେଶରୀ ବେହେରା):

ରସୁଲପୁର ବ୍ଲକ୍ ଅର୍ନ୍ତଗତ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ବିଦ୍ୟୁତ୍ ଅଫିସ ସମ୍ମୁଖରେ ବ୍ରହ୍ମବରଦା ଦ୍ୱୀପାଞ୍ଚଳ କଂଗ୍ରେସ କମିଟି ପକ୍ଷରୁ ଗଣଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବରୀ ନିର୍ବାଚନମଣ୍ଡଳୀ କଂଗ୍ରେସ ସଭାନେତ୍ରୀ ଆରତି ଦେଓଙ୍କ ସଭାପତିତ୍ୱରେ ଏହି ଆନ୍ଦୋଳନ କରାଯାଇଛି। ବ୍ରହ୍ମବରଦା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବା ଏବଂ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ କରିବା ଓ ଅହେତୁକ ବିଦ୍ୟୁତ୍ ଦର ବୃଦ୍ଧି ନେଇ ବ୍ରହ୍ମବରଦାସ୍ଥିତ ଟିପିଏନଓଡିଏଲ ଅଫିସ ସମ୍ମୁଖରେ ବ୍ରହ୍ମବରଦା, ଚାନ୍ଦପୁର ଓ ମହେଶ୍ୱରପୁରର ଶହଶହ ବିଦ୍ୟୁତ୍ ଉପଭୋକ୍ତା ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଜୁନ ୮ତାରିଖରେ ବ୍ରହ୍ମବରଦାଠାରେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ବିଦ୍ୟୁତ୍ ଗ୍ରୀଡ୍ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଆମେ ପାୱାର କଟ କରୁ ନାହୁଁ ବରଂ ଅତ୍ୟଧିକ ଲୋଡ଼ ଯୋଗୁଁ ପାୱାର ଟ୍ରିପ କରିଯାଉଛି ବୋଲି କହିଥିଲେ। ମାତ୍ର



ବ୍ରହ୍ମବରଦା ଦ୍ୱୀପାଞ୍ଚଳ କଂଗ୍ରେସ କମିଟି ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯାଇଛି।

୩୩/୧୧କେଭି ଗ୍ରୀଡ୍ ଉଦ୍‌ଘାଟନ ଦିନରୁ ବ୍ରହ୍ମବରଦା ଅଞ୍ଚଳରେ ଅତ୍ୟଧିକ ଅଘୋଷିତ ବିଦ୍ୟୁତ୍ କାଟ ହେବା ସହିତ ଉପଭୋକ୍ତା ଲୋଭୋଲଟେଜ ସମସ୍ୟାର ସିଧାସଳଖ ଶିକାର ହେଉଛନ୍ତି। ତେଣୁ ବ୍ରହ୍ମବରଦା ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ବନ୍ଦ କରିବା, ସ୍ଥାନୀୟ ୩୩/୧୧କେଭି ଗ୍ରୀଡକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା, ଅହେତୁକ ବିଦ୍ୟୁତ୍ ଦର ଉପରେ ଲଗାମ ଲଗାଇବା, ପ୍ରତିମାସ ଏକ ନିର୍ଦ୍ଦିଷ୍ଟ ତାରିଖରେ ବିଦ୍ୟୁତ ବିଲ ଦେବା, ବିଲ ଆଦାୟ ବେଳେ ଗ୍ରାହକଙ୍କ ଉପରେ ଜୁଲୁମ ବନ୍ଦ କରିବା ଏବଂ ନିର୍ଦ୍ଦିଷ୍ଟ ତାରିଖରେ ବିଲ ଆଦାୟ କରିବା ଆଦିକୁ ନେଇ କୁଆଖିଆ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ସୀତାଂଶୁ ଶେଖର ଶତପଥୀଙ୍କୁ ଏକ ୬ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଗଣବିକ୍ଷୋଭରେ ସେକ୍ ତଫିରୁଦ୍ଦିନ, ସେକ୍ ମେହେବୁବ୍, ସେକ୍. ଇନ୍ତିୟାଜ, ଅନନ୍ତ ଘଡ଼ାଇ, ସଂଗ୍ରାମ ରାଉତ, ସେକ୍. ଫକ୍ରୁରୁଦ୍ଦିନ, ସେକ୍ ଅମରୁଲ୍ଲ, ସେକ୍ ଜାହାଙ୍ଗିର, ସେକ୍ ନୁରୁଲ୍ଲା, ସେକ୍ ସାଜନ ଏବଂ ବିଭୁତି ମାହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ବୋମା ବିସ୍ଫୋରଣରେ ଜଣେ ଆହତ,ଅଭିଯୁକ୍ତ ଗିରଫ

ବେଗୁନିଆପଡ଼ା,୧୦।୭(ସୁଶାନ୍ତ ପଟ୍ଟନାୟକ)-ଗଞ୍ଜାମ ଜିଲା କୋଦଳା ଏନଏସି ଅନ୍ତର୍ଗତ ବଂଗଲା ସାହିରେ ସିରିଜ୍ ବୋମା ବିସ୍ଫୋରଣ ଘଟାଇଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ସୋମବାର ପୋଲିସ କୋର୍ଟ ଚାଲାଣ କରିଛି। ସେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ନୂଆଁ ଫାସୁଲା ଗ୍ରାମର ଅଭିଯୁକ୍ତ ସୀତାରାମ ରାଉଳ(୩୦)। ତାଙ୍କଠାରୁ ଗୋଟିଏ ଖଣ୍ଡା, ୫ ବୋମା ଜବତ କରାଯାଇଛି। ରବିବାର ସୀତାରାମ କୋଦଳା ରେଞ୍ଜର ବଂଗଲା ସାହିରେ ୬ ବୋମା ସିରିଜ୍ ବିସ୍ଫୋରଣ ଘଟାଇଥିଲେ। ବିସ୍ଫୋରଣରେ ଜଣେ ବ୍ୟକ୍ତି ଆହତ ହୋଇଥିଲେ। ଅଭିଯୁକ୍ତଙ୍କ ବାପା, ଭାଇ ମଧ୍ୟ ଖଲ୍ଲିକୋଟ ଅଞ୍ଚଳରେ ବୋମା ବିସ୍ଫୋରଣ କରିଥିବା ନେଇ ପୂର୍ବରୁ ମାମଲା ରହିଛି। ଅଭିଯୁକ୍ତଙ୍କ ନାଁରେ ହତ୍ୟା, ବୋମା ବିସ୍ଫୋରଣ, ଚୋରି, ଡକାୟତି ଉଦ୍ୟମ ଭଳି ପୂର୍ବରୁ ଅନେକ ସଙ୍ଗୀନ ମାମଲା ଖଲ୍ଲିକୋଟ ଥାନାରେ ରହିଥିବା ନେଇ କୋଦଳା ଥାନା ଅଧିକାରୀ ଉମାକାନ୍ତ ସାହୁ କହିଛନ୍ତ।

### ୨୦୦୧ମାଟ୍ରିକ୍ ବ୍ୟାଚର ବନ୍ଧୁ ମିଳନ

କବିସୂର୍ଯ୍ୟନଗର,୧୦।୭(କୃପାସିନ୍ଧୁ ସ୍ୱାଇଁ)-କବିସୂର୍ଯ୍ୟନଗର ଶ୍ରୀମର୍ଦ୍ଦରାଜ ହାଇସ୍କୁଲ ୨୦୦୧ ମାଟ୍ରିକ ବ୍ୟାଚ ସମସ୍ତ ୮୧ ଛାତ୍ରଙ୍କୁ ନେଇ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟ ରକ୍ତଦାତା ସଂଘ ସଭାପତି ସୁମନ୍ତ କୁମାର ଚର୍ଚ୍ଚି ନେତୃତ୍ୱ ନେଇଥିଲେ। ବଣଭୋଜୀର ମଜା ନେବା ସହ ଆଗାମୀ ବର୍ଷ ପାଇଁ ପୁଣି ଆଲୁମିନି ମିଟ ପାଇଁ ପ୍ରସ୍ତାବ ରଖିଥିଲେ।

### ମୁଣ୍ଡମରାଇରେ ଆଧ୍ୟାତ୍ମିକ ସାଧନା ଶିବିର

ଧରାକୋଟ,୧୦।୭(ବିଷ୍ଣୁକେଶରୀ ଆଚାର୍ଯ୍ୟ):ମୁଣ୍ଡମରାଇ ଦିବ୍ୟଜୀବନ ସଂଘ ଶାଖାଠାରେ ଆସିକା ଦିବ୍ୟ ଜିଲା ଆନୁକୁଲ୍ୟରେ ଏକ ଦିବସୀୟ ଯୁବ ଶିବିର ଓ ଆଧ୍ୟାତ୍ମିକ ସାଧନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାର୍ଥନା, ଜପ ପ୍ରାଣାୟମ, ଗୁରୁ ପାଦପୂଜା, ଯୋଗାସନ ଆଦି ଗଣେଶ ଚନ୍ଦ୍ର ପାତ୍ରଙ୍କ ଦ୍ୱାରା କରାଯାଇଥିଲା। ଦକ୍ଷିଣ ଓଡ଼ିଶା ଦିବ୍ୟ ଜୀବନ ସଂଘ ସମନ୍ୱୟ ସମିତିର ସଂଗଠକ ଜୟଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଭିନ୍ନ ପ୍ରାନ୍ତର ଶାଖା ତଥା ଧରାକୋଟ ସତ୍ୟସାଇ ଭଜନ ମଣ୍ଡଳୀ ସମୂହରୁ ଆସିଥିବା ପ୍ରତିନିଧି ଯୁବବର୍ଗ ଛାତ୍ରୀଛାତ୍ର ସଂଘ ପ୍ରେମୀ ମାନଙ୍କୁ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟନଗର ଗୁରୁଭାଇ ବଂଶୀଧର ପ୍ରଧାନ ଦେଇଥିଲେ। ସଂଘ ସଭାପତି ତ୍ରିନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଭିକାରି ଚରଣ ପାତ୍ର , ଦୀନବନ୍ଧୁ ମହାରଣା, ଗୌତମ ପାତ୍ର ସହଯୋଗ କରିଥିଲେ। ଦିବ୍ୟଜୀବନ ସଂଘର ସଂଯୋଗକ ୟୁ. ନାଗେଶର ରାଓ ପରିଚାଳନା କରିଥିଲେ।

### ୧୦୩ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ

ରାଇକିଆ,୧୦।୭(ପ୍ରଦୀପ ବେହେରା) ରାଇକିଆ ବ୍ଲକ କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ବସନ୍ତ ସାହୁ ସୋମବାର ୧୦୩ ଅଭିଯୋଗର ଶୁଣାଣି କରିଛନ୍ତି। ସେଥିରୁ ୭୫ ବ୍ୟକ୍ତିଗତ ଏବଂ ୨୮ ସାମୁହିକ ଅଭିଯୋଗ ରହିଥିଲା। ବିଶେଷ କରି ପାନୀୟ ଜଳ ସମସ୍ୟା, ଭତ୍ତା, ଆବାସ ଯୋଜନା, ଖାଦ୍ୟ ସୁରକ୍ଷା କାର୍ଡ ସମ୍ପର୍କୀତ ଅଭିଯୋଗ ମଧ ରହିଥିଲା। ରାଇକିଆ ପଞ୍ଚାୟତର ମାସେଡିକିଆ ଅଞ୍ଚଳର ଚାଷୀଙ୍କ ପାଇଁ ଉଠା ଜଳ ସେଚନର ସୁବିଧା ଯୋଗାଇଦେବା ପାଇଁ ଲିଖିତ ଅଭିଯୋଗ ହୋଇଥିଲା। ଦୁଇ ଜଣଙ୍କୁ ଶ୍ରବଣ ଯନ୍ତ୍ର ଓ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ସମେତ ବାଲିଗୁଡା ଉପ ଜିଲାପାଳ ଏମ୍ଏସ ମଧୁମିତା, ଅତିରିକ୍ତ ଏସ୍‌ପି ବାସୁଦେବ ସାହୁ, ଅତିରିକ୍ତ ଜିଲା ଉନ୍ନୟନ ଅଧିକାରୀ ହର ପ୍ରସାଦ ଭୋଇ, ରାଇକିଆ ବିଡିଓ ଶରତ ପାତ୍ର ଏବଂ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ମଧ ଉପସ୍ଥିତ ଥିଲେ।

# ଆଟେଣ୍ଡାଣ୍ଟରେ ଚାଲିଛି ବୁଢ଼ାଗୁଡା ସ୍ୱାସ୍ଥ୍ୟକେନ୍ଦ୍ର

- ଡାକ୍ତର ଅନୁପସ୍ଥିତିକୁ ନେଇ ଅସନ୍ତୋଷ
- ଘଣ୍ଟା ଘଣ୍ଟା ଅପେକ୍ଷାରେ ରୋଗୀ

ଦାରିଙ୍ଗବାଡି,୧୦।୭(ଅରୁଣ ସାହୁ)



ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକରେ ରୋଗୀମାନେ ଡାକ୍ତରଙ୍କୁ ଅପେକ୍ଷା କରିଛନ୍ତି।

ଦାରିଙ୍ଗବାଡି ବ୍ଲକ ବୁଢ଼ାଗୁଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ରହୁନଥିବାରୁ ରୋଗିମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ଭୋଗୁଛନ୍ତି। ଡାକ୍ତର ଜଣେ ଗତ ମାସରେ ନୂତନ ଭାବେ ନିଯୁକ୍ତି ପାଇବା ପରେ କିଛିଦିନ କାର୍ଯ୍ୟ କରି ଆଉ ଆସୁନଥିବା ଲୋକେ ଅଭିଯୋଗ କରିଛନ୍ତି। ବୁଢ଼ାଗୁଡା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଉକ୍ତ ବ୍ଲକର ଗୁମିକିଆ, ତିଲୋରୀ, ବୁଢ଼ାଗୁଡା ପଞ୍ଚାୟତ ସମେତ ବାଲିଗୁଡା ବ୍ଲକର ରଡୁଙ୍ଗିଆ, କୋଟଗଡ ବ୍ଲକର ପକାରୀ, ରାଣିପାଙ୍ଗା ଆଦି ଅଞ୍ଚଳର ପ୍ରାୟ ୮ ପଞ୍ଚାୟତର ୩୦ ହଜାର ଲୋକ ନିର୍ଭର କରୁଛନ୍ତି । ହେଲେ ସେଠାରେ ନିୟମିତ ଡାକ୍ତର ଓ ଫାର୍ମାସିଷ୍ଟ କେହି ରହୁନଥିବା ବେଳେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଜଣେ ଆଟେଣ୍ଡାଣ୍ଟରେ ଚାଲିଛି ସ୍ୱାସ୍ଥ୍ୟ କେନ୍ଦ୍ର। ରୋଗୀଙ୍କୁ ଆଟେଣ୍ଡାଣ୍ଟମାନେ ଚିକିତ୍ସା କରୁଥିବା ବେଳେ ଅନେକ ସମୟରେ ମରଣ ମୁହଁରେ ରୋଗି ପଡୁଛନ୍ତି, ଯଦିବି କେହି ଡାକ୍ତର ଉପସ୍ଥିତ ଥାନ୍ତି ସାଧାରଣ ରୋଗ ପାଇଁ ମଧ ଦାରିଙ୍ଗବାଡି, ବାଲିଗୁଡା କିମ୍ବା ଫୁଲବାଣୀକୁ ରେଫର କରିଦିଅନ୍ତି ଫଳରେ ରୋଗି ଓ ପରିବାର ବହୁ ଖର୍ଚ୍ଚାନ୍ତରେ ପଡିଥାନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରିୟଦର୍ଶିନୀ ତ୍ରିପାଠୀ କହିଛନ୍ତି ଯେ ଡାକ୍ତରଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ସେ ଛୁଟିରେ ଯାଇଛନ୍ତି । ଏନେଇ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି, ଡାକ୍ତର ବୁଢ଼ାଗୁଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁପସ୍ଥିତ ରହିଥିବା ତାଙ୍କ ନିକଟରେ କୌଣସି ଖବର ନାହିଁ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଇନଚାର୍ଜ ସାମନ୍ତରାୟ ଓ ବୁଢ଼ାଗୁଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କ କଥାରେ କୌଣସି ତାଳମେଳ ନଥିବାରୁ ସତ୍ୟତା କିଛି ଜଣାପଡ଼ିନାହିଁ। ପ୍ରକାଶ ଯେ, ବୁଢ଼ାଗୁଡା ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଭାବେ ଗତ ୨୬ରେ ଜଣେ ଡାକ୍ତର ନିଯୁକ୍ତି ପାଇଥିଲେ। ପରେ ୫ ଦିନପାଇଁ ତାଙ୍କର ଏକ ଟ୍ରେନିଂ ପଡିଥିଲା, ଟ୍ରେନିଂ ସରିଯାଇଥିଲେ ସୁଦ୍ଧା ଡାକ୍ତର ଜଣକ କାହିଁକି ଆସୁନାହାନ୍ତି ଓ ଛୁଟି ଦରଖାସ୍ତ ନଦେଇ କିଭଳି ସେ ରହିଛନ୍ତି ତାର ତଦନ୍ତ କରାଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଇନଚାର୍ଜ ସାମନ୍ତରାୟ କହିଛନ୍ତି।

# ଗୁଟ୍‌ଖା ଦୋକାନରେ ଚଢ଼ାଉ


ଦୋକାନରେ ଯାଞ୍ଚ ଚାଲିଛି।

କବିସୂର୍ଯ୍ୟନଗର,୧୦।୭(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ସହରର ବିଭିନ୍ନ ପାନ ଦୋକାନ, ତେଜରାତି ଆଦି ଦୋକାନରେ ଗୁଟ୍‌ଖା, ଗୁଡ଼ାଖୁ, ନାସ ଆଦି ନିଶାଦ୍ରବ୍ୟ ବେଧଡ଼କ ବିକ୍ରି ଚାଲିଛି। ସୋମବାର ପୂର୍ବାହ୍ନରେ ବ୍ରହ୍ମପୁରରୁ ଜିଲାସ୍ତରୀୟ ତମାଖୁ ନିୟନ୍ତ୍ରଣ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ପକ୍ଷରୁ ସ୍ଥାନୀୟ ପୋଲିସ ସହାୟତାରେ ବିଭିନ୍ନ ତମାଖୁ ଦୋକାନରେ ଚଢ଼ାଉ କରାଯାଇଥିଲା। ସ୍କ୍ୱାଡ ଅଫିସର ଅନନ୍ତ କୁମାର ନାୟକ ନେତୃତ୍ୱରେ ବିଭିନ୍ନ ଦୋକାନରେ ଚଢ଼ାଉ କରି ଜରିମାନା ଆଦାୟ କରାଯାଇଥିଲା। କବିସୂର୍ଯ୍ୟନଗର ସହରର ବସଷ୍ଟାଣ୍ଡ ଅଞ୍ଚଳ ସହ ମହାମାୟୀ ବଜାରରେ ଏହି ଚଢ଼ାଉ ହୋଇଥିଲା। ହେଲେ କବିସୂର୍ଯ୍ୟନଗର ସହରର କୁମୁଟି ସାହିରେ ବେନିୟମ ଭାବେ ପ୍ରସ୍ତୁତ ହେଉଥିବା ବୋଇରାଣୀ ମସାଲା, ବାଙ୍କୀବେହେରା ସାହିର ନାସ ଫେକ୍ଟ୍ରି ଆଦିରେ ଚଢ଼ାଉ କରାଯାଇ ନାହିଁ। ଛୋଟ ବ୍ୟବସାୟୀଙ୍କ ଠାରୁ ଜରିମାନା ଆଦାୟ କରାଯାଇଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି


ଅଭିଯୋଗ ଶୁଣାଣିରେ ଉପସ୍ଥିତ ଜନପ୍ରତିନିଧି ଓ ଅନ୍ୟ ଅଧିକାରୀମାନେ।

ପାରଳାଖେମୁଣ୍ଡି:୧୦।୭(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଉଖୁର ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ସୋମବାର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍ କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ଫାଲଗୁନି ମାଝୀ, ଗଜପତି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ମରୀୟମ ରଇତ ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି ଉଖୁର ସମେତ ତରଭା, ରାଙ୍ଗିଡି ଓ ଗୁମ୍ମା ଗ୍ରାମ ପଞ୍ଚାୟତର ମୋଟ ୭୬ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ବ୍ୟକ୍ତିଗତ ଅଭିଯୋଗ ୩୧,ଗ୍ରାମ ଭିତ୍ତିକ ସମସ୍ୟା ୪୫ ଓ ୨୫ ଅଭିଯୋଗକୁ ତୁରନ୍ତ ଫୈସଲା କରାଯାଇ ସମାଧାନ କରାଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ୫୩ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଥିଲା।

# ରାଜନାପଲ୍ଲୀ, ବିଳାସପୁର ସ୍କୁଲ ଖୋଲିବା ଦାବି

ଛତ୍ରପୁର,୧୦।୭(ଡି.ଏନ୍.ଏ.)


ସ୍ମାରକପତ୍ର ଦେବାକୁ ଆସିଥିବା ଗ୍ରାମବାସୀ ।

ବନ୍ଦ କରି ଦିଆଯାଇଥିବା ପ୍ରାଥମିକ ସ୍କୁଲ ଖୋଲିବା ଦାବି ନେଇ ଗଞ୍ଜାମ ଜିଲାର ୨ଟି ବ୍ଲକର ଶତାଧିକ ଲୋକ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଖଲ୍ଲିକୋଟ ବ୍ଲକ ବିଳାସପୁର ଗ୍ରାମର ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯାଇ ୫ କି.ମି ଦୂରରେ ଥିବା କରଞ୍ଜରା ୟୁପିଏସରେ ସାମିଲ କରାଗଲା। ସେତେବେଳେ ବିଳାସପୁର ଗ୍ରାମର ଭୌଗଳିକ ସ୍ଥିତିକୁ ବିଚାରକୁ ନିଆଯାଇ ନ ଥିଲା । ନିୟମ ଅନୁସାରେ ୧ କି.ମି. ମଧ୍ୟରେ ସମସ୍ତ ଶିଶୁଙ୍କୁ ପ୍ରାଥମିକ ଶିକ୍ଷା ଯୋଗାଇ ଦିଆଯିବା ବ୍ୟବସ୍ଥା ଥିବା ବେଳେ ସେଠାରେ ପିଲାମାନେ ଖରଖରି ନଦୀ ସେତୁ ପାର ହୋଇ ୫ କି.ମି. ଦୂର ଯାଇ ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ଅସମ୍ଭବ। ଏଥିସହ ବର୍ଷାଦିନେ ଖରଖରୀ ନଦୀରେ ବନ୍ୟା ପାଣି ପ୍ରବାହିତ ହେଲେ ଗ୍ରାମ ବାହ୍ୟ ଜଗତରୁ ବିଛିନ ହୋଇଯାଏ। ଏ ସବୁ କାରଣରୁ ବର୍ତ୍ତମାନ ଗ୍ରାମର ୬ରୁ ୧୪ ବର୍ଷର ଶିଶୁମାନେ ବିଦ୍ୟାଳୟକୁ ନ ଯାଇ ପାରି ସେମାନଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଛି। ତେଣୁ ଯଥାଶୀଘ୍ର ବିଳାସପୁର ପ୍ରାଥମିକ ବିଦ୍ୟାଳୟକୁ ପୁଣି ଖୋଲିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ଛତ୍ରପୁର ବ୍ଲକ ରାଜନାପଲ୍ଲୀ ଗ୍ରାମର ବିଦ୍ୟାଳୟକୁ ଗେଦଲପଲ୍ଲୀକୁ ସ୍ଥାନାନ୍ତର କରାଯାଇଛି । ଯାହାଫଳରେ ପିଲାମାନେ ୨କି.ମି. ଚାଲି ସ୍କୁଲ ଯିବାବେଳେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ କହିଛନ୍ତି। ଏଣୁ ଉକ୍ତ ସ୍କୁଲ ଖୋଲିବାକୁ ଦାବି ହୋଇଛି।

## ଜାତୀୟ ରାଜପଥରେ ପଡ଼ିଛି ୯ ଗୋରୁ ମୃତଦେହ

ଖଜୁରିପଡ଼ା,୧୦।୭ (ବିଦୂର ବେହେରା)

ରାସ୍ତାରେ ବୁଲୁଥିବା ଗୋରୁ ପାଇଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। କିନ୍ତୁ ଏଥିପ୍ରତି କାହାର ଦାୟିତ୍ୱ ନାହିଁ। ଗୋରୁ, ମଇଁଷି ମାଲିକମାନେ ଦାୟିତ୍ୱହୀନତା ଦେଖାଉଥିବା ବେଳେ ପ୍ରଶାସନ ମଧ ଏଥିରେ କମ୍ ନାହିଁ। ଦାୟିତ୍ୱହୀନତା ଏବଂ ଅବହେଳା ଯୋଗୁ ଏମିତି ପ୍ରତିଦିନ ଦୁର୍ଘଟଣାର ସମ୍ମୁଖୀନ ହୋଇ ଜନଜୀବନ ନଷ୍ଟ ହେଉଛି। ସୋମବାର କନ୍ଧମାଳ ଜିଲା ଫୁଲବାଣୀଠାରୁ ବୌଦ୍ଧ ଜିଲାକୁ ସଂଯୋଗ କରୁଥିବା ୧୫୭ ନଂ. ଜାତୀୟ ରାଜପଥ ଖାନ୍ଦିକୁଟି ଗ୍ରାମରେ ଏକ ଅଜଣା ଗାଡ଼ି ଧକ୍କାରେ ୯ ଗୋରୁ, ମୃତ୍ୟୁବରଣ କରିଛନ୍ତି। ଏହି ଗ୍ରାମବାସୀ କହିବାକଥା ଯେ ଯେଉଁମାନେ ଗୋରୁ ମାଲିକମାନେ ଦାୟିତ୍ୱରେ ରଖୁ ନାହାନ୍ତି, ଯାହାଦ୍ୱାରା ଏଭଳି ଦୁର୍ଘଟଣା ଘଟୁଛି। ଏଠାର ରାସ୍ତା ଗଡାଣିଆ ଅଛି, ରାସ୍ତାର ଉଭୟ ପାର୍ଶ୍ୱରେ ଘର ଗୁଡ଼ିକ ରହିଛି, ଏହାକୁ ମିଶାଇ ଏଠାରେ ଦୁଇଥର ଗୋରୁ ଉପରେ ଦୁର୍ଘଟଣା ଘଟିଲାଣି। କେତେବେଳେ ମଣିଷକୁ ମଧ ଏଭଳି ଦୁର୍ଘଟଣା ଘଟି ଜୀବନ ଯାଇପାରେ। ତେଣୁ ଜିଲା ପ୍ରଶାସନକୁ ଅନୁରୋଧ କରୁଛୁ ଏହି ରାସ୍ତା ଉପରେ ହମ୍ପସ ନିର୍ମାଣ କରାଯାଉ।

# ଏନ୍‌ଏସିରେ ଜାଗା ମିଶନ ସର୍ଭେ

ବାଲିଗୁଡା,୧୦।୭(ସଞ୍ଜୟ ପାଣିଗ୍ରାହୀ)


ଜାଗା ମିଶନ ସର୍ଭେ କରୁଛନ୍ତି ଅଧିକାରୀ ।

ବାଲିଗୁଡ଼ା ଏନ୍‌ଏସିରେ ଜାଗା ମିଶନ ଯୋଜନାର ସର୍ଭେ କରାଯାଉଛି । ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଏକ ଟିମ ବାଲିଗୁଡା ଆସି ଜାଗାମିଶନ ଯୋଜନାରେ କ'ଣ କରାଯାଇଛି, ଲୋକେ କିଭଳି ଉପକୃତ ହେଉଛନ୍ତି ଓ କେତେ ସଂଖ୍ୟକ ଲୋକ ଉପକୃତ ହେଇଛନ୍ତି, କେଉଁ ଓ୍ୱାର୍ଡରେ ଡ୍ରୋନ କ୍ୟାମେରା ବୁଲିଛି ସେ ସବୁ ଅନୁଧ୍ୟାନ କରାଯାଉଛି । ସହରର ଗୋଟିଏ ବସ୍ତିରେ ୨୦ କିମ୍ବା ତାଠାରୁ ଉର୍ଦ୍ଧ୍ୱ ଘର ଥିଲେ ଜାଗା ମିଶନ ଯୋଜନାରେ ବିଜୁ ଆଦର୍ଶ କଲୋନୀ କରାଯିବ। ଏହି କଲୋନୀରେ ଭଲରାସ୍ତା, ଲାଇଟ, ଓପନ ଜିମ ଆଦି ସୁବିଧା କରାଯିବ ବୋଲି ଲୋକଙ୍କୁ ବୁଝାଇ ଦିଆଯାଇଛି। ସୋମବାର ଏନଏସିର ୨ନଂ ଓ୍ୱାର୍ଡର ଖଜୁରୀନାଳ, ଡହଲପୋଡି, ୧୨ନଂ ଓ୍ୱାର୍ଡର ଗୁଲିମରାପଦା ଆଦି ସାହିକୁ ଟିମ୍ ବୁଲି ଦେଖିଛନ୍ତି । ରାଜ୍ୟ ଜାଗାମିଶନର ଉପଦେଷ୍ଟା ହରି ଶଙ୍କର ରାଉତଙ୍କ ସମେତ ଏହି ଟିମ ଭୁବନେଶ୍ୱରରୁ ଆସିଥିବା ବେଳେ ବାଲିଗୁଡା ଏନଏସିର ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ, ଏନଏସି ଏମ୍‌ପି ପ୍ରତିନିଧି ଲୋକନାଥ ପାଢ଼ି, ବିଧାୟକ ପ୍ରତିନିଧି ଅବନୀ ନାୟକ, ଏମଡି ସାବେଜ ଉଦ୍ଦିନ, ସେକ ସୋନୁ, କୁମର ଦଣ୍ଡିଆ, ସୁଜିତ ପାଳ ପ୍ରମୁଖ ଉପସ୍ଥିତ ଥିଲେ। କାଉନସିଲର ମାନେ ଏଥିରେ ସହଯୋଗ କରିଥିଲେ।

## ସମ୍ପତ୍ତି ପାଇଁ ମା'ଙ୍କୁ ଆକ୍ରମଣ କଲା ପୁଅ

ପାରଳାଖେମୁଣ୍ଡି,୧୦।୭ (ଗିରିଧାରୀ ପରିଚ୍ଛା),

ପାରଳାଖେମୁଣ୍ଡି ସହରର ଅର୍ଣ୍ଣପୂର୍ଣ୍ଣା ନଗର-୨ରେ ଜଣେ ପୁଅ ସମ୍ପତ୍ତି ପାଇଁ ନିଜ ମା'ଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସମ୍ପତ୍ତି ପାଇଁ ପରିଣତ ବୟସରେ ମାଡ ମାରି ରକ୍ତାକ୍ତ କରିଥିବା ମା' ହେମଲତା ସାହୁ ପୁଅ ନାଁରେ ଏତଲା ଦେଇଛନ୍ତି । ପୋଲିସ ନଂ. ୨୦୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଜିଲା ସ୍ତରୀୟ ଜାତୀୟ ମତ୍ସ୍ୟ ଚାଷୀ ଦିବସ

ପାରଳାଖେମୁଣ୍ଡି,୧୦।୭ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଜଳବିଭାଜିକା ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ବିଭାଗ ଅଧିକାରୀ ଲିଶା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ ଏବଂ ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ସୁଶାନ୍ତ ରଞ୍ଜନ ଦାସ, ଜିଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀ ଧର୍ମେନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଅଲୋକପାତ କରିଥିଲେ। ଏଥିରେ ଜିଲାପାଳ ଶ୍ରୀଯୁକ୍ତ ପ୍ରଧାନ ମତ୍ସ୍ୟ ଚାଷୀଙ୍କୁ ଅଳ୍ପ ଅର୍ଥ ବିନିଯୋଗ କରି ଅଧିକ ଲାଭ କରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଜିଲା ସମସ୍ତ ଜନସାଧାରଣଙ୍କୁ ପ୍ଲାଷ୍ଟିକ ବ୍ୟବହାର ନ କରିଥିବା ପାଇଁ ଅନୁରୋଧ କରିଛନ୍ତି। ଜିଲାର ଅଗ୍ରଣୀ ମତ୍ସ୍ୟ ଚାଷୀ ଗୋଷାଣୀ ବ୍ଲକର ପୂଜା ବେହେରା ଓ ସୋନି ପଣ୍ଡା, ଗୁମ୍ମା ବ୍ଲକର ଗଣପତି ଗୌଡ଼, ରାୟଗଡ଼ ବ୍ଲକର ଗୌରାଙ୍ଗ ଶବର ଓ ଆର.ଉଦୟଗିରି ବ୍ଲକର ମା'ସନ୍ତୋଷୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜିଲାରେ ଉଦୀୟମାନ ମତ୍ସ୍ୟ ଚାଷୀ ଭାବେ ଜିଲାପାଳ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ବୈଠକରେ ଜିଲାର ସମସ୍ତ ବ୍ଲକର ବହୁ ମତ୍ସ୍ୟ ଚାଷୀ ଯୋଗ ଦେଇଥିଲେ।

# ଗୋପାଳ ପୁଣି ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ


ଅତିଥିଙ୍କ ଦ୍ୱାରା ଶିକ୍ଷକଙ୍କୁ ପୁରସ୍କୃତ କରାଯାଉଛି।

ବୁଗୁଡା,୧୦।୭(କାଳି ଚରଣ ଦାଶ)

ବୁଗୁଡା ବ୍ଲକ ଅନ୍ତର୍ଗତ ତାଳଶାକର ମହାମାୟୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ବି ଗୋପାଳ ପାତ୍ର ୨୦୧୮ ରେ ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିବା ବେଳେ ୨୦୨୩ ରେ ପୁଣି ସେ ଏହି ପୁରସ୍କାର ପାଇ ସମ୍ବର୍ଦ୍ଧିତ ହୋଇଛନ୍ତି। ଛତ୍ରପୁର ନିକଟରେ ଥିବା ସିନ୍ଦୁରିଆପଲ୍ଲୀ ଏକ କେନ୍ଦ୍ରିୟ ନର୍ସରୀରେ ଆୟୋଜିତ ଜିଲା ସ୍ତରୀୟ ବନ ମହୋତ୍ସବରେ ବି ଗୋପାଳଙ୍କୁ ଚାରା ରୋପଣ କରିବା ସହ ପ୍ରକୃତି ଓ ପରିବେଶ ସୁରକ୍ଷା ସକାଶେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ ସହ ଦଶ ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଛି। ବ୍ରହ୍ମପୁର ଡିଏଫ୍‌ଓ ସୋନି ଖୋକର, ପ୍ରକଳ୍ପ ନିର୍ଦ୍ଦେଶକ ଭି କୀର୍ତ୍ତୀ ଭାସନ, ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର, ଦକ୍ଷିଣ ଘୁମୁସର ବନଖଣ୍ଡର ଅଧିକାରୀ ସୁଦର୍ଶନ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ଗୋପାଳ ପାତ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ। ତାଙ୍କର ଏଭଳି ଗଛ ଲଗାଇବା ମନୋବୃତ୍ତିକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଉଠାଦୋକାନୀ ସଂଘ ପକ୍ଷରୁ ଦୋକାନ ବନ୍ଦ

ଛତ୍ରପୁର,୧୦।୭(ସନ୍ତୋଷ ପାଢ଼ୀ)


ଦାବିପତ୍ର ଦିଆଯାଉଛି।

ଛତ୍ରପୁର ଉଠାଦୋକାନୀ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ସୋମବାର ଦୋକାନ ବନ୍ଦ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉଠାଦୋକାନୀ ସଂଘ ଡାକରାରେ ଛତ୍ରପୁରର ସମସ୍ତ ପରିବା ଓ ଅନ୍ୟାନ୍ୟ ଖୁଚୁରା ମାର୍କେଟର ବ୍ୟବସାୟୀମାନେ ସକାଳୁ ଦୋକାନ ସଂପୂର୍ଣ୍ଣ ବନ୍ଦ କରିଥିଲେ। ସମସ୍ତେ ଅପରବସଷ୍ଟାଣ୍ଡରୁ ରାଲି ବାହାରି ସ୍ଲୋଗାନ ଦେଇ ସହର ପରିକ୍ରମା କରିବା ସହ ଲକ୍ଷ୍ମଣ ଭବନଠାରେ ପହଞ୍ଚିଥିଲେ । ସେଠାରେ ଜନସଭା ଆୟୋଜନ କରାଯାଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲ ରୋଡ ;। ଭଗ୍ନ ଅବସ୍ଥାରେ ଥିବା ପୁରୁଣା ମାର୍କେଟକୁ ନବୀକରଣ କରି ସେଠି ଅଧିକାଂଶ ଦୋକାନୀଙ୍କୁ ଥଇଥାନ କରିବାକୁ ଦାବି କରାଯାଇଥିଲା । ଅପରବସଷ୍ଟାଣ୍ଡରେ ନୂତନ ଭାବେ ହେବାକୁ ଥିବା ଭେଣ୍ଡିଂଜୋନ୍‌ରେ ସମସ୍ତଙ୍କୁ ଥଇଥାନ କରିବା ସହ ଛୋଟ ବେପାରୀଙ୍କୁ ସ୍ଥାନ ଦେବା ବାବଦରେ ଆଲୋଚନା ନ ହେବା ଯାଏଁ

## ଭେଣ୍ଡିଂ ଜୋନ କରି ଥଇଥାନ ଦାବି

ଉଚ୍ଛେଦ ସ୍ଥଗିତ ରଖିବା, ପୁନର୍ବାର ସର୍ଭେ ପ୍ରକ୍ରିୟା କରିବା, ଦୋକାନର ଓସାର ୧୪ ଫୁଟ ରଖିବା, ଯେଉଁ ଜାଗାର ବ୍ୟବସାୟୀ ସେହି ସ୍ଥାନରେ ଥଇଥାନ କରିବା, ଟାଉନ ଭେଣ୍ଡିଂଜୋନ କମିଟିକୁ (ଟିଭିସି) କ୍ରିୟାଶୀଳ କରି ବୈଠକ ଡାକିବା, ଭେଣ୍ଡିଂଜୋନରେ ଶୌଚାଳୟ ପାନୀୟଜଳ ବ୍ୟବସ୍ଥା ଆଦି ୭ଦଫା ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଏକ ପ୍ରତିନିଧିଦଳ ଛତ୍ରପୁର ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇ ଆଲୋଚନା କରିଥିଲେ । ସଂଘ ସଭାପତି ତଥା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ , କାର୍ଯ୍ୟକାରୀ ସଭାପତି ଇଜୁ ଆମିନ ଖାନ, ସମ୍ପାଦକ ଏମ. ଲାଛେନା ରେଡ୍ଡୀ, ସହ ସମ୍ପାଦକ ଖଗେଶ୍ୱର ବେହେରା ,କୋଷାଧ୍ୟକ୍ଷ ନାଗା ରେଡ୍ଡୀ, ଶ୍ରମିକ ନେତା ନୀଳକଣ୍ଠ ଦାସ, ଲୋକ ଶକ୍ତି ଅଭିଯାନର ରାଜ୍ୟ ସମ୍ପାଦକ କଲ୍ୟାଣ ଆନନ୍ଦ, ସାମାଜିକ କର୍ମୀ ଜଲାଲ ଖାନ, କମିଟି ସଦସ୍ୟ ରାଜୁ ରେଡ୍ଡୀ, ରୀନା ପ୍ରଧାନ, ବୁଲି ରେଡ୍ଡୀ,ହରି ରେଡ୍ଡୀ, ଶଙ୍କର ସାହୁ, ଶିବ ସାହୁ, ବୁଲୁ ରେଡ୍ଡୀ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୧ ଜୁଲାଇ, ୨୦୨୩



## ସଂକ୍ଷେପରେ

### ୨ ବଖରା ଘର ଜଳିଗଲା

ଧର୍ମଶାଳା,୧୦।୭(ବଟଟକୃଷ୍ଣ ପରିଡ଼ା): ଧର୍ମଶାଳା ତହସିଲ ସୁନ୍ଦୁରିଆ ପଞ୍ଚାୟତ ଅନ୍ତର୍ଗତ ହରିଦେଇପୁର ଗ୍ରାମରେ ସୋମବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଦୁର୍ଗା ସାହୁଙ୍କ ୨ ବଖରା ଘର ଜଳି ପାଉଁଶ ହୋଇଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଗତ ୪ ତାରିଖରେ ସମାନ ଭାବେ ଅଗ୍ନିକାଣ୍ଡ ଘଟି ତାଙ୍କର ଘର ପୋଡ଼ିଯାଇଥିଲା। ଦୁର୍ଗା ଜଣେ ସ୍ୱାମୀ ପରିତ୍ୟକ୍ତା ହୋଇଥିବାବେଳେ କିଛି ବର୍ଷ ହେଲା ଆସି ବାପଘର ନିକଟରେ ଘର କରି ରହୁଛନ୍ତି। ମାତ୍ର ବାରମ୍ବାର ତାଙ୍କ ଘରେ ଅଗ୍ନିକାଣ୍ଡ ଘଟୁଛି। କେହି ଦୁର୍ବୃତ୍ତ ଦୁର୍ଗାଙ୍କ ଘରେ ନିଆଁ ଲାଗାଇ ଦେଉଥିବା ଅନୁମାନ କରାଯାଉଛି।

### ରାସ୍ତା ଦୁରବସ୍ଥା ନେଇ ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ଧର୍ମଶାଳା,୧୦।୭(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡ଼ମଧୁପୁର-ତୁରଙ୍ଗ ରାସ୍ତା ଦୁରାବସ୍ଥା ନେଇ ସ୍ଥାନୀୟ ନାଗରିକ ମଞ୍ଚ ସୋମବାର ଯାଜପୁର ଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଅବଗତ କରାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଗଡ଼ମଧୁପୁର ଭାୟା ଡଙ୍କାରୀ-ତୁରଙ୍ଗ ରାସ୍ତାଟି ଦୀର୍ଘ ବର୍ଷ ହେଲା ମରାମତି କରାଯାଇ ନାହିଁ। ଫଳରେ ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଭେଟି ଅବଗତ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ତେଣୁ ବାଧହୋଇ ସ୍ଥାନୀୟ ନାଗରିକ ମଞ୍ଚ ପକ୍ଷରୁ ଆଶାତରୁ ନାୟକ, କୀର୍ତ୍ତନ ବେହେରା ପ୍ରମୁଖ ଜିଲାପାଳଙ୍କୁ ଭେଟି ରାସ୍ତା କାମ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳଧର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଉକ୍ତ ରାସ୍ତା ଦେଇ ସ୍ଥାନୀୟ ଅଞ୍ଚଳର କଳାପଥର ଖାଦାନରୁ ପ୍ରତ୍ୟେହ ଶହଶହ ଭାରିଯାନ ଯାତାୟତ କରୁଥିବାରୁ ରାସ୍ତା ଖରାପ ହୋଇଯାଉଛି। ଏହି ରାସ୍ତାର ପ୍ରଶସ୍ତୀକରଣ ଓ ମରାମତି ପାଇଁ ବିଭାଗ ପକ୍ଷରୁ ୧୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଖୁବ୍‌ଶୀଘ୍ର ଟେଣ୍ଡର କରାଯାଇ କାମ ଆରମ୍ଭ ହେବ।

### ମହାବିନାୟକ ପୀଠରେ ଜଳାଭିଷେକ ପାଇଁ ଭିଡ଼

ଚଣ୍ଡିଖୋଲ,୧୦।୭(ପ୍ରଦୀପ୍ତ କୁମାର ପୃଷ୍ଟି): ଯାଜପୁର ଜିଲାର ପ୍ରସିଦ୍ଧ ଶୈବପୀଠ ଚଣ୍ଡିଖୋଲ ନିକଟସ୍ଥ ମହାବିନାୟକ ପୀଠରେ ଶ୍ରାବଣର ପ୍ରଥମ ସୋମବାରରେ ଜଳାଭିଷେକ ପାଇଁ ବିଭିନ୍ନ ଜଲାର କାଉଡ଼ିଆଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ବିଭିନ୍ନ ନଦୀରୁ ଜଳ ଆଣି ରବିବାର ରାତିରେ କାଉଡିଆମାନେ ଶୈବ ପୀଠରେ ପହଞ୍ଚିଥିଲେ। ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଏଥିସହିତ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। କାଉଡ଼ିଆମାନେ ଶାନ୍ତି ଶୃଙ୍ଖଳାର ସହ ଜଳଲାଗି କରିଛନ୍ତି।

# ନୀଳପଥର ଚୋରି ବୃଦ୍ଧି ପାଉଛି

■ ବେଧଡ଼କ ହେଉଛି ଚାଲାଣ
■ ପୋଲିସ ଓ ପ୍ରଶାସନର ଦୃଷ୍ଟି ପଡୁନି

କାଳିଆପାଣି,୧୦।୭(ଅସିତ ମହାନ୍ତ):

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଳିଆପାଣି ଖଣି ଅଞ୍ଚଳରେ କ୍ରୋମାଇଟ ବ୍ୟତୀତ ଏକ ମୂଲ୍ୟବାନ ନୀଳପଥର ବହୁଳ ମାତ୍ରାରେ ମିଳୁଛି। ହେଲେ ତାହାର ଗୁରୁତ୍ୱକୁ ସରକାର ଅଣଦେଖା କରୁଛନ୍ତି। ଏଥିସହିତ ବିଭାଗୀୟ ଅଧିକାରୀଙ୍କ ଅପାରଗତା ଯୋଗୁ ଧୀରେଧୀରେ ଏହାର ଚୋରା କାରବାର ବୃଦ୍ଧି ପାଉଛି। ବ୍ଲକ୍ ଅଧୀନ କଅଁସ ପଞ୍ଚାୟତର ଟିକରପଡ଼ା ଗାଁ ନିକଟ ଦୈତାରୀ ସଂରକ୍ଷିତ ପାହାଡ଼ରେ ନୀଳ ଓ ଧୂସର ପଥର ବହୁଳ ଭାବେ ମିଳୁଛି। ୭ ବର୍ଷ ପୂର୍ବରୁ ଏହା ଚୋରାଚାଲାଣ ହେଉଥିବା ପ୍ରଥମେ ନଜରକୁ ଆସିଥିଲା। ଟିକରପଡ଼ା ଗାଁ ପାହାଡ଼ ପର୍ବତ ଘେରା ହୋଇ ରହିଥିବାରୁ ବାହାର ଦୁନିଆଁ ସହ ସମ୍ପର୍କ ନ ଥିଲା। ଏହାର ସୁଯୋଗରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ମୂଲ୍ୟବାନ ପଥର ସଂଗ୍ରହ କରାଯାଇ ତାହାକୁ ସିମେଣ୍ଟ୍ ବସ୍ତାରେ ଭର୍ତ୍ତି କରି ରାଜସ୍ଥାନକୁ ଚାଲାଣ ହେଉଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତତ୍କାଳୀନ କାଳିଆପାଣି ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ରାଜସ୍ଥାନ ଯାଇ ଚୋରା ନୀଳପଥର ଜବତ କରିବା ସହ ଚୋରା ଚାଲାଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ସେ ସମୟରେ ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ଥିବାରୁ ଏକ ପ୍ରକାର କୋକୁଆ ସୃଷ୍ଟି ହୋଇଥିଲା। ଏହାର ସୁଯୋଗ ନେଇ ଚୋରାଚାଲାଣକାରୀ ବେଧଡ଼କଭାବେ କାରବାର କରୁଥିଲେ। ପୋଲିସର ଚଡ଼ାଉ ପରେ ସେ ସମୟରେ ଚୋରାଚାଲାଣ ବନ୍ଦ ହୋଇଯାଇଥିଲା। ମାତ୍ର କିଛିଦିନ ପରେ ପୋଲିସର କାର୍ଯ୍ୟ ଶିଥିଳତା ପଡ଼ିଥିଲା। ଫଳରେ ମାଫିଆ ପୁଣି ସକ୍ରିୟ ହୋଇ ଉଠିଥିଲେ। ଏବେ ମାଫିଆମାନେ ନୀଳପଥରକୁ ଲୋକଙ୍କ ଦ୍ୱାରା ସଂଗ୍ରହ କରି ବିଭିନ୍ନ ଛୋଟ ଗାଡ଼ିରେ ଜଙ୍ଗଲ ରାସ୍ତା ଦେଇ ଢେଙ୍କାନାଳ ଜିଲାକୁ ଚାଲାଣ କରୁଛନ୍ତି। ଆଗ ଅପେକ୍ଷା ଏବେ ମାଫିଆ ଅଧିକ ସକ୍ରିୟ ହୋଇ ସପ୍ତାହରେ ୨/୩ ଟ୍ରିପ ପଥର ନେଉଥିବା ପ୍ରତ୍ୟକ୍ଷଦର୍ଶୀମାନେ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଏତେମାତ୍ରାରେ ନୀଳପଥର ଚାଲାଣ ହେଉଥିଲେ ମଧ୍ୟ ସ୍ଥାନୀୟ ଲୋକେ ତା'ର ମହତ୍ତ୍ୱ ବିଷୟରେ ଅଜ୍ଞ ଅଛନ୍ତି। ସେଥିପାଇଁ ଏକ ଝୁଡ଼ି ନୀଳପଥରକୁ ସଂଗ୍ରହ କରି ଚୋରା ବେପାରୀଙ୍କୁ ଦେଲେ ସେମାନେ ୫୦ ଟଙ୍କା ମଜୁରୀ ପାଉଛନ୍ତି। ଏଠାରେ ପ୍ରଶ୍ନ ଉଠେ ଟିକରପଡ଼ା ପାହାଡ଼ ସଂଲଗ୍ନରେ କଅଁସ ଫରେଷ୍ଟ ଅଫିସ ରହିଥିବାବେଳେ ଫରେଷ୍ଟର ପ୍ରତିଦିନ ସକାଳୁ ସେ ଅଞ୍ଚଳକୁ ବୁଲିବାକୁ ଯାଉଛନ୍ତି। ହେଲେ ତାଙ୍କ ନଜରକୁ କିପରି ଏ ଘଟଣା ଆସୁନାହିଁ। ଏ ସମ୍ପର୍କରେ କାଳିଆପାଣୀ ଥାନା ଅଧିକାରୀ ସୁଶାନ୍ତ କୁମାର ଦାସଙ୍କୁ ପଚାରିବାରେ ସେ ଏହା ଉପରେ ନଜର ଦେବେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଟମକା ରେଞ୍ଜ ଅଫିସରଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।


ଜଙ୍ଗଲରେ ପଡିଥିବା ନୀଳ ପଥର।

## ବିଦ୍ୟାଳୟରେ ତାରାରୋପଣ

ଚଢ଼େଇଧରା,୧୦।୭(ଦିଲୀପ ପରିଡ଼ା):

ବନ ମହୋତ୍ସବ ଅବସରରେ ଧର୍ମଶାଳା ବ୍ଲକ ତରଞ୍ଜିଆ ପଞ୍ଚାୟତ ବିଳାଶୁଣୀ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ସମାଜ ଖବରକାଗଜ ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଅତିଥି ଭାବେ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରକାଶ କୁମାର ନାୟକ, ସାମାଜିକ କର୍ମୀ ଅନନ୍ତ ପ୍ରସାଦ ମାହାଲା, ସୁଧାର ଚନ୍ଦ୍ର ସିଂହ, ସ୍ନେହଲତା ବାରିକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପରିବେଶ ସଂକ୍ରାନ୍ତିୟ ବିଭିନ୍ନ ତଥ୍ୟ ଦେବା ସହିତ ଚାରାରୋପଣର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ସମାଜର ଗଡ଼ମଧୁପୁର ଖବରଦାତା ବସନ୍ତ କୁମାର ନାୟକ ଓ ଉଦୀୟମାନ ଅନୁଷ୍ଠାନ ସଂପାଦକ ଅନିଲ କୁମାର ଦାସ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଧନେଶ୍ୱର ନାୟକ, ସ୍ମୃତିରଞ୍ଜନ ସାହାଣୀ, ରଶ୍ମିରଞ୍ଜନ ସାହାଣୀ, ପ୍ରଜ୍ଞା ପରମିତା ସାହୁ, ସଂଘମିତ୍ରା ବେହେରା, କଳ୍ପନା ଖୁଣ୍ଟିଆ, ଗୀତାଞ୍ଜଳି ଜେନା, ସୁମିତ୍ରା ମହାନ୍ତି, ରମେଶ ଚନ୍ଦ୍ର ପାତ୍ର, ସଞ୍ଜୟ ମହାରଣା, ଶାନ୍ତିଲତା ନାୟକ, ପ୍ରତିମା ଜେନା, ପ୍ରମିଳା ଜେନା ଓ ସନ୍ତୋଷିନୀ ପରିଡ଼ା ପରିଚାଳନା କରିଥିଲେ।

ସେହିପରି ଅକବରାବାଦ ନୋଡାଲ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ଏହାକୁ ସ୍ଥାନୀୟ ସରପଞ୍ଚ ଯଯାତି କେଶରୀ ରାଉତ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଚରଣ ଦାସ, ସମ୍ମାନିତ ଅତିଥି ବରିଷ୍ଠ ନାଗରିକ ଗୋଲକ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ ଚନ୍ଦ୍ର ଦାସ, ରଶ୍ମିତା ଦାସ, ହୃଷିକେଶ ସାମଲ, ୱାର୍ଡସଭ୍ୟ ମନୋଜ ବରାଳ ଓ ହୃଷୀକେଶ ଦାସ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଦୀୟମାନ ଅନୁଷ୍ଠାନ ସମ୍ପାଦକ ଦାସ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।


ବିଦ୍ୟାଳୟ ପରିସରରେ ତାରା ରୋପଣ କରାଯାଉଛି।

## କୋରେଇରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର


ଜନଶୁଣାଣି ଶିବିରରେ ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଅନ୍ୟ ଅଧିକାରୀମାନେ ।

**୧୭ ଅଭିଯୋଗର ତତ୍କାଳ ସମାଧାନ କଲେ ଜିଲାପାଳ**

କୋରେଇ,୧୦।୭(ଚନ୍ଦ୍ରକାନ୍ତ ପତି):

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ପୂର୍ବାହ୍ନରେ କୋରେଇ ବ୍ଲକ କାର୍ଯ୍ୟାଳୟରେ ଏକ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲ ଯୋଗ ଦେଇଥିଲେ। ଅଭିଯୋଗ ପ୍ରକୋଷ୍ଠକୁ ସମୁଦାୟ ୬୨ ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୪୪ ବ୍ୟକ୍ତିଗତ, ୩ଟି ସାମୂହିକ ଅଭିଯୋଗ ଥିଲା। ୧୫ ଜଣ ଶୁଣାଣି ସମୟରେ ଅନୁପସ୍ଥିତ ଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୦ ଓ ରେଡକ୍ରସ୍‌ରୁ ସହାୟତା ନିମନ୍ତେ ୩ ଅଭିଯୋଗ ଆସିଥିଲା। ଜିଲାପାଳ ରାଠୋର ୧୭ ଅଭିଯୋଗର ଶୁଣାଣି କରି ତତ୍କାଳ ସମାଧାନ କରିଥିଲେ। ଅନ୍ୟ ଅଭିଯୋଗ ଗୁଡ଼ିକ ଉପରେ ସବିଶେଷ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୁଖ୍ୟତଃ ସାମାଜିକ ସୁରକ୍ଷା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ରାଶନ କାର୍ଡ, ଭତ୍ତା, ଶିକ୍ଷା, ଜଳ ସେଚନ ଓ ରାସ୍ତା ଆଦି ସମସ୍ୟାକୁ ନେଇ ଅଭିଯୋଗଥିଲା ବେଳେ ଆବାସକୁ ନେଇ ଅଧିକ ଅଭିଯୋଗ ରହିଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ, କୋରେଇ ବିଡିଓ ରଞ୍ଜନ କୁମାର ପରିଡ଼ା ଓ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝିଙ୍କ ସହିତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ସ୍କୁଲ୍ ଭ୍ୟାନ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଧର୍ମଶାଳା,୧୦।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅନ୍ତର୍ଗତ ଭୁବନ ନଦୀବନ୍ଧ ରାସ୍ତାରେ ସୋମବାର ପୂର୍ବାହ୍ନରେ ଏକ ସ୍କୁଲ୍ ଭ୍ୟାନ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଧର୍ମଶାଳା ବ୍ଲକ କଦମପାଳ ଗ୍ରାମର ଅମନ ମହାନ୍ତି(୩୫)। ସେ ନିଜ ବାଇକରେ ଧର୍ମଶାଳା ଆସୁଥିବାବେଳେ ଭୁବନ ନିକଟରେ ଏକ ସ୍କୁଲ ଭ୍ୟାନ ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାତର କରାଯାଇଥିଲା। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଧର୍ମଶାଳା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବଡ଼ଚଣା ପଠାଇ ଘଟଣାର ତଦନ୍ତ ଚଳାଇଛି। ଏନେଇ ଥାନାରେ ନଂ.୪୨୦/୨୩ରେ ଏକ ମାମଲା ରୁଜୁ ହୋଇଛି।

## ବରୀ ବିଧାୟିକାଙ୍କୁ ସମ୍ବର୍ଦ୍ଧନା

ରସୁଲପୁର,୧୦।୭(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତର ସତ୍‌ସଙ୍ଗ କେନ୍ଦ୍ର ପକ୍ଷରୁ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜାତୀୟ ବିଧାୟକ ସମ୍ମିଳନୀରେ ଦେଶର ୭୫ ଶ୍ରେଷ୍ଠ ବିଧାୟକଙ୍କ ମଧ୍ୟରେ ସେ ସ୍ଥାନ ପାଇ ଅଞ୍ଚଳକୁ ଭାରତବର୍ଷରେ ପରିଚିତ କରିପାରିଛନ୍ତି। ତେଣୁ ନିଃସ୍ୱାର୍ଥପର ସେବା, ସହଯୋଗ, ନିରନ୍ତର ପ୍ରୟାସ, ପ୍ରଚେଷ୍ଟାର ଫଳ ତାଙ୍କୁ ମିଳିପାରିଛି ବୋଲି ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ଏହି ଅବସରରେ ସତସଙ୍ଗ ବିହାରର ସଭାପତି କିଶୋର ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଏକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟିକା ସମ୍ବର୍ଦ୍ଧିତ ହୋଇ ନିଜକୁ ଗୌରାବନ୍ୱିତ ମନେ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ନବକିଶୋର ଜେନା, ରାଧେଶ୍ୟାମ ବାରିକ, ବିବେକ ଓଝା, ସମୀର ବେହେରା, ବିନୋଦ କୁମାର ରଥ, ପୁରୁଷୋତ୍ତମ ସାହୁ, ସୁଧାକର ବେହେରା, ଶତ୍ରୁଘ୍ନ ବେହେରା, ରାକେଶ ଦେଓ, ଅଞ୍ଜନ ମହାରଣା, ଚନ୍ଦ୍ରମଣି ବିଶ୍ୱାଳ ଓ ବିଚିତ୍ର ଓଝା ପ୍ରମୁଖ ଯୋଗଦେଇ ବିଧାୟିକାଙ୍କ ଗୁଣଗାନ କରିଥିଲେ।


ବ୍ରହ୍ମବରଦା ପଞ୍ଚାୟତର ସତ୍‌ସଙ୍ଗ କେନ୍ଦ୍ର ପକ୍ଷରୁ ବିଧାୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା


ଓଳେଇ ଚନ୍ଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଫାଟକ ଆଗରେ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି।

ସିଂହପୁର,୧୦।୭ (ଅନଙ୍ଗ ଉଦୟ ବେହୁରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଓଳେଇ ଚନ୍ଦନପୁର ପଞ୍ଚାୟତର ଓଳେଇ ଚନ୍ଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ହୋଇଛି। ଏନେଇ ସୋମବାର ଛାତ୍ରୀଛାତ୍ର ବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ୨ ବର୍ଷ ହେଲାଣି ଏଠାରୁ ବିଜ୍ଞାନ, ଗଣିତ ଓ ହିନ୍ଦୀ ଶିକ୍ଷକ ଅବସର ନେଇଥିଲେ ହେଁ ଆଜି ଯାଏ ଏହି ପଦବୀ ପୂରଣ ହୋଇପାରି ନାହିଁ। ଫଳରେ ପିଲାଙ୍କ ପାଠ ପାଢ଼ରେ ବ୍ୟାଘାତ ସୃଷ୍ଟି ହେଉଛି। ବାରମ୍ବାର ଅଭିଭାବକ ଉପରିସ୍ଥ ଅଧିକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଫଳରେ ଛାତ୍ରୀଛାତ୍ର ବାଧ ହୋଇ ଧାରଣରେ ବସିଥିବା ଦେଖାଯାଇଥିଲା। ପରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପହଞ୍ଚି ୨ ଦିନ ମଧ୍ୟରେ ସମସ୍ୟାର ସାମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପିଲାମାନେ ଧାରଣାରୁ ଓହରି ଯାଇଥିଲେ।

## ମୁଖ୍ୟ ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ

**ସିଦ୍ଧ ବଳଦେବଜୀଉ ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାକୁ ୭ ମାସ ବିତିଲାଣି**

■ ଉଦ୍ଧାର ହୋଇପାରୁନି ଚୋରି ମୂର୍ତ୍ତି
■ ଢିଲା ତଦନ୍ତ ହେଉଥିବା ଅଭିଯୋଗ

କାଏମା,୧୦।୭(ଶିବପ୍ରସାଦ ମହାନ୍ତି):

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ ପାଟପୁର ପଞ୍ଚାୟତରେ ଥିବା ବହୁ ପୁରାତନ ସିଦ୍ଧ ବଳଦେବଜୀଉ ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାକୁ ୭ ମାସରୁ ଅଧିକ ଦିନ ବିତିଗଲାଣି। ହେଲେ ଏଯାଏ ମୁଖ୍ୟ ଅଭିଯୁକ୍ତଙ୍କ ଟେର ପାଉନି ପୋଲିସ। ଚୋରି ମୂର୍ତ୍ତି ଉଦ୍ଧାର ପାଇଁ ଡିଜିପିଙ୍କ ନିର୍ଦ୍ଦେଶ ଥିବାବେଳେ ଦେବୋତ୍ତର କମିଶନର ମଧ୍ୟ ଯାଜପୁର ଏସପିଙ୍କୁ ଏନେଇ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଚୋରି ଘଟଣାର ତଥ୍ୟ ପାଇବା ପରେ ପୋଲିସ ଦିଲ୍ଲୀ ଓ ଉତ୍ତରପ୍ରଦେଶ ପର୍ଯ୍ୟନ୍ତ ଯାଇ ତଦନ୍ତ କରିଥିଲା। ଗତ ମାର୍ଚ୍ଚରେ ମୂର୍ତ୍ତି ଚୋରି ଅଭିଯୋଗରେ ଯାଜପୁର ପୋଲିସ ୪ ଜଣଙ୍କୁ ଗିରଫ କରିବା ସହ ଜିଲାର ବିଭିନ୍ନ ମନ୍ଦିରରୁ ଚୋରି ହୋଇଥିବା ୩୧ ମୂର୍ତ୍ତି ଉଦ୍ଧାର କରିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୩ଜଣ ଉତ୍ତରପ୍ରଦେଶର ହୋଇଥିବାବେଳେ ଜଣେ ବାଲେଶ୍ୱର ଅଞ୍ଚଳର ଅଛନ୍ତି। ଅଭିଯୁକ୍ତମାନେ ଚୋରି ମୂର୍ତ୍ତିକୁ ନେଇ ଉତ୍ତରପ୍ରଦେଶରେ ବିକ୍ରି କରୁଥିଲେ। ଏମାନେ ପାଟପୁର ସିଦ୍ଧ ବଳଦେବଜୀଉ ମନ୍ଦିର ଅଷ୍ଟଧାତୁ ଚୋରି ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଛନ୍ତି। କିନ୍ତୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଏବେ ଯାଏ ଗିରଫ ହୋଇ ନ ଥିବାରୁ ସିଦ୍ଧ ବଳଦେବଜୀଉ ମନ୍ଦିରର ମୂଲ୍ୟବାନ ୬ ଅଷ୍ଟଧାତୁ ମୂର୍ତ୍ତି ଏଯାବତ ଉଦ୍ଧାର ହୋଇପାରିନାହିଁ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

ଗତ ନଭେମ୍ବର ୧୧ତାରିଖ ରାତିରେ କେହି ଦୁର୍ବୃତ୍ତ ଏହି ମନ୍ଦିରରୁ ଅଷ୍ଟଧାତୁରେ ନିର୍ମିତ ମଦନମୋହନ, କୃଷ୍ଣ, ରାମ, ରାଧା, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ମୂର୍ତ୍ତିକୁ ମନ୍ଦିର କବାଟ ଭାଙ୍ଗି ଚୋରି କରି ନେଇଥିଲେ। ଚୋରି ମୂର୍ତ୍ତିର ଆନୁମାନିକ ମୂଲ୍ୟ ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ମୂର୍ତ୍ତିର ଓଜନ ୯୦ କିଲୋରୁ ଅଧିକ ଥିବା ମନ୍ଦିର ଟ୍ରଷ୍ଟି ବିନୋଦ କୁମାର ଦାସ ସେତେବେଳେ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଥିଲେ। ଧର୍ମଶାଳା ପୋଲିସ ଦ୍ୱାରା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଯାଜପୁରର ପୂର୍ବତନ ଏସ୍‌ପି ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ସାଇଣ୍ଟିଫିକ୍ ଟିମ୍ କୁକୁରର ସହାୟତା ମଧ୍ୟ ନିଆଯାଇଥିଲା। ଏପରି ଭାବେ ତଦନ୍ତ ଚାଲିଥିବାବେଳେ ମୂର୍ତ୍ତି ନ ଥିବାରୁ ଏଠାରେ ଚଳିତ ବର୍ଷ ରଥଯାତ୍ରା ବନ୍ଦ କରାଯାଇଛି। ଫଳରେ ଭକ୍ତଙ୍କ ଧାର୍ମିକ ଭାବନା ଓ ପରମ୍ପରା ପ୍ରଭାବିତ ହୋଇଛି। ପ୍ରତିବର୍ଷ ଏଠାରେ ଅକ୍ଷୟ ତୃତୀୟାଠାରୁ ନିତିକାନ୍ତି ସହ ଚନ୍ଦନ ଯାତ୍ରା ଆରମ୍ଭ ହୁଏ। ପରେ ରଥଯାତ୍ରା କରାଯାଇଥାଏ। ସେହିପରି ପ୍ରତି ବର୍ଷ ଭାଦ୍ରବ ମାସରେ ଏଠାରେ ସାତ ଦିନ ଧରି ଝୁଲଣ ଯାତ୍ରା ପାଳନ କରାଯାଇଥାଏ। କିନ୍ତୁ ତାହା ମଧ୍ୟ ପାଳନ କରାଯିବା କି ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ଧାର୍ମିକ ଭାବନା ଓ ଐତିହାସିକ ପରମ୍ପରା ପ୍ରଭାବିତ ହୋଇଥିବାରୁ ଭକ୍ତଙ୍କ ମନରେ ଆଘାତ ଲାଗିବା ସହ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ମନ୍ଦିର ଟ୍ରଷ୍ଟି ଦାସଙ୍କ କହିବା ମୁତାବକ, ଘଟଣାକୁ ଏତେଦିନ ବିତି ଯାଇଥିଲେ ବି ଏ ପର୍ଯ୍ୟନ୍ତ ପୋଲିସ ଅଷ୍ଟଧାତୁ ମୂର୍ତ୍ତି ଠାବ କରି ପାରିନାହିଁ କିମ୍ବା ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ପୋଲିସ ଏ ଦିଗରେ ଢିଲା ତଦନ୍ତ କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଧର୍ମଶାଳା ପୋଲିସ ପକ୍ଷରୁ କୁହାଯାଇଛି ଯେ, ଘଟଣାର ତଦନ୍ତ ଚାଲିଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ। ଏବେ ଦେଖିବାକୁ ଅପେକ୍ଷା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ କେବେ ସକ୍ଷମ ହେଉଛି।


ସିଦ୍ଧ ବଳଦେବଜୀଉ ମନ୍ଦିର।

## ସଂକ୍ଷେପରେ

### କୁଟୁରା,ଝିଙ୍କ ମାଂସ ଜବତ, ଜଣେ ଅଟକ

**ନୟାଗଡ଼ ଅଫିସ, ୧୦।୭ (ଲୋକନାଥ ମିଶ୍ର)/ଗଣିଆ (ସନ୍ତୋଷ କୁମାର ପ୍ରଧାନ):** ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳର ବଡ଼ମୂଳ ନଦୀ ଘାଟ କୂଳ ଉପରେ ସୋମବାର ଚଢ଼ାଉ କରାଯାଇ କୁଟୁରା ଓ ଝିଙ୍କମାଂସ ଜବତ କରାଯାଇଛି। ଏହି ଘଟଣାରେ ଦଶପଲ୍ଲା ଥାନା ଲୋଧାପଙ୍ଗା ଗାଁର ଜଣେ ଶିକାରୀଙ୍କୁ ଅଟକ ରଖାଯାଇଛି। ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ସଂକ୍ରାନ୍ତରେ ତଦନ୍ତ ଜାରି ରହିଛି। ତେବେ କେତେ ମାଂସ ଜବତ ହୋଇଛି ଓ ଶିକାରୀଙ୍କ ନାମ କ'ଣ ସେ ସଂକ୍ରାନ୍ତରେ ବନ ବିଭାଗ ପକ୍ଷରୁ କୌଣସି ସୂଚନା ମିଳିନାହିଁ।

### କାର୍ଯ୍ୟରେ ଯୋଗ ଦେଲେ ଏସ୍‌ପି ରାହୁଲ ଜୈନ



**ନୟାଗଡ଼,୧୦।୭(ଲୋକନାଥ ମିଶ୍ର):** ୨୦୧୫ ବ୍ୟାଚର ଆଇପିଏସ୍ ରାହୁଲ ଜୈନ ସୋମବାର ନୟାଗଡ଼ ଏସ୍‌ପି ଭାବେ ଦାୟିତ୍ୱ ନେଇଛନ୍ତି। ଜୁନ ୩୦ରେ ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି ଅବସର ନେବା ପରେ ଖୋର୍ଦ୍ଧା ଏସ୍‌ପି ସିଦ୍ଧାର୍ଥ କଟାରିଆ ଦାୟିତ୍ୱରେ ଥିଲେ। ସୋମବାର ଖୋର୍ଦ୍ଧା ଏସ୍‌ପି ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଏସ୍‌ପି ଜୈନ କହିଛନ୍ତି, ଜିଲାବାସୀଙ୍କ ସହ ବନ୍ଧୁତ୍ୱ ସ୍ଥାପନ କରି ପୋଲିସ ଆସ୍ଥା ଭାଜନ ହୋଇପାରିବ। ଆଇନ ଶୃଙ୍ଖଳା ଭଲ ରହିବ। ଜିଲାର ବାସିନ୍ଦା କିପରି ଶାନ୍ତିରେ ରହିବେ ତାହା ମୋର ପ୍ରାଥମିକତା ହେବ। ନୟାଗଡ଼ ପୋଲିସ ଲୋକମାନଙ୍କୁ କିପରି ଭଲ ସେବା ଯୋଗାଇବ ସେଥିପାଇଁ ମୁଁ ପଦକ୍ଷେପ ନେବି। ଏହି ଅବସରରେ ସେ କହିଲେ ଜିଲାର ସୁବିଧା, ଅସୁବିଧା, ଅଭିଯୋଗ, ଆଇନଶୃଙ୍ଖଳାର ସମୀକ୍ଷା ଓ ଅନୁଧ୍ୟାନ କରି ପଦକ୍ଷେପ ନେବି। ଜିଲାରେ ୨ବର୍ଷରୁ ଅଧିକ କାର୍ଯ୍ୟ କରିଥିବା ୧୧ ଇନ୍ସପେକ୍ଟରଙ୍କ ବଦଳି ପରେ ନୂଆ ଟିମ୍ ସହ କାର୍ଯ୍ୟ କରିବାରେ କିଛି ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୧୧ ଇନ୍ସପେକ୍ଟରରୁ ୭ ଜଣ ରିଲିଭ ହୋଇ ଅନ୍ୟ ଜିଲାକୁ ଚାଲିଗଲେଣି। ଅବଶିଷ୍ଟ ୪ଜଣ ପୁଣି ରିଲିଭ ହେବାର ରହିଛି। ଏହାରି ଭିତରେ ନୂଆ ଇନ୍ସପେକ୍ଟର କାର୍ଯ୍ୟରେ ଯୋଗ ଦେବେ ବୋଲି ସୂଚନା ମିଳିଛି।

### ଜେଲ୍ ଗଲେ ଟ୍ୟୁଶନ ଶିକ୍ଷକ
#### ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ

**ନୟାଗଡ଼,୧୦।୭(ଲୋକନାଥ ମିଶ୍ର):** ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଦଶପଲ୍ଲା ମଧଖଣ୍ଡ ଫାଣ୍ଡି ପୋଲିସ ଘୋଳାହାଣ୍ଡି ଗାଁର ଦେବେନ୍ଦ୍ର ସାହୁ(୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଦେବେନ୍ଦ୍ରଙ୍କୁ ଦଶପଲ୍ଲା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଦେବେନ୍ଦ୍ର ସାହୁ ଜଣେ ଯୁକ୍ତ ୩ ଛାତ୍ର। ସେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଟିଉଶନ କରୁଥିଲେ। ପାଠ ପଢ଼ାଇବା ବେଳେ ଦେବେନ୍ଦ୍ର ସମ୍ପୃକ୍ତ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଘଟଣା ସମ୍ପର୍କରେ ଛାତ୍ରୀ ଘରେ କହିଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୮୦/୨୩) ରୁଜୁ କରିଛି।

# ଆମରଣ ଅନଶନ ଆନ୍ଦୋଳନ ରୂପ ନେବ

**ନୂଆଗାଁ,୧୦।୭ (ଧନେଶ୍ୱର ସାହୁ)**



୧୨ଦିନ ହେବ ଅନଶନରେ ବସିଥିବା ଲୋକମାନେ।

- ୧୨ ଦିନ ପରେ ବି ଅନଶନକାରୀଙ୍କୁ ମିଳିଲାନି ନ୍ୟାୟ
- ପଞ୍ଚାୟତରୁ ବ୍ଲକସ୍ତରକୁ ବ୍ୟାପିବ ଆନ୍ଦୋଳନ
- ଅନଶନକାରୀଙ୍କୁ ପ୍ରଶାସନର ଅଣଦେଖା
- କାର୍ଯ୍ୟରେ ଶିଥିଳତା ପାଇଁ ବଢୁଛି ଜନ ଅସନ୍ତୋଷ

ଆବାସ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ନେଇ ବେରୁହାଁବାରୀ ପଞ୍ଚାୟତରେ ଧାରଣାରେ ବସିଛନ୍ତି ମହିଳା ଓ ପୁରୁଷମାନେ। ପ୍ରଥମେ ଧାରଣା ଓ ପରେ ଆମରଣ ଅନଶନରେ ବସିବାର ୧୨ ଦିନ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କୁ ନ୍ୟାୟ ମିଳିଲା ନାହିଁ। ବ୍ଲକ ପ୍ରଶାସନ ଅନଶନକାରୀଙ୍କୁ ଅଣଦେଖା କରିବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା କାର୍ଯ୍ୟରେ ଶିଥିଳତା ଦେଖାଉଛି। ଯାହା ଫଳରେ ନୂଆଗାଁ ବ୍ଲକରେ ଜନ ଅସନ୍ତୋଷ ଦେଖିବାକୁ ମିଳିଛି। ତେଣୁ କେବଳ ବେରୁହାଁବାରୀ ପଞ୍ଚାୟତରେ ନୁହେଁ, ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ବହୁ ପଞ୍ଚାୟତର ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀ ଆନ୍ଦୋଳନ କରିବା ପାଇଁ ସଜବାଜ ହେଉଛନ୍ତି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବେରୁହାଁବାରୀ ପଞ୍ଚାୟତରେ ଆବାସ ଗୃହ ତାଲିକାରୁ ବାଦ୍ ପଡିଥିବା ୧୫ ଜଣରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ପଞ୍ଚାୟତ କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ। ଧାରଣାର ୫ ଦିନ ପରେ କେହି ନ ଶୁଣିବାରୁ ୬ଷ୍ଠ ଦିନରୁ ଆମରଣ ଆନଶନ କରିଥିଲେ। ଏହାପରେ ସେମାନଙ୍କୁ ବୁଝାଶୁଝା କରିବା ପାଇଁ ନୂଆଗାଁ ଏବିଡିଓ ସ୍ୱଦେଶ ରଞ୍ଜନ ମିଶ୍ର ଓ ସରପଞ୍ଚ ସୁଶାନ୍ତ କୁମାର ସାହୁ ଯାଇଥିବା ବେଳେ ଅନଶନକାରୀ ସେମାନଙ୍କୁ ପଞ୍ଚାୟତରେ ଅଟକ ରଖିଥିଲେ। ଖବର ପାଇ ଅଟକଙ୍କୁ ମୁକୁଳାଇବା ପାଇଁ ବ୍ଲକ ପ୍ରଶାସନର କୌଣସି ଅଧିକାରୀ ଯାଇ ନ ଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ବେରୁହାଁବାରୀ ସମିତି ସଭ୍ୟ କେଦାର ସେଠୀ ପହଞ୍ଚି ଦୁଇ ଦିନ ମଧ୍ୟରେ ଅନିୟମିତତାର ପୁନର୍ବାର ତଦନ୍ତ କରିବା ପ୍ରତିଶ୍ରୁତି ଦେବାରେ ଅଟକଙ୍କୁ ଅନଶନକାରୀ ଛାଡିଥିଲେ। କିନ୍ତୁ ନ୍ୟାୟ ନ ମିଳିବା ଯାଏ ଅନଶନ ଜାରି ରଖିବା ପାଇଁ ଜିଦ୍ ଧରିଥିଲେ। ପ୍ରତିଶ୍ରୁତି ମୁତାବକ ବ୍ଲକସ୍ତରର ଏକ ପାଞ୍ଚ ଜଣିଆ ଟିମ୍ ଅନଶନରେ ବସିଥିବା ବ୍ୟକ୍ତିମାନଙ୍କ ଘର ପୁନର୍ବାର ତଦନ୍ତ କରିଥିଲେ। ତେବେ ବେସରକାରୀ ଭାବେ ମିଳିଥିବା ସୂଚନା ଅନୁସାରେ ଅଭିଯୋଗକାରୀଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଆବାସ ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ହୋଇ ନ ଥିବା ଜଣା ପଡିଛି। ସୂଚନା ଯଦି ସତ୍ୟ ହୋଇଥାଏ ତେବେ ଜାରି ରହିଥିବା ଆମରଣ ଅନଶନ ତୀବ୍ର କରି ପଞ୍ଚାୟତରୁ ବ୍ଲକସ୍ତରକୁ ବ୍ୟାପକ କରିବା ପାଇଁ ଅନଶନକାରୀମାନେ କହିଛନ୍ତି। କେବଳ ବେରୁହାଁବାରୀ ପଞ୍ଚାୟତର ଲୋକ ନୁହନ୍ତି, ବ୍ଲକର ବିଭିନ୍ନ ପଞ୍ଚାୟତର ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀ ଓ ଜନ ପ୍ରତିନିଧି ଆନ୍ଦୋଳନରେ ସାମିଲ ହେବେ ବୋଲି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଅନଶନକାରୀଙ୍କ ଅଭିଯୋଗ ମୁତାବକ ସେମାନେ ଆବାସ ଯୋଜନାରେ ଗୃହ ପାଇବାକୁ ଯୋଗ୍ୟ ହୋଇଥିବାରୁ ପଞ୍ଚାୟତରେ ପ୍ରଥମେ ଲଗା ଯାଇଥିବା ତାଲିକାରେ ସେମାନଙ୍କ ନାମ ରହିଥିଲା। କିନ୍ତୁ ବର୍ତ୍ତମାନ ସେମାନଙ୍କ ନାମକୁ ଜାଣିଶୁଣି କାଟି ଦିଆ ଯାଇଛି। ଆମଠାରୁ ଭଲ ଘରେ ରହୁଥିବା ଲୋକମାନଙ୍କୁ ଘର ପାଇଁ କାର୍ଯ୍ୟାଦେଶ ଦିଆ ଯାଇଛି। ହେଲେ ଆମକୁ କାହିଁକି ଅଣଦେଖା କରାଗଲା ବୋଲି ପ୍ରଶ୍ନ କରିଛନ୍ତି।

### ଶୈବ ପୀଠରେ କାଉଡ଼ିଆଙ୍କ ଭିଡ଼



**ଖଣ୍ଡପଡ଼ା,୧୦।୭ (ଅଜୟ କୁମାର ମହାରଣା)** ଶ୍ରାବଣର ପ୍ରଥମ ସୋମବାରରେ ଜଳ ଲାଗି ପାଇଁ ବିଭିନ୍ନ ଶୈବ ପୀଠରେ କାଉଡିଆଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଖଣ୍ଡପଡ଼ା ଅଞ୍ଚଳର ପ୍ରମୁଖ ଶୈବପୀଠ ଏନେଇ ଚଳଚଞ୍ଚଳ ହୋଇ ଉଠିଥିଲା। ପ୍ରତ୍ୟୁଷରୁ ଖଣ୍ଡପଡ଼ା ସହରର ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବ, ବନ୍ଧ ବିମଳେଶ୍ୱର ମହାଦେବ, ଶ୍ରୀବାଲୁଙ୍କେଶ୍ୱର ଦେବ, ବେଣାଗାଡିଆ ପଞ୍ଚାୟତର କାଦୁଆ ଗ୍ରାମସ୍ଥିତ ପ୍ରଭୁ ଶ୍ରୀ ଗତିଶ୍ୱର ଦେବ, ବୋଦସା, ଖଳିସାହି, ମର୍ଦ୍ଦରାଜପୁର ସମେତ ପୁରପଲ୍ଲୀରେ ଅବସ୍ଥିତ ପ୍ରମୁଖ ଶୈବପୀଠରେ ଶତାଧିକ କାଉଡିଆ ଜଳ ଲାଗି କରିଥିଲେ। କାଉଡିଆମାନେ ଜଳଲାଗି କରିବା ପରେ ପୂଜକମାନେ ବିଗ୍ରହମାନଙ୍କୁ ମାଘ ସ୍ନାନ କରିବା ସହ ସମସ୍ତ ନୀତିକାନ୍ତି ଶେଷ କରିଥିଲେ। ବହୁ ସଂଖ୍ୟକ କାଉଡିଆ କଣ୍ଟିଲୋ, ବାଣପୁର ଓ ସିଧାମୂଳା ମହାନଦୀ ଘାଟରୁ ଜଳଭାର ନେଇ ରାଜ୍ୟର ପ୍ରମୁଖ ଶୈବ ପୀଠଗୁଡିକୁ ଯାତ୍ରା କରିଥିବା ଦେଖିବାକୁ ମିଳିଥିଲା।



ତୃତୀୟ ନୟନ ପକ୍ଷରୁ ନୟାଡ଼ଗରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

### ତୃତୀୟ ନୟନର ବୈଠକ
#### ନଭେମ୍ବରରେ ହେବ ମଞ୍ଚସ୍ଥ ହେବ 'ସିଏ ଆସିବେ'

**ନୟାଗଡ଼ ଅଫିସ,୧୦।୭ (ଲୋକନାଥ ମିଶ୍ର)**

ନାଟ୍ୟାନୁଷ୍ଠାନ ତୃତୀୟ ନୟନର ବୈଠକ ସୋମବାର ଆଦିନିବାସଠାରେ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ନଭେମ୍ବରରେ ବିଶ୍ୱନାଥ ମହାପାତ୍ରଙ୍କ ରଚିତ ନାଟକ 'ସିଏ ଆସିବେ' ମଞ୍ଚସ୍ଥ ହେବ ବୋଲି ସ୍ଥିର ହୋଇଛି। ମିଷ୍ଟର କାଳିଆଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ନିର୍ଦ୍ଦେଶକ ନାଟ୍ୟଭୂଷଣ ବିଜୟ କୁମାର ଚୌଧୁରୀ ଉପସ୍ଥିତ କଳାକାର ତଥା ସଦସ୍ୟମାନଙ୍କୁ ଚରିତ୍ରମାନଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ରାକେଶ ଦାଶ, ଅଶୋକ ମଲ୍ଲ, ବିରୁପାକ୍ଷ ସ୍ୱାଇଁ, ମିସ ସୋନାଲି, ପୂର୍ଣ୍ଣଚନ୍ଦ୍ର ଶତପଥୀ, ପ୍ରଦୀପ୍ତ ଡାକୁଆ, ବାପୁ, ବାପି, ଗୁନା ପ୍ରମୁଖ ସୌଖୀନ କଳାକାରମାନେ ନୟାଗଡ଼ର ଉଚ୍ଚକୋଟୀର ମଞ୍ଚ ନାଟକ ପରମ୍ପରାକୁ ଅଧିକ ସମୃଦ୍ଧ କରିବା ପାଇଁ ପ୍ରସ୍ତାବ ଦେଇଥିଲେ।

# ୧୭ ଅଭିଯୋଗର ତତ୍କାଳ ସମାଧାନ

**ଗଣିଆ,୧୦।୭ (ସନ୍ତୋଷ କୁମାର ପ୍ରଧାନ)**

ସୋମବାର ଗଣିଆ ବ୍ଲକରେ ନୟାଗଡ଼ ଜିଲାପାଳଙ୍କ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଶିବିରରେ ମୋଟ ୧୬୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ପାନୀୟଜଳ, ଶିକ୍ଷକ ନିଯୁକ୍ତି ପରି ୬ ଗୋଷ୍ଠୀଭିତ୍ତିକ ଅଭିଯୋଗ ଥିଲା। ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ରାଶନକାର୍ଡ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା, ଶ୍ରମିକ ସହାୟତା ଓ କାଳିଆ ଯୋଜନା ପରି ୧୫୧ଟି ବ୍ୟକ୍ତିଗତ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୯ଜଣଙ୍କୁ ଓ ରେଡକ୍ରସ ତରଫରୁ ୨ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଜିଲାପାଳ ରବିନ୍ଦ୍ର ନାଥ ସାହୁ ଉପସ୍ଥିତ ରହି ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ୧୭ ଅଭିଯୋଗର ଶୁଣାଣି କରି ତତ୍କାଳ ସମାଧାନ କରିଥିଲେ। ଉପ ଜିଲାପାଳ ଶକ୍ତିକାନ୍ତ ରାୟ, ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ବିଡିଓ ଖଗେଶ୍ୱର ପାତ୍ର, ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଅତିରିକ୍ତ ତହସିଲଦାର ବନମାଳୀ ପରିଡା, ଡିପିଓ ମନୋରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ଶିବିରରେ ବ୍ଲକର ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଜଙ୍ଗଲ, କୃଷି, ଉଦ୍ୟାନକୃଷି, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, ପ୍ରାଣୀସମ୍ପଦ ପରି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।




ଜନଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ।

### ୫.୫୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ନୟାଗଡ଼,୧୦।୭ (ଲୋକନାଥ ମିଶ୍ର)**

ଇଟାମାଟି ଥାନା ପୋଲିସ ୫.୫୦ ଗ୍ରାମ ବ୍ରାଉନସୁଗାର ଜବତ କରି ଇଟାମାଟିର ଧର୍ମେନ୍ଦ୍ର ସ୍ୱାଇଁ(୨୮) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ଧର୍ମେନ୍ଦ୍ର ନୂଆଗାଁ ପୋଖରୀ କୂଳରେ ବ୍ରାଉନସୁଗାର ବିକ୍ରି ବେଳେ ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଘଟଣା ସ୍ଥଳରୁ ୧୦୩ ପୁଡିଆ ବ୍ରାଉନସୁଗାର ଜବତ କରିଥିଲା। ଏନେଇ ଏକ ମାମଲା(ନଂ.୧୫୭/୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ଶାଳ ଶାଗୁଆନ ଗଣ୍ଡି,ସାଇଜ ଜବତ



ବନବିଭାଗ ପକ୍ଷରୁ କାଠ ଜବତ କରାଯାଉଛି।

**ଓଡ଼ଗାଁ, ୧୦।୭ (ଆଦର୍ଶ କୁମାର ପଟ୍ଟନାୟକ)**

ଓଡ଼ଗାଁ ବନାଞ୍ଚଳ ଓ ବାହାଡ଼ଝୋଲା ସେକ୍ସନ ଅନ୍ତର୍ଗତ ସିଙ୍ଗାରପଲ୍ଲୀ ଗ୍ରାମରୁ ବନବିଭାଗ ଲକ୍ଷାଧିକ ଟଙ୍କା ମୂଲ୍ୟର ଶାଳ,ଶାଗୁଆନ ଗଣ୍ଡି ସମେତ ସାଇଜ କାଠ ଜବତ କରିଛି। ସୂଚନା ଅନୁଯାୟୀ, ସିଙ୍ଗାରପଲ୍ଲୀ ଗାଁର ଗ୍ରାମଦେବତୀଙ୍କ ପୀଠର ଅନତିଦୂରରେ ସୋମବାର ବେଆଇନ ଭାବେ କାଠ କଟାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାହାଡ଼ଝୋଲା ବନପାଳ ସନାତନ ସ୍ୱାଇଁ ସଦଳବଳେ ଚଢ଼ାଉ କରିଥିଲେ। ବନବିଭାଗର ଗାଡ଼ିକୁ ଦେଖି ଘଟଣାସ୍ଥଳରୁ କାଠ କଟାଳି ଚମ୍ପଟ ମାରିଥିବାବେଳେ ବନବିଭାଗ ସେଠାରୁ ୪ ଶାଳ ଗଣ୍ଡି, ୪ ଶାଗୁଆନ ଗଣ୍ଡି ଓ ୪୦ ଶାଳ ସାଇଜ ସମେତ ଲୁହା କରତ ଜବତ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ାଉରେ ଫରେଷ୍ଟ ଗାର୍ଡ ସୁନୀଲ କୁମାର ନାୟକ, ଦୀପ୍ତିମୟୀ ଦାସ, କବିର ସାହୁ, ବିଶ୍ୱଜିତ ସାମନ୍ତରାୟ ପ୍ରମୁଖ ସାମିଲ ଥିଲେ।

### ବନମହୋତ୍ସବ ପାଳିତ

**ଭାପୁର,୧୦।୭ (ଭରତ କୁମାର ହେରା)**

ଭାପୁର ବ୍ଲକ ବଡ଼ସହରା ପଞ୍ଚାୟତ ରାମପଡ଼ା ପ୍ରାଥମିକ ବିଦ୍ୟାଳୟରେ ସୋମବାର ବନମହୋତ୍ସବ ପାଳିତ ହୋଇଯାଇଛି।ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଭାପୁର ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାକର ସାମନ୍ତରାୟ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ଦଣ୍ଡପାଣି ନାୟକ, ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶ, ଭାପୁର ବନପାଳ ବନମାଳୀ ରାଉତ, ବନରକ୍ଷୀ ସୁବାସ ଚନ୍ଦ୍ର ନାୟକ, ସସ୍ମିତା ସେଠୀ,ସିଆରସିସି ଲକ୍ଷ୍ମୀଧର ସାହୁ,ମୋ ସ୍କୁଲ ସଭାପତି ପ୍ରାଣବନ୍ଧୁ ସ୍ୱାଇଁ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀବାଳା ଦାଶ, ସହକାରୀ ଶିକ୍ଷକ ତ୍ରିନାଥ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରିଥିଲେ। ଶେଷରେ ସ୍କୁଲ ପରିସରରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା।

# ତାଲା ପକାଇ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ନୟାଗଡ଼ ଅଫିସ,୧୦।୭ (ଲୋକନାଥ ମିଶ୍ର)/ଗଣିଆ(ସନ୍ତୋଷ କୁମାର ପ୍ରଧାନ)**

## ବିଦ୍ୟୁତ୍ କାଟ ଓ ଲୋଭୋଲଟେଜର ପ୍ରତିବାଦ

ବେଆଇନ୍ ବିଦ୍ୟୁତକାଟ୍ ଓ ଲୋ ଭୋଲଟେଜ୍ ପ୍ରତିବାଦରେ ଗଣିଆ ବ୍ଲକ୍ ଗଣିଆ ବିଦ୍ୟୁତ୍ ବିଭାଗର କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଫାଟକରେ ତାଲା ପକଇେ କିଶୋରପ୍ରସାଦ ପଞ୍ଚାୟତ କାଳିଆପଡ଼ା ଗାଁର ବିଦ୍ୟୁତ୍ ଉପଭୋକ୍ତା ଧାରଣା ଦେଇଛନ୍ତି। ବିଦ୍ୟୁତ୍ ସମସ୍ୟା ସମାଧାନ ନ ହେଲେ ଧାରଣା ପ୍ରତ୍ୟାହୃତ ହେବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସୋମବାର ଅପରାହ୍ନରୁ ଆନ୍ଦୋଳନ ହୋଇଥିଲେ ମଧ ରାତି ୮ଟା ପର୍ଯ୍ୟନ୍ତ କୌଣସି ଅଧିକାରୀ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ନାହାନ୍ତି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ ଦିନକୁ ୮ରୁ ୧୦ ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ବିଦ୍ୟୁତ୍ କାଟର କାରଣ ଜଣା ଯାଉନି। ପୁଣି ଲୋଭୋଲଟେଜ କାରଣରୁ ଫ୍ୟାନ ବୁଲୁନାହିଁ। ଅଭିଯୋଗ କଲେ ସମାଧାନ କରାଯାଉ ନାହିଁ ବୋଲି ଉପଭୋକ୍ତମାନେ କ୍ଷୋଭ ପ୍ରକାଶ କରିଛନ୍ତି।




ବିଦ୍ୟୁତ୍ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଗ୍ରାମବାସୀ ଧାରଣା ଦେଉଛନ୍ତି।

# ଲଡୁବାବାଙ୍କ ପୀଠରେ ଜଳଲାଗି କଲେ କାଉଡ଼ିଆ

**ଶରଣକୁଳ,୧୦।୭ (ଦୀପକ କର )**

ଆଜି ଶ୍ରାବଣର ପ୍ରଥମ ସୋମବାରରେ ଲଡୁବାବାଙ୍କ ପୀଠରେ ଜଳଲାଗି ପାଇଁ କାଉଡ଼ିଆମାନଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ରବିବାର ରାତିରେ ସାଢ଼େ ୭ହଜାରରୁ ଊର୍ଦ୍ଧ୍ୱ କାଉଡିଆ ବିଭିନ୍ନ ନଦୀରୁ ଜଳ ନେଇ ଶରଣକୂଳରେ ପହଞ୍ଚି ଅସ୍ଥାୟୀ ଆଶ୍ରୟସ୍ଥଳରେ ବିଶ୍ରାମ ନେଇଥିଲେ। କାଉଡିଆମାନଙ୍କ ପାଇଁ କଟକ ତଥା ବିଭିନ୍ନ ସ୍ଥାନରୁ ଆସିଥିବା ଦାତବ୍ୟ ଅନୁଷ୍ଠାନ ମାଗଣା ଜଳଖିଆ, ଅନ୍ନପ୍ରସାଦର ତଥା ଅନ୍ୟାନ୍ୟ ବ୍ୟବସ୍ଥା କରିଥିଲେ। ଲଡୁବାବାଙ୍କ ଅବକାଶ ନୀତି ସମ୍ପର୍ଣ୍ଣ ହେବା ପରେ ରାତି ଗୋଟାଏରୁ କାଉଡ଼ିଆମାନେ ଗେରୁଆ ବସ୍ତ୍ର ପରିଧାନ କରି ମନ୍ଦିର ସିଂହଦ୍ୱାର ସମ୍ମୁଖରେ ନିର୍ମିତ ଲୌହ ବ୍ୟାରିକେଡ୍ ଦେଇ ଧାଡ଼ିରେ ଜଳକୁମ୍ଭ ନେଇ ଓଁ ନମଃ ଶିବାୟ, ଜୟ ଲଡୁବାବା ଜୟ, ହର ହର ମହାଦେବ ଧ୍ୱନି ଉଚ୍ଚାରଣ କରି ମନ୍ଦିର ଭିତରେ ପ୍ରବେଶ ପରେ ଜଳଲାଗି କରିଥିଲେ। ଆଜି ପ୍ରଥମ ସୋମବାରରେ ବହୁ ସଂଖ୍ୟକ ମହିଳା ଓ ଅଳ୍ପ ବୟସ୍କ ପିଲାମାନେ ଜଳଭାର ଧରି ଆସିଥିଲେ। ମନ୍ଦିର ଖୋଲିବା ପରେ ପ୍ରଥମେ ପ୍ରାୟ ୩ ହଜାର ମହିଳା ଭକ୍ତ ଭୋର ୪ଟା ପର୍ଯ୍ୟନ୍ତ ଜଳଲାଗି କରିଥିଲେ। ପରେ ଅବଶିଷ୍ଟ ଭକ୍ତ ଜଳଲାଗି କରିଥିଲେ। ଠାକୁରଙ୍କ ନୀତି ପାଇଁ କିଛି ସମୟ ଭକ୍ତମାନଙ୍କ ଦର୍ଶନ ବନ୍ଦ ରହିଥିଲା। ତା'ପରେ ଚିରାଚରିତ ରୀତିରେ ପୁଣି ଦର୍ଶନ ଓ ଜଳାଭିଷେକ ଚାଲୁ ରହିଥିଲା। ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ ଓ ସେବାସୀମାନେ ଭକ୍ତଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରିଥିଲେ। ଆଜିର କାଉଡ଼ିଆ ସେବା ନରେନ୍ଦ୍ରପୁର ଛାମୁସାହିର ସେବାସୀଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ଜୁଲାଇ ୧୭ରେ ରତ୍ନସାହି, ଅଗଷ୍ଟ ୨୧ରେ କମଳାଦେଇପୁର ପାଟଣା, ଅଗଷ୍ଟ ୨୮ରେ ସର୍ବରାପାଟଣା ସେବାସୀଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରାଯାଇଛି ବୋଲି ମନ୍ଦିର ପରିଚାଳକ ବରାଡ଼ ପ୍ରକାଶ କରିଛନ୍ତି। ଶରଣକୁଳ ପୋଲିସ ପକ୍ଷରୁ ମନ୍ଦିରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



ଜଳଲାଗି ପାଇଁ ଧାଡ଼ିରେ ଠିଆ ହୋଇଥିବା କାଉଡିଆ।

# ନୟାଗଡ଼ରେ ବଦଳୁନି ପୁତ୍ର କନ୍ୟା ଜନ୍ମ ଅନୁପାତ

ନୟାଗଡ଼,୧୦।୭ (ଲୋକନାଥ ମିଶ୍ର)

- ୨୦୧୧ ପରଠାରୁ କନ୍ୟା ସଂଖ୍ୟା ହ୍ରାସ
- ଖୋଜା ଯାଉନି କାରଣ, ବୃଦ୍ଧି ପାଇଁ ନାହିଁ ଚିନ୍ତା
- କାଗଜକଲମରେ ବେଟି ବଞ୍ଚାଓ ବେଟି ପଢ଼ାଓ ଯୋଜନା
- ଆଗକୁ ସୃଷ୍ଟି ହୋଇପାରେ ଭୟଙ୍କର ସ୍ଥିତି

ନୟାଗଡ଼ ଜିଲାରେ ପୁତ୍ର କନ୍ୟା ଜନ୍ମ ଅନୁପାତର ଚିତ୍ର ବଦଳୁନି । ୨୦୧୧ ପରଠାରୁ ଜିଲାରେ ହ୍ରାସ ପାଇ ଚାଲିଛି କନ୍ୟା ଜନ୍ମ ସଂଖ୍ୟା । କେଉଁ କାରଣରୁ କନ୍ୟା ଜନ୍ମ ସଂଖ୍ୟା ହ୍ରାସ ପାଉଛି, କ'ଣ କରାଗଲେ ସେହି ସଂଖ୍ୟା ବଢ଼ିବ ଏନେଇ ସରକାରୀସ୍ତରରେ ତତ୍ପରତା ନାହିଁ । ଅନ୍ୟପକ୍ଷେ କନ୍ୟା ଜନ୍ମ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ବେଟି ବଞ୍ଚାଅ ବେଟି ପଢ଼ାଅ କାର୍ଯ୍ୟକ୍ରମ କାଗଜକଲମରେ ସଫଳତା ସାଉଁଟି ଚାଲିଛି । କିନ୍ତୁ ଗ୍ରାଉଣ୍ଡ ଜିରୋର ରିପୋର୍ଟ ବିଗିଡିବା ଆରମ୍ଭ କରିଛି । ଏହି କାରଣରୁ ବିବାହ ପାଇଁ ଝିଅ ମିଳୁ ନ ଥିବା ଅଭିଯୋଗ ଆରମ୍ଭ ହୋଇଛି । ଏଥିପାଇଁ ଅନେକ ଯୁବକ ଅବିବାହିତ ରହିଛନ୍ତି ବୋଲି ଜଣାପଡିଛି । ତଥାପି ଜିଲା ପ୍ରଶାସନର ଚିନ୍ତା ନାହିଁ ବୋଲି ଅଭିଯୋଗ ହୋଇଛି।

୨୦୦୭ ଜୁଲାଇ ୧୪ ରେ ନୟାଗଡର ଡୁଙ୍ଗୁରୀ ପାହାଡ଼ ପାଦଦେଶରେ ୬ଟି ଅପରିପକ୍ୱ ଶିଶୁର ମୃତଦେହ ମିଳିଥିଲା। ଏହାପରେ ନୟାଗଡ଼ ଭ୍ରୁଣହତ୍ୟା କଥା ଚର୍ଚ୍ଚାକୁ ଆସିଥିଲା । ଏହାର ଅର୍ଥ ନୁହେଁ କେବଳ ନୟାଗଡ଼ରେ ଭ୍ରୁଣହତ୍ୟା ହେଉଥିଲା, ଅନ୍ୟ ଜିଲାରେ ହେଉ ନଥିଲା। ଏହାକୁ କେହି ପ୍ରମୁଖ ଘଟଣା ଦର୍ଶାଇ ଆଗକୁ ଆଣୁ ନ ଥିଲେ । ନୟାଗଡ଼ ଜିଲା ଏପରି ଏକ ସମ୍ବେଦନଶୀଳ ଘଟଣାକୁ ଲୋକ ଲୋଚନକୁ ଆଣି ପାରିଥିଲା । ଭ୍ରୁଣ ହତ୍ୟା ପରେ ପିସି ପିଏନଡିଟି ଆକ୍ଟ କଡାକଡି କରାଗଲା । ୨୦୧୧ ଜନ ଗଣନା ଅନୁସାରେ କନ୍ୟା ଭ୍ରୁଣ ହତ୍ୟା ଆମ ଜିଲା ପ୍ରଥମ ସ୍ଥାନରେ ଅଛି। ୨୦୧୧ରେ ଏକ ହଜାର ପୁଅରେ ୮୫୫ ଝିଅ ଜନ୍ମ ହୋଇଥିଲେ । ଏହା ପରେ ସରକାରୀ ଯୋଜନା ସତ୍ତ୍ୱେ ଝିଅ ଜନ୍ମ ସଂଖ୍ୟା ହ୍ରାସ ପାଇ ଚାଲିଛି । ଯୋଜନା ପରେ ଅତି କର୍ମରେ ୨ ପ୍ରତିଶତ ଝିଅ ଜନ୍ମ ସଂଖ୍ୟା ବଢ଼ିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଥିଲେ। ହେଲେ ସରକାରଙ୍କ ପରାମର୍ଶ ନଥିରେ ରହି ଯାଇଛି । ଜିଲାରେ ୨୦୧୨ରେ ଏକ ହଜାର ପୁଅରେ ୮୨୦ ଝିଅ ଜନ୍ମ ହୋଇଥିଲେ । ଏହା ପରେ ୨୦୧୩ରେ ୮୯୫, ୨୦୧୪ରେ ୮୬୭, ୨୦୧୫ରେ ୮୬୬, ୨୦୧୬ରେ ୮୭୯, ୨୦୧୭ରେ ୮୨୦, ୨୦୧୮ରେ ୮୩୭, ୨୦୧୯ରେ ୮୨୨, ୨୦୨୦ରେ ୮୧୧ ଓ ୨୦୨୧ରେ ୮୨୬ ଝିଅ ଜନ୍ମ ହୋଇଛନ୍ତି । ୨୦୧୧ ଠାରୁ ୨୦୨୧ ପ୍ରାୟ ୧୨ ବର୍ଷର ପୁଅ ଝିଅ ଜନ୍ମ ଅନୁପାତକୁ ଦେଖିଲେ ନୟାଗଡ଼ ଜିଲା ଶିଶୁ ପୁତ୍ର କନ୍ୟା ଜନ୍ମ ଅନୁପାତ ଠିକ ରହୁନି । ଏ ପ୍ରସଙ୍ଗକୁ ନେଇ ଅନେକ କହୁଛନ୍ତି ଅଯଥାରେ ନୟାଗଡ଼ ଜିଲାକୁ ବଦନାମ କରାଯାଉଛି। ବିଭିନ୍ନ ସଭାସମିତରେ ମଧ ନୟାଗଡ଼ ବଦନାମ ହେଉଛି ବୋଲି କୁହାଯାଉଛି । ତେବେ ଜିଲାର ଅନେକ ବୁଦ୍ଧିଜୀବି ଏଭଳି ଟିପ୍ପଣୀକୁ ନାପସନ୍ଦ କରି ଯୁକ୍ତି ବାଢ଼ିଛନ୍ତି ନୟାଗଡ଼ ବଦନାମ ହେଉନି ବରଂ ନୟାଗଡ଼ ଜିଲା ଓଡ଼ିଶାକୁ ନୂଆ ଦିଶା ଦେଖାଇଛି । ନିନ୍ଦା ହେଉଛି ଦର୍ଶାଇ ଚୁପ ରହିବା ଠିକ୍ ନୁହେଁ। ଚୁପ ରହିବାରୁ ଏବେ କେତେଜଣ ପୁଅ ବିବାହ କରି ପାରୁ ନାହାନ୍ତି । ଏଣୁ ଏହା ପଛରେ ଚକ୍ରାନ୍ତ ରହିଛି ବୋଲି ଅଭିଯୋଗ ଉଠିଲାଣି । ସରକାରୀ ଅନୁଦାନକୁ ଖର୍ଚ୍ଚ କରି ବଦନାମର ବୋଝ କହି ଖସି ଯିବାକୁ ଯେଉଁମାନେ ଚେଷ୍ଟା କରୁଛନ୍ତି ସେମାନେ କ୍ଷମା ପାଇବେ ନାହିଁ । ଏନେଇ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥି କୁହନ୍ତି, ଶିଶୁ ପୁତ୍ର କନ୍ୟା ଜନ୍ମ ଅନୁପାତ କୁ ଠିକ ଭାବେ ପରିଚାଳନା ନ କଲେ ଆଗକୁ ଭୟଙ୍କର ସ୍ଥିତି ଆସିବ। ଯୁବକମାନେ ବିବାହ କରିପାରିବେନି । ସମାଜରେ ବିଶୃଙ୍ଖଳା ଦେଖା ଦେବ । କିଛିଟା ପ୍ରଭାବ ଅନୁଭୂତ ହେଲାଣି । କେବଳ ସଭାସମିତି, ଆଲୋଚନା କରିଦେଲେ ସୁଫଳ ମିଳିବନି । ଠିକ୍ ମାର୍ଗରେ ସମୀକ୍ଷା କରି କନ୍ୟା ସଂଖ୍ୟା ବଢ଼ାଇବାକୁ ପଡିବ ବୋଲି କହିଛନ୍ତି।

## ୨୦୨୩ ବଜାଇଲାଣି ସତର୍କ ଘଣ୍ଟି

୨୦୨୩ ବର୍ଷର ପ୍ରଥମ ୪ ମାସର ପୁଅ ଝିଅ ଜନ୍ମ ଅନୁପାତ ସତର୍କ ଘଣ୍ଟି ବଜାଇ ସାରିଲାଣି। ଜାନୁୟାରୀରେ ଜିଲାରେ ୪୨୪ ଝିଅ ଓ ୩୬୩ ପୁଅ ଜନ୍ମ ହୋଇଛନ୍ତି । ଜାନୁୟାରୀର ପୁଅ ଝିଅ ଜନ୍ମ ଅନୁପାତକୁ ଦେଖିଲେ ୧ ହଜାର ପୁଅରେ ୮୫୬ ଝିଅ ଜନ୍ମ ହୋଇଛନ୍ତି । ଫେବୃୟାରୀରେ ୩୯୩ପୁଅ ଓ ୩୦୬ ଝିଅ ଜନ୍ମ ହୋଇଛନ୍ତି । ଫେବୃୟାରୀର ପୁଅ ଝିଅ ଜନ୍ମ ଅନୁପାତକୁ ଦେଖିଲେ ୧ ହଜାର ପୁଅରେ ୭୭୯ ଝିଅ ଜନ୍ମ ହୋଇଛନ୍ତି । ପୁଣି ମାର୍ଚ୍ଚରେ ୪୬୮ ପୁଅ ଓ ୩୩୮ ଝିଅ ଜନ୍ମ ନେଇଛନ୍ତି । ମାର୍ଚ୍ଚର ପୁଅ ଝିଅ ଜନ୍ମ ଅନୁପାତକୁ ଦେଖିଲେ ୧ ହଜାର ପୁଅରେ ୭୨୨ ଝିଅ ଜନ୍ମ ହୋଇଥିବା ରିପୋର୍ଟ ସଂଗ୍ରହ ହୋଇଛି । ଏପ୍ରିଲରେ ୪୧୧ ପୁଅ ଓ ୩୧୨ ଝିଅ ଜନ୍ମ ହୋଇଛନ୍ତି । ଏପ୍ରିଲର ପୁଅ ଝିଅ ଜନ୍ମ ଅନୁପାତକୁ ଦେଖିଲେ ୧ ହଜାର ପୁଅରେ ୭୮୧ଝିଅ ଜନ୍ମ ନେଇଛନ୍ତି । ୨୦୧୧ରୁ ୨୦୨୧ ପ୍ରାୟ ୧୨ ବର୍ଷର ରିପୋର୍ଟ ସହ ୨୦୨୩ ଜାନୁୟାରୀ ଓ ଏପ୍ରିଲ ୪ମାସର ରିପୋର୍ଟକୁ ତର୍ଜମା କଲେ ବିପତ୍ତି ହିଁ ବିପତ୍ତି ମାଡି ଆସୁଛି । ହେଲେ ସତର୍କ ଘଣ୍ଟିକୁ ବାରି ପାରୁ ଥିଲେ ମଧ ପଦକ୍ଷେପ ନାହିଁ । ୨୦୨୩ ଜାନୁୟାରୀ ଓ ଜୁଲାଇର ଦିଶା ବୈଠକ, ବିଭିନ୍ନ ସମୟରେ ଜିଲା ପରିଷଦ ବୈଠକରେ କେବଳ ଉଦ୍‌ବେଗ ପ୍ରକାଶ ପାଇ ଆସୁଛି । ହେଲେ ପ୍ରକୃତ ସ୍ଥିତି ଗ୍ରାଉଣ୍ଡ ଜିରୋ ରିପୋର୍ଟ ନେଇ ଆଲୋଚନା ନାହିଁ । ସ୍ୱତନ୍ତ୍ର ବୈଠକ କରାଯାଇ ସମାଧାନର ମାର୍ଗ ବାହାର କରାଯାଉନି ବୋଲି ମତ ପ୍ରକାଶ ପାଇଛି ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ , ୨ ଆହତ



ଦଶପଲ୍ଲା,୧୦।୭ (ପ୍ରକାଶ କୁମାର ପାଣି)

ସୋମବାର ଖୋର୍ଦ୍ଧା –ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ଦଶପଲ୍ଲା ନିକଟ ରଙ୍ଗମାଟିଆଠାରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଆହତ ହୋଇଛନ୍ତି । ଆଜି ପୂର୍ବାହ୍ନରେ ଏକ ମାଲ ବୋଝେଇ ଟ୍ରକ ସହ ଏକ ଆଇଚର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଆଇଚର୍ ଡ୍ରାଇଭର ଗୋପବନ୍ଧୁ ଗୁରୁ(୨୨)ଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ଘର ଗୁଠୁଣି, ଖଣ୍ଡପଡ଼ାରେ ବୋଲି ପୋଲିସ କହିଛି । ଆଇଚର ହେଲପର ଗୁରୁତର ଆହତ ହୋଇ ଦଶପଲ୍ଲା ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଟ୍ରକ ଡ୍ରାଇଭର ବି ସାମାନ୍ୟ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ କିଛି ସମୟ ସେହି ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ପୋଲିସ ପହଞ୍ଚିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା ।

# ୧୬ରେ ନୟାଗଡ଼ ରେଳ ଷ୍ଟେଶନରେ ଆନ୍ଦୋଳନ

ନୟାଗଡ଼ ଅଫିସ,୧୦।୭(ଲୋକନାଥ ମିଶ୍ର)

ବିପର୍ଯ୍ୟସ୍ତ ରେଳସେବାର ପ୍ରତିବାଦରେ ଚଳିତ ମାସ ୧୬ ତାରିଖ ସକାଳ ୭ଟାରୁ ନୟାଗଡ଼ ରେଳ ଷ୍ଟେଶନରେ ନୟାଗଡ ନାଗରିକ ମଞ୍ଚ ପକ୍ଷରୁ ବିକ୍ଷୋଭ କରାଯିବ। ଏନେଇ ନୟାଗଡ଼ ଟାଉନ ଷ୍ଟେଶନ ମାଷ୍ଟରଙ୍କ ଜରିଆରେ ଖୋର୍ଦ୍ଧା ରୋଡ ଡିଭିଜିନାଲ ମ୍ୟାନେଜରଙ୍କୁ ସୋମବାର ସ୍ମାରକପତ୍ର ପ୍ରଦାନ କରାଯାଇ ଅବଗତ କରାଯାଇଛି ।

ସୂଚନା ଅନୁଯାୟୀ, ଜଳେଶ୍ୱରରୁ ପୁରୀ ଯାଉଥିବା ମେମୁ ଟ୍ରେନ ପୂର୍ବରୁ ନୟାଗଡ଼ରୁ ଭୁବନେଶ୍ୱର ଯାଉଥିଲା। ସେହି ଟ୍ରେନରୁ ଯାତ୍ରୀ ଭଲ ସେବା ପାଇ ଆସୁଥିଲେ । ରେଳ ବିଭାଗ ଏହାକୁ ବଦଳାଇ ସେବା ଏକ୍ସପ୍ରେସକୁ ନୟାଗଡ଼ ଭୁବନେଶ୍ୱର ପାଇଁ ନିୟୋଜିତ କରିଥିଲା । ସେବା ଏକ୍ସପ୍ରେସ୍ ପ୍ରତ୍ୟହ ଭୋର ସମୟରେ ଭୁବନେଶ୍ୱର ଯାଏ। କେବଳ ନମ୍ବର ବଦଳାଇ ପୁଣି ମେମୁ ଟ୍ରେନ ନାମରେ ଭୁବନେଶ୍ୱରରୁ ନୂଆଗାଁ ଆସେ। ପୁଣି ନୂଆଗାଁରୁ ଭୁବନେଶ୍ୱର ଯାଏ। ଭୁବନେଶ୍ୱରରୁ ନମ୍ବର ବଦଳାଇ ରାତିରେ ସେବା ଏକ୍ସପ୍ରେସ ନାଁରେ ନୟାଗଡ଼ ଆସେ। ତେବେ ଏହି ଟ୍ରେନଟି ବିଭିନ୍ନ ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଖରାପ ହୋଇ ଆସୁଛି। ଯାତ୍ରୀ ସବୁବେଳେ ହଇରାଣ ହୋଇ ଆସୁଛନ୍ତି। ଗତ ୧ ତାରିଖରେ ଟ୍ରେନଟି ନୂଆଗାଁ ଜଙ୍ଗଲରେ ଅଚଳ ହୋଇ ପଡିବାରୁ ଯାତ୍ରୀ ହଇରାଣ ହୋଇଥିଲେ । ସେହିପରି ନୟାଗଡ଼ରୁ ଭୁବନେଶ୍ୱର ଯାଉଥିବା ସେବା ଏକ୍ସପ୍ରେସ ନୟାଗଡ଼ ରେଳ ଷ୍ଟେଶନରେ ଗତ ୬ ତାରିଖରେ ଷ୍ଟାର୍ଟ ନ ହୋଇ ଅଟକି ରହିବାରୁ ଚାପା ଉତ୍ତେଜନା ଦେଖା ଦେଇଥିଲା । ଯାନ୍ତ୍ରୀକ ତ୍ରୁଟି କାରଣରୁ ବିଭିନ୍ନ ସମୟରେ ସେବା ଏକ୍ସପ୍ରେସ ଅଚଳ ହେଉଥିବାରୁ ଯାତ୍ରୀ ଓ ସ୍ଥାନୀୟ ଜନସାଧାରଣ ଉତ୍ୟକ୍ତ ହୋଇ ନୟାଗଡ଼ ଷ୍ଟେଶନ ମାଷ୍ଟର କାର୍ଯ୍ୟାଳୟରେ ଧସେଇ ପଶି ହୋହଲା କରିଥିଲେ। ସେହିଦିନ ସେବା ଏକ୍ସପ୍ରେସ ନୟାଗଡ ଷ୍ଟେଶନରେ ଅଟକି ରହିଥିବାରୁ ନୂଆଗାଁ ପୁରୀ ଟ୍ରେନ ସିଗନାଲ ପାଇ ବାଟରେ ଅଟକି ରହିଥିଲା । ଗୋଟିଏ ମାତ୍ର ପ୍ଲାଟଫର୍ମ ଥିବା ନୟାଗଡ ଷ୍ଟେଶନରେ ଲୁପ ଲାଇନରେ ସେବା ଏକ୍ସପ୍ରେସ ଅଟକି ରହିଥିବାବେଳେ ସିଗନାଲ ପାଇ ନୂଆଗାଁ ପୁରୀ ଟ୍ରେନ ମେନ ଲାଇନରେ ଆସି ଛିଡା ହୋଇଥିଲା । ମେନ ଲାଇନରେ ନୂଆଗାଁ ପୁରୀ ଟ୍ରେନ୍ ଛିଡା ହୋଇଥିବାରୁ ଯାତ୍ରୀ ଚଢ଼ିବା ଓ ଓହ୍ଲାଇବାରେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅନ୍ୟପକ୍ଷେ ସେବା ଏକ୍ସପ୍ରେସର ଭୁବନେଶ୍ୱର ଯାତ୍ରୀ ପୁରୀ ଟ୍ରେନରେ ଚଢ଼ି ଖୋର୍ଦ୍ଧା ରୋଡ(ଜଟଣୀ)କୁ ଯାଇଥିଲେ । ସେବା ଏକ୍ସପ୍ରେସ(ମେମୁ ଟ୍ରେନ) ବାରମ୍ବାର ଅଚଳ ହେଉଥିବାବେଳେ ଏହାକୁ ରେଳ ବିଭାଗ ପରିବର୍ତ୍ତନ ନ କରିବାରୁ ଜିଲାବାସଙ୍କ କ୍ଷୋଭ ଆନ୍ଦୋଳନରେ ପରିବର୍ତ୍ତନ ହୋଇଛି। ଅନ୍ୟପକ୍ଷେ ରେଳ ଚଳାଚଳର ସମୟ ଠିକ୍ ରଖିବା, ଅପେକ୍ଷାରତ ଯାତ୍ରୀଙ୍କ ପାଇଁ ସେଡର ସମ୍ପ୍ରସାରଣ କରିବା, ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା, ଆପ୍ରୋଚ ରୋଡର ମରମତି ପରି ଅନ୍ୟାନ୍ୟ ଦାବି ରହିଛି ବୋଲି ନୟାଗଡ଼ ନାଗରିକ ମଞ୍ଚ ସଭାପତି ପ୍ରମୋଦ ପଟ୍ଟନାୟକ ସୂଚନା ଦେଇଛନ୍ତି ।




ଷ୍ଟେଶନ ମାଷ୍ଟରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

# ଗୋକୁଳାନନ୍ଦଙ୍କ ପୀଠରେ ରୁଦ୍ରାଭିଷେକ

ଖଣ୍ଡପଡ଼ା,୧୦।୭ (ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉଙ୍କ ପାର୍ଶ୍ୱ ଠାକୁର ଭାବେ ବିରାଜିତ ପ୍ରଭୁ ଆଖଣ୍ଡଳମଣିଙ୍କ ଶ୍ରାବଣ ମାସ ପ୍ରଥମ ସୋମବାର ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ଏହାର ପ୍ରତିଷ୍ଠାତା ସଦସ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରୁଦ୍ରାଭିଷେକ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

ପୂଜକ ଅକ୍ଷୟ ପାଣି ଓ ସମ୍ପାଦକ ଚନ୍ଦ୍ର ଶେଖର ସ୍ୱାଇଁ ଏଥିରେ ସହଯୋଗ କରିଥିଲେ। ଶତାଧିକ ଶ୍ରଦ୍ଧାଳୁ ଓ କାଉଡିଆଙ୍କ ଉପସ୍ଥିତରେ ଏହି କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।



ଗୋକୁଳାନନ୍ଦ ଜୀଉ

# ଖୁଣ୍ଟୁପଡ଼ାରୁ ମିଳିଲା ଗ୍ରାଫାଇଟ୍ ଖଣିର ସନ୍ଧାନ

ଭାପୁର,୧୦।୭
(ଭରତ କୁମାର ହେରା)

ଭାପୁର ବ୍ଲକରେ ଗ୍ରାଫାଇଟ ଖଣି। କଥାଟା ବିଶ୍ୱାସ ହେଉ ନ ଥିଲେ ମଧ ସତ। ଏମିତି କିଛି ତଥ୍ୟ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ସୂଚନା ମିଳିଛି। ନୟାଗଡ଼ ଜିଲା ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତ ଅଧୀନ ଖୁଣ୍ଟୁପଡା ଗ୍ରାମରୁ ମିଳିଲା ଗ୍ରାଫାଇଟ ଖଣିର ସନ୍ଧାନ। ଭାରତୀୟ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ଖୁଣ୍ଟୁପଡା ଗ୍ରାମର ଢେଳିଆ ଟୁବୁରିପାହାଡ଼ ମାଟିତଳେ ପ୍ରଚୁର ପରିମାଣର ଗ୍ରାଫାଇଟ ଥିବା ସାଟେଲାଇଟ ସର୍ଭେରୁ ଜଣାପଡିଛି। ଏନେଇ ସୋମବାରଠାରୁ ପ୍ରଥମ ଦିନରେ ପୂଜାର୍ଚ୍ଚନା କରି ଖନନ କାର୍ଯ୍ୟ କରାଯାଇଛି। ଏହି ଖନନ କାର୍ଯ୍ୟରେ ଅପରେଟର ଇନ୍ଦ୍ର କୁମାର ଓ ୭ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହା ୬୦ ଫୁଟ ଗଭୀର ପର୍ଯ୍ୟନ୍ତ ଖୋଳା ଯିବା ସହିତ ଏହାର ମାଟି ଓ ପଥର ଲ୍ୟାବକୁ ପରୀକ୍ଷା ପାଇଁ ପଠାଯିବ ବୋଲି ସୂଚନା ଦେଇଛନ୍ତି।

ପ୍ରଥମ ଦିନରେ ଗୋଟିଏ ସ୍ଥାନରେ ଖୋଳା ଯିବା ପରେ ଏହାର ଆଖପାଖ ଖୋଳା ଯିବା ବୋଲି କହିଥିଲେ। ଏନେଇ ଖୁଣ୍ଟୁପଡା ଗ୍ରାମ ଓ ଭାପୁର ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଏହି ଗ୍ରାଫାଇଟ ଖଣିର ସନ୍ଧାନ ମିଳିଲେ ଅଞ୍ଚଳର ବିକଶିତ ହୋଇ ପାରିବ ବୋଲି ବୁଦ୍ଧିଜୀବିମାନେ ମତବ୍ୟକ୍ତ କରିଛନ୍ତି।



ମେଶିନ ଦ୍ୱାରା ଖନନ କାର୍ଯ୍ୟ ଚାଲିଛି ।

# ୫ଶାହ ଏକରର ଜମିରେ ଫସଲ ଚିନ୍ତା

ଖଣ୍ଡପଡ଼ା,୧୦।୭ (ଅଜୟ କୁମାର ମହାରଣା)

## ଉଠାଜଳ ସେଚନ ବ୍ୟବସ୍ଥା ମାଧ୍ୟମରେ ଜଳ ଯୋଗାଣ କରିବାକୁ ଦାବି

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ବେଣାଗାଡ଼ିଆ, କଣ୍ଟିଲୋ ଅଞ୍ଚଳରେ ୫ ଶହ ଏକରରୁ ଉର୍ଦ୍ଧ୍ୱ ଚାଷ ଉପଯୋଗୀ ଜମି ରହିଛି। ହେଲେ ଅନିୟମିତ ବର୍ଷା ତଥା ଆବଶ୍ୟକ ପାଣି ଅଭାବରୁ ପ୍ରତିବର୍ଷ ମରୁଡ଼ି ପରିସ୍ଥିତି ଯୋଗୁ ଫସଲ ନଷ୍ଟ ହେଉଛି । ଏହିସବୁ ଜମିକୁ ଜଳ ସେଚନ ସୁବିଧା ପାଇଁ ଉଠା ଜଳ ସେଚନ ପ୍ରକଳ୍ପ ବ୍ୟବସ୍ଥା ପାଇଁ ସ୍ଥାନୀୟ ଚାଷୀମାନେ ଦାବି କରିବା ସହ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

ସୂଚନା ଅନୁଯାୟୀ, କଣ୍ଟିଲୋ ଓ ବେଣାଗାଡ଼ିଆ ପଞ୍ଚାୟତ ଅନ୍ତର୍ଗତ ମରେଇକଣ ମୌଜା ଅଧୀନରେ ଥିବା ଗୋଡ଼ିବଣିଆ, ଛଣପାଟ, ବୋଲୁଅପାଟ, ଚଣ୍ଡିପାଟ, ଟାଙ୍ଗୁପଡ଼ା ମୌଜା ଓ ପାଟକୁକୁଟା ମୌଜାର ପ୍ରାୟ ୫ ଶହ ଏକରରୁ ଉର୍ଦ୍ଧ୍ୱ ଚାଷ ଉପଯୋଗୀ ଜମି ରହିଛି । ଏହି ସବୁ ପଞ୍ଚାୟତର ଉତ୍ତର–ପୂର୍ବ ଓ ଦକ୍ଷିଣ ଦିଗରେ ଚିରସ୍ରୋତା ମହାନଦୀ, କମେଇ ଓ କୁସୁମୀ ନଦୀ ପ୍ରବାହିତ ହେଉଛି । ନଦୀ କୂଳବର୍ତ୍ତୀ ଜମି ହୋଇଥିବାରୁ ଏ ଅଞ୍ଚଳର ଚାଷ ଜମି ଅତ୍ୟନ୍ତ ଉର୍ବର । ମହାନଦୀ ଓ କମେଇ ନଦୀରେ ବନ୍ୟା ଆସିଲେ ଉପରୋକ୍ତ ଜମିର ଫସଲର ବ୍ୟାପକ କ୍ଷତି ହୋଇଥାଏ । ହେଲେ ବନ୍ୟା ଜଳ ଛାଡି ଯିବାପରେ ସଂପୃକ୍ତ ଜମିରେ ପଟୁ ପଡି ଜମିକୁ ଅଧିକ ଉର୍ବର କରିଥାଏ । ବନ୍ୟାରେ ଧାନ ଫସଲ ନଷ୍ଟ ହୋଇ ଯାଉଥିବା ବେଳେ ଏଠାରେ ଧାନ ଛଡା ଅର୍ଥକାରୀ ଫସଲ ଆଖୁ, ବିଭିନ୍ନ ପ୍ରକାର ପନିପରିବା ତଥା ଫଳମୂଳ ଆଦି ପାଇଁ ଏ ଅଞ୍ଚଳର ମାଟି ଅତ୍ୟନ୍ତ ଉପଯୋଗୀ । ମାତ୍ର ସଂପୃକ୍ତ ଅଞ୍ଚଳର ଚାଷୀ ବର୍ଷା ଉପରେ ନିର୍ଭର କରିଥାଏ । ଅଧିକାଂଶ ସମୟରେ ଅନିୟମିତ ବର୍ଷା ଯୋଗୁ ଚାଷ ଉଜୁଡି ଯାଇଥାଏ । ଏସବୁ ଜମିର ନିକଟରେ ମହାନଦୀର ଜଳ ବର୍ଷସାରା ପ୍ରବାହିତ ହେଉଥିବା ବେଳେ ଗରିବ ନିରିହ ଚାଷୀ ସେହି ପାଣିକୁ ନିଜ ଜମିରେ ମଡ଼ାଇ ପାରେନାହିଁ । କାରଣ ଆର୍ଥିକ ସ୍ଥିତି ଏଥିପାଇଁ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ପ୍ରାୟ ପ୍ରତି ବର୍ଷ ଏହି ସବୁ ଜମିର ଫସଲ ମରୁଡିରେ ନଷ୍ଟ ହୋଇଥାଏ । ଏଠାରେ ଜଳ ସେଚନର ସୁବିଧା ନ ଥିବାରୁ ଏବଂ ବର୍ଷ ସାରା ଫସଲ କରିବା ପାଇଁ ଏ ଅଞ୍ଚଳର ମାଟି ଉପଯୁକ୍ତ ହୋଇଥିଲେ ମଧ ଚାଷୀମାନେ କେବଳ ପାଣିର ଅଭାବ ଯୋଗୁ ହାତ ବାନ୍ଧି ବସି ରହିଥାନ୍ତି। କେତେଜଣ ଚାଷୀ ଜୀବିକା ନିର୍ବାହ ନିମନ୍ତେ ଅନ୍ୟତ୍ର ଚାଲି ଯାଇଛନ୍ତି । ଏହି ପଞ୍ଚାୟତର ସର୍ବାଧିକ ଗରିବ ହରିଜନ କ୍ଷୁଦ୍ର ଓ ନାମମାତ୍ର ଚାଷୀ କୃଷିକୁ ନିଜର କୌଳିକ ବୃତ୍ତି ରୁପେ ଗ୍ରହଣ କରି ଜୀବିକା ନିର୍ବାହ କରିଥାନ୍ତି । ସଂପୃକ୍ତ ଚାଷ ଜମିରେ ବିଭିନ୍ନ ପ୍ରକାର ଅର୍ଥକାରୀ ଫସଲ କରି ପରିବାର ପ୍ରତିପୋଷଣ କରି ବର୍ଷର ଅବଶିଷ୍ଟ ୮ମାସ ବେକାର ହୋଇ ବସିଥାନ୍ତି କିମ୍ବା ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲି ଯିବାକୁ ବାଧ ହୁଅନ୍ତି । ଅପରପକ୍ଷେ ମହାନଦୀ, କମେଇ ଓ କୁସୁମୀ ନଦୀର ପ୍ରବାହିତ ଜଳକୁ ଉପଯୁକ୍ତ କାର୍ଯ୍ୟରେ ବିନିଯୋଗ କରାଯାଇ ପାରୁ ନାହିଁ। ନଦୀ କୂଳରେ ଉଠା ଜଳ ସେଚନ ପ୍ରକଳ୍ପ ନିର୍ମାଣ କରାଯାଇ ଏସବୁ ଅଞ୍ଚଳର ସମସ୍ତ ଜମିକୁ ଜଳ ସେଚନର ସୁବିଧା କରାଗଲେ ଚାଷୀମାନେ ଉପକୃତ ହୋଇପାରନ୍ତେ ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି । ନଦୀକୂଳରେ ଏକ ଉଠା ଜଳସେଚନ ପଏଣ୍ଟ ନିର୍ମାଣ କରିବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷୀଙ୍କୁ ଚାଷମାନେ ଲିଖିତ ଭାବେ ଜଣାଇଥିଲେ ମଧ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଚାଷ ଜମିଗୁଡିକ ଲାଗି ଜଳ ସେଚନର ସୁବିଧା କରାଗଲେ ହଜାରରୁ ଉର୍ଦ୍ଧ୍ୱ କୃଷିଜୀବି ଉପକୃତ ହେବା ସଙ୍ଗେ ସଙ୍ଗେ ଏ ଅଞ୍ଚଳର ଚାଷୀମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଗରିବ କୃଷିଜୀବିଙ୍କ ଅବସ୍ଥାକୁ ଦୃଷ୍ଟିରେ ରଖି ଏ ଦିଗରେ ବିହିତ ବ୍ୟବସ୍ଥା ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗୌରୀ



@ ଧନେଶ୍ୱର



@ ଜଗନ୍ନାଥ



@ ସତ୍ୟକାମ




@ ସିଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୁଣ୍ଡପୋତା କେଳାଙ୍କ ଠାକୁରାଣୀ ଯାତ୍ରା



ଶରଣକୁଳ,୧୦।୭ (ଦୀପକ କର)

ସୁଦୂର ଆନ୍ଧ୍ରପ୍ରଦେଶରୁ ଆସିଥିବା ତେଲୁଗୁ ସମ୍ପ୍ରଦାୟର ମୁଣ୍ଡପୋତା କେଳାମାନେ ଶରଣକୁଳ ନିକଟବର୍ତ୍ତୀ ବରସାହିରେ ବସବାସ କରୁଛନ୍ତି । ଗତ ୩ଦିନ ଧରି ସେମାନଙ୍କ ଠାକୁରାଣୀ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଯାତ୍ରାର ସୋମବାର ଥିଲା ଶେଷ ଦିବସ । ଏହି ଅବସରରେ ପୁରୀ, ସାତଶଙ୍ଖ, ସାତପଡ଼ା, ଢେଙ୍କାନାଳ ଆଦି ଅଞ୍ଚଳରୁ ଆସିଥିବା ଲୋକମାନେ ନାଚ, ଗୀତରେ ସାମିଲ୍ ହୋଇ ବାଜା ବଜାଇ ଠାକୁରାଣୀଙ୍କୁ ପଟୁଆରରେ ନିଜ ଆସ୍ଥାନକୁ ନେଇଥିଲେ । ଏହି ମୁଣ୍ଡପୋତା କେଳାମାନେ ପ୍ରତିବର୍ଷ ଶ୍ରାବଣ ମାସରେ ଠାକୁରାଣୀ ପୂଜା ପାଳନ କରିଥାନ୍ତି । ତୋଫାନ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମୁଣ୍ଡପୋତା କେଳା ଏଥିରେ ସାମିଲ ହୋଇ ଧୁଡୁକି ବଜାଇ ନାଚ ଗୀତ କରିଥିଲେ ।